

ପୃଷ୍ଠା ୨ ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହେବ 'ସନକ୍'


RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in


# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR

◆ VOLUME- 19 ◆ ISSUE- 91 ◆ BHUBANESWAR ◆ FRIDAY ◆ 24 SEPTEMBER 2021 ◆ PAGE- 16 ◆ ₹ 5.00

◆ବର୍ଷ-୧୯ ◆ସଂଖ୍ୟା- ୯୧ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୪ ସେପ୍ଟେମ୍ବର ୨୦୨୧ ◆ପୃଷ୍ଠା- ୧୬ ◆ଟ.୫.୦୦


## ସଂକ୍ଷିପ୍ତ ଖବର

### ପେଗାସସ୍ ମାମଲାର ତଦନ୍ତ ପାଇଁ ଗଠନ ହେବ ବିଶେଷଜ୍ଞ କମିଟି

■ ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ପେଗାସସ୍ ମାମଲାର ତଦନ୍ତ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବା ସହିତ ଏ ସମ୍ପର୍କରେ ଆସନ୍ତା ସପ୍ତାହରେ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଗୁରୁବାର ସୁପ୍ରିମକୋର୍ଟ କହିଛନ୍ତି। ଏହି ମାମଲାର ନିରପେକ୍ଷ ତଦନ୍ତ କରିବା ଲାଗି ପୂର୍ବରୁ ସୁପ୍ରିମକୋର୍ଟରେ ବହୁ ଆବେଦନ ହୋଇସାରିଛି। ଏହାକୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ ସମ୍ପର୍କରେ କୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେବାକୁ ରହିଥିଲେ ହେଁ ଆସନ୍ତା ସପ୍ତାହରେ ଏ ନେଇ ସବିଶେଷ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ପ୍ରଧାନବିଚାରପତି ଜଷ୍ଟିସ ଏନ ଭି ରମଣଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି। ଏହି କମିଟି ସମ୍ପର୍କରେ ଚଳିତ ସପ୍ତାହରେ ନିର୍ଦ୍ଦେଶ ଜାରି କରିବାକୁ କୋର୍ଟ ଚାହୁଁଥିଲେ ହେଁ ବିଚାରପତିଙ୍କ ଦ୍ୱାରା ମନୋନୀତ ହୋଇଥିବା କିଛି ବିଶେଷଜ୍ଞ ବ୍ୟକ୍ତିଗତ କାରଣ ଦର୍ଶାଇ ଏହି କମିଟିରେ ସାମିଲ ହେବାକୁ ଅକ୍ଷମତା ପ୍ରକାଶ କରିଛନ୍ତି।




### ବଲାଙ୍ଗିରରେ ହେବ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍

■ ଭୁବନେଶ୍ୱର, ୨୩।୯ (ସମିସ): ବଲାଙ୍ଗିରରେ ପ୍ରତିଷ୍ଠା ହେବ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍। ୩୦ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ବିଜ୍ଞାନ ଓ କାରିଗରୀ, ସାଧାରଣ ଗଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରକାଶ କରିଛନ୍ତି। ବଲାଙ୍ଗିର ପୌରାଞ୍ଚଳ ଅନ୍ତର୍ଗତ ତାଲପାଲି


ପ୍ରତୀକାତ୍ମକ ଛବି

**ଖର୍ଚ୍ଚ ହେବ ସାଢ଼େ ୨୧ କୋଟି**

ମୌଜାର ସୂର୍ଯ୍ୟନଗର ଠାରେ ଏହି ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ କାର୍ଯ୍ୟ କରିବ। ପ୍ରାୟ ଦଶ ଏକରରୁ ଊର୍ଦ୍ଧ୍ୱ ପରିମିତ ଅଞ୍ଚଳରେ ନିର୍ମିତ ହେବାକୁ ଥିବା ଏହି ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ ନିମନ୍ତେ ୨୧.୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି।

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ହେବାକୁ ଥିବା ଏହି କେନ୍ଦ୍ର ପରିସରରେ ଏକ ପାର୍କରେ ବିଜ୍ଞାନ ସମ୍ବଳିତ ବିଭିନ୍ନ ନମୁନା ଓ ପ୍ରଦର୍ଶନ ସାମଗ୍ରୀ ରହିବ। ପିଲାମାନଙ୍କ ନିମନ୍ତେ ବିଜ୍ଞାନ କୌତୁକ ପ୍ରସଙ୍ଗ ସମେତ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଓ ପ୍ରାଣୀବିଜ୍ଞାନ ବିଷୟ ▸ପୃଷ୍ଠା-୧୦

# ପୁଣି କମ୍ପିବ କଳିଙ୍ଗ



## ରାଜଧାନୀରେ ଆଉ ଏକ ହକି ମହାକୁମ୍ଭ

- ଓଡ଼ିଶା କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ର ଆୟୋଜକ
- ନଭେମ୍ବର ୨୪ରୁ ଡିସେମ୍ବର ୫ ଯାଏ ଚାଲିବ ଖେଳ
- ଟୁର୍ଣ୍ଣାମେଣ୍ଟରେ ଭାଗନେବେ ସାରା ବିଶ୍ୱର ୧୬ ଟିମ୍
- ଲୋଗୋ ସହ ଟ୍ରଫି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ
- ହକିରେ ଓଡ଼ିଶା ନୂଆ ମାଇଲଖୁଣ୍ଟ ସ୍ଥାପିଛି: ବାତ୍ରା




■ ଭୁବନେଶ୍ୱର, ୨୩।୯ (ସମିସ): ପୁଣିଥରେ ଭୁବନେଶ୍ୱରରେ ଏକାଠି ହେବ ବିଶ୍ୱ। ସାରା ପୃଥିବୀର ୧୬ଟି ଦେଶର କ୍ରୀଡ଼ାବିତ୍ ଓଡ଼ିଶାର ରାଜଧାନୀରେ ଦେଖାଇବେ ନିଜର ହକି ଉତ୍କର୍ଷ। ପୁଣି ଥରେ ଓଡ଼ିଶାବାସୀ ହକିର ଆକର୍ଷଣରେ ମତୁଆଲା ହେବେ। ଗାଁରୁ ରାଜଧାନୀ ଯାଏଁ ହକିପ୍ରେମୀଙ୍କ ସମାଗମ କଳିଙ୍ଗ ଷ୍ଟାଡିୟମ ମୁହାଁ ହେବ। ହକି ରଙ୍ଗରେ ରଙ୍ଗେଇ ହେବ ରାଜଧାନୀ। ଅତୀତରେ ସ୍ୱଳ୍ପ ସମୟ ମଧ୍ୟରେ ହକି ବିଶ୍ୱ କପ୍ ଆୟୋଜନ କରି ସଫଳତା ହାସଲ

> "ଏତେ ସ୍ୱଳ୍ପ ସମୟ ମଧ୍ୟରେ ବିଶ୍ୱକପ୍ ଆୟୋଜନ ଆଦୌ ସହଜ ନ ଥିଲା, ଦେଶର ସମ୍ମାନ ପାଇଁ ହକି ଇଣ୍ଡିଆକୁ ସହଯୋଗ କରିବାକୁ ସମ୍ମତି ଦେଇଛୁ: ମୁଖ୍ୟମନ୍ତ୍ରୀ"

କରିଥିବା ଓଡ଼ିଶା ମଧ୍ୟ ଖୁବ୍ କମ୍ ସମୟ ମଧ୍ୟରେ କନିଷ୍ଠ ହକି ବିଶ୍ୱକପ୍ ଆୟୋଜନ ଲାଗି ସମ୍ମତି ଦେଇଛି। ଏପରି ଏକ ଟୁର୍ଣ୍ଣାମେଣ୍ଟ ଆୟୋଜନ ଲାଗି ବର୍ଷବର୍ଷ ସମୟ ଲାଗି ଯାଉଥିବାବେଳେ ଓଡ଼ିଶା ସ୍ୱଳ୍ପ ସମୟ ମଧ୍ୟରେ କନିଷ୍ଠ ହକି ବିଶ୍ୱକପ୍ ଆୟୋଜନ ଲାଗି ସାହସ ବାନ୍ଧିଛି। ଆସନ୍ତା ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୫ ତାରିଖ ଯାଏଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜିତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଘୋଷଣା କରିଛନ୍ତି। ଲୋକସେବା ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ହକି ବିଶ୍ୱକପ୍‌ର ଲୋଗୋ ଓ ଟ୍ରଫି ଉନ୍ମୋଚନ କରିଛନ୍ତି। ଏହି ବିଶ୍ୱକପ୍‌ରେ ▸ପୃଷ୍ଠା-୧୦

## ସଫଳ ଆୟୋଜନର ଠିକଣା ଭୁବନେଶ୍ୱର

■ ଭୁବନେଶ୍ୱର, ୨୩।୯ (ସମିସ): ବିଗତ ଦଶନ୍ଧି ମଧ୍ୟରେ ରାଜ୍ୟରେ କ୍ରୀଡ଼ାର ବିକାଶ ବିଶେଷକରି ଅନ୍ତର୍ଜାତୀୟ ଦୃଶ୍ୟପଟରେ ରାଜଧାନୀ ଭୁବନେଶ୍ୱର ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଏବଂ ଦୂରଦୃଷ୍ଟି ସମ୍ପନ୍ନ ନୀତି ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ନେଇ ସଭିଏଁ ସ୍ୱୀକାର କରନ୍ତି। ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସାଙ୍ଗକୁ ଆନ୍ତର୍ଜାତିକ ପ୍ରତିଯୋଗିତା ଆୟୋଜନ ଭଳି ପଦକ୍ଷେପ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ପାଇଁ ଗୌରବ ଆଣି ଦେଇଛି।

୨୦୧୪ ମସିହାରେ ହକି ଇଣ୍ଡିଆ ଲିଗରେ ଘରୋଇ କଳିଙ୍ଗ ଲାନ୍ସର୍ସ ଦଳର ୫ଟି ମ୍ୟାଚ ସଫଳତାର ସହ ଆୟୋଜନ ପରେ ଭୁବନେଶ୍ୱରକୁ ହକି ଚମ୍ପିଆନ୍ସ ଟ୍ରଫି ଆୟୋଜନର ▸ପୃଷ୍ଠା-୧୦

## ଭିସୁଟ୍‌ରେ ପୁଣି ର୍‍ୟାଗିଂ ଅଭିଯୋଗ

■ ସମ୍ବଲପୁର, ୨୩।୯ (ସମିସ): ସମ୍ବଲପୁର ଜିଲ୍ଲା ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ପୁଣି ର୍‍ୟାଗିଂ ଅଭିଯୋଗ ହୋଇଛି। ପୀଡ଼ିତ ଛାତ୍ର ଆଣ୍ଟି ର୍‍ୟାଗିଂ ସେଲ୍‌ରେ ଏ ସମ୍ପର୍କରେ ଜଣାଇଛନ୍ତି। ଅଭିଯୋଗ ପରେ ଆହତ ଛାତ୍ର ଓ ର୍‍ୟାଗିଂ କରିଥିବା ଛାତ୍ରମାନଙ୍କ ଅଭିଭାବକଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଡକାଇ ଆଲୋଚନା

**ହଷ୍ଟେଲ୍‌ରେ ପଶି ଛାତ୍ରଙ୍କୁ ପିଟିଲେ**

କରିଛନ୍ତି। ତେବେ ଏ ସମ୍ପର୍କରେ ର୍‍ୟାଗିଂର ଶିକାର ହୋଇଥିବା ଛାତ୍ରଙ୍କ ପରିବାର ମୁହଁ ଖୋଲି ନାହାନ୍ତି। ଆପୋଷ ବୁଝାମଣା ମଧ୍ୟରେ ମାମଲାକୁ ସମାଧାନ କରିବାକୁ ସେମାନେ ଚାହୁଁଥିବା କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଉରକେଲାର ଏହି ତୃତୀୟ ବର୍ଷର ଛାତ୍ର ଜଣକ ପୁଲସ୍ତ ଛାତ୍ରାବାସରେ ରହନ୍ତି। ତାଙ୍କର ଜଣେ ଯୁବତୀଙ୍କ ସହ ବନ୍ଧୁତା ଥିଲା। କିଛି ଚତୁର୍ଥ ବର୍ଷର ଛାତ୍ର ଏସମ୍ପର୍କରେ ତାଙ୍କୁ ପଚାରିଥିଲେ ଏବଂ ତାଙ୍କ ମୋବାଇଲ୍ ଫୋନ୍ ମାଗିଥିଲେ। ମାତ୍ର ତୃତୀୟ ବର୍ଷ ଛାତ୍ର



ଜଣକ ମୋବାଇଲ୍ ଫୋନ୍ ଦେବାକୁ ମନା କରିବାରୁ ଏମାନେ ଛାତ୍ରାବାସକୁ ପ୍ରବେଶ କରି ତାଙ୍କୁ ମାଡ଼ ମାରିଥିଲେ। ଫଳରେ ଛାତ୍ରଙ୍କ ପିଠି, ହାତ ଓ ଗାଲରେ ଗଭୀର ▸ପୃଷ୍ଠା-୧୦

## ୨୬ରୁ ପୁଣି ଲଘୁଚାପ
## ଦକ୍ଷିଣରୁ ଉପକୂଳ ପ୍ରବଳ ବର୍ଷିବ

■ ଭୁବନେଶ୍ୱର, ୨୩।୯ (ସମିସ): ଆସନ୍ତା ୨୬ ତାରିଖଠାରୁ ପୁଣି ଥରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଲଘୁଚାପ ପ୍ରଭାବରେ ଏହି ବର୍ଷା ହେବା ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ୨୬-୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ହେବ। ବିଶେଷ କରି ଦକ୍ଷିଣ, ଉପକୂଳ ଓଡ଼ିଶାରେ ଅଧିକ ବର୍ଷା ହେବ। କିଛି ସ୍ଥାନରେ ଅତି ପ୍ରବଳ ବର୍ଷାର ସମ୍ଭାବନ ରହିଛି। ପାଣିପାଗ କେନ୍ଦ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୬ରେ ପୁରୀ, ଗଞ୍ଜାମ, ଗଜପତି,

**୩ ଦିନ ଲାଗିରହିବ ବର୍ଷା**

ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହିତ ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ରାୟଗଡ଼ା, କନ୍ଧମାଳ, କଟକ ଓ ନବରଙ୍ଗପୁରରେ ମଧ୍ୟ ବର୍ଷାର ପ୍ରକୋପ ଅଧିକ ରହିବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ▸ପୃଷ୍ଠା-୧୦

### ଝାଡ଼ଖଣ୍ଡରେ ପ୍ରବଳ ବର୍ଷା: ବଢ଼ିବ ସୁବର୍ଣ୍ଣରେଖା

■ ବାଲେଶ୍ୱର/ଜଳେଶ୍ୱର,୨୩।୯ (ସମିସ): ଖରସ୍ରୋତା ସୁବର୍ଣ୍ଣରେଖା ନଦୀର ଉପରମୁଣ୍ଡ ଝାଡ଼ଖଣ୍ଡ ଅଞ୍ଚଳରେ ଘୂର୍ଣ୍ଣିବଳୟ ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଥିବାରୁ ପୁଣି ବନ୍ୟା ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଗତକାଲି ସନ୍ଧ୍ୟା ୫ଟା ସମୟରେ ସୁବର୍ଣ୍ଣରେଖା ଅବବାହିକାରେ ଥିବା ଗାଲୁଡିହି ବ୍ୟାରେଜ ୧୮୦୦ କ୍ୟୁମେକ ପାଣି ନଦୀକୁ ନିଷ୍କାସିତ କରିଛି। ଏହି ପାଣି ଆଜି ରାତି ସୁଦ୍ଧା ରାଜଘାଟ ନିକଟରେ ପହଞ୍ଚିବ ବୋଲି ରାଜଘାଟସ୍ଥିତ କେନ୍ଦ୍ର ଜଳ କମିଶନଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି। ସେହିପରି ନଦୀର ଉପରମୁଣ୍ଡ ଜାମଶୁଳା ଘାଟ, ଜାମସେଦପୁର, ଫେକଘାଟ, ଘାଟଶୀଳା ଆଦି ସ୍ଥାନରେ ଲଗାଣ ବର୍ଷା ଲାଗି



ରହିଥିବାରୁ ସେସବୁ ଅଞ୍ଚଳର ବର୍ଷା ପାଣି ମଧ୍ୟ ତଳ ଅଞ୍ଚଳକୁ ମାଡି ଆସୁଛି। ଯଦ୍ୱାରା ସୁବର୍ଣ୍ଣରେଖାରେ ଆଉ ଏକ ବଡ ▸ପୃଷ୍ଠା-୧୦






■ ବ୍ରଜରାଜନଗର ଟ୍ରିପଲ୍ ମର୍ଡର ଘଟଣାର ଭିନ୍ନ ମୋଡ଼

## କୂଅରୁ ମିଳିଲା ଗୃହକର୍ତ୍ତାଙ୍କ ମୃତଦେହ

■ ବ୍ରଜରାଜନଗର, ୨୩।୯ (ସମିସ)

ବ୍ରଜରାଜନଗର ଥାନା ଅନ୍ତର୍ଗତ ଗଙ୍ଗା ନଗର ଫାଟକପଡ଼ାରେ ଟ୍ରିପଲ୍ ମର୍ଡର ଘଟଣା ଭିନ୍ନ ମୋଡ଼ ନେଇଛି। ଗତକାଲି ଘରୁ ମା' ଓ ଦୁଇ ଶିଶୁ କନ୍ୟାଙ୍କ ମୃତ ଶରୀର ଉଦ୍ଧାର ହୋଇଥିଲା। ଆଜି ଘରର ମୁରବୀ ତଥା ମୃତ ଶିଶୁ କନ୍ୟାଙ୍କ ବାପା ନାରାୟଣ ପୋଦାରଙ୍କ ମୃତଶରୀର ଏକ କୂଅରୁ ଉଦ୍ଧାର ହୋଇଛି। ପରିବାରର ୩ ଜଣଙ୍କ ମୃତ୍ୟୁ ପରେ ନାରାୟଣ ନିଖୋଜ ଥିବାରୁ ହତ୍ୟାକାଣ୍ଡରେ ତାଙ୍କର ସମ୍ପୃକ୍ତି ନେଇ ଗତକାଲି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିଲା। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ମଧ୍ୟ କରୁଥିଲା। ତେବେ ସନ୍ଦିଗ୍ଧ ନାରାୟଣଙ୍କ ମୃତ୍ୟୁ ପୁଲିସର ତଦନ୍ତ ଦିଗକୁ ବଦଳାଇ ଦେଇଛି। ଅପରପକ୍ଷେ ଗୋଟିଏ ସାଧାରଣ ଗରିବ ପରିବାରର ସମସ୍ତ ସଦସ୍ୟଙ୍କର ଏଭଳି ଅସ୍ୱାଭାବିକ ମୃତ୍ୟୁକୁ ନେଇ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟିହୋଇଛି।

ମା' ଓ ଦୁଇ ଶିଶୁ କନ୍ୟାଙ୍କୁ ହତ୍ୟା କରାଯିବାର ୨୪ ଘଣ୍ଟା ନପୂରୁଣୁ ନାରାୟଣ(୩୫)ଙ୍କର ମୃତଦେହ ନିକଟସ୍ଥ କୂଅରୁ ଆଜି ଉଦ୍ଧାର ହୋଇଛି। ନାରାୟଣ ରହୁଥିବା ଘର ପଛପଟରେ ଥିବା ଏକ କୂଅରେ ତାଙ୍କ ମୃତ ଶରୀର ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି। ନାରାୟଣଙ୍କ ମୃତ୍ୟୁକୁ ନେଇ ନାନା କଥା ଶୁଣିବାକୁ ମିଳୁଛି। ପତ୍ନୀ ଓ ୨ ଝିଅକୁ ହତ୍ୟା କରି ନାରାୟଣ କୂଅକୁ ଡେଇଁ ଆତ୍ମହତ୍ୟା କରିଥିବା କେତେକ କହୁଥିବାବେଳେ ପରିବାରର ଅନ୍ୟ ୩ ଜଣଙ୍କ ଭଳି ତାଙ୍କୁ ହତ୍ୟା କରାଯିବା ପରେ କୂଅରେ ପକାଇ ଦିଆଯାଇଥିବା ଅନ୍ୟ କେତେକ

- ପତ୍ନୀ ଓ ଦୁଇଝିଅଙ୍କ ମୃତଶରୀର ଘରୁ ମିଳିଥିଲା
- ପରିବାର ୪ ଜଣଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ମହଲରେ ଆଲୋଚନା ହେଉଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ, ଫୋରେନ୍ସିକ୍ ଯାଞ୍ଚ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟ ସ୍ପଷ୍ଟ ହେବ ବୋଲି ପୁଲିସ କହୁଛି।

ଘଟଣାରୁ ପ୍ରକାଶ ଯେ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଗଙ୍ଗାନଗର ଫାଟକପଡ଼ାଠାରେ ରହୁଥିବା ନାରାୟଣଙ୍କ ସ୍ତ୍ରୀ ସୋନି ପୋଦାର, ଦୁଇ ଶିଶୁ କନ୍ୟା ରାଧିକା ପୋଦାର ଓ ମୁସ୍କାନ ପୋଦାରକୁ କେହି ହତ୍ୟା କରିଥିଲା। ୩ ଜଣଙ୍କ ▸ପୃଷ୍ଠା-୧୦

■ ଶିଳ୍ପୋଦ୍ୟୋଗ କ୍ଷେତ୍ରରେ ନୂଆ ଦିଶା

## 'ମୁଖ୍ୟମନ୍ତ୍ରୀ କୋଭିଡ୍ ସ୍ୱତନ୍ତ୍ର କାର୍ଯ୍ୟକ୍ରମ' ମାଧ୍ୟମରେ ସୁଦୃଢ଼ ହୋଇଛି ସ୍ଥିତି

■ ବ୍ରହ୍ମପୁର, ୨୩।୯(ସମିସ): କରୋନା ମହାମାରୀର କରାଳ ତାଣ୍ଡବରେ ବହୁ ଶିଳ୍ପ ଉଦ୍ୟୋଗର ସ୍ଥିତି ଦୋହଲି ଯାଇଥିଲା। କାର୍ଯ୍ୟରତ ଶ୍ରମିକମାନେ କାମ ହରାଇବା ବେଳେ ଆର୍ଥିକ ସମସ୍ୟା କାରଣରୁ ଅନୁଷ୍ଠାନ ମଧ୍ୟ ବନ୍ଦ ହେବା ଅବସ୍ଥାକୁ ଚାଲିଆସିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ 'ମୁଖ୍ୟମନ୍ତ୍ରୀ କୋଭିଡ୍ ସ୍ୱତନ୍ତ୍ର ପ୍ୟାକେଜ୍' ଘୋଷଣା କରାଯାଇଥିଲା। ଯାହା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ ପାଇଁ ବରଦାନ ସ୍ୱରୂପ ହୋଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗଞ୍ଜାମ ଜିଲ୍ଲାରେ କୋଭିଡ୍ ସ୍ୱତନ୍ତ୍ର ପ୍ୟାକେଜ୍ ଜରିଆରେ ଗୋଟିଏ ପ୍ରକଳ୍ପ ପିଛା ଟପ୍ ଅପ୍ ସବ୍‌ସିଡି ଆକାରରେ ୫୧ ପ୍ରତିଶତ ଋଣ ଛାଡ଼ ହୋଇଥିଲା। ସେହିଭଳି ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ୧କୋଟି ୮୮ଲକ୍ଷ ଟଙ୍କା ସରକାରୀ ସହାୟତା ଘୋଷଣା ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୧କୋଟି ୩୭ଲକ୍ଷ ଟଙ୍କା ବିଭିନ୍ନ ୟୁନିଟ୍‌ଗୁଡ଼ିକ ଦିଆସରିଛି। ଆଗାମୀ ଦିନରେ ଆଉ କିଛି ପ୍ରକଳ୍ପକୁ ଦିଆଯିବ ବୋଲି ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ କୁହାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଜିଲ୍ଲାରେ ଥିବା ୫ଟି କାଜୁ ୟୁନିଟ୍‌କୁ ୧ କୋଟି ୧୦ ଲକ୍ଷ ଟଙ୍କା ଆର୍ଥିକ ପ୍ରୋତ୍ସାହନ ଯୋଗାଇ ▸ପୃଷ୍ଠା-୧୦

### ବଜ୍ରପାତରେ ବାପା, ଝିଅ ମୃତ; ମା' ଗୁରୁତର

■ ରାଇଘର, ୨୩।୯ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ତୁରୁଡ଼ିହି ଆଦିବାସୀ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ବଜ୍ରପାତରେ ବାପା ଓ ଝିଅଙ୍କ ପ୍ରାଣହାନୀ ଘଟିଛି। ସୂଚନାନୁଯାୟୀ ତୁରୁଡ଼ିହି ଆଦିବାସୀ ଗ୍ରାମର ରାମନାଥ ଗଣ୍ଡ(୪୨), ସ୍ତ୍ରୀ ରାମବାଇ ଗଣ୍ଡ(୩୮) ଏବଂ ଝିଅ ଫୁଲକୋ ଗଣ୍ଡ(୧୮) ଗତକାଲି ତାଙ୍କ ଧାନ ବିଲରେ ଘାସ ବାଛିବାକୁ ଯାଇଥିଲେ। ଘାସ ବାଛୁ ବାଛୁ ଅପରାହ୍ନ ୪ ଘଣ୍ଟିକା ସମୟରେ ବଜ୍ରପାତ ହୋଇଥିଲା। ଯାହା ଫଳରେ ଉକ୍ତ ତିନିଜଣ ସେହି ବିଲରେ ଛଟପଟ ହୋଇ ପଡ଼ିଯାଇଥିଲେ। ଏହାକୁ ଦେଖି ▸ପୃଷ୍ଠା-୧୦

### ଲୋକକଥା





ଶଙ୍ଖସାଇଁଙ୍କର ବିକାଶ ଧାରାରେ
ବଲାଙ୍ଗିରବାସୀ ଖୁସି,
ବିରୋଧକୁ ଭୁଲି ବିରୋଧୀ ବାଲାଏ
ପ୍ରଶଂସା ଦେଲେ ବରଷି।
ନରସିଂହ-ସାଲୁଜା ମିଶି
କହିଲେ ଧନ୍ୟ ହେ ଧନ୍ୟ ହେ ନବୀନ,
ଧନ୍ୟ ତୁମେ ଦୂରଦର୍ଶୀ... ॥

## 'ମହାନଦୀ'କୁ ବିପଦକୁ ଠେଲିଦେଲେ

■ ଭୁବନେଶ୍ୱର, ୨୩।୯ (ସମିସ): ଜଳବିବାଦକୁ ନେଇ ଓଡ଼ିଶା-ଛତିଶଗଡ଼ ମୁହାଁମୁହିଁ ହୋଇ ଅଛନ୍ତି। ଏ ସଂକ୍ରାନ୍ତରେ ଟ୍ରିବ୍ୟୁନାଲରେ ତାରିଖ ପରେ ତାରିଖ ଗଡୁଛି। ମହାନଦୀକୁ ଏଯାଏ ନ୍ୟାୟ ମିଳିପାରିନାହିଁ। କେନ୍ଦ୍ର ସରକାର ଅତି ସମ୍ବେଦନଶୀଳ ଏହି ପ୍ରସଙ୍ଗରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିପାରିନାହାନ୍ତି। ଅନ୍ୟପଟରେ ମହାନଦୀ ସଂପର୍କରେ ସଂସଦରେ ଖୋଦ୍ ଭାରତର ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜୁନ୍ ୨୦ ତାରିଖରେ ପ୍ରକାଶ କରିଥିବା ଉଦ୍‌ବେଗ ବି କେନ୍ଦ୍ର ପାଇଁ ଗୁରୁତ୍ୱହୀନ ହୋଇପଡ଼ିଛି। ଦୁଇବର୍ଷ ତଳେ ରାଷ୍ଟ୍ରପତି ଭିନ୍ନ କାରଣରୁ ମହାନଦୀକୁ ସଂସଦ ସାମ୍ନାକୁ ଆଣିଥିଲେ। ରାଷ୍ଟ୍ରପତି ସେବେ କହିଥିଲେ,

- ମହାନଦୀ ପ୍ରଦୂଷଣମୁକ୍ତ କଥା ସଂସଦରେ କହିଥିଲେ ରାଷ୍ଟ୍ରପତି
- 'ନମାମି ଗଙ୍ଗେ' ଯୋଜନାରେ ଆବର୍ଜନାମୁକ୍ତ ହୋଇଥା'ନ୍ତା
- ଭୁଲିଗଲେ କେନ୍ଦ୍ର ସରକାର; କିଛି ବି କଲେନି, ଅନୁଦାନ ନାହିଁ
- ମହାନଦୀ ପାଇଁ କାଳ ସାଜିଲାଣି ଛତିଶଗଡ଼ ଶିଳ୍ପାୟନ
- ରାୟଗଡ଼ଠାରୁ କଟକ ଯାଏ ବର୍ଜ୍ୟଜଳ ବି ମିଶୁଛି



ନଦୀଗୁଡିକ ପ୍ରଦୂଷଣମୁକ୍ତ କରିବା ଲାଗି କେନ୍ଦ୍ର ସରକାର କାମ କରିବେ। । 'ନମାମି ଗଙ୍ଗେ' ଯୋଜନାରେ ଗଙ୍ଗା ନଦୀକୁ ଆବର୍ଜନାମୁକ୍ତ କରିବା ପାଇଁ କେନ୍ଦ୍ର ସରକାର କାମ କରୁଛନ୍ତି। ସେହିପରି ମହାନଦୀ ସମେତ କାବେରୀ, ପେରିୟାର, ନର୍ମଦା ଓ ଗୋଦାବରୀ ଆଦି ନଦୀଗୁଡ଼ିକୁ ପ୍ରଦୂଷଣମୁକ୍ତ କରିବାକୁ ସରକାର ଉଦ୍ୟମ କରିବେ।

ଇତିମଧ୍ୟରେ ଦୁଇବର୍ଷ ବିତିଗଲାଣି; କେନ୍ଦ୍ର ସରକାର ମହାନଦୀକୁ ପ୍ରଦୂଷଣମୁକ୍ତ କରିବା ଲାଗି କୌଣସି ବଡ ଯୋଜନା ହାତକୁ ନେଇନାହାନ୍ତି। ରାଜ୍ୟ ସରକାରଙ୍କ ଜଳସଂପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଆଜି କହିଛନ୍ତି, ମହାନଦୀକୁ ପ୍ରଦୂଷଣମୁକ୍ତ କରିବା ଲାଗି ସଂପ୍ରତି କୌଣସି ଯୋଜନା କାର୍ଯ୍ୟକାରୀ ହେଉନାହିଁ। କେନ୍ଦ୍ର ସରକାର ନା କିଛି ପ୍ରସ୍ତାବ ଦେଇଛନ୍ତି, ନା ଏ ସଂକ୍ରାନ୍ତରେ ▸ପୃଷ୍ଠା-୧୦

# ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହେବ 'ସନକ୍'



ବଲିଉଡ୍ ଅଭିନେତା ବିଦ୍ୟୁତ ଜାମୱାଲ ତାଙ୍କ ଫିଲ୍ମ ଅପେକ୍ଷା ବଡି ଫିଟନେସ୍‌କୁ ନେଇ ଅଧିକ ଚର୍ଚ୍ଚିତ। ସେ ପ୍ରାୟତଃ ସୋସିଆଲ ମିଡିଆରେ ନିଜର ୱାର୍କଆଉଟ୍ ଭିଡିଓ ସେୟାର କରିଥାନ୍ତି। ଏବେ ବିଦ୍ୟୁତ୍ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ସନକ୍'କୁ ନେଇ ବେଶ୍ ଚର୍ଚ୍ଚାରେ। ନିକଟରେ ସେ ଏହି ଫିଲ୍ମର ଏକ ପୋଷ୍ଟର୍ ସେୟାର କରିଛନ୍ତି। ପୋଷ୍ଟର୍‌ରେ ବିଦ୍ୟୁତ୍ ହାତରେ ବନ୍ଧୁକ ଧରି ଏକ ମିସନ୍ ପାଇଁ ପ୍ରସ୍ତୁତ ହେଉ ଥିବାର ନଜର ଆସିଛନ୍ତି। ଏହି ପୋଷ୍ଟର୍ ସହିତ 'ସନକ୍' ବହୁତ ଜଲ୍ଦି ଡିଜ୍‌ନି ପ୍ଲସ୍ ହଟ୍‌ଷ୍ଟାର୍‌ରେ ରିଲିଜ୍ ହେବ ବୋଲି ସେ ସୂଚନା ଦେଇଛନ୍ତି। 'ସନକ୍' ଏକ ଆକ୍ସନ୍-ଥ୍ରିଲର୍ ଫିଲ୍ମ ହେବ। କନିଷ୍କ ବର୍ମା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ବିଦ୍ୟୁତ୍‌ଙ୍କ ବ୍ୟତୀତ ଏଥିରେ ବଙ୍ଗଳା ଅଭିନେତ୍ରୀ ରୁକ୍ମଣୀ ମୈତ୍ରା, ଚନ୍ଦନ ରାୟ ସାନ୍ୟାଲ, ନେହା ଧୂପିଆ ଆଦି ଲିଡ୍ ରୋଲ୍‌ରେ ନଜର ଆସିବେ। ବହୁତ ଜଲ୍‌ଦି ଏହାର ରିଲିଜ୍ ଡେଟ୍ ଘୋଷଣା କରାଯିବ।

## ଜଣା ଅଜଣା



- ପ୍ଲାଷ୍ଟିକ୍ ବୋତଲ ନଷ୍ଟ ହେବାକୁ ୪୦୦୦ ବର୍ଷରୁ ଅଧିକ ସମୟ ଲାଗିଥାଏ।
- ମହାକାଶଚାରୀଙ୍କୁ ପୃଥିବୀ ନୀଳ ଓ ମହାକାଶ କଳା ଦେଖାଯାଏ।
- ମଣିଷର ଜଂଘ ହାଡ କଂକ୍ରିଟ୍‌ଠାରୁ ଅଧିକ ଶକ୍ତ ହୋଇଥାଏ।

## ବିରଳ ରୋଗ

# ଫଳ ଓ ପରିବା ଖାଇ ବଞ୍ଚୁଛି କୁନି ଝିଅ



ସୁସ୍ଥ ସବଳ ରହିବା ପାଇଁ ଖାଦ୍ୟ ବିଶେଷଜ୍ଞମାନେ ପ୍ରତିଦିନ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦେଇଥାନ୍ତି। କିନ୍ତୁ ବ୍ରିଟେନରେ ରହୁଥିବା ୮ ବର୍ଷର ବାଳିକା ଲିଲି ଏନ୍ ଭୁଲିସଙ୍କୁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ବାରଣ କରାଯାଇଛି। ସେ ଦୀର୍ଘଦିନ ଧରି ଫଳ ଓ ପନିପରିବା ଖାଇ ବଞ୍ଚିଛନ୍ତି। କାରଣ ଏହି କୁନି ଝିଅ ଜଣକ 'ଫେନିଲକିଟୋନୁରିୟା' ନାମକ ଏକ ବିରଳ ରୋଗରେ ପୀଡିତ। ଏହି ରୋଗରେ ଶରୀର ପ୍ରୋଟିନ୍ ଅଂଶକୁ ପଚାଇ ପାରେ ନାହିଁ। ମାତା-ପିତାଙ୍କ ଜିନ୍‌ରେ ଅସନ୍ତୁଳନ ଯୋଗୁଁ ଶିଶୁଙ୍କଠାରେ ଏହି ରୋଗ ଦେଖାଯାଏ। ରୋଗଗ୍ରସ୍ତ ବ୍ୟକ୍ତି ଯଦି ପ୍ରୋଟିନ୍ଯୁକ୍ତ ଖାଦ୍ୟ ଖାଏ ତାର ମସ୍ତିଷ୍କ କାମ କରିବା ବନ୍ଦ କରିଦିଏ। ଏହି ରୋଗୀମାନେ ଦିନରେ କେବଳ ୪ ଗ୍ରାମ୍ ପ୍ରୋଟିନ୍ ନେଇ ପାରିବେ। ତେଣୁ ବ୍ରିଟେନ୍‌ର ସ୍ୱାସ୍ଥ୍ୟ ସଂସ୍ଥା ଏନ୍‌ଏଚ୍‌ଏସ୍‌ର ପରାମର୍ଶ ଅନୁଯାୟୀ, ଲିଲିଙ୍କ ଡାଏଟ୍ ସ୍ଥିର କରାଯାଇଛି। ସେହି ଅନୁଯାୟୀ ଲିଲି କେବଳ ଫଳ ଓ କିଛି ନିର୍ଦ୍ଦିଷ୍ଟ ପରିବା, କେତେକ ନିର୍ଦ୍ଦିଷ୍ଟ କ୍ଷୀର ଓ ବ୍ରେଡ୍‌କୁ ଖାଦ୍ୟ ଭାବେ ଗ୍ରହଣ କରୁଛନ୍ତି। ଲଞ୍ଚ୍‌ରେ ସେ କେବଳ ସିଝାଆଳୁ ଓ ବନ୍ଧାକୋବି ଖାଉଥିବାବେଳେ ଦିନ ଭିତରେ ସେ ଚାରିଥର ସପ୍ଲିମେଣ୍ଟ୍ ଫୁଡ୍ ଖାଇଥାନ୍ତି। ଏ ସମ୍ପର୍କରେ ଲିଲିଙ୍କ ମା' କେରେନ୍ କହନ୍ତି ଯେ, ଏହି ରୋଗ ପାଇଁ ସେମାନେ କୌଣସି ରେଷ୍ଟୋରାଁ ଯାଇ ପାରନ୍ତି ନାହିଁ। ତେଣୁ ସେ ଲିଲିଙ୍କୁ ଫ୍ଲୋରିଡାସ୍ଥିତ ଡିଜ୍ନି ୱାଲର୍ଡ ରିସର୍ଟ ନେବାପାଇଁ ଚାହାନ୍ତି। କାରଣ ସେଠାରେ ଏଭଳି ଶିଶୁଙ୍କ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ରହିଛି।

# ନର୍କ ମନ୍ଦିର





ମନ୍ଦିରକୁ ଲୋକେ ଭଗବାନଙ୍କ ଦର୍ଶନ ପାଇଁ ଯାଇଥାନ୍ତି। ମନ୍ଦିରରେ ଲୋକେ ମନୋକାମନା ପୂର୍ଣ୍ଣ ପାଇଁ ପ୍ରାର୍ଥନା କରିବା ସହ କ୍ଷମା ଯାଚନ, ଦାନ, ଧର୍ମ ଆଦି କରିଥାନ୍ତି। ମନ୍ଦିର ଏପରି ଏକ ସ୍ଥାନ, ଯେଉଁଠାକୁ ଗଲେ ଶାନ୍ତି ମଧ୍ୟ ମିଳିଥାଏ। ତେବେ ଥାଇଲ୍ୟାଣ୍ଡରେ ଏପରି ଏକ ମନ୍ଦିର ଅଛି, ଯାହା 'ନର୍କ ମନ୍ଦିର'ଭାବେ ଖ୍ୟାତ। ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ଥିବା ଏହି ମନ୍ଦିରଟି ବିଶ୍ୱର ଏକମାତ୍ର 'ନର୍କ ମନ୍ଦିର'। ଏହା ବ୍ୟାଙ୍କକ୍‌ଠାରୁ ପ୍ରାୟ ୭୦୦ କିଲୋମିଟର ଦୂରରେ ଥିବା ଚିଆଙ୍ଗ ମାଇ ସହରରେ ଅବସ୍ଥିତ। ଏହି ମନ୍ଦିର ବୌଦ୍ଧ ଭିକ୍ଷୁ 'ପ୍ରା କ୍ରୁ ବିଶାନ୍‌ଜାଲିକନ୍' ଦ୍ୱାରା ନିର୍ମିତ ହୋଇଥିଲା। ଏହା ମାଧ୍ୟମରେ ସେ ଲୋକମାନଙ୍କୁ ସଚେତନ କରାଇବାକୁ ଚାହୁଁଥିଲେ ଯେ, ଖରାପ କାର୍ଯ୍ୟ କରୁଥିବା ଲୋକଙ୍କ ସହିତ ସବୁବେଳେ ଖରାପ ହିଁ ହୋଇଥାଏ। ଏହି ମନ୍ଦିରରେ ମୂର୍ତ୍ତିଗୁଡ଼ିକୁ ଦେଖିବା ପରେ ଏପରି ଲାଗିବ ଯେ, ଯେପରି ପ୍ରକୃତରେ ନର୍କରେ ନିର୍ଯାତନା ଦିଆଯାଉଛି। ସ୍ଥାନୀୟ ଲୋକମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ, ଥରେ ଏହି ନର୍କ ମନ୍ଦିର ପରିଦର୍ଶନ କଲେ ପାପର ପ୍ରାୟଶ୍ଚିତ ହୋଇଥାଏ।

## ଆଜିର ଇତିହାସ

- ୧୬୮୮ - ଫ୍ରାନ୍ସ ଜର୍ମାନୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୪୮ - ହୋଣ୍ଡା ମୋଟର କମ୍ପାନିର ସ୍ଥାପନା।
- ୧୯୭୮ -ପୂର୍ବ ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କରାଇଲା।
- ୨୦୦୯ - ପ୍ରଥମ ଚନ୍ଦ୍ରଯାନ-୧ ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ କଲା।
- ୨୦୧୩- ପାକିସ୍ତାନର ବେଲୁଚିସ୍ତାନରେ ୭.୭ ତୀବ୍ରତାରେ ଭୂମିକମ୍ପ ଆସିବା ଯୋଗୁଁ ପାଖାପାଖି ୫୧୫ ଲୋକଙ୍କ ମୃତ୍ୟୁ।

# କାହିଁକି ଥାଏ ଉଡାଜାହାଜରେ ହର୍ଣ୍ଣ

ପ୍ରତିଦିନ ଆମେ ଗାଡ଼ିମୋଟର ହର୍ଣ୍ଣ ଶବ୍ଦ ଶୁଣିଥାଉ। ତେବେ ଗାଡ଼ିମୋଟର ଭଳି ଉଡ଼ାଜାହାଜଗୁଡ଼ିକରେ ମଧ୍ୟ ହର୍ଣ୍ଣ ଥାଏ। ଏହା ପକ୍ଷୀମାନଙ୍କୁ ଘଉଡ଼ାଇବା ବା ଅନ୍ୟ ବିମାନଗୁଡ଼ିକ ପାଇଁ ବ୍ୟବହୃତ ହୋଇନଥାଏ। ଉଡାଜାହାଜର ହର୍ଣ୍ଣ ଏହାର ଚକ ପାଖରେ ଖଞ୍ଜା ଯାଇଥାଏ। ହର୍ଣ୍ଣର ଶବ୍ଦ ଉଡାଜାହାଜ ତିଆରି କରୁଥିବା କମ୍ପାନି ସ୍ଥିର କରିଥାଏ। ତେବେ ଏଠାରେ ମନକୁ ପ୍ରଶ୍ନ ଉଠେ, ଚକପାଖରେ ଲାଗିଥିବା ହର୍ଣ୍ଣ କେଉଁ କାର୍ଯ୍ୟରେ ବ୍ୟବହୃତ ହେଉଥିବ? ବାସ୍ତବରେ ଏହି ହର୍ଣ୍ଣର ବ୍ୟବହାର ଯାତ୍ରୀ ଓ କର୍ମଚାରୀମାନଙ୍କୁ ସତର୍କ କରିବା ପାଇଁ ବ୍ୟବହୃତ ହୋଇଥାଏ। ଏହାବ୍ୟତୀତ ହର୍ଣ୍ଣର ବ୍ୟବହାର ବିମାନ ବନ୍ଦରରେ ହୋଇଥାଏ। ଯେତେବେଳେ ଉଡ଼ାଜାହଜଟି ଉଡ଼ାଣ ଭରିଥାଏ, ସେତେବେଳେ ଗ୍ରାଉଣ୍ଡ କର୍ମଚାରୀମାନଙ୍କୁ ହର୍ଣ୍ଣ ବଜାଇ ଏହାର ସୂଚନା ଦିଆଯାଏ।



# ଅନଲାଇନ୍‌ରେ ବେତବାଡ଼ି




ବେତବାଡ଼ି କହିଲେ, ସମସ୍ତଙ୍କ ପିଲାଦିନ କଥା ମନେ ପଡ଼ିଯାଏ। ସ୍କୁଲ୍ ଓ ଟ୍ୟୁସନ୍‌ରେ ସାର୍‌ଙ୍କଠାରୁ ବେତପାହାର ଖାଇବା କଥା କେହି କେବେ ଭୁଲନ୍ତି ନାହିଁ। କିନ୍ତୁ ଏବେ ଅନ୍‌ଲାଇନ୍‌ର ଜମାନା। ନିତ୍ୟ ବ୍ୟବହାର ଜିନିଷଠାରୁ ଆରମ୍ଭ କରି ବିବାହ ଓ ବ୍ରତ ଭଳି ବଡ଼ ବଡ଼ ଅନୁଷ୍ଠାନ ପାଇଁ ଲୋକମାନେ ଘରେ ବସି ସପିଙ୍ଗ୍ କରିପାରୁଛନ୍ତି। ଛୁଞ୍ଚିଠାରୁ ଆରମ୍ଭ କରି ବଡ଼ ବଡ଼ ଘରକରଣା ସାମଗ୍ରୀ ମଧ୍ୟ ଅନ୍‌ଲାଇନ୍‌ରେ ଉପଲବ୍ଧ। ଏହି କ୍ରମରେ ଏବେ ଅନ୍‌ଲାଇନ୍‌ରେ ବେତବାଡ଼ି ମଧ୍ୟ ମିଳୁଛି। ଏକଥା କୌତୂହଳ ଲାଗିପାରେ। ଅନ୍‌ଲାଇନ୍ ସପିଙ୍ଗ୍ ସାଇଟ୍ 'ଆମାଜନ୍'ରେ ପିଲାଙ୍କୁ ଆକଟ ବା ଶାସନ କରିବା ପାଇଁ ବାଡ଼ି ମିଳୁଛି। 'ରେଡିଟ୍' ସାଇଟ୍ ମାଧ୍ୟମରେ କେତେଜଣ ୟୁଜର୍ସ ଏହାର ଫଟୋ ସେୟାର୍ କରିଥିଲେ। ଏହାକୁ ଫେକ୍ ନ୍ୟୁଜ୍ ଭାବି ଅନେକ ଜଣ ଏହାକୁ 'ଆମାଜନ୍'ରେ ଦେଖିଥିଲେ। ପ୍ରକୃତରେ ତାହା ସତ ଖବର ଥିଲା। 'ଆମାଜନ୍'ର ସର୍ଚ୍ଚ ଅପ୍‌ସନ୍‌କୁ ଯାଇ 'କେନ୍ ଷ୍ଟିକ୍ ଫର୍ ବିଟିଙ୍ଗ୍' ଲେଖିବା ପରେ ବାଡ଼ିକୁ ସେମାନେ ଦେଖିପାରିଥିଲେ, ତଳେ ଲେଖା ଥିଲା 'କେନ୍ ଷ୍ଟିକ୍ ଫର ବିଟିଙ୍ଗ୍ କିଡ୍ସ ଫାଇଭ୍ ଫିଟ୍ ଆଣ୍ଡ ଥ୍ରି ଫିଟ୍'। ଏହା ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି ଏବଂ ଏହାକୁ ନେଇ ବିଭିନ୍ନ ପ୍ରତିକ୍ରିୟା ମଧ୍ୟ ଆସିଥିଲା।

# ୧୫ ମିନିଟ୍‌ରେ ଯାଞ୍ଚ ହେବ ମୁଖ କର୍କଟ

ସାରା ବିଶ୍ୱରେ ମୁଖ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଭାରତରେ ପ୍ରତିବର୍ଷ ପ୍ରାୟ ୭୭,୦୦୦ ମୁଖ କର୍କଟ ମାମଲା ଦେଖାଯାଇଥାଏ। ତମାଖୁ, ଗୁଟ୍‌ଖା ଭଳି ମାରତ୍ମକ ନିଶା ଦ୍ରବ୍ୟ ସେବନ ଏହି ରୋଗର ଏକ ପ୍ରମୁଖ କାରଣ। ଏହି ରୋଗ ବିଳମ୍ବରେ ଚିହ୍ନଟ ହେବା କାରଣରୁ ଅନେକ ଲୋକଙ୍କ ମୃତ୍ୟୁ ଅକାଳରେ ହେଉଛି। ବେଳେବେଳେ ଲକ୍ଷଣଗୁଡିକ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଣଦେଖା କରାଯାଏ; ଯେତେବେଳକୁ ଏହା ଜଣାପଡ଼େ, ଏହି ରୋଗ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥାଏ। ଏହିକ୍ଷେତ୍ରରେ ଏହାର ଚିକିତ୍ସା ସମ୍ଭବପର ହୋଇପାରେ ନାହିଁ। ଅର୍ଥର ଅଭାବ ଏହି ରୋଗର ଜଟିଳତାକୁ ଆହୁରି ବଢ଼ାଇ ଦେଇଥାଏ। ଏହି ସମସ୍ୟାକୁ ଦୂର କରିବା ପାଇଁ ବେଙ୍ଗାଲୁରୁର ୧୮ ବର୍ଷୀୟା ନିଖିୟା ସମଶେର ଏବେ ଆଗେଇ ଆସିଛନ୍ତି। ଗ୍ରୀନ୍‌ଉଡ୍ ହାଇ ଇଣ୍ଟରନ୍ୟାସ୍‌ନାଲ ସ୍କୁଲରେ ସ୍ନାତକ ପଢୁଥିବା ନିଖିୟା ଏକ କିଟ୍ ପ୍ରସ୍ତୁତ କରିଛନ୍ତି। "କ୍ୱିଟପଫ୍" ନାମକ ଏହି କିଟ୍, ମୁଖ କର୍କଟ ରୋଗକୁ ଚିହ୍ନଟ କରିବା ସହ ଏହା କେଉଁ ପର୍ଯ୍ୟାୟରେ ଅଛି ତାହା ମଧ୍ୟ ଜଣାଇଦେବ। ପରୀକ୍ଷା କରିବାର ୧୫ ମିନିଟ୍ ମଧ୍ୟରେ ଫଳାଫଳ ଜଣାପଡିଥାଏ। ଏହାର ମୂଲ୍ୟ ମାତ୍ର ୩୮ ଟଙ୍କା।

୨୦୧୫ ମସିହାର ଘଟଣା। ସେହି ସମୟରେ ନିଖିଆ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ସେତେବେଳେ ସେ ଏକ କାର୍ଯ୍ୟକ୍ରମର ଅଂଶବିଶେଷ କୌତୁକିଆ ପୋଷାକ ପିନ୍ଧି ଡାକ୍ତରଖାନାର ଶିଶୁ ୱାର୍ଡରେ ଥିବା କୁନି କୁନି ପିଲାମାନଙ୍କ ମୁହଁରେ ହସ ଫୁଟାଉଥିଲେ। ନିଖିୟା କୁହନ୍ତି, ଯେତେବେଳେ ଶିଶୁ ୱାର୍ଡରେ ମନୋରଞ୍ଜନ କରି ଡାକ୍ତରଖାନାରୁ ଘରକୁ ଫେରୁଥିଲେ ସେତେବେଳେ ଜଣେ ବ୍ୟକ୍ତିର ମୁହଁରେ ବ୍ୟାଣ୍ଡେଜ୍ ଗୁଡ଼ା ହୋଇଥିବାର ସେ ଲକ୍ଷ୍ୟ କରିଥିଲେ। ରୋଗୀଟିର କ'ଣ ହୋଇଛି ବୋଲି ନର୍ସଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବ୍ୟକ୍ତି ଜଣଙ୍କ ମୁଖ କର୍କଟ ରୋଗରେ ପୀଡ଼ିତ ଏବଂ ସେ ରୋଗର ଶେଷ ପର୍ଯ୍ୟାୟରେ ପହଞ୍ଚି ମଧ୍ୟ ରକ୍ଷା ପାଇଯାଇଛନ୍ତି। ସେଦିନ ନିଖିୟା ଏହି ରୋଗର ନିଷ୍ଠୁରତା ବିଷୟରେ ଜାଣିବାକୁ ପାଇଲେ। ଏହାପରେ ସେ, ମୁଖ କର୍କଟ ସମ୍ବନ୍ଧୀୟ ବିଭିନ୍ନ ବୈଜ୍ଞାନିକ ଅନୁସନ୍ଧାନ ତଥ୍ୟଗୁଡ଼ିକ ପଢିବାକୁ ଲାଗିଲେ। ସେ ସମୟରେ ମେଡିକାଲ କନସେପ୍ଟଗୁଡ଼ିକୁ ବୁଝିବା ତାଙ୍କ ପକ୍ଷରେ ସମ୍ଭବ ହେଉନଥିଲା। ତେଣୁ ସେ ତାଙ୍କ ବାପା ମାଙ୍କ ସାହାଯ୍ୟ ନେଲେ। ନିଖିୟାଙ୍କ ଆଗ୍ରହ ଦେଖି ତାଙ୍କ ବାପା-ମା ଆଇସିଆର୍- ନ୍ୟାସନାଲ୍ ବ୍ୟୁରୋ ଅଫ୍ ଆନିମଲ୍ ଜେନେଟିକ୍ ରିସୋର୍ସେସ୍‌ର ଜଣେ ବରିଷ୍ଠ ଗବେଷକ ତାନିଆ ଦାସଙ୍କ ସହ ତାଙ୍କର ସାକ୍ଷାତ କରାଇ ଦିଅନ୍ତି। ତାନିଆଙ୍କ ଠାରୁ ନିଖିଆ ମୁଖ କର୍କଟ ସ୍କ୍ରିନିଂ ପଦ୍ଧତି ସମ୍ପର୍କରେ ବୁଝିଥିଲେ। ଏହାପରେ ନିଖିଆ ବୈଜ୍ଞାନିକ ଚୈତନ୍ୟ ପ୍ରଭୁଙ୍କ ସଂସ୍ପର୍ଶରେ ଆସିଥିଲେ। ଏହାପରେ ସେ, ମୁଖ କର୍କଟ ଯାଞ୍ଚ ପାଇଁ "କ୍ୱିଟପଫ୍" କିଟ୍ ପ୍ରସ୍ତୁତ କଲେ। । ଏହି କିଟ୍‌ର ସଠିକତା ଜାଣିବା ପାଇଁ ଜୁନ୍ ୨୦୧୮ ରୁ ଫେବୃଆରୀ ୨୦୧୯ ମଧ୍ୟରେ ୫୦୦ ଲୋକଙ୍କ ଲାଳ ନମୁନା ସଂଗ୍ରହ କରି ପରୀକ୍ଷା କରିଥିଲେ। ଏହି କିଟ୍୯୬ ପ୍ରତିଶତ ପର୍ଯ୍ୟନ୍ତ ସଠିକ୍ ଫଳାଫଳ ଦେଇଥିଲା। ତେବେ ଏହି କିଟ୍‌କୁ ବ୍ୟବସାୟିକ ବ୍ୟବହାର ପାଇଁ ବଜାରକୁ ଛଡ଼ାଯାଇନାହିଁ। ବର୍ତ୍ତମାନ ଏହାକୁ ଅଧିକ ଉନ୍ନତମାନର କରାଯିବା ପାଇଁ ପ୍ରୟାସ କରାଯାଉଛି।






# ଡଙ୍ଗାରେ ପାଠଶାଳା

ବନ୍ୟା ପରିସ୍ଥିତି ଯୋଗୁଁ ବିହାର କଟିହାର ଜିଲ୍ଲା ମଣିହାରି ଅଞ୍ଚଳର ସ୍କୁଲ ପିଲାଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ତେବେ ଏଭଳି ସ୍ଥିତିକୁ ଲକ୍ଷ୍ୟ କରି ତିନିଜଣ ଯୁବକ ଛାତ୍ରଛାତ୍ରୀଙ୍କୁ ଡଙ୍ଗାରେ ପାଠ ପଢ଼ାଉଛନ୍ତି। ଏମାନେ ବନ୍ୟାଞ୍ଚଳରେ ପିଲାଙ୍କୁ ଏଭଳି ଅଭିନବ ଢ଼ଙ୍ଗରେ ଶିକ୍ଷା ପ୍ରଦାନ କରୁଛନ୍ତି। ରବୀନ୍ଦ୍ର କୁମାର ମଣ୍ଡଳ, ପଙ୍କଜ କୁମାର ଶାହ ଓ କୁନ୍ଦନ କୁମାର ଶାହ ୪୦ ଜଣ ପିଲାଙ୍କୁ ଡଙ୍ଗାରେ ପଢ଼ାଉଛନ୍ତି। ଯାହା ଏବେ 'ନାୱ କି ପାଠଶାଳା' ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ଏହା ସହ ସେମାନେ ମାଗଣାରେ କୋଚିଂ ସେଣ୍ଟର ମଧ୍ୟ ପରିଚାଳନା କରୁଛନ୍ତି। ୪୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ ଜଣ ଆସନ୍ତା ବର୍ଷ ଦଶମ ପରୀକ୍ଷା ବି ଦେବେ। ସେହିପରି ଡଙ୍ଗାରେ ପଢ଼ାଇବା ସମୟରେ ସେମାନେ ଆବଶ୍ୟକ ସତର୍କତା ଅବଲମ୍ବନ କରନ୍ତି। ଏମାନଙ୍କ ଉଦ୍ଦେଶ୍ୟ ପିଲାଙ୍କୁ ଶିକ୍ଷାଦାନ ମାଧ୍ୟମରେ ସଶକ୍ତ କରାଇବା। କେବଳ ସେତିକି ନୁହେଁ, ପିଲାଙ୍କୁ ବହି, କଲମ, ପେନ୍‌ସିଲ ଆଦି ଅନ୍ୟାନ୍ୟ ଜିନିଷ ମଧ୍ୟ ମାଗଣାରେ ଯୋଗାଇଥାନ୍ତି। ସେମାନଙ୍କ ମତରେ ୬ମାସ ଧରି ଏହି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ପିଲାଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ଏହାର ଅନ୍ୟ କିଛି ବିକଳ୍ପ ନ ପାଇବାରୁ ଡଙ୍ଗା ପାଠଶାଳା ଅଭିଯାନ ଆରମ୍ଭ କରିଥିବା କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟସ୍ତ ବିବ୍ରତ ପାଇଁ କାର୍ଯ୍ୟ ତ୍ରୁଟି କରିପାରନ୍ତି। ଚାକିରିରେ ଦାୟିତ୍ୱବୋଧ ରହିବ। ମହିଳାମାନେ ପରିଶ୍ରମୀ ହେବେ। ବାଣିଜ୍ୟରେ ସଫଳ ହେବେ। ଶିକ୍ଷାର୍ଥୀ ନିଷ୍ଠାପର ରହିବ। **ଶୁଭ ଅଙ୍କ-୧, ଶୁଭ ରଙ୍ଗ-ଗୋଲାପୀ**

**ବୃଷ:** କୌଣସି କାର୍ଯ୍ୟ ପାଇଁ ଦୂରଯାତ୍ରା କରିପାରନ୍ତି। ଚାକିରିରେ ଅଭିଯୋଗରେ ସମ୍ମୁଖୀନ ହେବେ। ମହିଳାମାନେ ଚିନ୍ତାରେ ରହିବେ। ବାଣିଜ୍ୟରେ ପ୍ରତିବନ୍ଧକ ରହିବ। ଶିକ୍ଷାର୍ଥୀ ଭ୍ରମରେ ପଡିବେ। **ଶୁକ୍ର ଅଙ୍କ-୨, ଶୁଭ ରଙ୍ଗ-ଧଳା**

**ମିଥୁନ:** କର୍ମକ୍ଷେତ୍ରରେ ପ୍ରତାରଣା ପାଇପାରନ୍ତି। ଚାକିରିରେ ଅସହଯୋଗ ଦେଖାଦେବ। ରାଜନୀତିରେ ବିରୋଧୀ ବୃଦ୍ଧି ପାଇବେ। ବାଣିଜ୍ୟରେ ବିଶେଷ ଭଲ ହେବ ନାହିଁ। ଶିକ୍ଷାର୍ଥୀ ଅସ୍ଥିର ମନା ରହିବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ବାଇଗଣୀ**

**କର୍କଟ:** କୌଣସି ଗୁରୁତ୍ୱ କାର୍ଯ୍ୟ ତୁଲାଇ ଆଶ୍ୱସ୍ତି ହେବେ। ପ୍ରଶାସନିକ ମାନମର୍ଯ୍ୟାଦା ପ୍ରାପ୍ତି ହେବ। ମହିଳାମାନେ ଆତ୍ମନିର୍ଭରଶୀଳ ହେବେ। ବାଣିଜ୍ୟରେ ଉତ୍ତମ ଆୟ ହେବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୯, ଶୁଭ ରଙ୍ଗ-ଲାଲ୍**

**ସିଂହ:** କର୍ମକ୍ଷେତ୍ରରେ ବିରୁଦ୍ଧାଭାଷ ରହିବ। ଆର୍ଥିକ ସ୍ଥିତିର ସୁଧାର ଆସିବ। ମହିଳାମାନେ କର୍ମତତ୍ପର ରହିବେ। ବାଣିଜ୍ୟରେ ମନମୁତାବକ ଫଳ ମିଳିବ। ଶିକ୍ଷାର୍ଥୀ ପରିଶ୍ରମୀ ହେବେ। **ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ**

**କନ୍ୟା:** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ରହିବ। ସାଂସାରିକ ସୁଖମୟ ରହିବ। ପ୍ରଶାସନିକ ଲୋକପ୍ରିୟତା ବୃଦ୍ଧି ପାଇବ। ବାଣିଜ୍ୟରେ ସନ୍ତୋଷଜନକ ଫଳ ମିଳିବ। ଶିକ୍ଷାର୍ଥୀ ସଫଳତା ପାଇବେ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ସିଲଭର୍**

**ତୁଳା:** କର୍ମକ୍ଷେତ୍ରରେ ଧନସମ୍ମାନ ପ୍ରାପ୍ତି ହେବ। ସାଂସାରିକ ଭୁଲ ବୁଝାମଣା ରହିବ। ରାଜନୀତିରେ ପ୍ରତିଦ୍ୱନ୍ଦିତା ଦେଖାଦେବ। ବାଣିଜ୍ୟରେ ଆୟବ୍ୟୟ ସମାନ ରହିବ। ଶିକ୍ଷାର୍ଥୀ ଚିନ୍ତାରେ ରହିବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-କଳା**

**ବିଛା:** ଦିନଟି ଆଶାଜନକ ସଫଳତା ମିଳିବ। ଚାକିରିରେ ମାନମର୍ଯ୍ୟାଦା ବୃଦ୍ଧି ହେବ। ରାଜନୀତିରେ ନେତୃତ୍ୱ ବୃଦ୍ଧି ପାଇବ। ବାଣିଜ୍ୟରେ ସଞ୍ଚୟ ହେବ। ଶିକ୍ଷାର୍ଥୀ କୃତିତ୍ୱ ଅର୍ଜନ କରିବେ। **ଶୁଭ ଅଙ୍କ-୭, ଶୁଭ ରଙ୍ଗ-କଫି**

**ଧନୁ:** କର୍ମକ୍ଷେତ୍ରର ପରିସର ବୃଦ୍ଧି ପାଇବ। ପ୍ରଶାସନିକ ପ୍ରଭାବଶାଳୀ ରହିବେ। ରାଜନୀତିରେ ପ୍ରତିଷ୍ଠା ବୃଦ୍ଧି ପାଇବ। ବାଣିଜ୍ୟରେ ମନମୁତାବକ ଫଳ ପାଇବେ। ଶିକ୍ଷାର୍ଥୀ ଉତ୍ତୀର୍ଣ୍ଣ ହେବେ। **ଶୁଭ ଅଙ୍କ-୨, ଶୁଭ ରଙ୍ଗ-ସିଲଭର୍**

**ମକର:** ଉଦ୍ୟମ କରି ସଫଳ ହେବେ। ସାଂସାରିକ ଧର୍ମକର୍ମରେ ମନ ରହିବ। ଚାକିରିରେ କର୍ତ୍ତବ୍ୟନିଷ୍ଠ। ରହିବେ। ପରିବହନ ଓ ବାଣିଜ୍ୟରେ ଲାଭଜନକ ରହିବ। ଶିକ୍ଷାର୍ଥୀ ଅଧ୍ୟବସାୟୀ ରହିବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ବାଇଗଣୀ**

**କୁମ୍ଭ:** ଅଟକି ରହିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଚାକିରିରେ ଅବହେଳା ରହିବ। ରାଜନୀତିରେ ଶତୃବୃଦ୍ଧି ହେବେ। ମହିଳାମାନେ ହତାଦର ହେବେ। ବାଣିଜ୍ୟରେ ସମସ୍ୟା ରହିବ। ଶିକ୍ଷାର୍ଥୀ ଭ୍ରମରେ ପଡିବେ। **ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ**

**ମୀନ:** ଦିନଟି ସମସ୍ୟା ଭିତର ଦେଇ ଗତି କରିବେ। ସନ୍ତାନସନ୍ତତିଙ୍କୁ ନେଇ ଗୌରବାନ୍ୱିତ ହେବେ। ରାଜନୀତିରେ ଜନସେବାରେ ବ୍ରତୀ ହେବେ। ବାଣିଜ୍ୟରେ ଲାଭ ମିଳିବ। ଶିକ୍ଷାର୍ଥୀ କର୍ତ୍ତବ୍ୟନିଷ୍ଠ ରହିବେ। **ଶୁଭ ଅଙ୍କ-୨, ଶୁଭ ରଙ୍ଗ-ଧଳା**

ପଣ୍ଡିତ ଅଭିମନ୍ୟୁ ଦୀକ୍ଷିତ, ବାଲେଶ୍ୱର, ମୋ -୯୭୭୭୭୬୬୨୨୦




ସକାଳ
THE SAKALA
www.sakalaepaper.com




# ବିଳମ୍ବରେ ଓଡ଼ିଶା ଛାଡ଼ିବ ମୌସୁମୀ

ଭୁବନେଶ୍ୱର,୨୨।୯(ସମିସ): ଚଳିତ ବର୍ଷ ଅକ୍ଟୋବର ତୃତୀୟ ସପ୍ତାହ ପରେ ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ଅପସାରଣ ଆରମ୍ଭ ହେବ। ବର୍ତ୍ତମାନ ବଙ୍ଗୋପସାଗରରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହା ଦ୍ୱାରା ଘନଘନ ଲଘୁଚାପ ସୃଷ୍ଟି ହେଉଛି। ଫଳରେ ମୌସୁମୀ ଅପସାରଣ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ହୋଇପାରୁନାହିଁ। କିନ୍ତୁ ଅକ୍ଟୋବର ୭-୮ ପରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିବା ସହିତ ଦେଶରୁ ମୌସୁମୀ ଅପସାରଣ ଆରମ୍ଭ ହେବ। ଅପସାରଣ ଆରମ୍ଭ ହେବାବେଳକୁ ଅକ୍ଟୋବର ୨୩ ତାରିଖ ହୋଇଯାଇଥିବା ବୋଲି ଆଇଏମ୍‌ଡି ପକ୍ଷରୁ ପ୍ରକାଶ ପାଇଥିବା ବିସ୍ତାରିତ ପରିସର ଆକଳନରୁ ଜଣାପଡ଼ିଛି। ୧୫ ଅକ୍ଟୋବର ସୁଦ୍ଧା ମୌସୁମୀ ଓଡ଼ିଶା ଛାଡ଼ିଥାଏ।

ଚଳିତ ବର୍ଷ ଜୁନ୍ ୧୦ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଥିଲା। ହେଲେ ମୌସୁମୀ ଛୁଇଁବାର କିଛିଦିନ ପର୍ଯ୍ୟନ୍ତ ବର୍ଷା ଅନ୍ତର୍ଦ୍ଧାନ ହୋଇଯାଇଥିବା ବେଳେ ରାଜ୍ୟର ଅନେକ ଜିଲ୍ଲାରେ ଗଜା ମରୁଡ଼ି ଆଶଙ୍କା ଦେଖାଯାଇଥିଲା। ଅଗଷ୍ଟ ମାସରେ ସ୍ଥିତି ଅତ୍ୟନ୍ତ ବିଗିଡ଼ି ଥିବା ବେଳେ ସେପ୍ଟେମ୍ବରରେ ସ୍ଥିତିରେ ପରିବର୍ତ୍ତନ ଆସିଥିଲା। ଲଘୁଚାପ ପରେ ଲଘୁଚାପ ଯୋଗୁଁ ଆଜି ପର୍ଯ୍ୟନ୍ତ ଓଡ଼ିଶା ସମେତ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ସାଧାରଣ ଭାବେ ପ୍ରଥମେ ରାଜସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ସେପ୍ଟେମ୍ବର ମାସରୁ ହିଁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ହେଲେ ଚଳିତ ବର୍ଷ ଏବେ ସୁଦ୍ଧା ମୌସୁମୀ ସକ୍ରିୟ ରହିଥିବାରୁ ଅନେକ ସ୍ଥାନରେ ବର୍ଷା ଜାରି ରହିଛି। ପୂର୍ବ ବର୍ଷ ମାନଙ୍କର ରେକର୍ଡ ଦେଖିଲେ ଜଣାଯାଏ ଯେ, ଗତ ୨୦୦୭ ମସିହାରେ ସେପ୍ଟେମ୍ବର ୩୦ରୁ ମୌସୁମୀ ଫେରିବା ଆରମ୍ଭ ହୋଇଥିଲା। ସେହିପରି ୧୯୬୧ ମସିହାରେ ଅକ୍ଟୋବର ୧ ତାରିଖରେ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଥିଲା। ମାତ୍ର ୨୦୧୯ ବିଳମ୍ବ ହୋଇ ଅକ୍ଟୋବର ୧୫ ପରେ ମୌସୁମୀ ଓଡ଼ିଶା ଛାଡ଼ିଥିଲା। ଓଡ଼ିଶାରେ ପୂର୍ବରୁ ଅକ୍ଟୋବର ୧୫ ତାରିଖ ପାଖରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେଉଥିବା ବେଳେ ଚଳିତ ଏଥିରେ ବିଳମ୍ବ ହେବ ବୋଲି ଜଣାପଡ଼ିଛି।

## ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ ଗୁପ୍ତଚରୀ ପ୍ରସଙ୍ଗ

# ଲମ୍ବିପାରେ ଗିରଫ ତାଲିକା

କଟକ,୨୩।୯(ସମିସ): ବାଲେଶ୍ୱର ଚାନ୍ଦିପୁରସ୍ଥିତ ଡିଆରଡିଓରୁ ଗୁପ୍ତଚରୀ ଘଟଣାରେ ଅଭିଯୁକ୍ତମାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ଜେରା ଜାରି ରଖିଛି। ସେମାନଙ୍କ ନିକଟରୁ ଏପର୍ଯ୍ୟନ୍ତ ବହୁ ତଥ୍ୟ ହାସଲ କରିଛି କ୍ରାଇମ୍‌ବ୍ରାଞ୍ଚ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୁପ୍ତଚରୀରେ ଅନ୍ୟ କେତେକ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା କ୍ରାଇମ୍‌ବ୍ରାଞ୍ଚ ଜାଣିବାକୁ ପାଇଛି। ଆକାଉଣ୍ଟ ସଂକ୍ରାନ୍ତ ସବିଶେଷ ଯାଞ୍ଚ ବେଳେ ଆଉ କିଛି ବ୍ୟକ୍ତିଙ୍କ ସଂକ୍ରାନ୍ତରେ ସୁରାକ ମିଳିଛି। ସେମାନଙ୍କୁ ଏବେ ସ୍କାନରରେ ରଖି ଅଭିଯୁକ୍ତଙ୍କୁ ଏ ସଂକ୍ରାନ୍ତରେ ଅଧିକ ପଚରାଉଚରା ଚଳାଇଛି। ଯଦି ସ୍ପଷ୍ଟ ସମ୍ପୃକ୍ତି ମିଳେ ତେବେ ଗିରଫ ତାଲିକା ବଢ଼ିବା ନେଇ ଅନୁମାନ କରାଯାଉଛି। ଅନ୍ୟପକ୍ଷେ ମିରଟ ଲିଙ୍କ୍‌କୁ ଏବେ କ୍ରାଇମବ୍ରାଞ୍ଚ ଅଧିକ ଗୁରୁତ୍ୱ ଦେଇଛି। ସେଠାରେ କେତେକ ବ୍ୟକ୍ତି ଗୁପ୍ତଚର ସୃଷ୍ଟି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବାର ସୁରାକ ମିଳିଛି। ଆବଶ୍ୟକ ପଡ଼ିଲେ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ନିମନ୍ତେ ରାଜ୍ୟବାହାରକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଯାଇପାରେ ବୋଲି ଅନୁମାନ କରାଯାଉଛି। ଆଉ ମାତ୍ର ଗୋଟିଏ ଦିନ ଜେରା ବାକି ରହିଥିବା ବେଳେ ଅଭିଯୁକ୍ତମାନଙ୍କ ଅଧିକ ରିମାଣ୍ଡ ବୃଦ୍ଧି ପାଇଁ ଆବେଦନ କରିପାରେ କ୍ରାଇମ୍‌ବ୍ରାଞ୍ଚ। କ୍ରାଇମ୍‌ବ୍ରାଞ୍ଚକୁ ଏପର୍ଯ୍ୟନ୍ତ ଯୁବତୀ ଓ ଅର୍ଥକାରବାର ସଂକ୍ରାନ୍ତ ଠୋସ୍ ପ୍ରମାଣ



- କ୍ରାଇମବ୍ରାଞ୍ଚ ସ୍କାନର୍‌ରେ ଅନ୍ୟ କର୍ମଚାରୀ !
- ଯାଞ୍ଚ ଚାଲିଛି ଏକାଧିକ ଆକାଉଣ୍ଟ
- ଅର୍ଥକାରବାରକୁ ନେଇ ମିଳିଛି ଠୋସ୍ ପ୍ରମାଣ

ମିଳିସାରିଛି। ଏହାକୁ ଆଧାର କରି ମାୟାବିନୀ ସୁନ୍ଦରୀ ଯୁବତୀଙ୍କୁ ଧରିବା ଲାଗି ଟ୍ରାପ୍ ଆରମ୍ଭ ହୋଇଛି। ସମ୍ପୃକ୍ତ ସୁନ୍ଦରୀ ଯୁବତୀଙ୍କ ଲିଙ୍କ୍ ବିଦେଶକୁ ଲମ୍ବିଥିବା ସନ୍ଦେହ କରାଯାଉଛି। ତେବେ ସେମାନେ କାହାଦ୍ୱାରା ପରିଚାଳିତ ହେଉଛନ୍ତି ଏହା କ୍ରାଇମବ୍ରାଞ୍ଚ ପାଇଁ ବଡ ଚାଲେଞ୍ଜ ହୋଇଛି। ସମ୍ପୃକ୍ତ ୫ ଅଭିଯୁକ୍ତଙ୍କ ନିକଟରୁ ଆହୁରି ଅନେକ ତଥ୍ୟ ମିଳିପାରେ ବୋଲି କ୍ରାଇମ୍‌ବ୍ରାଞ୍ଚ ଆଶା ରଖିଛି।

ପ୍ରକାଶ ଥାଉକି, ଚାନ୍ଦିପୁର ପ୍ରତିରକ୍ଷା ଘାଟିରୁ ନିରାପତ୍ତା ସଂକ୍ରାନ୍ତ ତଥ୍ୟ ପ୍ରଘଟ ହେଉଥିବା ଜଣାପଡ଼ିଥିଲା। ଏହି ଅଭିଯୋଗରେ ବସନ୍ତ ବେହେରା ହେମନ୍ତ କୁମାର, ତାପସ ରଞ୍ଜନ ନାୟକ, ସେକ୍ ମସାଫିର ଓ ଆଇଟିଆର ସ୍ଥାୟୀ କର୍ମଚାରୀ ତଥା ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଉତ୍ତରପ୍ରଦେଶ ମିରଟର ସଚିନ୍ କୁମାର ଛତାକୁ ଗିରଫ କରାଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ୭ଦିନିଆ ରିମାଣ୍ଡରେ ଆଣି ଜେରା ଚଳାଇଛି।

## ଓଡ଼ିଶା ଆସୁଛନ୍ତି ପ୍ରଧାନ ବିଚାରପତି



ଭୁବନେଶ୍ୱର,୨୩।୯(ସମିସ): ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏନ୍.ଭି ରମ୍ମନା ଶୁକ୍ରବାରଠାରୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶନିବାର ଜଷ୍ଟିସ୍ ରମ୍ମନା ପୁରୀ ଗସ୍ତ କରିବା ସହ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ଶ୍ରୀଜୀଉଙ୍କ ଦର୍ଶନ କରିବେ ବୋଲି ଜଣାପଡ଼ିଛି। ପୁରୀ ଗସ୍ତ ପରେ ଜଷ୍ଟିସ୍ ରମ୍ମନା କଟକ ଗସ୍ତ କରି ସେଠାରେ ଆଇନ ସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ନେବା ପରେ ଜଷ୍ଟିସ୍ ରମ୍ମନା ପ୍ରଥମଥର ପାଇଁ ଓଡ଼ିଶା ଗସ୍ତରେ ଆସୁଥିବା ଜଣାପଡ଼ିଛି। ସେହିପରି ଶେଷଥର ପାଇଁ ଜଷ୍ଟିସ୍ ରମ୍ମନା ୨୦୨୦ ମସିହା ଜାନୁୟାରୀ ୨୫ ତାରିଖରେ ପୁରୀ ଆସି ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ।

## ଜଳଦ କୁମାର ତ୍ରିପାଠୀ ରାଜ୍ୟ ମୁଖ୍ୟ ସୂଚନା କମିସନର ନିଯୁକ୍ତ



ଭୁବନେଶ୍ୱର,୨୩।୯(ସମିସ): ତାମିଲନାଡୁ ପୂର୍ବତନ ଡିଜି ଜଳଦ କୁମାର ତ୍ରିପାଠୀଙ୍କୁ ରାଜ୍ୟ ମୁଖ୍ୟ ସୂଚନା କମିସନର ଭାବେ ନିଯୁକ୍ତ କରାଯାଇଛି। ଏନେଇ ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ସୁପାରିସ କମିଟିର ପ୍ରସ୍ତାବ କ୍ରମେ

**ପ୍ରକାଶ ପାଇଲା ବିଧିବଦ୍ଧ ବିଜ୍ଞପ୍ତି**

ଶ୍ରୀ ତ୍ରିପାଠୀଙ୍କୁ ରାଜ୍ୟ ମୁଖ୍ୟ ସୂଚନା କମିସନର ଭାବେ ନିଯୁକ୍ତି କରାଯାଇଛି। ଏହି ନିଯୁକ୍ତିକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅନୁମୋଦନ କରିସାରିଛନ୍ତି।

ଶ୍ରୀ ତ୍ରିପାଠୀ ତାମିଲନାଡୁ କ୍ୟାଡରର ୧୯୮୫ ବ୍ୟାଚ୍ ଭାରତୀୟ ପୁଲିସ୍ ସେବା(ଆଇପିଏସ୍) ଅଧିକାରୀ। ସେ ନିକଟରେ ତାମିଲନାଡୁ ପୁଲିସ୍ ଡିଜି ପଦରୁ ଅବସର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ତିରୁଚିଲ୍ଲାପଲ୍ଲୀ ଓ ଚେନ୍ନାଇ ମହାନଗରର ପୁଲିସ୍ କମିସନର ଭାବେ କାର୍ଯ୍ୟ କରିଥିଲେ। ଶ୍ରୀ ତ୍ରିପାଠୀ ୨୦୦୮ ମସିହାରେ ପ୍ରଥମ ଆଇପିଏସ୍ ଭାବେ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେସନ୍‌ରେ ଉଲ୍ଲେଖନୀୟ ସେବା ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ସଡ଼କ ସୁରକ୍ଷା ଦିଗରେ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ୨୦୧୯ ମସିହାରେ ସର୍ବୋତ୍କୃଷ୍ଟ ରାଜ୍ୟଭାବେ ତାମିଲନାଡୁକୁ ଭାରତ ସରକାର ପୁରସ୍କୃତ କରିଥିଲେ। ପୁଲିସ୍ ପ୍ରଶାସନରେ ଶୃଙ୍ଖଳିତ ସେବା ପ୍ରଦାନ ଓ ଜନତା-ପୁଲିସ୍ ମଧ୍ୟରେ ଅପୂର୍ବ ସମନ୍ୱୟ ପରିଚାଳନା କରି ଅର୍ନ୍ତଜାତୀୟସ୍ତରରେ ମଧ୍ୟ ସେ ପୁରସ୍କୃତ ହୋଇଛନ୍ତି।

# ହାତୀଗୋଠରେ ୨ ନୂଆ ଅତିଥି



ଚମ୍ପୁଆ,୨୩।୯(ସମିସ): ରାଜ୍ୟରେ ହାତୀ ମୃତ୍ୟୁକୁ ନେଇ ବନ୍ୟଜନ୍ତୁ ପ୍ରେମୀ ବ୍ୟଥିତ ହେଉଥିବା ବେଳେ କେନ୍ଦୁଝର ଜିଲ୍ଲାରୁ ଖୁସି ଖବର ଆସିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଜାମୁଦଲକ ଜଙ୍ଗଲରେ ଥିବା ହାତୀ ପଲ ମଧ୍ୟରୁ ୨ଟି ହାତୀ ଆଜି ସକାଳୁ ପ୍ରସବ କରିଛନ୍ତି। ଆଜି ଭୋରୁ ଭୋରୁ ହିଁ ୨ଟି ହାତୀ ଶାବକ ଜନ୍ମ ହୋଇଛନ୍ତି। କିନ୍ତୁ ଆଉ ଏକ ହାତୀ ପ୍ରସବ ନ କରିପାରି ସେଠାରେ ଛଟପଟ ହେଉଥିବା ଖବର ଆସିଛି। ବନ ବିଭାଗ ଓ

**ପ୍ରସବ ଯନ୍ତ୍ରଣାରେ ଛଟପଟ ଆଉଏକ ହାତୀ**

ପ୍ରାଣୀ ଚିକିତ୍ସକ ସେଠାରେ ଜଗିରହିଛନ୍ତି। ହାତୀଟି କଷ୍ଟରେ ମାଟିରେ ଗଡୁଥିବା ବେଳେ ଅନ୍ୟ ହାତୀମାନେ ସେଠାରେ ଘେରି ରହିଛନ୍ତି। ହାତୀ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିବା ସହିତ ହାତୀପଲ ଯେମିତି ହଇରାଣ ନ ହେବେ ସେଥିପାଇଁ ପୁଲିସ ଜଗିରହିଛି। ସୂଚନା ଅନୁସାରେ, କିଛିଦିନ ପୂର୍ବରୁ ୨୫ଟି ହାତୀ ମୟୂରଭଞ୍ଜରୁ ଚମ୍ପୁଆ ରେଞ୍ଜ ଅଞ୍ଚଳକୁ ପଶି ଆସିଥିଲେ।

# ପ୍ରଥମ ଡୋଜ୍ ନେଇ ଭୁଲିଗଲେ

ଭୁବନେଶ୍ୱର,୨୩।୯(ସମିସ): ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୨ କୋଟି ୮୭ ଲକ୍ଷ ଡୋଜ ଟିକା ଦିଆଯାଇ ସାରିଛି। ଏଥି ମଧ୍ୟରୁ ୨ କୋଟି ୧୦ ଲକ୍ଷ ପ୍ରଥମ ଡୋଜ ଦିଆଯାଇଥିବା ବେଳେ ୭୭ ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଛନ୍ତି। ଧାର୍ଯ୍ୟ ଲକ୍ଷ୍ୟର ୬୭ ପ୍ରତିଶତ ଲୋକ ପ୍ରଥମ ଡୋଜ ନେଇସାରଛନ୍ତି ବୋଲି ପରିବାର କଲ୍ୟାଣ ସଚିବ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଦିତ୍ୱୀୟ ଡୋଜ୍ ପାଇଁ ଧାର୍ଯ୍ୟ ତାରିଖ ସୁଦ୍ଧା ୭୨ ପ୍ରତିଶତ ଲୋକ ସେମାନଙ୍କ ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଥିବା ବେଳେ ବାକି ୨୮ ପ୍ରତିଶତ ସଠିକ୍ ଟାଇମ୍‌ରେ ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି ବୋଲି ଡ. ପାଣିଗ୍ରାହୀ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ ଯେଉଁମାନେ ଦ୍ୱିତୀୟ ଡୋଜ୍ ଟାଇମ୍‌ରେ ନେଇ ନାହାନ୍ତି, ସେମାନଙ୍କର ଜିଲ୍ଲାୱାରୀ ତାଲିକା ପ୍ରସ୍ତୁତ ହୋଇଛି। ସେମାନେ କିପରି ଆସି ଟିକା ନେବେ ତାହାର ପଦକ୍ଷେପ ନିଆଯିବ। ତେବେ ଏହି କ୍ଷେତ୍ରରେ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଦ୍ୱିତୀୟ ଡୋଜ୍ ଟିକା ନେଇ ନ ଥିବା ପ୍ରତିଶତ ଅଧିକ ରହିଛି। ଆଶା ଓ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଏହି ଦାୟିତ୍ୱ ଦିଆଯିବ ଓ ରହିଯାଇଥିବା ଲୋକମାନଙ୍କୁ

- ୨୮ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇନାହାନ୍ତି
- ୩ କୋଟି ଛୁଇଁବ ମୋଟ୍ ଟିକାକରଣ
- ୨ କୋଟି ନେଲେଣି ପ୍ରଥମ ଡୋଜ୍
- ଉଭୟ ଡୋଜ ନେଇଛନ୍ତି ୭୭ ଲକ୍ଷ
- ୬୪୪ ନୂଆ ଆକ୍ରାନ୍ତ ଚିହ୍ନଟ, ୭୨ ଶିଶୁ

ଟିକା ନେବା ପାଇଁ ଉତ୍ସାହିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପଟେ ଗୁରୁବାର ରାଜ୍ୟରୁ ୬୪୪ ଜଣ କରୋନା ଆକ୍ରାନ୍ତ ବାହାରିଛନ୍ତି। ସେମାନଙ୍କ ମଧ୍ୟରୁ ୦-୧୮ ବର୍ଷ ବର୍ଗରେ ୭୨ ଜଣ ଚିହ୍ନଟ ହୋଇଛନ୍ତି। ୬୪୪ ଆକ୍ରାନ୍ତଙ୍କ ମଧ୍ୟରୁ ୩୭୫ ଜଣ କ୍ୱାରେଣ୍ଟାଇନରୁ ବାହାରିଥିବା ବେଳେ ବାକି ୨୬୯ ଜଣ ସ୍ଥାନୀୟ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୮୩ ଜଣ ଚିହ୍ନଟ ହୋଇଛନ୍ତି। ଅନୁଗୋଳ ଜିଲ୍ଲାରୁ ୧୪ ଜଣ ବାହାରିଥିବା ବେଳେ ବାଲେଶ୍ୱରରୁ ୩୪, କଟକରୁ ୭୭, ଜଗତସିଂହପୁରରୁ ୨୮, ଯାଜପୁରରୁ ୨୦, କେନ୍ଦ୍ରାପଡ଼ାରୁ ୧୧, ମୟୂରଭଞ୍ଜରୁ ୧୫, ପୁରୀରୁ ୨୨, ସମ୍ବଲପୁରରୁ ୧୦, ସୁନ୍ଦରଗଡ଼ରୁ ୧୩ ଜଣ ଅଛନ୍ତି। ବାକି ସମସ୍ତ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୨ ଅଙ୍କ ତଳେ ରହିଛି। ଏହି ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୨ ହଜାର ୫୯୪ରେ ପହଞ୍ଚିଛି। ଗୁରୁବାର ୪୧୭ ଜଣ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ୍ ସୁସ୍ଥ ସଂଖ୍ୟା ବୃଦ୍ଧି ପାଇ ୧୦ ଲକ୍ଷ ୯ ୮୮ରେ ପହଞ୍ଚିଛି। ସେହିପରି ଆଉ ୭ ଜଣ କରୋନାରେ ପ୍ରାଣ ହରାଇବା ପରେ ରାଜ୍ୟରେ ମୋଟ କରୋନା ଜନିତ ମୃତ ସଂଖ୍ୟା ୮ ହଜାର ୧୫୭କୁ ବୃଦ୍ଧି ପାଇଛି।

# ଓଡ଼ିଆ ମହିଳାଙ୍କୁ ଷଡ଼େଇକଳା ପୁଲିସର ଅସଦାଚରଣ

ବାରିପଦା,୨୩।୯(ସମିସ): ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ଷଡ଼େଇକଳାରେ ନ୍ୟାୟ ପାଇଁ ଧାରଣାରେ ବସିଥିବା ଜଣେ ଓଡ଼ିଆ ମହିଳାଙ୍କୁ ଅସଦାଚରଣ ସହ ତାଙ୍କ ମାମୁଙ୍କୁ ନିସ୍ତୁକ ମାଡ଼ ମାରିଛି ପୁଲିସ। ଏହା ସହ ଏସବୁ ଘଟଣାକୁ କ୍ୟାମେରାରେ

- ମହିଳାଙ୍କ ମାମୁ ଓ ସାମ୍ବାଦିକଙ୍କୁ ମାଡ଼
- ହସ୍ତକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ



ସୁଟିଂ କରିଥିବା ଓଡ଼ିଆ ସାମ୍ବାଦିକଙ୍କୁ ମଧ୍ୟ ସେଠାକାର ପୁଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପ୍ରଶାସନ ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ନ୍ୟାୟ ପାଇଁ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି।

କିଛିଦିନ ତଳେ ଷଡ଼େଇକଳା ନିକଟ ରୁଗୁଡିସାହି ଗାଁର ଜଣେ ୨୨ବର୍ଷର ଓଡ଼ିଆ ଯୁବକଙ୍କ ରହସ୍ୟଜନକ ମୃତ୍ୟୁ ଘଟିଥିଲା। ତଦନ୍ତ ଦାବିରେ ମୃତକଙ୍କ ପରିବାର ଧାରଣାରେ ବସିଥିବା ବେଳେ ଷଡ଼େଇକଳା ଥାନା ଓ ଗମ୍ଭାରିଆ ଫାଣ୍ଡି ପୁଲିସ ପୀଡ଼ିତଙ୍କ ପରିବାରକୁ ବୁଝାସୁଝା କରିବା ପରିବର୍ତ୍ତେ ହଠାଇବା ପାଇଁ ବଳପ୍ରୟୋଗ କରିଥିଲା। ମୃତକଙ୍କ ବିବାହିତା ଭଉଣୀଙ୍କୁ ଅସଦାଚରଣ କରିବା ସହ ତାଙ୍କ ମାମୁଁଙ୍କୁ ନିସ୍ତୁକମାଡ଼ ମାରିଥିଲା ସେଠାକାର ପୁଲିସ। ମାଡ଼ ମାରିବାର ଫଟୋ ଉଠାଇଥିବା କିଛି ସାମ୍ବାଦିକଙ୍କୁ ମଧ୍ୟ ପୁଲିସ ଦୁର୍ବ୍ୟବହାର କରିଥିଲା। ଗୋଲକ ବିହାରୀ ନାମକ ଜଣେ ଓଡ଼ିଆ ସାମ୍ବାଦିକଙ୍କଠାରୁ ଫାଣ୍ଡି ଅଧିକାରୀ କ୍ୟାମେରା ନେଇଯିବା ସହିତ ଅଶ୍ରାବ୍ୟ ଭାଷା ପ୍ରୟୋଗ କରିଥିବା ସେ ଅଭିଯୋଗ କରିଛନ୍ତି। ଗମ୍ଭାରିଆ ଫାଣ୍ଡି ଅଧିକାରୀଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ସାମ୍ବାଦିକ ୨ ଦିନ ଅନଶନରେ ବସିବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ ସମ୍ପୃକ୍ତ ଫାଣ୍ଡି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପରିବର୍ତ୍ତେ ମାତ୍ର ୫ ଦିନ ଛୁଟିରେ ପଠାଇ ଦିଆଯାଇଛି।

ଏହାର ପ୍ରତିବାଦରେ ଝାଡ଼ଖଣ୍ଡ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ସାମ୍ବାଦିକ ସଂଘ ପକ୍ଷରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ସ୍ଥିର ହୋଇଥିବା ଜଣାପଡ଼ିଛି। ଓଡ଼ିଆ ସାମ୍ବାଦିକଙ୍କର ସୁରକ୍ଷା ଏବଂ ଅଣଓଡ଼ିଆ ଅଧିକାରୀଙ୍କ ଓଡ଼ିଆ ଲୋକ ଓ ସାମ୍ବାଦିକଙ୍କ ସହିତ ଦୁର୍ବ୍ୟବହାର ବିରୋଧରେ ଏବଂ ଷଡ଼େଇକଳା-ଖରସୁଆଁ ପରି ଦୁଇଟି ଖାଣ୍ଟି ଓଡ଼ିଆ ଗଡ଼ଜାତ ରାଜ୍ୟକୁ ଓଡ଼ିଶାକୁ ପୁଣି ଫେରାଇ ଆଣିବା ପାଇଁ ଷଡ଼େଇକଳାର ବରିଷ୍ଠ ଓଡ଼ିଆ ସାମ୍ବାଦିକ କାର୍ତ୍ତିକ କୁମାର ପରିଚ୍ଛା ଦାବି କରିଛନ୍ତି।

## ■ ବଗଲା ଧର୍ମଶାଳା ଜମି ବିକ୍ରି ପ୍ରସଙ୍ଗ

# ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ଜମି ସମ୍ପର୍କିତ ନିଷ୍ପତ୍ତି: ହାଇକୋର୍ଟ

କଟକ,୨୩।୯(ସମିସ): ପୁରୀର ବଗଲା ଧର୍ମଶାଳା ଜମି ବିକ୍ରିକୁ ବିରୋଧ କରି ଦାୟର ମାମଲାରେ ଆଜି ହାଇକୋର୍ଟ ଶୁଣାଣି କରିଛନ୍ତି। ଜମି ବିବାଦ ସମ୍ପର୍କିତ ନିଷ୍ପତ୍ତି ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ହାଇକୋର୍ଟ କହିଛନ୍ତି। ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ରଙ୍କ ପକ୍ଷରୁ ଦାୟର ଏହି ମାମଲାର ଶୁଣାଣି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ବି.ପି.ରାଉତରାୟ ଖଣ୍ଡପୀଠ ଶୁଣାଣି କରିଥିଲେ। ଏହି ମାମଲାରେ ସତ୍ୟପାଠ ଦାଖଲ ପାଇଁ ଶ୍ରୀମନ୍ଦିର ପ୍ରଶାସନ ସମୟ ନେଇଛି। ଜଗନ୍ନାଥ ବସ୍ତିଆ ଓ ଡକ୍ଟର ସଂବିତ ପାତ୍ରଙ୍କ ପକ୍ଷରୁ ଦାୟର ବଗଲା ଧର୍ମଶାଳା ଜମି ସଂକ୍ରାନ୍ତ ଜନସ୍ୱାର୍ଥ ମାମଲାର ଏକତ୍ର ଶୁଣାଣି ହୋଇଆସୁଛି। ଆସନ୍ତା ଡିସେମ୍ବର ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି। ସୂଚନାଥାଉକି ପୁରୀ ଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିବା ବେଳେ ବଗଲା ଧର୍ମଶାଳା ଜମିକୁ ହୋଟେଲ ଓ ଲଜ ମାଲିକଙ୍କୁ ଦେବା ପ୍ରସଙ୍ଗକୁ ନେଇ ୨୦୧୯ ରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଭକ୍ତଙ୍କ ରହିବା ଲାଗିଥିବା ଧର୍ମଶାଳାର ଜମିକୁ ହୋଟେଲ ଓ ଲଜ୍ ମାଲିକଙ୍କୁ ଦେବା ପାଇଁ ଯୋଜନା କରିବା ଗ୍ରହଣୀୟ ନୁହେଁ ବୋଲି ଆବେଦନରେ ଦର୍ଶାଯାଇଥିଲା।

## ଯୁକ୍ତ ଦୁଇ ସ୍ୱତନ୍ତ୍ର ପରୀକ୍ଷା ପାଇଁ ୧୮୫ କେନ୍ଦ୍ର

ଭୁବନେଶ୍ୱର,୨୩।୯(ସମିସ): ଯୁକ୍ତ ଦୁଇ ସ୍ୱତନ୍ତ୍ର ପରୀକ୍ଷା ଅକ୍ଟୋବର ୧ରୁ ଆରମ୍ଭ ହେବ। ୧୩ହଜାର ୪୩ ପରୀକ୍ଷାର୍ଥୀ ମୋଟ୍ ୧୮୫ଟି କେନ୍ଦ୍ରରେ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପ୍ରତିଦିନ ପରୀକ୍ଷା ସକାଳ ୧୦ଟାରେ ଆରମ୍ଭ ହୋଇ ୧ଟା ଯାଏଁ ଚାଲିବ। ପ୍ରାକ୍ଟିକାଲ ରେକର୍ଡ ଦାଖଲ ପ୍ରକ୍ରିୟା ଆସନ୍ତା ୨୯ ତାରିଖ ଯାଏଁ ଚାଲିବ। ରବିବାରରେ ମଧ୍ୟ ପରୀକ୍ଷା ହେବ।

ବାଲେଶ୍ୱର ଜିଲ୍ଲାରେ ୧୦ଟି ପରୀକ୍ଷା କେନ୍ଦ୍ର ଚିହ୍ନଟ ହୋଇଥିବାବେଳେ ଭଦ୍ରକରେ ୫, ବଲାଙ୍ଗିରରେ ୯, ସୋନପୁରରେ ୫, ଜଗତସିଂହପୁର ୬, କଟକ ଜିଲ୍ଲାରେ ୧୨ଟି ଆଦି ବିଭିନ୍ନ ଜିଲ୍ଲାରେ ମୋଟ୍ ୧୮୫ଟି ପରୀକ୍ଷା କେନ୍ଦ୍ର ଚିହ୍ନଟ କରାଯାଇଥିବା (ସିଏଚଏସଇ) ପକ୍ଷରୁ ସୂଚନା ଦିଆଯାଇଛି।

# ଯୁକ୍ତ ତିନି ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ତାଲିକା ପ୍ରକାଶିତ

**ବିଜେବି କଲେଜର କଟ୍‌ଅଫ୍ ସର୍ବାଧିକ**

ଭୁବନେଶ୍ୱର,୨୩।୯(ସମିସ): ବିଭିନ୍ନ ଡିଗ୍ରି କଲେଜରେ ଯୁକ୍ତ ୩ ନାମଲେଖା ପାଇଁ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ପ୍ରକାଶ ପାଇଛି। କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ୪୦ହଜାର ୬୧୧ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। କଳାରେ ମୋଟ ୨୩ ହଜାର ୩୪୬ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଥିବାବେଳେ ବାଣିଜ୍ୟରେ ୩ହଜାର ୭୩୧, ଫିଜିକାଲ ସାଇନ୍ସରେ ୬ହଜାର ୯୪୪, ବାୟୋଲୋଜିକାଲ ସାଇନ୍ସରେ ୫ହଜାର ୨୮୮, ସେଲ୍‌ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ୪୮୫ ଏବଂ ସଂସ୍କୃତରେ ୨୩୭ଜଣ ଦ୍ୱିତୀୟ ପର୍ଯ୍ୟାୟରେ ନାମଲେଖାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ କଳା, ବାଣିଜ୍ୟ ଓ ବିଜ୍ଞାନ ଭଳି ସମସ୍ତ ବିଭାଗରେ ବିଜେବି ସ୍ୱୟଂ ଶାସିତ କଲେଜର କଟ୍‌ଅଫ୍ ସର୍ବାଧିକ ରହିଛି। ରାଜ୍ୟର +୩ କଲେଜ ଗୁଡ଼ିକରେ ମୋଟ୍ ୨ଲକ୍ଷ ୪୯ହଜାର ୬୦୩ ସିଟ୍ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୧୫ହଜାର ୯୭୨ ଜଣ ନାମଲେଖାଇଥିଲେ। ଅବଶିଷ୍ଟ ୧ଲକ୍ଷ ୩୩ ହଜାର ୬୩୧ ସିଟ୍ ବଳକା ରହିଥିଲା। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ନାମଲେଖା ଲାଗି ଆବେଦନ କରିଥିଲେ ବି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମାତ୍ର ୪୦ ହଜାର ୬୧୧ ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ସେପ୍ଟେମ୍ବର ୨୩ରୁ ୨୭ ତାରିଖ ରାତି ୧୧ଟା ୪୫ ମିନିଟ୍ ଯାଏଁ ସାମ୍ସ ପୋର୍ଟାଲ ଜରିଆରେ ଅନଲାଇନ୍‌ରେ ଫି ଦାଖଲ କରିବେ। ସେପ୍ଟେମ୍ବର ୨୪ ରୁ ୨୮ ତାରିଖରେ ଯାଏଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଚାଲିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

**ଫୋକସ୍‌ରେ ଅଣଧାନ ଚାଷ**

# ମିଠା ଆଳୁ ଉତ୍ପାଦନରେ ଓଡ଼ିଶା ଏକ ନମ୍ବର

ଭୁବନେଶ୍ୱର,୨୩।୯(ସମିସ): ୨୦୧୯-୨୦ ବର୍ଷ ଉଦ୍ୟାନ ଚାଷ ବିବରଣୀ ଅନୁସାରେ ଓଡ଼ିଶା ମିଠା ଆଳୁ ଉତ୍ପାଦନରେ ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି। ସେହିପରି ବାଇଗଣ ଉତ୍ପାଦନରେ ରାଜ୍ୟ ଦେଶରେ ଦ୍ୱିତୀୟ, ଫୁଲକୋବି, ଭେଣ୍ଡି, ଟମାଟୋ ଉତ୍ପାଦନରେ ପଞ୍ଚମ ଏବଂ ଲାଉ ଉତ୍ପାଦନରେ ୬ଷ୍ଠ ସ୍ଥାନ ଅଧିକାର କରିଛି। ଅନୁରୂପ ଭାବେ ଉତ୍ପାଦନରେ ଜାମୁ ଉତ୍ପାଦନରେ ଦ୍ୱିତୀୟ, ଲେମ୍ବୁରେ ୫ମ, ତରଭୁଜରେ ପଞ୍ଚମ, ସପେଟାରେ ସପ୍ତମ, ଆମ୍ବ ଉତ୍ପାଦନରେ ନବମ ସ୍ଥାନ ହାସଲ କରିପାରିଛି। ଓଡ଼ିଶା ପୂର୍ବରୁ ଚାଉଳ, କ୍ଷୀର, କୁକୁଡ଼ା, ମାଛ ଯାଆଁଳ ଆଦି କ୍ଷେତ୍ରରେ ପୂର୍ବାପେକ୍ଷା ଅଧିକ ଆତ୍ମନିର୍ଭରଶୀଳ ହୋଇପାରିଛି। ଆଗାମୀ ଦିନରେ ରାଜ୍ୟକୁ ପନିପରିବା ପନିପରିବା ଏବଂ ଫଳ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭେଦୀ ଏବଂ ସମୟାନୁବନ୍ଧିତ କାର୍ଯ୍ୟ-ପନ୍ଥା ନିର୍ଦ୍ଧାରଣ କରାଯାଉଛି।

ଆଗାମୀ ଦିନରେ ଅଣ-ଧାନ ଚାଷରେ ରାଜ୍ୟକୁ ଆତ୍ମ ନିର୍ଭରଶୀଳ କରିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ରାଜ୍ୟରେ ଫଳ ଓ ପନିପରିବା ଚାଷ ସମ୍ବନ୍ଧିତ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ। ଫଳ ଓ ପନିପରିବା ଚାଷ ପାଇଁ ଓଡ଼ିଶାରେ ଥିବା ବହୁ ସମ୍ଭାବନା ଓ ସମ୍ବଳ ବିଷୟ ଉଲ୍ଲେଖ କରି ବିଭିନ୍ନ ଜିଲ୍ଲାର କୃଷି-ଜଳବାୟୁ ଓ ମୃତ୍ତିକା ସଂରଚନା ଆଦି ଭିତ୍ତିରେ ଲକ୍ଷ୍ୟଭେଦୀ କାର୍ଯ୍ୟ-ଯୋଜନା ପ୍ରସ୍ତୁତ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଅଣ-ଧାନ ଚାଷରେ ଲକ୍ଷ୍ୟ ହାସଲ କରିବା ପାଇଁ ଫଳ ଓ ପନିପରିବାର ଆଧୁନିକ ଚାଷ ପ୍ରଣାଳୀ, ବାର୍ଷିକ ଆୟ ଆଦି ବିଷୟରେ କୃଷକମାନଙ୍କୁ ଅନୁପ୍ରେରଣା ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି।



- ବାଇଗଣ ଉତ୍ପାଦନରେ ଦ୍ୱିତୀୟ
- ଭେଣ୍ଡି, କୋବି, ଟମାଟୋରେ ପଞ୍ଚମ
- ଫଳ, ପନିପରିବାରେ ଆତ୍ମନିର୍ଭରଶୀଳ
- ଜଳବାୟୁକୁ ଦେଖି ଯୋଜନା ନିର୍ଦ୍ଦେଶ

ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଫୁଲ କୋବି, ବନ୍ଧା କୋବି, ଟମାଟୋ, ଆଳୁ, ପିଆଜ ଆଦି ଜାତୀୟ ପରିବା ଏବଂ କଦଳୀ, ଅମୃତଭଣ୍ଡା, ପିଜୁଳି ଓ ଲେମ୍ବୁ ଆଦି ଫଳ ଉତ୍ପାଦନ ବଢ଼ାଇବା ପାଇଁ କୃଷି ବିଭାଗକୁ ପରାମର୍ଶ ଦେଇଥିଲେ। ଲକ୍ଷ୍ୟଭେଦୀ କାର୍ଯ୍ୟଯୋଜନା ପ୍ରସ୍ତୁତି ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର(ଏପିସି) ରାଜକୁମାର ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା।

କୃଷି ସଚିବଙ୍କ ସୂଚନାନୁଯାୟୀ, ଓଡ଼ିଶାରେ ସାଧାରଣତଃ କଦଳୀ, ଆମ୍ବ, ପିଜୁଳି, ଅମୃତଭଣ୍ଡା, ଲେମ୍ବୁ, ସାପେଟା, ସପୁରୀ, ତରଭୁଜ, ଜାମୁ ଆଦି ଫଳ, ଏବଂ, ବାଇଗଣ, ଭେଣ୍ଡି, ଟମାଟୋ, ଆଳୁ, ପିଆ।।ଜ, ପାଣିକଖାରୁ, ଲାଉ, ମୂଳା ଓ କନ୍ଦମୂଳ ଜାତୀୟ ପରିବା, ଫୁଲକୋବି, ବନ୍ଧାକୋବି, ବିନ୍ ଓ ଛୁଇଁ ଆଦି ପନିପରିବା ବେଶି ପରିମାଣରେ ଉତ୍ପାଦିତ ହୁଏ। ତେଣୁ ଏହାକୁ ଲକ୍ଷ୍ୟ କରି କାର୍ଯ୍ୟପନ୍ଥା ସ୍ଥିରୀକୃତ କରାଯିବ। ସେହିପରି ଉଦ୍ୟାନ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା କହିଛନ୍ତି ଯେ, ଲଗାତାର ପ୍ରୋତ୍ସାହନ ମୂଳକ ପ୍ରଚେଷ୍ଟା ଯୋଗୁ ରାଜ୍ୟ ପନିପରିବା ଓ ଫଳ ଉତ୍ପାଦନରେ ଜାତୀୟସ୍ତର ମାନ୍ୟତା ହାସଲ କରିପାରିଛି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ବିଶେଷ ଚାହିଦା ଥିବା ଏବଂ ଓଡ଼ିଶାର ଜଳବାୟୁ ଓ ମୃତ୍ତିକା ଅନୁକୂଳ ଅଳ୍ପ ସଂଖ୍ୟକ ଫଳ ଓ ପନିପରିବା ନେଇ କାର୍ଯ୍ୟ-ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

## ମହିଳାଙ୍କ ଆକସ୍ମିକ ମୃତ୍ୟୁ

କୁଜଙ୍ଗ,୨୩।୯ (ସମିସ): ପଙ୍କପାଳ ପଞ୍ଚାୟତର ଅଧାଗଡ଼ା ଗ୍ରାମରେ ଆଜି ଜଣେ ମହିଳାଙ୍କ ଆକସ୍ମିକ ମୃତ୍ୟୁ ହୋଇଛି । ମୃତ ମହିଳା ହେଉଛନ୍ତି ଯୁବ ଇଂ ସଞ୍ଜୟ କୁମାର ଓଝାଙ୍କ ପତ୍ନୀ ପ୍ରମିଳା ଓଝା (୩୫) । ସଞ୍ଜୟ କଟକର ଏକ ଘରୋଇ ସଂସ୍ଥାରେ କମ କରନ୍ତି । ସେ ପ୍ରତିଦିନ ଭଳି ଆଜି ନିଜ କର୍ମକ୍ଷେତ୍ରକୁ ଯିବା ପରେ ତାଙ୍କ ପତ୍ନୀ ଅସୁସ୍ଥ ହୋଇ ପଡ଼ିଲେ । ତାଙ୍କୁ ତୁରନ୍ତ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତ ପ୍ରମିଳାଙ୍କ ଭାଇ ପ୍ରଶାନ୍ତ ମହାରଣା ଏ ସମ୍ପର୍କରେ କୁଜଙ୍ଗ ଥାନାରେ ଅଭିଯୋଗ କରିବା ପରେ ତାଙ୍କ ଶବ କୁଜଙ୍ଗରେ ବ୍ୟବଛେଦ କରାଯାଇ ପଙ୍କପାଳରେ ଶେଷକୃତ କରାଯାଇଛି ।

## ଧର୍ମପ୍ରାଣାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କୁଜଙ୍ଗ,୨୩।୯ (ସମିସ): କୁଜଙ୍ଗ ବ୍ଲକ ପୋତାନଇ ପଞ୍ଚାୟତ ଓକଲା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ଦାଶଙ୍କ ପତ୍ନୀ ମମତା ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସତ୍ୟବ୍ରତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଶ୍ୟାମସୁନ୍ଦର ଦାଶ, ଶ୍ରମିକ ନେତା ବିଷ୍ଣୁଚରଣ ମୁଦୁଲି, ବାବାଜୀ ଲେଙ୍କା, ମୁରଲୀଧର ଲେଙ୍କା, ବାବୁରାମ ପରିଡ଼ା, ମାନସ ଲେଙ୍କା, ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଏହି ଧର୍ମପ୍ରାଣାଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ପରୋପକାର ଗୁଣ, ସହନଶୀଳତା ଓ ପଡୋଶୀଙ୍କ ସହ ଉତ୍ତମ ସମ୍ପର୍କକୁ ମନେ ପକାଇଥିଲେ ।

## ବିଜେଡି ଯୁବ ସଙ୍ଗଠକଙ୍କ ପକ୍ଷରୁ ରେସନ ସାମଗ୍ରୀ ପ୍ରଦାନ



ବାଲିକୁଦା,୨୩।୯ (ସମିସ): ବାଲିକୁଦା ବ୍ଲକ ଥାଇଲ ପଞ୍ଚାୟତର ବିଜେଡି ଯୁବ ସଙ୍ଗଠକ ହେମନ୍ତ କୁମାର ମହାନ୍ତି ଓ ରାଜ୍ୟ ଯୁବ ବିଜେଡି ସଂଗଠନ ସମ୍ପାଦକ କମଳାକାନ୍ତ ମହାପାତ୍ର ପଞ୍ଚାୟତର ଅଲିକଣ୍ଡା ଗ୍ରାମ ଉଦୁପୁର ଦଳିତ ସାହିର୧୦୩ ପରିବାରକୁ ରେସନ ସାମଗ୍ରୀ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ଏହି ପରିବାରମାନେ ଗତ ଲଘୁଚାପଜନିତ ଲଗାଣ ବର୍ଷାରେ ପାଣି ଘେରରେ ରହିବା ସହ ଘରେ ପାଣି ପଶି ରହିଥିବାରୁ ରୋଷେଇ କରିବା ସମ୍ଭବ ହେଉନଥିଲା । ତେଣୁ ଖବର ପାଇ ଶ୍ରୀ ମହାନ୍ତି ଉକ୍ତ ପରିବାର ମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ଭଲ ମନ୍ଦ ବୁଝିବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଏଥିରେ ପଞ୍ଚାୟତର ସମିତି ସଭ୍ୟ ପ୍ରଫୁଲ୍ଲ ବାହାଲିଆ,କୃଷ୍ଣଚନ୍ଦ୍ର ବେହେରା, ସନ୍ତୋଷ ଦାସ, ଉମେଶ ମଲ୍ଲିକ, ସୁବ୍ରତ ବେଗ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଶ୍ରୀ ମହାନ୍ତି ଅଡଙ୍ଗା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର କର୍କଟରୋଗରେ ପୀଡ଼ିତ ଦଳିତ ନରେନ୍ଦ୍ର ମଳିକଙ୍କ ପରିବାରକୁ ଭେଟି କିଛି ଆର୍ଥିକ ସହାୟତା ସହ ଏକ ମାସର ରେସନ ସାମଗ୍ରୀ ପ୍ରଦାନ କରିଥିଲେ ।

## ୧୧ କରୋନା ସଂକ୍ରମିତ ଚିହ୍ନଟ

କେନ୍ଦ୍ରାପଡ଼ା, ୨୩।୯ (ସମିସ) : କେନ୍ଦ୍ରାପଡ଼ା ଜିଲ୍ଲାରେ ଗୁରୁବାର ୧୧ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେଥିରୁ ଆଳି ବ୍ଲକରେ ୨ଜଣ, ଡେରାବିଶ ବ୍ଲକରେ ଜଣେ, ଗରଦପୁର ବ୍ଲକରେ ଜଣେ, କେନ୍ଦ୍ରାପଡ଼ା ବ୍ଲକରେ ୩ଜଣ, ମାର୍ଶାଘାଇ ବ୍ଲକରେ ଜଣେ, ପଟ୍ଟାମୁଣ୍ଡାଇ ବ୍ଲକରେ ଜଣେ ଓ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ୨ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି ।

# ଲୁଣାନଦୀ ପୁନରୁଦ୍ଧାର ହେଲେ ମଧୁର ହେବ ଗୋବରୀ ଜଳ

**ମହାକାଳପଡ଼ା, ୨୩।୯ (ସମିସ)**

ମହାକାଳପଡ଼ା ବ୍ଲକରେ ଗୋବରୀ ନଦୀ ହଜାର ବାଙ୍କ ହୋଇ ବିଭିନ୍ନ ଗାଁ ଦେଇ ପ୍ରବାହିତ ହେଉଛି । ନଦୀ କୂଳରେ ଥିବା ଚାଷଜମି ବର୍ଷସାରା ଶସ୍ୟଶ୍ୟାମଳା ହେବା ସହ ଏ ଅଞ୍ଚଳର ଚାଷୀ ଭଲରେ ଦି'ପଇସା ରୋଜଗାର କରିପାରୁଥିଲା । କାଳକ୍ରମେ ଗୋବରୀ ନଦୀ ପଙ୍କ ଓ ଦଳରେ ଭର୍ତ୍ତି ହେବା ସାଙ୍ଗକୁ ଖରାଦିନେ ନଦୀର ଜଳ ଲବଣାକ୍ତ ହୋଇଯାଉଛି । ଫଳରେ ସେସବୁ ଜମିରେ ଆଉ ସବୁଦିନିଆ ଫସଲ କରିବା ସମ୍ଭବପର ହେଉନାହିଁ । ଯାହା କି ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ତେଣୁ ମୃତ ଲୁଣାନଦୀକୁ ପୁନରୁଦ୍ଧାର କରି ଗୋବରୀ ସହିତ ସଂଯୋଗ କରାଗଲେ ଗୋବରୀ ନଦୀର ଜଳ ମଧୁର ହୋଇପାରିବ । ଯାହାଫଳରେ ଗୋବରୀ ନଦୀ ଦଳମୁକ୍ତ ତ ହୋଇପାରିବ, ତା'ସହିତ ମଧୁର ଜଳ ଚାଷ ।ତେରେ ବ୍ୟବହାର କରି ଚାଷୀ ଅଧିକ ଅମଳ କରି ଅଧିକ ରୋଜଗାରକ୍ଷମ ହୋଇପାରିବ ବୋଲି ଚାଷୀମାନେ ମତ ପ୍ରକାଶ କରିଛନ୍ତି ।

ମହକାଳପଡା ବ୍ଲକର ରାଜଗଡ, ଗୟାସପୁର, ଡିଆରାଜଗଡ଼, ଓଳିହା, ଅଳାଇଲୋ, ଓରତ, ବାଙ୍କିଛନ୍ଦା, ଚଣ୍ଡିଆପଲ୍ଲୀ, ଦେଉଳପଡ଼ା, ଶଂଖପଦା, ବିଜୟନଗର, ଜାଲକଣା, ମହାକାଳପଡ଼ା, ଶିଖର, କାନପୁର, ରାଙ୍କି, ଏକଲପୁର, କେୟାରବାଙ୍କ, ମାଳିଅଞ୍ଚ, ଜଗତି, ସୋବଲା, ବାରଡାଙ୍ଗ ପ୍ରଭୃତି ଅଞ୍ଚଳର ହଜାର ହଜାର ହେକ୍ଟର ଚାଷଜମି ଗୋବରୀ ନଦୀର କୂଳେ କୂଳେ ରହିଛି । ସେସବୁ ଜମିରେ ଧାନଚାଷ ସହିତ ଲଙ୍କା ଓ ଅନ୍ୟାନ୍ୟ ଲାଭଦାୟକ ଫସଲ କରାଯାଉଥିଲା । କାଳକ୍ରମେ ଗୋବରୀ ନଦୀ ପଙ୍କରେ ଭର୍ତ୍ତି ହେବା ସହିତ ଖରାଦିନେ ସମୁଦ୍ରଜୁଆରରୁ ଲୁଣିପାଣି ଏହି ଅଞ୍ଚଳ ପର୍ଯ୍ୟନ୍ତ ଆସିଯାଉଥିବାରୁ ଗୋବରୀ ନଦୀର ଜଳ ଲୁଣିଆ ହୋଇଯାଉଛି । ତେଣୁ ଚାଷୀମାନେ ଲାଭଦାୟକ ଫସଲ କରିବାକୁ ସାହସ କରୁନାହାନ୍ତି । ଲୁଣାନଦୀକୁ ପୁନଃସଂଯୋଗ କରି ସେହି ନଦୀର ମଧୁର ଜଳ ଏହି ନଦୀକୁ ପ୍ରବେଶ କରାଇଲେ ଏହି ସବୁ ଅଞ୍ଚଳ ସବୁଦିନିଆ ଶସ୍ୟଶ୍ୟାମଳା ହୋଇପାରନ୍ତା ।

ସୂଚନା ଥାଉକି, ମାର୍ଶାଘାଇ ଯଜ୍ଞ ମଠ ନିକଟରେ ଲୁଣାନଦୀ ପୂର୍ବରୁ ଗୋବରୀ ନଦୀ ସହିତ ସଂଯୋଗ ହୋଇ ରହିଥିଲା । ୧୮୬୬ ନଅଙ୍କ ଦୁର୍ଭିକ୍ଷ ପରେ ଇଂରେଜ ସରକାର ଅମଳରେ ଜମ୍ବୁ-ମାର୍ଶାଘାଇ କେନାଲ ଖନନ କରିବା ପରେ ଲୁଣାନଦୀର ମୁହଁକୁ ବନ୍ଦ କରି ଦିଆଯାଇଥିଲା । ସେହି ଦିନଠାରୁ ମାର୍ଶାଘାଇ ଯଜ୍ଞ ମଠ ପାଖରୁ ମହାକାଳପଡ଼ାର ରାଜଗଡ଼ ଜଲକଣା ପର୍ଯ୍ୟନ୍ତ ବ୍ୟାପିଥିବା ଲୁଣାନଦୀ ମୃତ ହୋଇଯାଇଛି । ୪ ବର୍ଷ ପୂର୍ବେ ମୃତ ଲୁଣା ନଦୀକୁ ଖନନ କରିବା ପାଇଁ ଜଳନିକାସ ବିଭାଜନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇ କାର୍ଯ୍ୟାରମ୍ଭ କରାଯାଇଥିଲା । ମାତ୍ର ସେହି ଖନନ କାର୍ଯ୍ୟ ଅଧାରୁ ବନ୍ଦ ହୋଇଯାଇଥିଲା । ବର୍ଷାଦିନ ଆସିବାରୁ କାର୍ଯ୍ୟ ଅଧା ରଖାଯାଇଛି । ପରବର୍ତ୍ତୀ ସମୟରେ ପୁନଃଖନନ କାର୍ଯ୍ୟ କରାଯିବ ବୋଲି ବିଭାଗ ସଫେଇ ଦେଇଥିଲା । ମାତ୍ର ପରେ ଆଉ ଖନନ କାର୍ଯ୍ୟ କରାଯାଇନାହିଁ । ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇ ଲୁଣାନଦୀରୁ ମୃତଲୁଣା ନଦୀକୁ ସଂଯୋଗ କରାଯାଇପାରିଲେ, ବର୍ଷାଦିନରେ ଲୁଣା ନଦୀର ଉଦବୃତ ଜଳ ମୃତ ଲୁଣାନଦୀରେ ଛଡାଯାଇ ଗୋବରୀ ନଦୀରେ ପ୍ରବେଶ କରାଗଲେ ଗୋବରୀ ନଦୀ ପରିଷ୍କାର ହୋଇପାରନ୍ତା । ଏଥି ସହିତ ଗୋବରୀ ନଦୀର ଜଳ ମଧୁର ହୋଇ ନଦୀ କୂଳବର୍ତ୍ତୀ ଚାଷଜମିରେ ସବୁଦିନିଆ ଫସଲ କରାଯାଇପାରନ୍ତା ଓ ସମଗ୍ର ଅଞ୍ଚଳ ସବୁଦିନିଆ ଶଷ୍ୟଶ୍ୟାମଳା ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି ।

## କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର କୃତିତ୍ୱ

**ଜିଲ୍ଲା ସ୍ତରୀୟ ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍**

**କେନ୍ଦ୍ରାପଡ଼ା,୨୩।୯ (ସମିସ):** ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଇଛାପୁର ରଥଦାଣ୍ଡରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଫିଟ ଇଣ୍ଡିଆ ଫ୍ରିଡମ ରନରେ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ଛାତ୍ର ଯୋଗଦେଇଥିଲେ । ମାଉସୀମା' ମନ୍ଦିରଠାରୁ ଶ୍ରୀଜୀଉଙ୍କ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଦୌଡ଼ରେ ଛାତ୍ରମାନେ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଅବସରପ୍ରାପ୍ତ ସେନା ଅଧିକାରୀ ଭରତ ଚନ୍ଦ୍ର ଜେନା ଅତିଥି ଭାବେ ଯୋଗଦେଇଥିବାବେଳେ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅସହାୟ ଅବସ୍ଥାରେ କର୍କଟ ରୋଗୀ; ପ୍ରଶାସନ ସହାୟତାରୁ ବଞ୍ଚିତ

**କେନ୍ଦ୍ରାପଡ଼ା,୨୩।୯ (ସମିସ)**

ଜଣେ ଗରିବ ଅସହାୟ ବ୍ୟକ୍ତି କର୍କଟ ରୋଗରେ ପୀଡ଼ିତ ହୋଇ ଏବେ ବେସାହାରା ପାଲଟିଯାଇଛନ୍ତି । ଚିକିତ୍ସା ପାଇଁ ଯାହା କିଛି ସଞ୍ଚିତ ଅର୍ଥ ଥିଲା, ତାହା ଶେଷ ହୋଇଯିବା ପରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି । ଏମିତିକି ଓଳିଏ ଖାଇଲେ ଓଳିଏ ଉପବାସ ରହିବାକୁ ପରିବାର ସଦସ୍ୟ ବାଧ ହୋଇଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତର ସୁବଳ ଗ୍ରାମର ବାବୁରାମ ଦାସଙ୍କ ।ତ୍ରେରେ ଦେଖିବାକୁ ମିଳିଛି ।

ବାବୁରାମ ଜଣେ ଅତ୍ୟନ୍ତ ଗରିବ ଓ ଦିନମଜୁରିଆ ଶ୍ରେଣୀର ଲୋକ । ଏହି ରୋଗରେ ଆକ୍ରାନ୍ତ ହେବା ପୂର୍ବରୁ ନିଜେ ରୋଜଗାର କରି ପରିବାର ଦୁଃଖକଷ୍ଟରେ ଚଳିଯାଉଥିଲା । ହେଲେ କର୍କଟ ରୋଗ ହେବା ପରେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳିପାରିନି । ଭଙ୍ଗାରୁଜା ମାଟି ଘରେ ରହିବା ସହ ରୋଜଗାରର ଅନ୍ୟ ପନ୍ଥା ଓ କିଛି ନାହିଁ । ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିବା ତ ଦୂରର କଥା ରେସନ କାର୍ଡଟିଏ ମଧ ତାଙ୍କୁ ମିଳିନାହିଁ । ଅଭାବ ଓ ଅନଟନ ମଧରେ କାଳାତିପାତ କରୁଥିବାବେଳେ କିଛିମାସ ତଳେ ହଠାତ ବାବୁରାମଙ୍କ ପାଟିରେ ଏକ ଘା' ହେଲା । ସେ ଔଷଧପତ୍ର ଖାଇଲେ ବି ସେହି ଘା' ଭଲ ହେଲାନାହିଁ । ଡାକ୍ତରଙ୍କ ପରାମର୍ଶରେ ତାଙ୍କର ପରୀକ୍ଷା କରାଯିବାରୁ ତାଙ୍କୁ ମୁଖ କର୍କଟ ହୋଇଥିବା ଜଣାପଡ଼ିଥିଲା ।



ଚିକିତ୍ସା ପାଇଁ ତାଙ୍କର ସମସ୍ତ ସଞ୍ଚିତ ଅର୍ଥ ଖର୍ଚ୍ଚ ହୋଇଗଲାଣି । ସେ ଏବେ ଘରେ କେମୋ ନେଉଛନ୍ତି । ବାବୁରାମ କର୍କଟ ରୋଗରେ ଆକ୍ରାନ୍ତ ହେବା ପରେ ପରିବାରର ଆର୍ଥିକ ସ୍ଥିତି ଦୋହଲି ଯାଇଛି । ଏଭଳି ସମୟରେ +୩ ପଢୁଥିବା ତାଙ୍କ ପୁଅ ଚିନ୍ମୟଙ୍କ ଉପରେ ବୋଝ ଲଦି ହୋଇପଡ଼ିଛି । ବାରମ୍ବାର ସରକାରୀ ସହାୟତା ପାଇଁ ନିବେଦନ କରିବା ପରେ ବି ସେଥିରୁ ବଞ୍ଚିତ ହୋଇ ବାବୁରାମଙ୍କ ପରିବାର ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏତଦବ୍ୟତୀତ +୨ରେ ପଢୁଥିବା ତାଙ୍କ ଝିଅ ସୁଚିସ୍ମିତା ବହୁ କଷ୍ଟରେ ପାଠ ପଢୁଛନ୍ତି । ଏହି ଗରିବ ପରିବାରକୁ ଆବାସ ଯୋଜନାରେ ଘର, ରେସନ କାର୍ଡ ସମେତ ଆର୍ଥିକ ସହାୟତା ଯୋଗାଇ ଦିଆଯିବାକୁ ସମାଜସେବୀ ତଥା ସାମ୍ବାଦିକ ନରେନ୍ଦ୍ର ଧଳ ଓ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ବିଦ୍ୟୁତ୍ ସଂସ୍ପର୍ଶରେ ଦୁଇଗାଈ ମୃତ



**ରାସ୍ତାରୋକ କଲେ ଗ୍ରାମବାସୀ**

**ଆଳି,୨୩।୯ (ସମିସ):** ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଏହି ଘଟଣାକୁ କେନ୍ଦ୍ରକରି ଆଳି ଥାନା ଅଧୀନ ନୂଆପଡ଼ା ପଞ୍ଚାୟତବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି । ସୂଚନା ଅନୁଯାୟୀ ଗ୍ରାମର ଅମୂଲ୍ୟ ଦାସ ଓ ଅର୍ଜୁନ ଦାସଙ୍କ ଦୁଇଟି ଗାଈ ନିକଟସ୍ଥ ବିଲକୁ ଚରିବାକୁ ଯାଇଥିଲେ । ଚାରିବାବେଳେ ଛିଣ୍ଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ଦ୍ୱାରା ସେମାନଙ୍କ ମୃତ୍ୟୁ ଘଟିଥିଲା । ଅଞ୍ଚଳରେ ପୁରୁଣା ତାର ବଦଳାଇବାକୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ଉପରୋକ୍ତ ଅଧିକାରୀ ଶୁଣୁ ନ ଥିବାରୁ ଉତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ । ଘଟଣାସ୍ଥଳରେ ଆଳି ବିଦ୍ୟୁତ୍ ବିଭାଗ ଅଧିକାରୀ ପହଞ୍ଚିବା ସହ ଗୋଟିଏ ସପ୍ତାହ ମଧ୍ୟରେ ବିଦ୍ୟୁତ୍ ସମସ୍ୟା ସମାଧାନ କରିବା ପ୍ରତିଶ୍ରୁତି ସହ ।ତିଗ୍ରସ୍ତ ପରିବାରକୁ ଅର୍ଥରାଶି ପ୍ରଦାନ କରିଥିଲେ ।

# ଦିବାକରପୁରରେ ଭଙ୍ଗାଗଲା ୧୫ ଘେରି



**ରାଜନଗର,୨୩।୯ (ସମିସ):** ବିଶ୍ୱ ପ୍ରସିଦ୍ଧ ଭିତରକନିକା ପ୍ରକୃତିର ଗନ୍ତାଘର । ନବେ ଦଶକ ପରଠୁଁ ଭିତରକନିକା ଜାତୀୟଉଦ୍ୟାନ ସୀମା ସରହଦରେ ଶହ ଶହ ବେଆଇନ ଚିଙ୍ଗୁଡିଘେରି ନିର୍ମାଣ ଚାଲିଛି । ଏହି ଚିଙ୍ଗୁଡିଘେରିର ବିଷାକ୍ତ ରାସାୟନିକ ପଦାର୍ଥ ଜାତୀୟଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ମିଶିବା ଦ୍ୱାରା ଜାତୀୟଉଦ୍ୟାନର ଜୀବଜନ୍ତୁ, ବୃକ୍ଷଲତା ଏବଂ ଏହାର ଜୈବବିବିଧତା ପ୍ରତି ବିପଦ ମାଡିଚାଲିଛି । ଭିତରକନିକାର ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ହାଇକୋର୍ଟରେ ବେଆଇନ ଚିଙ୍ଗୁଡିଘେରିକୁ ଭାଙ୍ଗିବା ପାଇଁ ମାମଲା ରୁଜୁ ହୋଇଥିଲା । ଏଥିରେ ମାନ୍ୟବର ହାଇକୋର୍ଟ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ରାଜନଗର ତହସିଲଦାରଙ୍କୁ ତୁରନ୍ତ ଘେରିକୁ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶନାମାରେ ଜାତୀୟ ଉଦ୍ୟାନ ଆଇନ, ପରିବେଶ ଆଇନ, ଇକୋ ସେନସେଟିଭ ଜୋନ ଆଇନକୁ ମାନିବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ଏ ସବୁକୁ ବେଖାତିର କରି ବେଧଡକ ଶହ ଶହ ଚିଙ୍ଗୁଡିଘେରି ନିର୍ମାଣ ଚାଲିଛି । ବେଆଇନ ଚିଙ୍ଗୁଡିଘେରିକୁ ଉଚ୍ଛେଦ ପାଇଁ ସ୍ଥାନୀୟ ତହସିଲଦାର ସେଭଳି ଆଖିଦୃଶିଆ କୌଣସି ପଦକ୍ଷେପ ନନେଇ ସରକାରୀ ନଥିପତ୍ରରେ ଘେରି ଭଙ୍ଗାଯାଉଛି ବୋଲି ଦର୍ଶାଉଥିଲେ । ଏହା ସ୍ପଷ୍ଟ ପ୍ରମାଣିତ ହେବା ପରେ ରାଜନଗର ବନବିଭାଗ ପକ୍ଷରୁ ଏବେ କଡାକଡି ଭାବେ ଏହି ବେଆଇନ ଚିଙ୍ଗୁଡିଘେରିକୁ ଉଚ୍ଛେଦ ଜାରି ରଖିଛନ୍ତି । ରାଜନଗର ଡିଏଫଓ ଡଃ. ଯଜ୍ଞଦତ୍ତ ପତିଙ୍କ ନିର୍ଦ୍ଦେଶ କ୍ରମେ ଚଳିତମାସ ଆରମ୍ଭରୁ ଏହି ଉଚ୍ଛେଦ ପକ୍ରିୟା ଜାରି ରହିଛି । ଆଜି ରାଜନଗର ରେଞ୍ଜ ପକ୍ଷରୁ ଦିବାକରପୁର ମୌଜାରେ ୧୫ଟି ଘେରିକୁ ଉଚ୍ଛେଦ କରାଯାଇଛି । ଉଚ୍ଛେଦ କରାଯାଇଥିବା ଘେରି ଗୁଡିକରେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଖୁବ୍ ଶୀଘ୍ର ମଞ୍ଜି ପୋତାଯିବ ବୋଲି ବନବିଭାଗ ପକ୍ଷରୁ ଜଣାପଡ଼ିଛି । ରେଞ୍ଜ ଅଫିସର ଧନେଶ୍ୱର ରଥ, ଫରେଷ୍ଟର ବିଜୟ ପାତ୍ର, ପ୍ରଦୀପ ବେହେରା,ଫରେଷ୍ଟଗାର୍ଡ ରଞ୍ଜନ ପାଣିଙ୍କ ସମେତ ବନକର୍ମଚାରୀମାନେ ଏହି ବେଆଇନ ଚିଙ୍ଗୁଡିଘେରିକୁ ଉଚ୍ଛେଦ କରିଛନ୍ତି । ଡିଏଫଓ ଡଃ. ଯଜ୍ଞଦତ ପତି, ଏସିଏଫ ବିରଞ୍ଚି ନାରାୟଣ ସାମଲ,ଘଟଣା ସ୍ଥଳରେ ପହଞ୍ଚି ସଠିକ ଢଙ୍ଗରେ ଘେରି ଉଚ୍ଛେଦ କରାଯାଉଛି ନା ନାହିଁ ସେ ନେଇ ତଦାରଖ କରିଛନ୍ତି । ଭିତରକନିକା ଜାତୀୟ ଉଦ୍ୟାନ ଚତୁଃପାଶ୍ୱର୍ରେ ଓ ନଦୀ କୂଳରେ ଗଢି ଉଠିଥିବା ବେଆଇନ ଚିଙ୍ଗୁଡି ଘେରିକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯିବ ବୋଲି ବନବିଭାଗ ସୂତ୍ରରୁ କୁହାଯାଇଛି ।

## ସର୍ପାଘାତରେ ବୃଦ୍ଧଙ୍କ ମୃତ୍ୟୁ

**ଗୋବିନ୍ଦପୁର,୨୩।୯ (ସମିସ):** ଆଳି ବ୍ଲକ ଅନ୍ତର୍ଗତ ଡିମିରିପାଳ ପଞ୍ଚାୟତ ମଧୁବନ ଗ୍ରାମର ରାମଚନ୍ଦ୍ର ମଲିକ(୬୫)ଙ୍କ ଗୁରୁବାର ସାର୍ପାଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସ୍ୱର୍ଗତ ମଲିକଙ୍କ ଘର ଚାରିପଟେ ଲଗାଣ ବର୍ଷା ଯୋଗୁଁ ବନ୍ୟା ଜଳ ଘେରିଥିବାରୁ ବିଷଧର ସାପ ଘରକୁ ଆସି ସେ ଶୋଇଥିବା ଅବସ୍ଥାରେ ଗତକାଲି ରାତିରେ କାମୁଡିଥିଲା । ତାଙ୍କୁ ସଂଗେ ସଂଗେ ପରିବାର ଲୋକ ଯାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଯାଇଛି । ସେ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ସ୍ୱର୍ଗତ ମଲିକଙ୍କ ବିୟୋଗରେ ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ମଲିକ, ରାଜେନ୍ଦ୍ର ରାଉତ, ରବୀନ୍ଦ୍ର ମଲିକ, ଯୋଗେନ୍ଦ୍ର ନାୟକ, ରଜନୀକାନ୍ତ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିଥିବା ବେଳେ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି ।

## ବନ୍ୟା ପ୍ରଭାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ ଓ ଗୋ-ଖାଦ୍ୟ ବଣ୍ଟନ



**କୁଜଙ୍ଗ,୨୩।୯ (ସମିସ):** ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ଏବେ ବ୍ଲକରେ ଥିବା ଜଳବନ୍ଦୀ ଓ ବନ୍ୟା ପ୍ରଭାବିତ ଲୋକଙ୍କ ସମସ୍ୟା ଲଘବ ପାଇଁ ଅନବରତ ଚେଷ୍ଟା ଚଳାଇଛନ୍ତି । ବାପିଙ୍କ ପ୍ରମୁଖ ସଂଗଠନ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ ପକ୍ଷରୁ ପରିବର୍ତ୍ତନ ଯୋଦ୍ଧା ସଂଗଠନ ସଦସ୍ୟଙ୍କ ସହଯୋଗରେ ବ୍ଲକର ବାଲିକଣି ଓ ମଧୁପୁର ଅଞ୍ଚଳରେ ବିଭିନ୍ନ ଅସହାୟ ପରିବାରକୁ ଶୁଖିଲା ଖାଦ୍ୟ ଓ ସବୁଠୁ ବେଶୀ ପ୍ରଭାବିତ ହୋଇଥିବା ଗୋ-ସମ୍ପଦ ପାଇଁ ଗୋ-ଖାଦ୍ୟ ସହ ପାନୀୟଜଳ ବଣ୍ଟନ କରାଯାଇଛି । ପରିବର୍ତ୍ତନର ସଭାପତି ଇଂ ପରମ୍ ବ୍ରହ୍ମ ରାଉତ, ସିଲନ୍ ସାହୁ, ତୁଷାର ମଲିକ୍, ରୁଦ୍ରପ୍ରସାଦ ଦାସ, ଆର୍‌ଏସ୍ ମୁନା, ଶୁଭ୍ରଜ୍ୟୋତି ରାଉତ ଓ ଆଲୋକ ଓଝା ପ୍ରମୁଖ ବହୁ ସ୍ୱେଚ୍ଛାସେବୀ ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ ।

**■ ପୁଣି ଆସିଲା ଦାଦାବଟିଁକୁ ନେଇ ସଙ୍ଗିନ ଅଭିଯୋଗ**

# ମୁଣ୍ଡରେ ବନ୍ଧୁକ ଲଗାଇ ଅର୍ଥ ଆଦାୟ

**କେନ୍ଦ୍ରାପଡ଼ା,୨୩।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଦାଦାବଟି ଆଦାୟକୁ ନେଇ ସବୁଦିନ ତୁମୁଳକାଣ୍ଡ ଘଟୁଛି । ଗତ କିଛିଦିନ ହେଲା ବନ୍ଧୁକ ମୁନରେ ଦାଦାବଟି ଆଦାୟ ହେଉଥିବା ଅଭିଯୋଗ ହେଉଛି । ପୁଣି ବନ୍ଧୁକ ମୁନରେ ଦାଦାବଟି ଆଦାୟ ନେଇ ସଦର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ, ସଦର ଥାନା ଅଧୀନ କଚେରୀ ପଡ଼ା ସୁବାଷ ଚନ୍ଦ୍ର ସହାଣୀଙ୍କ ଘରେ ପଶି ୪ ଜଣ ଅଭିଯୁକ୍ତ ଲକ୍ଷାଧିକ ଟଙ୍କା ଦାଦାବଟି ମାଗିଥିଲେ । ଏହାକୁ ସୁବାଷ ଆଉ ତାଙ୍କ ମଧମ ପୁତ୍ର ବିରୋଧ କରିବାରୁ ସୁବାଷଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏହାଛଡା ଅନ୍ୟ ଅଭିଯୁକ୍ତମାନେ ସୁବାଷଙ୍କ ପତ୍ନୀ ଆଉ ତାଙ୍କ ନାବାଳିକା ଝିଅ ବେକରେ ଭୁଜାଲି ଲଗାଇ ଥିଲେ । ଦାଦାବଟି ନଦେଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ । ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବିଧା ଗୋଇଠା ମାରି ଫେରାର ହୋଇଯାଇଥିଲେ । ଆଉ ଗଲାବେଳେ ଏକ ନିର୍ଦ୍ଦିଷ୍ଟ ତାରିଖରେ ଦାଦାବଟି ପହଞ୍ଚାଇବାକୁ କହିଥିଲେ । ଟଙ୍କା ସେହି ତାରିଖରେ ନ ଦେଲେ ଜୀବନରୁ ସମସ୍ତଙ୍କୁ ମାରିଦେବାକୁ ଧମକ ଦେଇଥିଲେ । ଏନେଇ ସୁବାଷ ଚନ୍ଦ୍ର ସହାଣୀ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ପାଣିରେ ଭାସୁଛି ସର୍ବ ପୁରାତନ ପୋଷ୍ଟ ଅଫିସ୍

**ଗରଦପୁର,୨୩।୯ (ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକ ଅଧିନ ଗରଦପୁର ପୋଷ୍ଟ ଅଫିସ କାର୍ଯ୍ୟାଳୟ ପାଣିରେ ଭାସୁଛି । ବର୍ତ୍ତମାନ ଜଳବନ୍ଦୀ ଅବସ୍ଥାରେ ପୋଷ୍ଟ ଅଫିସ ରହିଛି ।ଫଳରେ ପ୍ରାୟ ୧୦ ଦିନ ହେଲା

**■ ୧୦ ଦିନ ହେଲା ହେଉନି କାମ**
**■ ଗ୍ରାହକ ଅସନ୍ତୋଷ**



କାମ ଠପ୍ ହୋଇଯାଇଛି ।ଏହାଦ୍ୱାରା ଗ୍ରାହକମାନେ ନାହିଁ ନଥିବାର

ଗରଦପୁର ପୋଷ୍ଟ ଅଫିସରେ ଗତ ୧୦ ଦିନ ହେଲା ଜମି ରହିଥିବା ଏହି ବର୍ଷା ପାଣି ଲୋକଙ୍କୁ ନାକେଦମ କରୁଛି । ପାଣି ପଚି ଦୁର୍ଗନ୍ଧ ହେଉଛି । ଅନେକ ପ୍ରକାରର ପୋକଜୋକ ପୋଷ୍ଟ କାର୍ଯ୍ୟାଳୟ ଭିତରକୁ ପଶି ରହୁଛନ୍ତି । ଏହାଛଡା ସାପ ବେଙ୍ଗଙ୍କ ରହଣି ସ୍ଥାନ ପାଲଟିଛି । ଏବେ ମଧ ପୋଷ୍ଟ ଅଫିସ ଯିବା ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଲହଡି ମାରୁଛି । ପୋଷ୍ଟ କାର୍ଯ୍ୟାଳୟକୁ ଯିବା ବାଟରେ ଏହି ପାଣି ଥିବାରୁ ଅନେକ ପ୍ରକାରର ସମସ୍ୟା ସୃଷ୍ଟି କରୁଛି । ତେବେ ଏନେଇ ପୋଷ୍ଟ ମାଷ୍ଟର ସ୍ଥାନୀୟ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳନାହିଁ । କେତେଜଣ ମୁଷ୍ଟିମେୟ ଲୋକ ପାଣି ଯିବା ରାସ୍ତାକୁ ଅବରୋଧ କରିବା ଫଳରେ ଏବେ ପୋଷ୍ଟ ଅଫିସ ଅକାମୀ ହେବାକୁ ଯାଉଛି ।

ପ୍ରକାଶଯୋଗ୍ୟ, ଗରଦପୁର ବ୍ଲକ ଅଧିନ ଏହି ପୋଷ୍ଟ ଅଫିସ ସର୍ବ ପୁରାତନ । ବିଗତ ପ୍ରାୟ ୬୦ ବର୍ଷ ଧରି ଏହି ପୋଷ୍ଟ ଅଫିସ ସେବା ଦେଇ ଆସୁଛି । ପ୍ରାୟ ୭ ହଜାର ଲୋକଙ୍କ ଆକାଉଣ୍ଟ ରହିଛି ।ଦୈନିକ ଲକ୍ଷାଧିକ ଟଙ୍କା ଦେଣନେଣ ହେଉଛି ।

# ପାରାଦୀପ ବସ୍ତିବାସିନ୍ଦାଙ୍କୁ ଭୂମିଯୋଗ୍ୟ ପ୍ରମାଣପତ୍ର ମିଳିବ କେବେ ?

## ୨୦୧୮ ମସିହାର ଉଷା ସର୍ଭେ ଶୀତଳଭଣ୍ଡାରରେ

**ପାରାଦୀପ, ୨୩।୯ (ସମିସ)**

ପାରାଦୀପ ଏକ ବନ୍ଦର ଭିତ୍ତିକ ସହର । ସହର ମଧ୍ୟରେ ମିଶି ରହିଛି ପାରାଦୀପ ପୌର ପରିଷଦ । ଯେଉଁ ଅଞ୍ଚଳକୁ ନେଇ ବନ୍ଦର ସେଇ ଅଞ୍ଚଳ ସୀମାରେ ରହିଛି ପୌର ପରିଷଦ । ୧୯୭୯ ମସିହାରୁ ଆରମ୍ଭ ହୋଇଥିବା ପାରାଦୀପ ବିଜ୍ଞାପିତ ଅଞ୍ଚଳ ୨୦୦୨ ମସିହାରେ ପୌର ପରିଷଦ ମାନ୍ୟତା ପାଇଲା । ଏଠାରେ ସମାନ ଜାଗାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁଇ ପ୍ରକାର ଶାସନ ଚାଲିଛି । ଏହି ଦୈତ୍ୟଶାସନ ଯୋଗୁଁ ଉନ୍ନତିରେ ବାଧା ଉପୁଜୁଛି ବୋଲି ଅଭିଯୋଗ ହେଉଛି ।

୨୦୧୧ ଜନଗଣନା ଅନୁଯାୟୀ ବନ୍ଦରାଞ୍ଚଳର ଲୋକସଂଖ୍ୟା ୬୮,୫୮୫ ରହିଛି । ୧୯ ଟି ୱାର୍ଡକୁ ନେଇ ଗଠିତ ପୌରାଞ୍ଚଳରେ ଛୋଟ ବଡ଼ ହୋଇ ୫୦ ରୁ ଅଧିକ ବସ୍ତି ରହିଛି । ଯେଉଁଠାରେ ସମୁଦାୟ ୧୪, ୬୧୫ ଟି ଘରକୁ ତାଲିକା ଭୁକ୍ତ କରାଯାଇଛି । ଉକ୍ତ ତାଲିକାକୁ ଅନୁଧ୍ୟାନ କଲେ ଜଣାଯାଏ ସିଂହ ଭାଗ ଲୋକ ବସ୍ତିରେ ବସ ବାସ କରନ୍ତି । ୪୨ ବର୍ଷର ପୌର ପରିଷଦ ଏପର୍ଯ୍ୟନ୍ତ ବସ୍ତି ବାସିନ୍ଦାଙ୍କୁ ସର୍ବନିମ୍ନ ମୌଳିକ ଅଧିକାର ଦେବାରେ ସଫଳ ହୋଇପାରିନାହିଁ । କାରଣ ଅନେକ ସରକାରୀ ଯୋଜନା ବସ୍ତି ବାସିନ୍ଦାଙ୍କ ପାଇଁ କରାଗଲେ ସେଥିରେ ବନ୍ଦର ପ୍ରଶାସନ ନିୟମ ଅନ୍ତରାୟ ସୃଷ୍ଟି କରି ବାଧକ ସାଜୁଛି । ବସ୍ତିରେ ଥିବା କଚ୍ଚାଘରକୁ ପକ୍କାଘର କରିବା ପାଇଁ ରାଜ୍ୟ ସରକାର ୨୦୧୮ ମସିହାରେ ଘୋଷଣା କରିଥିଲେ । କେବଳ ସହରାଞ୍ଚଳରେ ବସ ବାସ କରୁଥିବା ଲୋକମାନଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯିବ । ଏହି କ୍ରମରେ ପାରାଦୀପ ପୌର ପରିଷଦ ପାଇଁ୨୦୧୮ରେ ଉଷାସର୍ଭେ ମାଧ୍ୟମରେ ଏହି ପ୍ରମାଣପତ୍ର ପ୍ରଦାନ କରାଯିବା କଥା; କିନ୍ତୁ ସର୍ଭେ ଅନୁସାରେ ୧୧, ୪୬୯ ଘରକୁ ଏଲଇସି (ଲ୍ୟାଣ୍ଡ ଇଲିଯିବୁଲ ସାର୍ଟିଫିକେଟ୍) ଭୁକ୍ତ କରାଗଲା । ଏହି ସବୁ ସର୍ଭେ ରିପୋର୍ଟ ୨୦୨୦ ମସିହା ସେପ୍ଟେମ୍ବର ମାସରେ ଆସି ପୌର ପରିଷଦ କାର୍ଯ୍ୟାଳୟରେ ରହିଥିବା ବେଳେ ଲୋକମାନଙ୍କୁ କେବେ ବଣ୍ଟନ କରାଯିବ ସେନେଇ ପ୍ରଶ୍ନ ଉଠାଇଛନ୍ତି ବସ୍ତିବାସିନ୍ଦା । ପାରାଦୀପ ପୌର ପରିଷଦ ବସ୍ତି ବାସିନ୍ଦାଙ୍କ ପାଇଁ ରାଜ୍ୟ ସରକାର ଯେଉଁ ଭୂମିଯୋଗ୍ୟ ପ୍ରମାଣପତ୍ର ଦେବେବୋଲି ଘୋଷଣା କରିଥିଲେ ତାହା କେବେ କାର୍ଯ୍ୟକାରୀ କରିବେ ତାହା ଦେଖିବାକୁ ବାକି ରହିଲା ।

## ଦଲାଲଙ୍କ କବ୍‌ଜାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ପ୍ରସୂତିଙ୍କୁ ଘରୋଇ ଚିକିତ୍ସାଳୟ ପଠାଇବାକୁ ଚାଲିଛି ପ୍ରତିଯୋଗିତା

**ଯାଜପୁର ଟାଉନ, ୨୩।୯ (ସମିସ)**

ଯାଜପୁର ଜିଲ୍ଲାର ହଜାର ହଜାର ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ସେମାନଙ୍କୁ ଆରୋଗ୍ୟ କରି ସେମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବାର ଦୟିତ୍ୱ ବହନ କରୁଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ସରକାର ସ୍ୱାସ୍ଥ୍ୟ ସେବାକୁ ସଜାଡି ହଜାର ହଜାର ରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାରେ କାର୍ପଣ୍ୟ କରୁନାହାନ୍ତି। ଏହାକୁ ନେଇ ସରକାର ବିଭିନ୍ନ ସରକାରୀ ଚିକିତ୍ସାଳୟ ମାନଙ୍କର ବ୍ୟାପକ ବିକାଶ ସହିତ ଡାକ୍ତର ସମସ୍ୟାର ସମାଧାନ କରିବାକୁ ମଧ ପ୍ରାଥମିକତା ଦେଇଛନ୍ତି। ମାତ୍ର ବିଡମ୍ବନାର ବିଷୟ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଶେଷ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ପ୍ରସୂତି ବିଭାଗ ଏବେ ସମ୍ପୂର୍ଣ୍ଣ ରୂପେ ଦଲାଲଙ୍କ କବଜାକୁ ଚାଲିଯାଇଛି। ସାରା ଜିଲ୍ଲାରୁ ଆସୁଥିବା ପ୍ରସୂତି ମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ




ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତି ମଧ ଯୋଗାଇ ଦେଇଛନ୍ତି। ମାତ୍ର ଏଠାରେ ନିୟୋଜିତ ଥିବା ଡାକ୍ତରମାନେ ରୋଗୀଙ୍କୁ ଚିକିତ୍ସା କରି ଏହିଠାରେ ପ୍ରସବ କରାଇବା ବଦଳରେ ବିଭିନ୍ନ ଘରୋଇ ଚିକିତ୍ସାଳୟ ମାନଙ୍କୁ ରୋଗୀ ପଠାଇବାରେ ଯେମିତି ପ୍ରତିଯୋଗିତା କରୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦେଇଥିବା ତଥ୍ୟ ଏହାକୁ ସ୍ପଷ୍ଟ ପ୍ରମାଣିତ କରୁଛି।

ତଥ୍ୟ ଅନୁଯାୟୀ ଗତ ମଇ, ଜୁନ ଓ ଜୁଲାଇ ମାସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୩୪୮ ଜଣ ପ୍ରସୂତି ରୋଗୀ ଦାଖଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମଇ ମାସରେ ୫୨୮ ଜଣ, ଜୁନ ମାସରେ ୪୨୦ ଜଣ, ଜୁଲାଇ ମାସରେ ୪୦୦ ଜଣ ଦାଖଲ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମଇ ମାସରେ ୧୬୩ ଜଣଙ୍କୁ ସ୍ଥାନାନ୍ତରର କରାଯାଇଛି। ଜୁନ ମାସରେ ୧୨୨ ଜଣ ଓ ଜୁଲାଇ ମାସରେ ୧୫୪ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ହେଲେ ଏହି ୩ ମାସ ମଧ୍ୟରେ ପ୍ରସୂତି ବିଭାଗରେ ଅସ୍ତ୍ରୋପଚାର ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଥାଇ ୧୩୪୮ ଜଣ ପ୍ରସୂତି ମାନଙ୍କ ମଧ୍ୟରୁ ମାତ୍ର ୨୭୪ ଜଣଙ୍କୁ ଅସ୍ତ୍ରୋପଚାର କରାଯାଇଛି। ଅପରପକ୍ଷେ ୪୩୯ ଜଣଙ୍କୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ତଥ୍ୟ ଅନୁଯାୟୀ ଏହି ସ୍ଥାନାନ୍ତର ହୋଇଥିବା ପ୍ରସୁତି ମଧ୍ୟରୁ ୨୭୨ ଜଣ ୧୦୮ ଓ ୧୦୨ ଆମ୍ବୁଲାନ୍ସରେ ସ୍ଥାନାନ୍ତର ହୋଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ସରକାରୀ ଆମ୍ବୁଲାନ୍ସରେ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସ୍ଥାନାନ୍ତର ହେଲେ ସେମାନଙ୍କୁ ନେଇ ଆମ୍ବୁଲାନ୍ସ କଟକ ବଡ ଡାକ୍ତରଖାନାରେ ଛାଡିବ। ମାତ୍ର ଘରୋଇ ଆମ୍ବୁଲାନ୍ସରେ ଗଲେ ସେମାନେ ଅନ୍ୟାୟସରେ ଘରୋଇ ଚିକିତ୍ସାଳୟକୁ ଯାଇ ପାରିବେ। ଏହା ଜିଲ୍ଲା ବାହାରର କଥା ହୋଇଥିଲାବେଳେ ଯାଜପୁର ସହରରେ ରହିଥିବା ବିଭିନ୍ନ ଘରୋଇ ଚିକିତ୍ସାଳୟରେ ମୁଖ୍ୟ ଚିକିତ୍ସାଳୟରୁ ଯାଇ ପ୍ରସୂତି ମାନେ ଅସ୍ତ୍ରୋପଚାର ହେଉଥିବା ଜାଣିବାକୁ ମିଳିଥାଏ। ଏହି ଅସ୍ତ୍ରୋପଚାରକୁ କେତେକ ସରକାରୀ ଡାକ୍ତରମାନେ ହିଁ କରି ଥାଆନ୍ତି। ଏହା ଫଳରେ ଡାକ୍ତର, ସମ୍ପୃକ୍ତ ଘରୋଇ ଚିକିତ୍ସାଳୟ ଓ ଦଲାଲ ଲାଭବାନ ହେଉଥିଲାବେଳେ ବିଚରା ରୋଗୀଙ୍କ ପରିବାର ଲୋକ ଅର୍ଥ ଦେଇ ନୟାନ୍ତ ହୁଅନ୍ତି। ଅନ୍ୟ ପକ୍ଷରେ ଅଭିଯୋଗ ଅନୁଯାୟୀ ଏହି ଅସ୍ତ୍ରୋପଚାର ଗୃହ ସଂଧ୍ୟା ୭ ରୁ ସକାଳ ୭ ପର୍ଯ୍ୟନ୍ତ ବନ୍ଦ ରହୁଥିଲାବେଳେ ଏହି ସମୟରେ ଗୁରୁତର ରୋଗୀଙ୍କୁ କଟକ କିମ୍ବା ଘରୋଇ ଚିକିତ୍ସାଳୟକୁ ପଠାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ବିଭାଗୀୟ ସୂଚନା ଅନୁଯାୟୀ ଏହି ୩ ମାସରେ ସଂଧ୍ୟା ୭ ରୁ ସକାଳ ୭ ମଧ୍ୟରେ ମାତ୍ର ୩ ଜଣଙ୍କୁ ଅସ୍ତ୍ରୋପଚାର କରାଯାଇଛି। ସମସ୍ତ ବ୍ୟବସ୍ଥା ଓ ଡାକ୍ତର, ଅନ୍ୟ କର୍ମଚାରୀ ଥାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାହିଁକି ଏହି ଅବ୍ୟବସ୍ଥା ହେଉଛି ଓ ଗରିବ ସାଧାରଣ ରୋଗୀ କାହିଁକି ଖର୍ଚ୍ଚାନ୍ତ ହେଉଛନ୍ତି ତାହା ଚିନ୍ତାର ବିଷୟ ହୋଇଥିଲାବେଳେ ଏହା ପଛରେ କେଉଁ ମାନଙ୍କ ସମ୍ପୃକ୍ତି ଅଛି ତାର ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## ଭୁଶୁଡ଼ିଲା ହସନପୁର ବିଦ୍ୟାଳୟ ପ୍ରାଚୀର



**ସୁଜନପୁର, ୨୩।୯ (ସମିସ):** ଲଗାଣ ବର୍ଷାପରେ ସୁଜନପୁର ପଞ୍ଚାୟତ ହସନପୁର ଉନ୍ନିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଚୀର ଭୁଶୁଡି ପଡ଼ିଛି। ପ୍ରାୟ ୧୦ ଫୁଟର ପ୍ରାଚୀର ଭୁଶୁଡି ପଡ଼ିଥିବା ଦେଖିବାକୁ ମିଳିଥିଲା ବେଳେ ଆଜକୁ ପ୍ରାୟ ୪ ବର୍ଷ ତଳେ ଏହି ପ୍ରାଚୀର ନିର୍ମାଣ କାର୍ଯ୍ୟ ହୋଇଥିଲା। ଏହି ପ୍ରାଚୀର ଭୁଶୁଡି ପଡ଼ିବା ଦ୍ୱାରା ବିଦ୍ୟାଳୟ ମଧ୍ୟକୁ ବହୁ ବୁଲା ଗାଇ ଗୋରୁ ଅବାଧରେ ପଶୁଥିବା ଦେଖିବାକୁ ମିଳିଛି। ତୁରନ୍ତ ଏହାକୁ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କାର-ବାଇକ୍ ଦୁର୍ଘଟଣା; ବାଇକ୍ ଆରୋହୀ ଗୁରୁତର



**ଜେନାପୁର, ୨୩।୯ (ସମିସ):** ଜେନାପୁର ଥାନା ଅଧିନ ବ୍ରାହ୍ମଣୀ ସେତୁ ନିକଟରେ ବିପରିତ ଦିଗରୁ ଆସୁଥିବା ଏକ କାର ସହିତ ବାଇକର ମୁହାଁମୁହିଁ ଧକ୍କା ହେବାରୁ ବାଇକ ଚାଳକ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଜେନାପୁର ଗ୍ରାମର ପ୍ରିୟ ଦର୍ଶନ ଦାସ ଏକ ବାଇକ ଯୋଗେ ଜାରକା ଯାଉଥିଲାବେଳେ ବିପରିତ ଦିଗରୁ ଆସୁଥିବା ଏକ କାର ସହିତ ଧକ୍କା ହୋଇଥିଲା। ଫଳରେ ବାଇକ ଚାଳକ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ପଠାଇଥିବା ଜଣାଯାଇଛି।

## ବଡ଼ଚଣା କଂଗ୍ରେସ ପ୍ରତିବାଦ ସଭା



**ବଡ଼ଚଣା/ବାଲିକୁଦା: ୨୩।୯ (ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର କ୍ଷେତ୍ରୀୟ ଡାକ୍ତରଖାନା କୋଭିଡ ଟିକା ପ୍ରଦାନରେ ଅନିୟମିତତା ପ୍ରତିବାଦରେ ବଡଚଣା କଂଗ୍ରେସ ଦଳ ତରଫରୁ ଏକ ପ୍ରତିବାଦ ସଭା ଯାଜପୁର ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲଙ୍କ ଅଧ୍ୟକ୍ଷତାରେ ଡାକ୍ତରଖାନା ପରିସରରେ ଆୟୋଜିତ ହୋଇଥିଲା। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ବନ୍ଦିତା ପରିଡ଼ା ଏହି ସଭାରେ ଯୋଗଦେଇ ସ୍ୱାସ୍ଥ୍ୟସେବାରେ ରାଜନୀତିକରଣକୁ ନାପସନ୍ଦ କରିଥିବାବେଳେ ଡାକ୍ତରଙ୍କ ଅଭିଯୋଗ କ୍ରମେ ରାଜନୈତିକ ଶତ୍ରୁତା ନିମନ୍ତେ ଡାକ୍ତରଖାନାକୁ ପ୍ରତିଷ୍ଠା କରିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ସମୟରେ ସିଲଟ ଧରି ଫଟୋ ଉଠାଇବା ଏବଂ ଏହି ଫଟୋକୁ ସାଧାରଣରେ ପ୍ରକାଶ କରାଯିବା ଘଟଣାରେ ସ୍ଥାନୀୟ ପୁଲିସର ଭୂମିକାକୁ ତୀବ୍ର ନିନ୍ଦା କରିଥିଲେ। ବଡଚଣା କଂଗ୍ରେସ ନେତା ଅଜୟ ସାମଲ କଂଗ୍ରେସ କର୍ମୀମାନେ ଏକଜୁଟ ହୋଇ ଅନ୍ୟାୟର ମୁକାବିଲା କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ମହିଳା କଂଗ୍ରେସ ସଭାନେତ୍ରୀ ରିତାଶ୍ରୀ ମହାନ୍ତି, ଯାଜପୁର ସେବା ଦଳ ଅଧ୍ୟକ୍ଷ ଶ୍ରୀକାନ୍ତ ମଲିକ, ବଡଚଣା ଯୁବ କଂଗ୍ରେସ ସଭାପତି ସଞ୍ଜୟ କର, ମହିଳା କଂଗ୍ରେସ ସଭାପତି ନିରୁପମା ସାହୁ, ପ୍ରାକ୍ତନ ସରପଞ୍ଚ ସେକ ରିଆସତ ଅଲି, କରୁଣାକର ରଣା, ନଳିପୁର ସମିତିସଭ୍ୟ ଖଗେଶ୍ୱର ବେହେରା ପ୍ରମୁଖ ଯୋଗଦେଇ ପ୍ରତିବାଦ କରିଥିଲେ। ଯାଜପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ପଶାୟତଙ୍କୁ ପ୍ରଦାନ କରାଯାଇଥିଲା। ଜୟପ୍ରକାଶ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ବୈରୀ ଥାନାରେ ଚୋରି ଅଭିଯୋଗ

**ବଡଚଣା,୨୩।୯ (ସମିସ):** ବୈରୀ ଢେଙ୍ଗଡଠାରେ ନିର୍ମାଣ ହେଉଥିବା ମେଗା ପାନୀୟଜଳ ଓଭର ହେଡ ପାଣି ଟାଙ୍କିରୁ ଜଣେ ଠିକା ଶ୍ରମିକ ଯୋଗାଣକାରୀ ଗତକାଲି ରାତିରେ ୧୮ ହଜାର ଟଙ୍କା, ଏକ କଟର ମେସିନ ଓ ଏକ ୟାମା ମୋଟର ସାଇକେଲ ଚୋରି କରି ନେଇଥିବା ବୈରୀ ଥାନାରେ ଅଭିଯୋଗ ହୋଇଛି। ଶ୍ରମିକ ଯୋଗାଣକାରୀ ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲାର ଆକାଶ ଦାସ। ପାଣି ଟାଙ୍କି କାମ ପାଇଁ ଦୀର୍ଘ ଦିନ ହେବ ଠିକାଦାର ବିଭିନ୍ନ ସ୍ଥାନରେ କାମ କରି ଶ୍ରମିକ ଯୋଗାଇ ଦେଉଥିବାବେଳେ ଗତକାଲି ରାତିରେ ନିର୍ମାଣ ହେଉଥିବା ବୈରୀ ଢେଙ୍ଗଡ ସ୍ଥିତ ଟାଙ୍କିରୁ ଉକ୍ତ ସାମଗ୍ରୀଗୁଡିକ ଚୋରି କରି ଫେରାର ହୋଇ ଯାଇଥିବା ଜଣାପଡ଼ିଥିଲା। ସୁପରଭାଇଜର ଜଗବନ୍ଧୁ ସେନାପତି ବୈରୀ ଥାନାରେ ଅଭିଯୋଗ କରିଛନ୍ତି।

## ଘରୋଇ ଚିକିତ୍ସାଳୟ ସମ୍ମୁଖ ଆବର୍ଜନାପୂର୍ଣ୍ଣ

**ଯାଜପୁର ଟାଉନ, ୨୩।୯ (ସମିସ):** ସ୍ୱଚ୍ଛତାକୁ ନେଇ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ସହର ସହିତ ଗ୍ରାମ ଗୁଡିକ କିଭଳି ସ୍ୱଚ୍ଛ ରହିବ ତାର ବାର୍ତ୍ତା ଦେବାରେ ସରକାରଙ୍କ ପକ୍ଷରୁ ଅବହେଳା କରାଯାଉନାହିଁ। ଜନସାଧାରଣଙ୍କୁ ଏ ନେଇ ବିଭିନ୍ନ ମାଧ୍ୟମରେ ସଚେତନ କରାଯାଉଛି। ମାତ୍ର ବିଡମ୍ବନାର ବିଷୟ ଯାଜପୁର ସହରର ନାକ କୁହାଯାଉଥିବା ମେଡିକାଲ ଛକ ନିକଟ କୁସୁମା ରାସ୍ତାରେ ଗଦା ହୋଇଛି ବିପୁଳ ପରିମାଣର ଅଳିଆ ଆବର୍ଜନା। ଦିନେ କି ଦୁଇଦିନ ନୁହେଁ ଆଜକୁ ପ୍ରାୟ ୧ ମାସ ହେଲା ଏକ ଘରୋଇ ଚିକିତ୍ସାଳୟର ବର୍ଯ୍ୟବସ୍ତୁ ସହିତ ଅଳିଆ




ଆବର୍ଜନା ଗଦା ହୋଇ ରହିଛି। ଯାହା ପରିବେଶକୁ ସମ୍ପୂର୍ଣ୍ଣ ଦୂଷିତ କରୁଛି।

ଯାଜପୁରର ଅନ୍ୟତମ ପରିଚୟ ହୋଇଛି କୁସୁମା। ସାରା ରାଜ୍ୟରେ କୁସୁମାର ଲୋକପ୍ରିୟତା ବଢ଼ିବଢ଼ି ଚାଲିଥିଲାବେଳେ ପର୍ଯ୍ୟଟଙ୍କ ସଂଖ୍ୟା ମଧ ବଢ଼ି ଚାଲିଛି। କୁସୁମାକୁ ଯିବା ପାଇଁ ଏହି ରାସ୍ତା ହେଉଛି ପ୍ରମୁଖ ରାସ୍ତା। ଏହି ରାସ୍ତା ଦେଇ ଶହଶହ ପର୍ଯ୍ୟଟକ ଗତାଗତ କରୁଥିଲାବେଳେ ଏହି ଘରୋଇ ଚିକିତ୍ସାଳୟର ବର୍ଯ୍ୟବସ୍ତୁ ତାଙ୍କ ନଜରରେ ପଡୁଥିଲାବେଳେ ସେମାନେ ଏହାକୁ ନେଇ ନାକ ଟେକୁଛନ୍ତି। କାହିଁକି ଓ କେଉଁ ପରିସ୍ଥିରେ ଏହି ଅଳିଆ ଆବର୍ଜାନା ପଡ଼ି ରହିଛି ତାହା ସହରବାସୀଙ୍କ ସହିତ ପର୍ଯ୍ୟଟକଙ୍କ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅଳିଆ ଆବର୍ଜାନାକୁ ସଫା କରିବାର ଦାୟିତ୍ୱ ସମ୍ପୃକ୍ତ ଘରୋଇ ଚିକିତ୍ସାଳୟର ନା ଯାଜପୁର ପୌର ପରିଷଦର ତାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ କିଛି ବୁଦ୍ଧିଜୀବୀ ଏହାକୁ ତୁରନ୍ତ ସଫା କରି ପରିଷ୍କାର ଓ ସ୍ୱଚ୍ଛ ରଖିବାକୁ ଦୃଢ ଦାବି କରିଛନ୍ତି।

## ଆବାସରୁ ବଞ୍ଚିତ ଗରିବ ପରିବାର

**ବାଲିଚନ୍ଦ୍ରପୁର ୨୩।୯ (ସମିସ):** ଗରିବ ନିରାଶ୍ରୟଙ୍କୁ ଥଇଥାନ କରିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର, ମୋ କୁଡିଆ ଭଳି ଯୋଜନା ପ୍ରଣୟନ କରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସରକାର। ସରକାରୀ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ବହୁ ଜନହିତକର ଯୋଜନା ବାଟବଣା ହେବାରେ ଲାଗିଛି। ତୃଣମୁଳ ସ୍ତରରେ ଥିବା ଲୋକେ ଅଧିକରୁ ଅଧିକ କିପରି ଏହି ଯୋଜନାରେ ସାମିଲ ହୋଇପାରିବେ ସେଥିପାଇଁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇଥିଲାବେଳେ ଦାୟିତ୍ୱରେ ଥିବା ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଉଚିତ ଦୃଷ୍ଟି ଦେଉନାହାନ୍ତି। ଫଳରେ ବହୁ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ବଡଚଣା ବ୍ଲକ ପଲାଇ ପଞ୍ଚାୟତର ଖୁଲଣା ମଲ୍ଲିକ ଆବାସ



ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହି ପରିବାରର ସଦସ୍ୟ ସଂଖ୍ୟା ୪ଜଣ। ପରିବାରର ରୋଜଗାର କହିଲେ ମୂଲ ଲାଗିବା ଦ୍ୱାରା ଯାହା ମଜୁରି ମିଳେ ସେତିକି। ସ୍ୱାମୀ ନାରାୟଣ ବିଲରେ ମୂଲ ଲାଗି ଯାହା ଆଣନ୍ତି ପରିବାର ଚଳେ। ପରିବାରକୁ କେବଳ ଟଙ୍କିକିଆ ଚାଉଳ ଛଡା ଅନ୍ୟ କୌଣସି ସରକାରୀ ସୁବିଧା ମିଳିନାହିଁ। ସରକାରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ଯୋଗ୍ୟ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଏହି ଯୋଜନାରେ ତାଙ୍କ ନାମ ସାମିଲ ହୋଇ ପାରିନାହିଁ। ଗୋବରୀ ନଈ ବନ୍ୟା ପାଣି ତାଙ୍କ ଘର ଭିତରେ ପଶିଯାଇଥିଲା। ଚାଳ ଘରର କାନ୍ଥ ସବୁ ବନ୍ୟା ପାଣିରେ ନଷ୍ଟ ହୋଇଯାଇଛି। ନିଜ କୁଡିଆରେ ରହୁଥିବା ବେଳେ ଅର୍ଥାଭାବ ଯୋଗୁଁ ଏହାକୁ ମରାମତି କରିବା ମଧ ସମ୍ଭବ ନୁହେଁ। ବ୍ଲକ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତାଙ୍କ ବିଷୟରେ ଉପଯୁକ୍ତ ତଦନ୍ତ କରି ଆବାସ ଗୃହ ଖଣ୍ଡେ ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି।

## ୨୦ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ

**ଯାଜପୁର, ୨୩।୯ (ସମିସ):** ଆଜି ଯାଜପୁର ଜିଲ୍ଲାରେ ୨୦ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବରୀ ବ୍ଲକରେ ୩ ଜଣ, ବିଞ୍ଝାରପୁର ବ୍ଲକରେ ଜଣେ, ଦାନଗଦି ବ୍ଲକରେ ୨ ଜଣ, ଧର୍ମଶାଳା ବ୍ଲକରେ ୨ ଜଣ, ଦଶରଥପୁର ବ୍ଲକରେ ୩ ଜଣ, ଯାଜପୁର ବ୍ଲକରେ ୩ ଜଣ, କୋରେଇ ବ୍ଲକରେ ୪ ଜଣ, ସୁକିନ୍ଦା ବ୍ଲକରେ ଜଣେ, ବ୍ୟାସନଗର ପୌରାଞ୍ଚଳରେ ଜଣେ ସଂକ୍ରମିତ ହୋଇଥିବା ଜଣାଯାଇଛି। ଅପରପକ୍ଷେ ବଡଚଣା ବ୍ଲକ, ଯାଜପୁର ପୌରାଞ୍ଚଳରେଓ ରସୁଲପୁର ବ୍ଲକରେ ଶୂନ୍ୟ ସଂକ୍ରମଣ ହୋଇଥିବା ଜଣାଯାଇଛି।

## ସମାଜସେବୀଙ୍କ ଶ୍ରାଦ୍ଧବାର୍ଷିକୀ

**ବଡଚଣା,୨୩।୯ (ସମିସ):** କଇଥା ପଞ୍ଚାୟତ ଗୋପିନାଥପୁର ଗ୍ରାମର ବିଶିଷ୍ଟ ସମାଜସେବୀ ସତ୍ୟ ନାରାୟଣ ପାଲା ପରିଷଦର ସମ୍ପାଦକ ସ୍ୱର୍ଗତ ନଗେନ୍ଦ୍ର ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ୍ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଭରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅତିଥିଭାବେ ପାଲା କମିଟିର ସଭାପତି ବାବାଜି ଚରଣ ଓଝା, ତ୍ରିଲୋଚନ ଦାସ, ହୃଷିକେଶ ସାହୁ, ରମେଶ ସେନାପତି, ସୁନ୍ଦରା ମହାରଣା, କାର୍ତ୍ତିକ ସାହୁ, ସାମ୍ବାଦିକ କାର୍ତ୍ତିକ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରି ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ହରିପୁର ବଜାରରେ ଜମୁଛି ପାଣି

**ଯାଜପୁର, ୨୩।୯ (ସମିସ):** ଯାଜପୁର ଜିଲ୍ଲାର କିଛି ପ୍ରମୁଖ ବ୍ୟବସାୟ ସ୍ଥଳ ମଧ୍ୟରୁ ହରିପୁର ବଜାର ଅନ୍ୟତମ। ଜିଲ୍ଲାର ଅନ୍ୟତମ ବ୍ୟବସାୟିକ ପେଣ୍ଠ ସ୍ଥଳର ମାନ୍ୟତା ପାଇଥିବା ଏହି ସ୍ଥାନରେ ସକାଳରୁ ରାତି ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କ ଭିଡ ଲାଗି ରହିଥାଏ। ଫଳରେ ଏହି ବଜାରରେ ସବୁ ସମୟରେ ଗହଳି ଦେଖିବାକୁ ମିଳେ। ଏହି ବଜାର ମଧ ଦେଇ ୨୦ ନମ୍ବର ଜାତୀୟ ରାଜପଥ ଯାଜପୁର ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲାବେଳେ ଏହି ରାସ୍ତାରେ ମଧ ହଜାର ହଜାର ଗାଡି ମୋଟର ଗତାଗତ କରୁଛି। ଫଳରେ ଏହି ବଜାରର ଗୁରୁତ୍ୱ ବେଶ ଅଧିକ। ନିକଟରେ ଏହି ବଜାର ଦେଇ ଯାଇଥିବା ଜାତୀୟ ରାଜପଥ ରାସ୍ତାକୁ ପୁନର୍ବାର ପିଚୁ କରାଯାଇଥିବା ଦେଖିବାକୁ ମିଳିଛି। ହେଲେ ପିଚୁ ପରେ ରାସ୍ତା କଡ ଖାଲକୁ ନାଳିମାଟି ନପକାଇ ଛାଡି ଦିଆଯାଇଛି। ଫଳରେ ବଜାରର




ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ପାଣି ଜମି ରହିଥିବାରୁ ଏହି ରାସ୍ତାରେ ଗତାଗତ କରିବାରେ ସମସ୍ୟା ଦେଖାଦେଇଛି। ରାସ୍ତା କଡରେ ପାଣି ଜମିଥିବାରୁ ପଥଚାରୀ ରାସ୍ତା ତଳକୁ ଖସିପାରୁନାହାନ୍ତି। ଏହି ଖାଲରେ ଗାଡି ଚଳାଇ ଗଲାବେଳକୁ ପାଣି ଛିଟିକା ଦୋକାନ ଭିତରେ ପଡ଼ିବା ସହିତ ଗ୍ରାହକମାନଙ୍କୁ ମଧ ଓଦା କରି ଦେଉଛି। ଜାତୀୟ ରାଜପଥ ବିଭାଗ ତୁରନ୍ତ ଏହା ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଲଗାଣ ବର୍ଷାର ପ୍ରଭାବ

# ପରିବା ଦୁର୍ଗରେ ନାହିଁ ପରିବା

**ସୁଜନପୁର, ୨୩।୯ (ସମିସ)**

ଲଗାଣ ବର୍ଷା ଓ ବନ୍ୟାର ପ୍ରଭାବ ଚାଷକୁ ସମ୍ପୂର୍ଣ୍ଣ ର୍ ଧୋଇ ନେଇଛି। ଫଳରେ ଧାନ ଚାଷୀଙ୍କ ସହିତ ପରିବା ଚାଷୀ ମଧ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ଧାର ଉଦ୍ଧାର କରି ପରିବା ଚାଷ କରି ଲାଭ କମାଇବାକୁ ଉଦ୍ୟମ କରୁଥିବା ପରିବା ଚାଷୀ ମାନେ ଏହାକୁ ନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ବ୍ୟାପକ ପରିବା ଚାଷ ହୋଇଥାଏ। ବିଶେଷ କରି ରସୁଲପୁର, ଧର୍ମଶାଳା, ଯାଜପୁର ଓ ବରୀ ବ୍ଲକରେ ବ୍ୟାପକ ପରିବା ଚାଷ ଦେଖିବାକୁ ମିଳିଥାଏ। ଯାଜପୁର ବ୍ଲକର ଇନ୍ଦାରୋଇ, ଏରବାଙ୍ଗ, ସୁଜନପୁର ଆଦି ସ୍ଥାନରେ ବ୍ୟାପକ ପରିବା ଚାଷ କରାଯାଏ। ବ୍ୟାପକ ପରିବା ଚାଷ ପାଇଁ ଏହାକୁ ପରିବା ଦୁର୍ଗ କୁହାଯାଏ। ଫୁଲକୋବି, ବନ୍ଧା କୋବି ସହିତ ବାଇଗଣ, ବିଲାତି ବାଇଗଣ ଝୁଡଙ୍ଗ ପ୍ରଭୃତି ଚାଷ ବିପୁଳ ପରିମାଣର କରାଯାଏ। ଏହି ସବୁ ପନିପରିବାକୁ ଜିଲ୍ଲା ବାହାର ସହିତ ରାଜ୍ୟ ବାହାରକୁ ମଧ ପଠାଯାଏ। ଚଳିତ ବର୍ଷ ଲଗାଣ ବର୍ଷା ପୂର୍ବରୁ ଏହି ସବୁ ସ୍ଥାନର ବହୁ ପରିବା ଚାଷୀ ପରିବା ଚାଷ ଆରମ୍ଭ କରିଦେଇଥିଲେ। ହେଲେ ଲଗାଣ ବର୍ଷା ଫଳରେ ପରିବା ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଛି। ଫଳରେ ପରିବା ଦୁର୍ଗରେ ଏବେ ଆଉ ପରିବା ନାହିଁ। ଚିନ୍ତାଗ୍ରସ୍ତ କରି ଦେଇଛି। କ୍ଷତି ସହି ମଧ ଆଗୁଆ ପରିବା ଚାଷ କରିବାକୁ ଚାଷୀ ଆଗକୁ ଗୋଡ କାଢୁଥିଲାବେଳେ



ଆଗକୁ ପୁଣି ଲଗାଣ ବର୍ଷାର ଆକଳନ ପାଣିପାଗ ବିଭାଗ କରୁଥିଲାବେଳେ ଏହା ପରିବା ଚାଷୀଙ୍କୁ ଲଗାଣ ବର୍ଷାର ଆଶଙ୍କା ସେମାନଙ୍କୁ ରୋକିବାକୁ ବାଧ କରିଛି।

### ବର୍ଷା ଓ ବନ୍ୟା ପରେ ପରିବା ମୂଲ୍ୟ ଆକାଶ ଛୁଆଁ

**ଯାଜପୁର, ୨୩।୯ (ସମିସ):** ଲଗାଣ ବର୍ଷା ଓ ବନ୍ୟା ପରେ ଜିଲ୍ଲାରେ ପରିବା ମୂଲ୍ୟ ଆକାଶ ଛୁଆଁ ହୋଇଛି। ଲଗାଣ ବର୍ଷା ଲାଗିରହିବା ଦ୍ୱାରା ବିଭିନ୍ନ ପରିବା କ୍ଷେତରେ ପାଣି ଜମି ରହିଥିଲା। ଏହା ପରେ ଆସିଥିବା ବନ୍ୟା ପରିବା ଚାଷକୁ ସମ୍ପୂର୍ଣ୍ଣ ବୁଡାଇ ଦେଲା। ଫଳରେ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ବନ୍ୟା କମିଲା ପରେ ଏହି ପରିବା ଗଛ ସବୁ ପଚି ନଷ୍ଟ ହେବାରୁ ଏବେ ଦେଶୀ ପରିବା ଆଉ ବଜାରରେ ମିଳୁନାହିଁ। ଫଳରେ ଜିଲ୍ଲାର ବିଭିନ୍ନ ପ୍ରମୁଖ ବଜାରରେ ପରିବାର ଅଭାବ ଦେଖାଦେଇଛି। ଫଳରେ ଏବେ ପରିବା ପାଇଁ ବାହାର ଜିଲ୍ଲା ଓ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଯାହା ଫଳରେ ପରିବାର ମୂଲ୍ୟ ଏବେ ଆକାଶ ଛୁଆଁ ହୋଇଛି। ଏବେ ଯାଜପୁର ଜିଲ୍ଲାର ବିଭିନ୍ନ ପରିବା ବଜାରରେ କଖାରୁ କେଜି ପ୍ରତି ୨୦ ଟଙ୍କା, ବାଇଗଣ ୪୦ ଟଙ୍କା, ପୋଟଳ ୫୦ ଟଙ୍କା, କାଙ୍କଡ ୫୦ ଟଙ୍କା, ଗାଜର ୫୦ ଟଙ୍କା, ବିଲାତି ବାଇଗଣ ୩୦ ରୁ ୩୫ ଟଙ୍କା, ଝୁଡଙ୍ଗ ୬୦ ଟଙ୍କା, ବିନ୍ସ ୧୦୦ ଟଙ୍କା, ଫୁଲ କୋବି କେଜି ପ୍ରତି ୭୦ ଟଙ୍କା, ବନ୍ଧା କୋବି ୪୦ ଟଙ୍କା, ପୋଇ ୩୦, ଜହ୍ନି ୪୦, ଭେଣ୍ଡି ୫୦, ଛଚିନ୍ଦ୍ରା ୨୦, ସଜନା ଛୁଇଁ ୮୦, କଲରା ୫୦, କ୍ୟାପସିକମ ୧୨୦ ଟଙ୍କାରେ ବିକ୍ରି ହେଉଛି। ଯାହା ସାଧାରଣ ଖାଉଟିଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଏହି ପରିବାର ମୂଲ୍ୟ ଆହୁରି ବୃଦ୍ଧି ପାଇବ ବୋଲି ପରିବା ବ୍ୟବସାୟୀ ମତ ଦେଇଛନ୍ତି।



## କାମର ମାନକୁ ନେଇ ସାଧାରଣରେ ସନ୍ଦେହ

# ଧୋଇଗଲା ୨ କୋଟିର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ

**ଦାନଗଦି,୨୩।୯ (ସମିସ)**

ସାମାନ୍ୟ ବର୍ଷାରେ ଦୁଇ ବର୍ଷ ତଳେ ନିର୍ମିତ ହୋଇଥିବା ଭିତରମାଣିକା-ନଟିମିରା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ରାସ୍ତାଟି ସମ୍ପୂର୍ଣ ଭାବେ ଧୋଇ ନଷ୍ଟ ହୋଇଯାଇଛି। ନିମ୍ନ ମାନର କାର୍ଯ୍ୟ ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ-୨୦୦ ରୁ ନଟିମିରା ରାସ୍ତା , ଜାତୀୟ ରାଜପଥ-୨୦୦ରୁ ଗୋଲାଗାଁ ରାସ୍ତା ସମ୍ପ୍ରସାରଣ ଏବଂ କଲଭର୍ଟ ନିର୍ମାଣ ସହ ,ଏକ୍ସପ୍ରେସ ରୋଡରୁ ଖଣ୍ଡରା ରାସ୍ତା କାମ ପାଇଁ ଦୁଇ ବର୍ଷ ତଳେ ସରକାର ୧ କୋଟି ୯୧ ଲକ୍ଷ ୪୩ ହଜାର ଟଙ୍କା ପୂର୍ତ୍ତ ବିଭାଗକୁ ଯୋଗାଇ ଦେଇଥିଲେ। ରାସ୍ତା ଚଉଡା କରା ନ ଯାଇ ପୂର୍ବରୁ ଥିବା ରାସ୍ତା ଉପରେ ପତଳା ପିଚୁ ପକାଇ ସମ୍ପୃକ୍ତ ଠିକାଦାର ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। କୌଣସି କଲଭର୍ଟ ହୋଇ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଜଣାପଡ଼ିଛି। ସାମାନ୍ୟ ବର୍ଷାରେ ପିଚୁ ସବୁ ଉଠିଯାଇ ରାସ୍ତା ଉପରେ ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇଛି।

୨୦୧୮-୧୯ ଆର୍ଥିକ ବର୍ଷରେ ଏହି ରାସ୍ତା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଡକା ଯାଇଥିଲା। ଶ୍ରୀ କ୍ରିଷ୍ଣା କନଷ୍ଟ୍ରକସନ ଏହି କାମକୁ ଏକ କୋଟି ୯୧ ଲକ୍ଷ ୪୧ ହଜାର ଟଙ୍କାରେ ପାଇଥିଲେ। ଏଥିରେ ରାସ୍ତା ସମ୍ପ୍ରସାରଣ ସହିତ ବିଭିନ୍ନ ସ୍ଥାନରେ ପାଣି ଗତାଗତ କରିବା ପାଇଁ କଲଭର୍ଟ ସବୁ ନିର୍ମାଣ କରିବା ଏଷ୍ଟିମେଟରେ ଥିଲା। କିନ୍ତୁ ସମ୍ପୃକ୍ତ ଠିକାଦାର ଏବଂ ବିଭାଗୀୟ ଅଧିକାରୀ ମିଳି ମିଶି ଏହି କାର୍ଯ୍ୟକୁ ଅତି ନିମ୍ନମାନର କରିବାସହ କୌଣସି ଜାଗାରେ ସୁଚନା ଫଳକ କିମ୍ବା କଲଭର୍ଟଟିଏ ନ କରି ବିଲ ହାତେଇ ନେବାରେ ସକ୍ଷମ ହୋଇଥିବା ଅଭିଯୋଗ ହୋଇଥିଲା ବେଳେ ଏହା ଜଳଜଳ ଦେଖାଯାଉଛି। କାମ ଚାଲିଥିବା ସମୟରେ ଗ୍ରାମବାସୀମାନେ ବିରୋଧ କରିବାରୁ ସେମାନଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରି ସମ୍ପୃକ୍ତ ଠିକାଦାର ଅତି ତରବରିଆ ଭାବେ କାମ ଶେଷ କରି ଚାଲିଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଯାହା ଫଳରେ ପିଚୁ ଉଠିଯିବା ସହ ମେଣ୍ଟାଲ ସବୁ ବାହାରି ଗାତ ସୃଷ୍ଟି ହୋଇଛି। ସାଧାରଣ ଲୋକେ ଏବେ ଏହି ରାସ୍ତାରେ ଯିବାକୁ ପାଇଁ ଭୟ କରୁଛନ୍ତି। ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଯୋଗାଯୋଗ ସମ୍ଭବ ହୋଇନାହିଁ। ଅପରପକ୍ଷେ ଏହି ରାସ୍ତା ନିର୍ମାଣର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

# ଯାଜପୁର ଇସ୍କନ ମନ୍ଦିର ଆନୁକୂଲ୍ୟରେ ନଗର ଭ୍ରମଣ



**ଯାଜପୁର ଟାଉନ,୨୩।୯ (ସମିସ):** ଯାଜପୁର ସହର ଲାଖବିନ୍ଧାସ୍ଥିତ ଇସ୍କନ ମନ୍ଦିର ଆନୁକୂଲ୍ୟରେ ନଗର ଭ୍ରମଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶ୍ରୀ ଗୁରୁ ପ୍ରଭୁପାଦ ଆମେରିକା ଯାତ୍ରା କରି ଗୀତା ଭାଗବତ ଅମୃତବାଣୀ ମାଧମରେ ଆମେରିକାବାସୀଙ୍କ ମନ ପରିବର୍ତ୍ତନ କରିବା ପାଇଁ ଆଜିର ଦିନରେ ଭାରତରୁ ଆମେରିକା ଯାତ୍ରା ଆରମ୍ଭ କରିଥିଲେ। ଏଣୁ ଉକ୍ତ ସ୍ମରଣୀୟ ଦିବସକୁ ମନେରଖିବା ପାଇଁ ଆଜି ବିଶ୍ୱର କୋଣ ଅନୁକୋଣରେ ନଗର କୀର୍ତ୍ତନ ଭ୍ରମଣ କରି ପ୍ରଭୁପାଦ ମହିମା କୀର୍ତ୍ତନ କରାଯାଉଛି। ନଗର କୀର୍ତ୍ତନରେ ବହୁଭକ୍ତ ଯୋଗଦେଇ ହରିବୋଲ ହୁଳହୁଳି, ଶଙ୍ଖ ଧ୍ୱନୀ, ମୃର୍ଦ୍ଦଙ୍ଗ କରତାଳିରେ ସହର ପ୍ରକମ୍ପିତ କରି ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଉକ୍ତ ନଗର କୀର୍ତ୍ତନ ଲାଖବିନ୍ଧା ମନ୍ଦିର ଠାରୁ ବାହାରି ବିରଜା ମନ୍ଦିର, ଅଠରନଳା, ଗରିଆପୁର, ବଡବଜାର, ହାବେଳି ବଜାର ଦେଇ ବରାହ ମନ୍ଦିରରେ ପହଞ୍ଚିଥିଲା। ଉକ୍ତ କାର୍ଯ୍ୟକ୍ରମ ମନ୍ଦିରର ପରିଚାଳକ ହରି ଭୂଷଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଯଥା ସମୟରେ ପାଳିତ କରାଯାଇଥିଲା। ଭକ୍ତମାନେ ଦଶାଶ୍ୱମେଧ ଘାଟରେ ସ୍ନାନ ଓ ତର୍ପଣ କରିବା ସହିତ ପ୍ରଭୁପାଦଙ୍କ ଫଟୋକୁ ସ୍ନାନ କରାଇ ପୂଜା ପାଠ ସହିତ ବେଦପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମନ୍ଦିରର ପରିଚାଳନା କମିଟିର କର୍ମକର୍ତ୍ତା, ସଭ୍ୟ ଓ ସଭ୍ୟାମାନେ ପରିଚାଳନା କରିଥିଲେ।

# ଜୋନ୍ ସଂଯୋଜକ ଭାବେ ଶାରଦା ପ୍ରସନ୍ନ ମହାନ୍ତି ମନୋନୀତ

**ବଡ଼ଚଣା,୨୩।୯ (ସମିସ):** ବଡଚଣା ବିଜେଡି ପକ୍ଷରୁ ୫ ଜୋନ ପାଇଁ କୋଅଡିନେଟର ଭାବେ ଶାରଦା ପ୍ରସନ୍ନ ମହାନ୍ତିଙ୍କୁ ମନୋନୀତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ, ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି ସୁପାରିଶ ଓ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅନୁମୋଦନ କ୍ରମେ ବଡଚଣାର ୫ଟି ଜୋନ ପାଇଁ ଶ୍ରୀ ମହାନ୍ତି ଜୋନ କୋଅଡିନେଟର ଭାବେ ମନୋନୀତ କରାଯାଇଛି। ତେଣୁ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡିର ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ,ବଡଚଣା ବିଧାୟକ ଅମର ପ୍ରସାଦ ଶତପଥି ଓ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ମହାନ୍ତି ଏହି ଦାୟିତ୍ୱ ନେବା ପରେ ବଡଚଣା ବିଜେଡିକୁ ତୃଣମୂଳ ସ୍ତରରେ ଆହୁରି ମଜଭୂତ କରି ଆଗାମୀ ନିର୍ବାଚନରେ ବିଜେଡି କିପରି ଅଧିକ ସଫଳ ପାଇପାରିବେ ସେ ନେଇ ଉଦ୍ୟମ କରିବେ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ବଡଚଣା ବିଜେଡିର ବହୁ ନେତା ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ହଜିଲା ଝିଅକୁ ଫେରି ପାଇଲା ମା’

# ୪ ବର୍ଷ ପରେ ଝାରସୁଗୁଡ଼ାରୁ ଘରକୁ ଫେରିଲା ରାଧିକା



**ଧର୍ମଶାଳା,୨୩।୯ (ସମିସ):** ମାସେ ନୁହେଁ କି, ବର୍ଷେ। ଦୀର୍ଘ ୪ ବର୍ଷ ପରେ ଘରକୁ ଫେରିଛି ରାଧିକା। ଝାରସୁଗୁଡାରୁ ଏକ ଏନଜିଓ ସଂସ୍ଥା ଦ୍ୱାରା ରାଧିକା ଠାବ ପରେ ତା’ର ଠିକଣା ପାଇବାକୁ ଦୀର୍ଘ ଦିନ ଲାଗିଯାଇଥିଲା। ଶେଷରେ ସ୍ଥାନୀୟ ସରପଞ୍ଚ ଓ ସମାଜସେବୀଙ୍କ ହସ୍ତକ୍ଷେପ ପରେ ଆଜି ରାଧିକାକୁ ତାର ପରିବାରକୁ ହସ୍ତାନ୍ତର କରାଯାଇଛି। ହଜିଲା ଝିଅକୁ ପାଇଲା ପରେ ପରିବାରରେ ଆନ୍ଦରର ଲହରି ଖେଳିଯାଇଛି। ଘଟଣା ଥିଲା ଏମିତି, ନେଉଳପୁର ପଞ୍ଚାୟତ ବାଲିବିରି ଗାଁର ସ୍ୱର୍ଗତ ଦିବାକର ମୁଣ୍ଡା ଓ ମାତା କାପୁସୀ ମୁଣ୍ଡାଙ୍କ ଝିଅ ହେଉଛି ରାଧିକା। ବର୍ତ୍ତମାନ ରାଧିକାର ବୟସ ହେଉଛି ୨୦ ବର୍ଷ। ୨୦୧୭ ମସିହାରେ ଝାରସୁଗୁଡା ବସ୍ ଷ୍ଟାଣ୍ଡରେ ଭିକ୍ଷାବୃତ୍ତି କରୁଥିବା ବେଳେ ତାକୁ ‘ସେହେଡା’ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଦେଖି ପରିଚୟ ପଚରାଉଚରା କରିଥିଲେ। ହେଲେ ରାଧିକା କିଛି କହି ପାରି ନଥିଲା। ସେହିଦିନ ଠାରୁ ତାକୁ ଭିକ୍ଷାବୃତ୍ତିରୁ ନିବୃତ ରଖାଯାଇ ଅନୁଷ୍ଠାନର ‘ସ୍ୱାଭିମାନ’ ଗୃହରେ ଆଶ୍ରୟ ଦିଆଯାଇଥିଲା। ଧୀରେ ଧୀରେ ତା ସହିତ କଥାବାର୍ତ୍ତା ପରେ ବହୁଦିନ ପରେ ତା ପରିବାର ଠିକଣା ସେ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ କହିଥିଲା। ଏହାପରେ ଏହି ଅନୁଷ୍ଠାନର ବଡଚଣାର ‘ସିପ୍ରା’ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରିଚାଳିକା ଗଜାଲା ରେୟାନଙ୍କ ସହିତ ଯୋଗାଯୋଗ ହୋଇଥିଲା। ଏହାପରେ ଗଜାଲା ରେୟାନ ସାହିତ୍ୟିକ ତଥା ସମାଜସେବୀ ଡ. ପ୍ରିୟନାଥ ମହାପାତ୍ରଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଡ. ମହାପାତ୍ରଙ୍କ ଠାରୁ ଠିକଣା ପାଇବା ପରେ ଝାରସୁଗୁଡାରୁ ‘ସ୍ୱାଭିମାନ’ର ପରିଚାଳିକା ସାବିତ୍ରୀ ଦେବୀଙ୍କ ସହାୟତାରେ ରାଧିକା ଆସି ଗାଁରେ ପହଞ୍ଚିଥିଲା। ଏହିକ୍ରମରେ ରାଧିକାକୁ ମାଆ କାପସୀଙ୍କୁ ହସ୍ତାନ୍ତର କରାଯାଇଥିଲା। ସରପଞ୍ଚ ଦିବାକର ବେହେରା, ଡ. ମହାପାତ୍ର, ଗଜାଲା ରେୟାନ ଓ ପଞ୍ଚାନନ ରାଉତ ପ୍ରମୁଖ ହସ୍ତାନ୍ତର ସମୟରେ ଉପସ୍ଥିତି ରହିଥିଲେ।

# ମଦ ଜବତ; ଦୁଇ ଗିରଫ

**ଜଗତସିଂହପୁର,୨୩।୯ (ସମିସ) :** ଜିଲ୍ଲାର ଏରସମା ଓ ରଘୁନାଥପୁର ଥାନା ଅଞ୍ଚଳରୁ ୩୭ ଲିଟର ୪୮୪ ଗ୍ରାମ ବିଦେଶୀ ମଦ ଜବତ କରାଯିବା ସହିତ ୨ଜଣ ମଦ ମାଫିଆଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଖବରରୁ ପ୍ରକାଶ, ଏରସମା ଥାନା ଅନ୍ତର୍ଗତ ଜାମୁକଣା ଗ୍ରାମର ଲଳିତ ମୋହନ ଗୋଚ୍ଛାୟତ ଓ ରଘୁନାଥପୁର ଥାନା ଗୁଆଳିପୁରର ବିକ୍ରମଦାସ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ଚୋରା ମଦ ବିକ୍ରୟ କରିଆସୁଥିଲେ। ଏହି ଖବର ମିଳିବାପରେ ପୁଲିସ ଦ୍ୱାରା ଚଢ଼ଉ କରାଯାଇ ଉଭୟଙ୍କ ନିକଟରୁ ବେଆଇନ ମଦ ଜବତ କରାଯିବା ସହିତ ସେମାନଙ୍କୁ ଗିରଫ କରାଯାଇଥିଲା। ଉଭୟଙ୍କ ବିରୋଧରେ ଏରସମା ଓ ରଘୁନାଥପୁର ଥନାରେ ମାମଲା ରୁଜୁ କରାଯିବା ସହିତ ସେମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସୂଚନା ଦେଇଛନ୍ତି।

# ଦେଶୀ ମଦ ଜବତ; ୩ ଗିରଫ

**ଧର୍ମଶାଳା,୨୩।୯ (ସମିସ):** ଧର୍ମଶାଳା ପୁଲିସ ଆରୁହା ଅଞ୍ଚଳରୁ ଦେଶୀ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ବ୍ୟବହାର କରୁଥିବା ଏକ ବାଇକକୁ ମଧ୍ୟ ପୁଲିସ ଜବତ କରିଛି। ଗିରଫ ୩ ଜଣ ହେଲେ ଦେଓଦା ଚଇନିହୁଡା ଅଞ୍ଚଳର ବାବୁ ମଲିକ(୩୩), ସୁଙ୍ଗୁଡା ଅଞ୍ଚଳର ଦାମୋଦର ମଲିକ(୨୨) ଓ ମଣ୍ଟୁ ମହାନ୍ତି(୨୩)। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଦିନ ଆରୁହା ଠାରେ ପୁଲିସ ପାଟ୍ରୋଲିଂ ସମୟରେ ଦାମୋଦର ଓ ବାବୁ ଏକ ହିରୋହଣ୍ଡା ବାଇକରେ ଟ୍ୟୁବରେ ଦେଶୀ ମଦ ନେଇ ଯାଉଥିବା ସମୟରେ ଧରାପଡ଼ିଥିଲା। ତା ଠାରୁ ୬୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ପୁଣି ଏହାର କିଛି ସମୟ ପରେ ଆରୁହା ଠାରେ ଥିବା ଏକ ଢାବାରେ ପୁଲିସ ଚଢଉ କରିଥିଲା। ସେଠାରେ ହୋଟେଲ କର୍ମଚାରୀ ମଣ୍ଟୁ ଏକ କଳା ଜାର୍କିନରେ ୩୦ଲିଟର ଦେଶୀ ମଦ ଲୁଚାଇ ରଖିଥିଲା। ତାକୁ ମଧ୍ୟ ପୁଲିସ ଜବତ କରିଥିଲା। ଏହି ଘଟଣାରେ ୩ ଜଣଙ୍କୁ ପୁଲିସ ଗିରଫ କରିଥିଲା। ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଫେରାର୍ ଦୁଷ୍କର୍ମ ଅଭିଯୁକ୍ତ ଗିରଫ

# ବାପା ବିରୋଧରେ ଅଭିଯୋଗ ଆଣିଥିଲା ଝିଅ



**କେନ୍ଦ୍ରାପଡ଼ା,୨୩।୯ (ସମିସ):** ନିଜ ବାପା ତାଙ୍କର ଜଣେ ନାବାଳିକା ଝିଅକୁ ଦୁଷ୍କର୍ମ କରିଥିବା ନେଇ ଗତ ବର୍ଷ ସଦର ଥାନାରେ ଅଭିଯୋଗ ହୋଇଥିଲା ଏହି ଅଭିଯୋଗକୁ ଭିତ୍ତି କରି ୨୦୨୦ ମସିହା ଅକ୍ଟୋବର ମାସ ୫ତାରିଖରେ ପୁଲିସ ୨୪୦/୨୦ ଏକ ମାମଲା ରୁଜୁ କରିଥିଲା। ଏହାପରେ ଅଭିଯୁକ୍ତ ବାପା ଜଣଙ୍କ ଫେରାର ହୋଇଯାଇଥିଲେ। ଗତ ବୁଧବାର ସଦର ଥାନା ପୁଲିସ ଏକ ବିଶେଷ ସୂତ୍ରରୁ ଖବର ପାଇ କଟକରୁ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ସୂଚନା ଦେଇଛନ୍ତି। କିନ୍ତୁ ଏହି ଘଟଣା ଘଟିଥିବା ଅଞ୍ଚଳର ପଡୋଶୀମାନଙ୍କ ସୂଚନା ମୁତାବକ ସମ୍ପୃକ୍ତ ପୀଡିତା ନାବାଳିକାଙ୍କ ମାମୁଁ ଏକ ପୂର୍ବ ବିବାଦକୁ ନେଇ ନାବାଳିକାଙ୍କ ବାପାଙ୍କ ବିରୋଧରେ ଏଭଳି ସଂଗୀନ ଅଭିଯୋଗ କରିବାକୁ ସମ୍ପୃକ୍ତ ନାବାଳିକାଙ୍କୁ ଉସକାଇ ଥିଲେ। ଫଳରେ ନାବାଳିକା ଜଣଙ୍କ ଏଭଳି ଅଭିଯୋଗ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସଦର ଥାନାର ଭାରପ୍ରାପ୍ତ ଅଧିକାରୀ ପବିତ୍ର ମହାରଣା ଉପସ୍ଥିତ ଥିଲେ।

# ବ୍ରାହ୍ମଣୀରେ ବୃଦ୍ଧ ନିଖୋଜ; ମିଳୁନାହିଁ ପତ୍ତା

**ଜେନାପୁର, ୨୩।୯ (ସମିସ):** ଜେନାପୁର ଥାନା ରେଖିଦେଇପୁର ପଞ୍ଚାୟତର ପାଇକରାପୁର ଗ୍ରାମର ଜନୈକ ବୃଦ୍ଧ ବ୍ରାହ୍ମଣୀ ନଦୀରେ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ ଗ୍ରାମର ଘନଶ୍ୟାମ ସାହୁ(୬୨) ଆଜି ବଡି ଭୋରରୁ ନଦୀକୁ ଗାଧେଇବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନଫେରିବାରୁ ପରିବାର ଲୋକ ଏହାକୁ ନେଇ ଚନ୍ତିତ ହୋଇ ପଡ଼ିଥିଲେ। ଫଳରେ ତୁରନ୍ତ ନଦୀ ନିକଟକୁ ଯାଇ ଖୋଜାଖୋଜି କରି ତାଙ୍କ ପତ୍ତା ପାଇନଥିଲେ। ହେଲେ ଘନଶ୍ୟାମଙ୍କ ଚପଲ ନଦୀ କୂଳରେ ଥିବା ଦେଖିବାକୁ ପାଇ ସେ ନଦୀରେ ବୁଡିଯାଇଥିବା ନେଇ ଆଶଂକା କରିଥିଲେ। ଏ ନେଇ ଗ୍ରାମବାସୀଙ୍କୁ ତାଙ୍କ ପୁଅ ଅନାଦି ଜଣାଇବା ସହିତ ଅଗ୍ନିଶମ ବାହିନୀ ଓ ଓଡ୍ରାଫଙ୍କୁ ଖବର ଦେଇଥିଲେ। ଉଭୟ ବିଭାଗର କର୍ମଚାରୀ ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜାଖୋଜି ପରେ ତାଙ୍କର ପତ୍ତା ପାଇନଥିବା ଜଣାଯାଇଛି। ଏ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

# ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

**ଧର୍ମଶାଳା,୨୩।୯ (ସମିସ):** ରୋଟାରୀ କ୍ଲବ ଜାରକାର ଅଧିଷ୍ଠାନ ଉତ୍ସବ ଜାରକା ଶାନ୍ତି ବଜାରସ୍ଥିତ ଦୁର୍ଗାମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ୨୦୨୨-୨୩ବର୍ଷର ନିର୍ବାଚିତ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିୟାନ ପ୍ରଭୁଦତ୍ତ ସୁବୁଦ୍ଧି, ମୁଖ୍ୟ ବକ୍ତା ଭାବରେ ପ୍ରଫେସର ଡ଼ାକ୍ତର ନୀଳମାଧବ ରଥ, ସମ୍ମାନୀୟଅତିଥିଭାବରେ ଏଜି ରୋଟାରିୟାନ ନନ୍ଦ କିଶୋର ସାହୁ ଓ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରାଏ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୨୦୨୦-୨୧ର ସଭାପତି ରୋଟାରୀୟାନ ଉମେଶ ଜେନା ଓ ସମ୍ପାଦକ ରୋଟାରିୟାନ ଜୟପ୍ରକାଶ ତ୍ରିପାଠୀଙ୍କର ରୋଟାରି ବର୍ଷ କାର୍ଯ୍ୟ ସମାପ୍ତ ହୋଇଥିବାରୁ ୨୦୨୧-୨୨ ବର୍ଷ ପାଇଁ ନୂତନ ସଭାପତି ଭାବେ ରୋଟାରୀୟାନ ନିରଞ୍ଜନ ପାଣିଗ୍ରାହୀ ଓ ସମ୍ପାଦକ ଭାବେ ରୋଟାରିୟାନ ଜ୍ୟୋତି ପ୍ରକାଶ ଆଚର୍ଯ୍ୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନୂତନ ସଭ୍ୟ ଭାବରେ ଦୀପକ କୁମାର ଜେନା ଓ ଜୟଗୁରୁ ପାତ୍ର ଓ ନିମନ୍ତ୍ରିତ ସଭ୍ୟ ଭାବରେ ଡ଼ାକ୍ତର ନୀଳମାଧବ ରଥଙ୍କୁ ମୁଖଅତିଥି ରୋଟାରୀ ସଙ୍କେତ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ୩୨୬୨ ରୋଟାରୀ ଜିଲ୍ଲାର ବିଭିନ୍ନ କ୍ଲବ ଯଥା କଟକ, ଯାଜପୁର, ପାରାଦୀପ, କଳିଙ୍ଗନଗର, କେନ୍ଦୁଝର ଓ ପୁରୀ ଆଦି ଜିଲ୍ଲାର କର୍ମକର୍ତ୍ତା ମାନେ ଯୋଗଦେଇଥିଲେ। ଜାରକା ରୋଟାରୀ ଓ ଇନରହୁଇଲ କ୍ଲବର ସମସ୍ତ ସଭ୍ୟମାନେ ଉକ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିବା ବେଳେ ଶେଷରେ ପୂର୍ବତନ ସଭାପତି ପ୍ରଦୀପ୍ତ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଏମ୍‌ସି କପ ଫୁଟ୍‌ବଲ୍; ସେମିରେ ଧର୍ମଶାଳା

**ବ୍ୟାସନଗର,୨୩।୯ (ସମିସ):** ଯାଜପୁର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଓଏମସି କପ କେ.ବି.ଜେନା ମେମୋରିଆଲ ଆନ୍ତ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଡିଫା ଧର୍ମଶାଳା ସେମିଫାଇନାଲକୁ ଉନ୍ନୀତ ହୋଇଛି। ଗୁରୁବାର ଅନୁଷ୍ଠିତ ଖେଳରେ ପ୍ରଥମ ଲିଗ ମ୍ୟାଚରେ ବୁଲେଟ କ୍ଲବ ଅସନଗଡ଼ିଆ ୨-୧ ଗୋଲରେ ଭାଲୁବସା ଏଫସିକୁ,ଦ୍ୱିତୀୟ ଲିଗ ମ୍ୟାଚରେ ଡିଫା ଧର୍ମଶାଳା ୧-୦ ଗୋଲରେ ଏ.ଡି.କ୍ଲବ ଗାଡପୁରକୁ, ତୃତୀୟ ଲିଗରେ ବୁଲେଟ କ୍ଲବ ଅସନଗଡ଼ିଆ ୧-୦ ଗୋଲରେ ବୈତରଣୀ ଏଫସି,୪ର୍ଥ ଲିଗରେ ଡିଫା ଧର୍ମଶାଳା ୬-୦ ଗୋଲରେ ବୁଲେଟ କ୍ଲବ ଅସନଗଡ଼ିଆକୁ ପରାସ୍ତ କରିଛି। ଡିଫା ଧର୍ମଶାଳା ଟୁର୍ଣ୍ଣାମେଣ୍ଟର ୨ୟ ଦଳ ଭାବେ ସେମିଫାଇନାଲରେ ସ୍ଥାନ ସଂରକ୍ଷଣ କରିଛି। ଆଜିର ଖେଳକୁ ଆଣ୍ଡ୍ରିୟାସା କାଣ୍ଡୁଲିନା,ଲକ୍ଷ୍ମଣ ଗାଗରାଇ,ଶୈଳେଶ ପାଣି ଏବଂ ସୁକାନ୍ତ ମଲ୍ଲିକ ପରିଚାଳନା କରିଥିବାବେଳେ ଖେଳରେ ଅତିଥିଭାବେ ବାବାଜୀ ଚରଣ ସାହୁ, ପ୍ରଭାତ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ବଳ, ଶରତ ଜେନା, ସୁଧାଂଶୁ ରାଉତରାୟ, ଅଜୟ ନାୟକ, ଚିତ୍ତରଞ୍ଜନ ବେହେରା, ସନ୍ତୋଷ ମହାନ୍ତ, ରାହାସ ବିହାରୀ ଖଟୁଆ, ବି.ଏସ.କେ ସାମଲ, ପ୍ରତାପ ଦାସ, ରାଜେଶ ରାଉତ, ଖଗେଶ୍ୱର ରଣା ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# କବାଟ ଭାଙ୍ଗି ଘରୁ ଲୁଟିନେଲେ

**କେନ୍ଦ୍ରାପଡ଼ା,୨୩।୯ (ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଅଧିନ କଣ୍ଟପଡ଼ା ଜୁଇଦାସପୁର ଅଞ୍ଚଳରେ ଘରେ କେହି ନଥିବାର ସୁଯୋଗ ନେଇ କବାଟ ତାଲା ଭାଙ୍ଗି ସର୍ବସ୍ୱ ଲୁଟିନେଲେ। ଅଭିଯୋଗ ମୁତାବକ, ମନୋଜ କୁମାର ବାରିକଙ୍କ ଘରେ କେହି ନଥିବାରୁ ବିଳମ୍ବିତ ରାତିରେ ଚୋର କବାଟ ତାଲା ଭାଙ୍ଗି ଘର ଭିତରେ ପଶିଥିଲେ। ଘରୁ ଏକ ଲକ୍ଷ ଟଙ୍କାର ଅଳଙ୍କାର, କିଛି ଟଙ୍କା, ମୂଲ୍ୟବାନ ସାମଗ୍ରୀ ସହ ଘରେ ଥିବା କେତେ ଗୁଡିଏ ମୋବାଇଲ ଫୋନ୍ ନେଇ ଯାଇଛନ୍ତି। ଏନେଇ ମନୋଜ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୫୧୬/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ନମାଜୀଙ୍କ ମଣିଷ ପଣିଆ

# ଦୁଇ ନାବାଳକ ଭାଇଙ୍କୁ ରାସ୍ତାରୁ ଆଣି ଟେକିଦେଲେ ମାଆ କୋଳକୁ

**ଯାଜପୁର/ବ୍ରହ୍ମବରଦା, ୨୩।୯ (ସମିସ)**

ରାତି ପ୍ରାୟ ନଅଟା। ପାଣି କୋଇଲି ନିକଟ ଚେକ ଗେଟର କିଛି ଦୂରରେ ରାସ୍ତାରେ ଦୁଇଜଣ ନାବାଳକ ଦୁଇଟି ବ୍ୟାଗ ଧରି ଚାଲିଚାଲି ଯାଉଥିବା ଦେଖିବାକୁ ପାଇଥିଲେ ବ୍ରହ୍ମବରଦା ଅଞ୍ଚଳର ଯୁବ ସମାଜସେବୀ ନମାଜୀ ଭାଇ। କିଛି ସମୟ ଅଟକି ସେମାନଙ୍କ ଗତିବିଧି ଉପରେ ନଜର ରଖିଲେ। କିଛି ସମୟ ପରେ ଦୁଇ ନାବାଳକ ବେଶ ଥକିଲା ହୋଇ କାନ୍ଦିକାନ୍ଦି ତାଙ୍କୁ ଅତିକ୍ରମ କଲେ। ସେମାନଙ୍କ ନିକଟକୁ ଯାଇ ଅଟକାଇଲେ ନମାଜୀ ଭାଇ। ତୁମେ ମାନେ କିଏ କେଉଁ ଆଡେ ଯାଉଛ ବୋଲି ପଚାରିବାରୁ ଉଭୟ ଭୟଭୀତ ହୋଇଯାଇଥିଲେ। ଉଭୟଙ୍କୁ ବୁଝାଇବାରୁ ସେମାନେ କହିଥିଲେ ସେମାନଙ୍କ କଥା। ସେମାନେ ଚଣ୍ଡିଖୋଲ ଯାଉଛନ୍ତି ବୋଲି କହିବାରୁ ନମାଜୀ ଭାଇ ତାଙ୍କୁ ଗାଡିରେ ବସାଇ କୁଆଖିଆ ପର୍ଯ୍ୟନ୍ତ ଆଣିଥିଲେ। ସେଠାରେ ଗାଡିକୁ ଅପେକ୍ଷା କରିବା ଭିତରେ ରାତି ପ୍ରାୟ ୧୦ଟା ବାଜି ଯାଇଥିଲା। ଗାଡି ମିଳିନଥିଲା। ଅପରପକ୍ଷେ ଦୁଇ ନାବାଳକଙ୍କୁ ଏତେ ରାତିରେ ଛାଡିବାକୁ ଉଚିତ ମଣି ନଥିଲେ ନମାଜୀ। ବୁଝାଇ ସୁଝାଇ ତାଙ୍କୁ ନିଜ ଘରକୁ ନେଇ ଯାଇଥିଲେ। ଖୁବ ଭୋକିଲା ଥିବାରୁ ଉଭୟଙ୍କୁ ଖାଇବା ପାଇଁ ରୁଟି ଓ ଅଣ୍ଡା ଭୁଜିଆ ଦେଇ ପାଖରେ ବସାଇ ଖୁଆଇବା ବେଳେ ସେମାନଙ୍କ ବିଷୟରେ ପଚାରିଥିଲେ। ଉଭୟଙ୍କ ଘର ଚଣ୍ଡିଖୋଲ ମହାବିନାୟକ ମନ୍ଦିର ନିକଟରେ ବୋଲି ଜାଣିବାକୁ ପାଇଥିଲେ। ଦୁଇ ଭାଇ ଭଦ୍ରକ ବନ୍ତର ନିଜ ମାମୁଁ ଘରେ ରହିଥିଲେ। ମଙ୍ଗଳବାର ରାତିରେ ଉଭୟଙ୍କୁ ମାମୁ ମାରଧର କରି ଘର ଛାଡି ଚାଲିଯିବାକୁ ଧମକ ଦେଇଥିବାରୁ ସକାଳ ପ୍ରାୟ ୫ଟା ବେଳେ ଦୁଇ ଭାଇ ନିଜ ଘର ଚଣ୍ଡିଖୋଲକୁ ଚାଲିବା ଆରମ୍ଭ କରିଥିଲେ। ଭୋକରେ ଲମ୍ବା ରାସ୍ତା ଚାଲିବା ଫଳରେ ଥକ୍କା ହୋଇ ଦୀର୍ଘ ସମୟ ରାସ୍ତାରେ ବସିପଡୁଥିଲେ ଉଭୟ। ବିଭିନ୍ନ ସମୟରେ ବର୍ଷାରେ ଓଦା ମଧ୍ୟ ହୋଇଯାଉଥିଲେ ଓ ପୁଣି ଚାଲୁଥିଲେ। ଚାଲିଚାଲି ପାଣି କୋଇଲି ପର୍ଯ୍ୟନ୍ତ ଚାଲି ଆସିଥିଲେ। ସବୁ ଶୁଣି ବ୍ରହ୍ମବରଦା ଫାଣ୍ଡି ସହିତ ଯୋଗାଯୋଗ କରି ଏ ନେଇ ଖବର ଦେଇଥିଲେ ନମାଜୀ। ପୁଲିସ ତାଙ୍କୁ ରାତିରେ ଘରେ ରଖିବାକୁ ନମାଜୀଙ୍କୁ ଅନୁରୋଧ କରି ସକାଳୁ ବଡଚଣା ଥାନା ପୁଲିସ ସହିତ ଯୋଗାଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲା। ସକାଳୁ ଦୁଇ ଭାଇଙ୍କୁ ପୁଲିସ ସହିତ ନମାଜୀ ନେଇଥିଲେ ବଡଚଣା। ସେଠାରେ ପୁଲିସ ଦୁଇ ଭାଇଙ୍କ ଘରକୁ ଖବର ଦେବାରୁ ମା ଆସିଥିଲା ଥାନାକୁ। ଉଭୟ ମାକୁ ଦେଖି କାନ୍ଦି ପକାଇଥିଲେ। ମା ବି କୋଳେଇ ନେଇଥିଲା ନିଜର ଦୁଇ ପିଲାଙ୍କୁ। ଏହି ଘଟଣା ଉପସ୍ଥିତ ସମସ୍ତଙ୍କ ଆଖିକୁ ଓଦା କରିଦେଇଥିଲା। ଏ ନେଇ ନମାଜୀ କୁହନ୍ତି ଆମେ ମଣିଷ। ମଣିଷ ପଣିଆ ଦେଖାଇବା ଆମ କାମ। ହୁଏତ ଭଗବାନ ମୋ ଜରିଆରେ ଦୁଇ ପିଲାଙ୍କୁ ତାଙ୍କ ଘରେ ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। ଏହା ମୋତେ ଖୁବ ଆତ୍ମତୃପ୍ତି ଦେଇଛି। ଭଗବାନଙ୍କୁ ମଧ୍ୟ ଧନ୍ୟବାଦ ଦେଉଛି ସେ ମୋତେ ଏହି ଦୁଇ ପିଲାଙ୍କୁ ସାହାଯ୍ୟ କରିବାରସୁ ଯୋଗ ଦେଇଥିବାରୁ। ରକ୍ତ ସମ୍ପର୍କ ଯେଉଁଠି ଦୁଇଜଣଙ୍କୁ ବିଦା କରି ରାସ୍ତାରେ ଛାଡି ଦେଉଛି ସେଠି ନମାଜୀ ସାହାଯ୍ୟର ହାତ ବଢ଼ାଇ ମଣିଷ ପଣିଆ ଦେଖାଇଛନ୍ତି ନିଶ୍ଚୟ।



## ସ୍କୁଲ ଛାତ ଭୁଶୁଡ଼ି ଛାତ୍ରାଛାତ୍ରୀଙ୍କ ସମେତ ୩୫ ଆହତ

**ଚଣ୍ଡିଗଡ,୨୩।୯(ଏଜେନ୍ସି):** ହରିଆଣା ସୋନିପତର ଗନ୍ନୋର ତହସିଲ ଅନ୍ତର୍ଗତ ବାୟ ଗ୍ରାମର ଜୀବାନନ୍ଦ ମଡେଲ ପବ୍ଲିକ ସ୍କୁଲର ଛାତ ଭୁଶୁଡି ପଡିଛି। ଏହି ଦୁର୍ଘଟଣାରେ ଛାତ୍ରଛାତ୍ରୀଙ୍କ ସମେତ ୩୫ ଲୋକ ଆହତ ହୋଇଛନ୍ତି। ସେମାନଙ୍କୁ ଗନୌର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ୩ ଜଣ ଶ୍ରମିକଙ୍କ ସମେତ ୫ ଜଣ ଛାତ୍ର ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଖାନପୁର ପିଜିଆଇକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ଛାତ ଭୁଶୁଡି ପଡିବାରୁ ତୃତୀୟ, ଚତୁର୍ଥ ଶ୍ରେଣୀର ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଛାତ ମରାମତି କରୁଥିବା ଶ୍ରମିକ ଅବଶେଷ ତଳ ଦବି ରହିଥିଲେ। ସେମାନଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପୁଲିସକୁ ଏହାର ସୂଚନା ଦିଆଯାଇଥିଲା। ଏବେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି।

## ବିସ୍ଫୋରଣରେ ୩ ମୃତ

**ବେଙ୍ଗାଲୁରୁ, ୨୩।୯(ଏଜେନ୍ସି):** ବେଙ୍ଗାଲୁରୁ ଚାମରାଜପେଟ ଅନ୍ତର୍ଗତ ନୂଆ ଥାଙ୍ଗରପୁରରେ ଥିବା ଏକ ଟ୍ରାନ୍ସପୋର୍ଟ କମ୍ପାନୀର ଗୋଦାମରେ ଗୁରୁବାର ଭୟଙ୍କର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ୩ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୪ ଜଣ ଲୋକ ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ବିସ୍ଫୋରଣ କାରଣ ଜଣାପଡି ନାହିଁ। ପୁଲିସକୁ ଘଟଣାସ୍ଥଳରୁ ବାଣ ମିଳିଛି। ମାମଲାର ଅଧିକ ଯାଞ୍ଚ ଜାରି ରହିଛି। ବୋମା ନିରୋଧକ ଦଳ ଏବଂ ଡଗ୍ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବେଙ୍ଗାଲୁରୁ ଦକ୍ଷିଣ ଡିସିପି ହରିଶ ପାଣ୍ଡେ କହିଛନ୍ତି ଯେ ଗୋଦାମରେ ଥିବା ଅସ୍ଥାୟୀ ରାସାୟନିକ ଯୋଗୁଁ ବିସ୍ଫୋରଣ ହୋଇଥାଇପାରେ। ଏହାର ୮୦ଟି ବକ୍ସ ଗୋଦାମରେ ରହିଥିଲା। ବିସ୍ଫୋରଣର ମୃତକଙ୍କ ମଧ୍ୟରେ ଜଣେ ଶ୍ରମିକ ସାମିଲ ଅଛନ୍ତି।

## ୨୫ ପିସ୍ତଲ ଜବତ

**କଲକାତା, ୨୩।୯(ଏଜେନ୍ସି):** ପଶ୍ଚିମବଙ୍ଗ-ଝାଡଖଣ୍ଡ ସୀମାରେ ଚେକିଂ ସମୟରେ ପୁଲିସକୁ ବଡ଼ ସଫଳତା ମିଳିଛି। ଆସାନସୋଲ ପୁଲିସ ନିୟମିତ ଚେକିଂ ସମୟରେ ୨୫ ପିସ୍ତଲ ଜବତ କରିଛି। ଏହି ମାମଲାର ଅଭିଯୁକ୍ତ ଏସ ମହମ୍ମଦକୁ ଗିରଫ କରାଯାଇଛି। ପୁଲିସ ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଆସାନସୋଲ ଅନ୍ତର୍ଗତ କୁଲ୍ଟିର ବାସିନ୍ଦା ବୋଲି ଜଣାପଡିଛି।

## ଦୁର୍ଘଟଣାରେ ୬ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ

**କଲକାତା, ୨୩।୯(ଏଜେନ୍ସି):** ପଶ୍ଚିମବଙ୍ଗ ଉତ୍ତର ଦିନାଜପୁର ଜିଲ୍ଲାରେ ଏକ ବସ୍ ଖାଇକୁ ଖସି ପଡିବାରୁ ୬ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନେକ ଶ୍ରମିକ ମଧ୍ୟ ଆହତ ହୋଇଛନ୍ତି। ବୁଧବାର ରାତି ପ୍ରାୟ ୧୦ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏକ ଚାଟାର୍ଡ ବସ୍‌ରେ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡର ଅଲଗା ଅଲଗା ଜିଲ୍ଲାର ପ୍ରାୟ ୨୦ ପ୍ରବାସୀ ଶ୍ରମିକ ଲକ୍ଷ୍ନୌ ଯାଉଥିଲେ। ରାୟଗଞ୍ଜ ଥାନର ରୂପହାର ନିକଟ ଦେଇ ଯାଇଥିବା ଜାତୀୟ ରାଜପଥ-୩୪ରେ ଏହି ଦୁର୍ଘଟଣା ହୋଇଥିଲା।

## ଆସାମରେ କବ୍‌ଜା ହଟାଇବାକୁ ନେଇ ପୁଲିସ-ଜନତା ମୁହାଁମୁହିଁ

**ଗୌହାଟୀ,୨୩।୯(ଏଜେନ୍ସି):** ଆସାମର ଦାରାଙ୍ଗ ଜିଲ୍ଲାରେ ପୁଲିସ ବେଆଇନ କବ୍‌ଜା ହଟାଇବା ପାଇଁ ଅଭିଯାନ ଆରମ୍ଭ କରିଛି। ତେବେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଏହି ସଂଘର୍ଷରେ ୨ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଅଧିକ ପୁଲିସ ମୁତୟନ ଥିବା ଦେଖିବାକୁ ମିଳୁଛି। ଢୋଲପୁରରେ ହୋଇଥିବା ଏହି ସଂଘର୍ଷରେ ୯ ଜଣ ପୁଲିସ କର୍ମଚାରୀ ଏବଂ ୨ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ କବ୍‌ଜା ହଟାଇବାକୁ ଯାଇଥିବାବେଳେ ପ୍ରଥମେ ଲୋକେ ପଥର ମାଡ କରିଥିଲେ। ଏହା ପରେ ପୁଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। କିଛି ପୁଲିସ କର୍ମଚାରୀ ଗୁଳିମାଡ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ବାଡି ଧରି ପୁଲିସକୁ ଆକ୍ରମଣ କରିବାକୁ ଯାଉଛନ୍ତି। ପରେ ପୁଲିସ ତାଙ୍କୁ ବାଡଉଥିବା ଦେଖାଯାଉଛି। ସୋମବାର ଏଠାକାର ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲା। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧିନ ଅଛି ବୋଲି ଏସପି ସୁଶାନ୍ତ ବିଶ୍ୱା ଶର୍ମା କହିଛନ୍ତି। ସେ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମାଙ୍କ ଭାଇ। ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ଏହି ବେଆଇନ କବ୍‌ଜାକୁ ଖାଲି କରିବାକୁ କହିଥିଲେ। ଏଠାରେ ପ୍ରାୟ ୮୦୦ ପରିବାର ବେଆଇନ ଭାବେ ଏହି ଭୂମିକୁ କବ୍‌ଜା କରିଛନ୍ତି। ସରକାର କବ୍‌ଜା ହଟାଇ ୪,୫୦୦ ବିଘା ଜମିକୁ ଏକ କୃଷି ପ୍ରକଳ୍ପକୁ ଦେବାକୁ ଚାହୁଁଛନ୍ତି।

**୨ ମୃତ, ୧୧ ଆହତ**

# ସଂକ୍ରମଣର ମାସକ ଭିତରେ ଆତ୍ମହତ୍ୟା 'କୋଭିଡ୍ ମୃତ୍ୟୁ'

**ନୂଆଦିଲ୍ଲୀ,୨୩।୯(ଏଜେନ୍ସି)**

କରୋନାରେ ସଂକ୍ରମିତ ହେବାର ୩୦ ଦିନ ଭିତରେ ଯଦି କୌଣସି ବ୍ୟକ୍ତି ଆତ୍ମହତ୍ୟା କରନ୍ତି ତେବେ ତାକୁ 'କୋଭିଡ ମୃତ୍ୟୁ' ତାଲିକାଭୁକ୍ତ କରାଯିବ। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। କରୋନା ମୃତ୍ୟୁଜନିତ କ୍ଷତିପୂରଣ ଏବଂ ମୃତ୍ୟୁ ପ୍ରମାଣପତ୍ର ପ୍ରସଙ୍ଗରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା ବେଳେ କେନ୍ଦ୍ର ସରକାର ଏହା ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି ଯେ , କରୋନାରେ ସଂକ୍ରମିତ ହୋଇ ୩୦ ଦିନ ମଧ୍ୟରେ ଯଦି କୌଣସି ବ୍ୟକ୍ତି ଆତ୍ମହତ୍ୟା କରନ୍ତି ତେବେ ତାଙ୍କ ମୃତ୍ୟୁକୁ 'କୋଭିଡ ମୃତ୍ୟୁ' ବୋଲି ଦର୍ଶାଯିବ। ଏଥିସହ ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ରାଶି ମଧ୍ୟ ପ୍ରଦାନ କରାଯିବ। ପୂର୍ବରୁ ଜାରି କରାଯାଇଥିବା ମୃତ୍ୟୁ ପ୍ରମାଣପତ୍ରରେ ଯଦି କୌଣସି ତ୍ରୁଟି ଥାଏ ତେବେ ତାହାକୁ ସଂଶୋଧନ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଭିଡ୍ ମୃତ୍ୟୁକୁ ନେଇ ଏହି ଗାଇଡଲାଇନ ଏବେ ଜାରି କରାଯାଇଥିବା

**ସୁପ୍ରିମ୍‌କୋର୍ଟରେ କେନ୍ଦ୍ର ସରକାରଙ୍କ ସତ୍ୟପାଠ ଦାଖଲ**

ବେଳେ ଏହା ପୂର୍ବରୁ କୋଭିଡ୍‌ରେ ମୃତ୍ୟୁ ହୋଇଥିବା ଲୋକମାନଙ୍କ ମୃତ୍ୟୁ ପ୍ରମାଣ ପତ୍ରରେ ସଂଶୋଧନ କରାଯାଇପାରିବ। ରାଜ୍ୟ ସରକାରମାନଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ଅଭିଯୋଗ ଗ୍ରହଣ କମିଟି ଗଠନ କରାଯାଇ ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ଏଥିପାଇଁ ୩୦ ଦିନ ମଧ୍ୟରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଅଭିଯୋଗ ଗ୍ରହଣ କମିଟି ଗଠନ କରିବାକୁ କୁହାଯାଇଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଯଦି କୌଣସି ମୃତ୍ୟୁ ପ୍ରମାଣ ପତ୍ରରେ ମୃତ୍ୟୁର କାରଣ ହୃଦ୍‌ଘାତ ବୋଲି ଉଲ୍ଲେଖ ରହିଥାଏ ମୃତକଙ୍କ ପରିବାର ସଦସ୍ୟ ମୃତକଙ୍କ ଆର୍‌ଟିପିସିଆର୍ ଟେଷ୍ଟ ରିପୋର୍ଟ ଦାଖଲ କରି ପ୍ରମାଣ ପତ୍ରକୁ ସଶୋଧନ କରିପାରିବେ। ଉଲ୍ଲେଖଯୋଗ୍ୟ ଯେ, କରୋନାରେ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୫୦ ହଜାର ଟଙ୍କା ଅନୁକମ୍ପା ରାଶି ଦେବାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ କରୋନାଜନିତ ମୃତ୍ୟର କ୍ଷତିପୂରଣ ରାଶି ବାବଦକୁ ଗାଇଡଲାଇନ ଜାରି କରିଥିଲା।



## ■ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶଂସା

## ଭାରତ ନେଇଥିବା ପଦକ୍ଷେପ ଅନ୍ୟ ରାଷ୍ଟ୍ରରେ ସମ୍ଭବ ହୋଇନି



କରୋନାଜନିତ ମୃତ୍ୟୁକୁ ନେଇ ମୃତକଙ୍କ ପରିବାର ବର୍ଗଙ୍କୁ କେନ୍ଦ୍ର ସରକାର ୫୦ ହଜାର କୋଟି ଟଙ୍କାର କ୍ଷତିପୂରଣ ଯୋଗାଇ ଦେବା ଲାଗି ନେଇଥିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ପ୍ରଶଂସା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ଆମକୁ ଆନନ୍ଦିତ କରିଥିବା କୋର୍ଟ କହିଥିବା ବେଳେ ଏହି ନିଷ୍ପତ୍ତି ମୃତକଙ୍କ ପରିବାରର କିଛି ଦୁଃଖ ଏବଂ କଷ୍ଟ ଲାଘବ କରିବାରେ ସହାୟକ ହୋଇପାରିବ ବୋଲି କହିଛନ୍ତି। କେବଳ ସେତିକି ନୁହେଁ, କରୋନା ମହାମାରୀକୁ ନେଇ ଭାରତ ଭଳି ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ଯେଉଁ ସମସ୍ୟା ଉପୁଜିଥିଲା ତାହାକୁ ମୁକାବିଲା କରିବା ଦିଗରେ କେନ୍ଦ୍ର ସରକାର ନେଇଥିବା ପଦକ୍ଷେପକୁ ମଧ୍ୟ କୋର୍ଟ ପ୍ରଶସା କରିଛନ୍ତି। ଗୋଟିଏ ପକ୍ଷରେ ମହାମାରୀକୁ ନେଇ ଜାତୀୟ ଅର୍ଥନୀତି ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିଲା ବେଳେ ବିଶାଳ ଜନସଂଖ୍ୟା ପାଇଁ ଟିକାକରଣ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ପର୍ଯ୍ୟାପ୍ତ ବ୍ୟୟ କରିବାକୁ ପଡ଼ିଛି। ଏହାସତ୍ତ୍ୱେ କରୋନାଜନିତ ମୃତ୍ୟୁ ପାଇଁ କ୍ଷତିପୂରଣ ବ୍ୟବସ୍ଥା କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କରୋନା ମହାମାରୀ ମୁକାବିଲା ଏବଂ ପରବର୍ତ୍ତୀ ପରିଚାଳନା କ୍ଷେତ୍ରରେ ଭାରତ ଭଳି ଅନ୍ୟ କୌଣସି ରାଷ୍ଟ୍ର ସମକକ୍ଷ ହୋଇପାରିବ ନାହିଁ ବୋଲି ଜଷ୍ଟିସ୍ ଏମ ଆର ଶାହା କହିଛନ୍ତି।

### ହାଇକୋର୍ଟରେ କେନ୍ଦ୍ର ସରକାରଙ୍କ ସତ୍ୟପାଠ

## ପିଏମ କେୟାର୍ସ ଫଣ୍ଡ ସରକାରୀ ନୁହେଁ

ପିଏମ୍ କେୟାର୍ସ ପାଣ୍ଠି ସରାକରୀ ପାଣ୍ଠି ନୁହେଁ। ଏନେଇ ଗୁରୁବାର କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟରେ ସ୍ପଷ୍ଟ କରିଛନ୍ତି । ପିଏମ କେୟାର୍ସ ପାଣ୍ଠି ପରିଚାଳନା ସମ୍ପର୍କିତ ଏକ ପିଟିସନର ଶୁଣାଣି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ( ପିଏମଓ) ପକ୍ଷରୁ ଏକ ସତ୍ୟପାଠ ଦ୍ୱାରା ଏହା କୁହାଯାଇଛି। ପିଏମଓ ଅନୁଶାସନ ସଚିବ ପ୍ରଦୀପ କୁମାର ଶ୍ରୀବାସ୍ତବ ଏହି ସତ୍ୟପାଠରେ କହିଛନ୍ତି ଯେ, ପିଏମ କେୟାର୍ସ ଫଣ୍ଡ ସରକାରୀ ନୁହେଁ। ଏହା ସାମ୍ବିଧାନିକ ବ୍ୟବସ୍ଥାରେ ଗଠନ ହୋଇନଥାଏ କି ସଂସଦ କିମ୍ବା କୌଣସି ବିଧାନସଭା ଦ୍ୱାରା ପାରିତ ଆଇନ ଅନୁସାରେ ମଧ୍ୟ କାର୍ଯ୍ୟ କରିନଥାଏ। ଏହା କେବଳ ଏକ ଦାତବ୍ୟ ଟ୍ରଷ୍ଟ ଭଳି କାର୍ଯ୍ୟ କରିଥାଏ। ଯାହାକି ଭାରତର ମହାସମୀକ୍ଷକ ଏବଂ ହିସାବ ନୀରକ୍ଷକଙ୍କ ଦ୍ୱାରା ନିଯୁକ୍ତ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ସମୀକ୍ଷା କରାଯାଇଥାଏ। ଏହା ଉପରେ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ କୌଣସି




ନିୟନ୍ତ୍ରଣ ନାହିଁ। ଏହି ପାଣ୍ଠିକୁ ଆସୁଥିବା ରାଶି ଭାରତ ସରକାରଙ୍କ ଏକତ୍ରିତ ପାଣ୍ଠିକୁ ଯାଏ ନାହିଁ ବୋଲି ଶ୍ରୀବାସ୍ତବ କହିଛନ୍ତି। ଏହା ବ୍ୟତୀତ ଏହି ପାଣ୍ଠିକୁ ସୂଚନା ଅଧିକାର ଆଇନ (ଆରଟିଆଇ) ଅଧିନିୟମ ଅଧୀନରେ ଅଣାଯାଇପାରିବ ନାହିଁ କିମ୍ବା ଏହାକୁ ଏକ 'ପବ୍ଲିକ ଅଥରିଟି' ଭାବରେ ତାଲିକାଭୁକ୍ତ କରାଯାଇପାରିବ ନାହିଁ ବୋଲି ମଧ୍ୟ ସେ କହିଛନ୍ତି। ପାଣ୍ଠିର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏହି ଟ୍ରଷ୍ଟକୁ ମିଳୁଥିବା ସମସ୍ତ ଅର୍ଥ ଏବଂ ଏହାର ସମସ୍ତ ବିବରଣୀ ସରକାରୀ ୱେବସାଇଟରେ ଉପଲବ୍ଧ କରାଯାଇଥାଏ। ଟ୍ରଷ୍ଟ ଚେକ୍ କିମ୍ବା ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ଅନଲାଇନରେ ଦାନ ଗ୍ରହଣ କରେ। ଟ୍ରଷ୍ଟ ୱେବସାଇଟରେ ଏହି ପାଣ୍ଠିର ସମସ୍ତ ଖର୍ଚ୍ଚର ବିବରଣୀ ସମୟାନୁସାରେ ମଧ୍ୟ ଅପଡେଟ୍ କରାଯାଏ ବୋଲି ଶ୍ରୀବାସ୍ତବ କହିଛନ୍ତି। ଏପରିକି ଜଣେ କେନ୍ଦ୍ର ସରକାରଙ୍କ ଅଧିକାରୀ ଭାବେ ସେ ନିଜେ ମଧ୍ୟ ଅବୈତନିକ ଭାବେ ଏହି ଟ୍ରଷ୍ଟ ପାଇଁ କାର୍ଯ୍ୟ କରନ୍ତି ବୋଲି ଅଦାଲତକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆଇନଜୀବୀ ସମ୍ୟକ ଗାଙ୍ଗୱାଲ ଏହି ପାଣ୍ଠିକୁ ନେଇ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ପିଏମ କେୟାର୍ସ ପାଣ୍ଠିକୁ ଜାତୀୟ ପାଣ୍ଠି ଭାବେ ଘୋଷଣା କରାଯିବା ଏବଂ ଏହାର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏହାକୁ ଆରଟିଆଇ ଅଧୀନରେ ଆଣିବାକୁ ପିଟିସନରେ ଦାବି କରିଥିଲେ।

## ଦିବ୍ୟାଙ୍ଗ, ଅକ୍ଷମ ବରିଷ୍ଠ ନାଗରିକଙ୍କୁ ଘରେ ଦିଆଯିବ ଟିକା

ଏଣିକି ଦିବ୍ୟାଙ୍ଗ ଏବଂ ଟିକାଦାନ କେନ୍ଦ୍ରକୁ ଯିବାକୁ ଅକ୍ଷମ ହେଉଥିବା ବରିଷ୍ଠ ନାଗରିକମାନଙ୍କୁ ଘରେ ଟିକା ଦିଆଯିବ। ଏ ନେଇ କେନ୍ଦ୍ର ସରକାର ଗାଇଡଲାଇନ ଜାରି କରିଛନ୍ତି । ନିତି ଆୟୋଗ ସଦସ୍ୟ ତଥା କେନ୍ଦ୍ର ସରକାରଙ୍କ ଟିକାକରଣ ସମ୍ପର୍କିତ ବିଶେଷଜ୍ଞ କମିଟିର ମୁଖ୍ୟ ଡଃ ଭି.କେ. ପଲ କହିଛନ୍ତି ଯେ ଯେଉଁ ଲୋକମାନେ ଟିକାଦାନ କେନ୍ଦ୍ରକୁ ଆସି ଟିକା ନେବାକୁ ସକ୍ଷମ ନୁହେଁ ସେମାନଙ୍କୁ ଘରକୁ ଯାଇ ଟିକା ଦିଆଯିବ । ଏ ନେଇ ଗାଇଡଲାଇନ ଜାରି ହୋଇସାରିଛି ଓ ଖୁବଶୀଘ୍ର ଏନେଇ ଏସଓପି ଜାରି କରାଯିବ ବୋଲି ଗୁରୁବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ଦେଶର ବୟସ୍କ ଜନସଂଖ୍ୟା (୧୮ ବର୍ଷରୁ ଅଧିକ)ର ୬୬ ପ୍ରତିଶତ ପ୍ରଥମ ଡୋଜ୍ ଟିକା ନେଇସାରିଥିବା ବେଳେ ଏହାର ୨୩ ପ୍ରତିଶତ ଉଭୟ ଡୋଜ୍ ଟିକା ନେଇସାରିଛନ୍ତି । ଦେଶର ୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ( ଗୋଆ, ଲାକ୍ଷାଦ୍ୱୀପ, ସିକିମ, ଆଣ୍ଡାମାନ,ଚଣ୍ଡିଗଡ଼ ଏବଂ ହିମାଚଳ ପ୍ରଦେଶ )ର ଶତପ୍ରତିଶତ ପ୍ରାପ୍ତ ବୟସ୍କଙ୍କୁ ଅତି କମରେ ଗୋଟିଏ ଡୋଜ୍ ଟିକା ଦିଆଯାଇ ସାରିଛି ବୋଲି ସେ କହିଛନ୍ତି। ଦିବ୍ୟାଙ୍ଗମାନେ ଯେପରି କରୋନା ସଂପର୍କିତ ସେବା (ପରୀକ୍ଷଣ, ଟିକାଦାନ ଆଦି) ସହଜରେ ପାଇପାରିବେ ସେଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରାଳୟ ପକ୍ଷରୁ ରାଜ୍ୟମାନଙ୍କୁ ଏକ ଗାଇଡଲାଇନ ଜାରି କରାଯାଇଛି । ଜିଲ୍ଲା ସମାଜକଲ୍ୟାଣ ବିଭାଗ ସମନ୍ୱୟରେ ଏହି ସେବା ଯୋଗାଇ ଦିଆଯିବ । ଏହି ଗାଇଡଲାଇନ ଅନୁସାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଏଥିପାଇଁ ଶୀର୍ଷ ଅଧିକାରୀ (ନୋଡାଲ ଅଫିସର) ଭାବେ ନିଯୁକ୍ତ କରାଯିବ । ସେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମନ୍ୱୟ ରଖି ଦିବ୍ୟାଙ୍ଗମାନଙ୍କ କରୋନା ପରୀକ୍ଷଣ, ଚିକିତ୍ସା, ଟିକାଦାନ ଆଦି ବିଷୟକୁ ତ୍ୱରାନ୍ୱିତ କରିବେ ବୋଲି କୁହାଯାଇଛି।

## ଥାନେରେ ନାବାଳିକାଙ୍କୁ ଗଣଦୁଷ୍କର୍ମ | ୩୦ ଅଭିଯୁକ୍ତଙ୍କ ମଧ୍ୟରୁ ୨୬ ଗିରଫ

**ମୁମ୍ବଇ, ୨୩।୯(ଏଜେନ୍ସି):** ମହାରାଷ୍ଟ୍ରର ଥାନେରୁ ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି। ଏଠାରେ ୩୦ ଜଣ ଲୋକ ଜଣେ ୧୪ ବର୍ଷୀୟ ବାଳିକାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୀଡିତାଙ୍କ ପରିବାର ଲୋକଙ୍କ ଅଭିଯୋଗରେ ମାନପଡା ଥାନାରେ ଦୁଷ୍କର୍ମ, ଅପହରମ ଏବଂ ପକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଏ ପର୍ଯ୍ୟନ୍ତ ୨୬ ଜଣଙ୍କୁ ଗିରଫ କରାଗଲାଣି ଏବଂ ଅନ୍ୟମାନଙ୍କୁ ଧରିବା ପାଇଁ ପ୍ରୟାସ କରାଯାଉଛି। ସୂଚନା ଅନୁଯାୟୀ ପୀଡିତାଙ୍କ ନାବାଳକ ପ୍ରେମିକ ପ୍ରଥମେ ତାଙ୍କୁ ଜାନୁଆରୀ ମାସରେ ଦୁଷ୍କର୍ମ କରି ଭିଡିଓ ରେକର୍ଡିଂ କରିଥିଲେ। ପରେ ଅନ୍ୟ ଅଭିଯୁକ୍ତମାନେ ଉକ୍ତ ଭିଡିଓକୁ ବ୍ୟବହାର କରି ପୀଡିତାଙ୍କୁ ବ୍ଲାକମେଲିଂ କରିବା ସହିତ ଡୋମ୍ବିଭାଲି, ବଦଲାପୁର, ରାବାଲେ ଏବଂ ମୁରବାଦ ଆଦି ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ। ଏହି ମାମଲାର ତଦନ୍ତ ଲାଗି ସ୍ୱତନ୍ତ୍ର ଟିମ୍( ଏସଆଇଟି) ଗଠନ କରାଯାଇଛି। ୩୦ ଜଣ ଲୋକ ନାବାଳିକାଙ୍କୁ ଅଲଗା ଅଲଗା ସ୍ଥାନରେ ଏବଂ ବିଭିନ୍ନ ସମୟରେ ଦୁଷ୍କର୍ମ କରିଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ନାବାଳକ ସାମିଲ ଅଛନ୍ତି। ପୀଡିତା ବୁଧବାର ରାତିରେ ଏ ନେଇ ଅଭିଯୋଗ କରିଥିଲେ। ନାବାଳିକାଙ୍କୁ ଚଳିତ ବର୍ଷ ଜାନୁଆରୀରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ଯୌନ ଉତ୍ପୀଡନ ଦିଆଯାଇଥିଲା। ଏହି ମାମଲାରେ ଗିରଫ ଅଭିଯୁକ୍ତ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ମଧ୍ୟ ଅଛନ୍ତି। ଏନସିପି ଏବଂ ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆ(ଆରପିଆଇ)ର କର୍ମୀ ମନପଡା ଥାନା ଆଗରେ ଜମା ହୋଇ ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏବେ କଲୱାର ଏକ ସରକାରୀ ହସ୍ପିଟାଲରେ ନାବାଳିକାଙ୍କ ଚିକିତ୍ସା ଚାଲିଛି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡନାଭିସ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି କହିଛନ୍ତି।

### ଝାଡ଼ଖଣ୍ଡ ବିଚାରପତିଙ୍କ ମୃତ୍ୟୁ ମାମଲାରେ ସିବିଆଇ ରିପୋର୍ଟ

## ଜାଣିଶୁଣି ଅଟୋ ଚଢ଼ାଯାଇଛି

**ନୂଆଦିଲ୍ଲୀ,୨୩।୯(ଏଜେନ୍ସି):** ଝାଡ଼ଖଣ୍ଡର ଧାନବାଦ ଜିଲ୍ଲା ଜଜ୍ ଜଷ୍ଟିସ ଉତ୍ତମ ଆନନ୍ଦଙ୍କ ମୃତ୍ୟୁ ଘଟଣାରେ ସବିଆଇ ତଦନ୍ତ କରିଥିଲା ବେଳେ ଗୁରୁବାର ହାଇକୋର୍ଟରେ ରିପୋର୍ଟ ଦାଖଲ କରିଛି। ଉତ୍ତମଙ୍କ ଉପରକୁ ଜାଣିଶୁଣି ଅଟୋ ଧକ୍କା ଦେଇଥିଲା ବୋଲି ସିବିଆଇ ନିଜ ରିପୋର୍ଟରେ ଉଲ୍ଲେଖ କରିଛି। ଏହି ରିପୋର୍ଟକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲା ବେଳେ ଦେଶରେ କୌଣସି ବିଚାରପତିଙ୍କୁ ଜାଣିଶୁଣି ମାରି ଦିଆଯିବା ପ୍ରଥମ ଘଟଣା ବୋଲି କହିଛନ୍ତି। ଏହି ମାମଲାର ତୁରନ୍ତ ସମାଧାନ କରାଯାଇ ଦୋଷୀଙ୍କ ପ୍ରତି ଦଣ୍ଡ ବିଧାନ କରାଯିବା ଜରୁରୀ। ନଚେତ ଦେଶର ନ୍ୟାୟିକ ବ୍ୟବସ୍ଥାର କ୍ଷୁଣ୍ଣତା ପ୍ରତି ପ୍ରଶ୍ନ ଉଠିବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଉତ୍ତମଙ୍କ ମୃତ୍ୟୁ ଘଟଣାର କ୍ଷେତ୍ରଭିତ୍ତିକ ତଦନ୍ତ ସହ ଫୋରେନ୍‌ସିକ୍ ରିପୋର୍ଟକୁ ବିଶ୍ଳେଷଣ କରି ଗୁରୁବାର ସିବିଆଇ ଯୁଗ୍ମ ନିର୍ଦ୍ଦେଶକ ହାଇକୋର୍ଟରେ ରିପୋର୍ଟ ଦାଖଲ କରିବା ପରେ କୋର୍ଟ ଏହା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ଧାନବାଦ ଜିଲ୍ଲା ଜଜ୍ ଉତ୍ତମ ଆନନ୍ଦ ପ୍ରାତଃ ଭ୍ରମଣରେ ଯାଉଥିବା ବେଳେ ତାଙ୍କୁ ପଛପଟୁ ଏକ ଅଟୋ ଧକ୍କା ଦେଇଥିଲା।



ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ସ୍ତରରେ ଏହାକୁ ଏକ ଦୁର୍ଘଟଣାଜନିତ ମୃତ୍ୟୁ କୁହାଯାଇଥିଲା ବେଳେ ଉତ୍ତମଙ୍କୁ ଜାଣିଶୁଣି ଧକ୍କା ଦିଆଯାଇଥିବା ବିଷୟ ସିସିଟିଭି ଫୁଟେଜ୍ରୁ ଜଣାପଡ଼ିଥିଲା। ଏହାପରେ ରାଜ୍ୟ ସରକାର ଘଟଣାର ତଦନ୍ତ ପାଇଁ ସେଭଳି ଗୁରୁତ୍ୱ ଦେଇ ନ ଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

- ■ ହାଇକୋର୍ଟଙ୍କ ଉଦ୍‌ବେଗ
- ■ ଏଭଳି ଘଟଣା ଦେଶରେ ପ୍ରଥମ
- ■ ଘଟଣାର ତୁରନ୍ତ ସମାଧାନ ଜରୁରୀ

### ଗୁଇନ୍ଦା ଏଜେନ୍ସିର ଚେତାବନୀ

## ଅନୁପ୍ରବେଶ ଅପେକ୍ଷାରେ ୪୦ ଆଫଗାନ ଆତଙ୍କୀ

**ନୂଆଦିଲ୍ଲୀ,୨୩।୯(ଏଜେନ୍ସି)**

ଆଫଗାନିସ୍ତାନକୁ ତାଲିବାନ କବ୍‌ଜା କରିବା ପରେ ଭାରତ ଯେଉଁ ଆଶଙ୍କା କରିଥିଲା ତାହା ସତ ହେବାରେ ଲାଗିଛି। ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ ଭିଆଇବା ପାଇଁ ପାକିସ୍ତାନ ସମର୍ଥିତ ୪୦ ଆଫଗାନ ଆତଙ୍କବାଦୀ ଘାଟୀରେ ଅନୁପ୍ରବେଶ କରିବାକୁ ଏଲଓସି ଆରପାଖେ ଥିବା କ୍ୟାମ୍ପରେ ପ୍ରସ୍ତୁତ ହୋଇ ରହିଛନ୍ତି। ପାର୍ବଣ ଋତୁ ପୂର୍ବରୁ ଭାରତରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ଗୁଇନ୍ଦା ଏଜେନ୍ସି ଏହି ଚେତାବନୀ ଜାରି କରିଛି। ଏହାକୁ ଦେଖି କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀକୁ ସତର୍କ ରହିବାକୁ କୁହାଯାଇଛି। ଜଣେ ଗୁଇନ୍ଦା ଅଧିକାରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ତାଲିବାନର ଆଫଗାନ ଦଖଲ ପରେ ସେଠାକାର ଆତଙ୍କବାଦୀ ପାକିସ୍ତାନୀ ଆତଙ୍କୀ ସଂଗଠନ ସହଯୋଗରେ ଭାରତରେ ପ୍ରବେଶ କରିବାକୁ ଯୋଜନା କରୁଥିବା ସୂଚନା ମିଳିଥିଲା। ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସଆଇ ମଧ୍ୟ ସେମାନଙ୍କୁ ସାହାଯ୍ୟ କରୁଛି। ପ୍ରାୟ ୪୦ ଆଫଗାନ ଆତଙ୍କବାଦୀ ଏଲଓସି ନିକଟରେ ଥିବା ପାକିସ୍ତାନର ନାକିଆଲ ସ୍ଥିତ ଆତଙ୍କବାଦୀ କ୍ୟାମ୍ପରେ ଥିବା ସୂଚନା ମିଳିଛି। ଟ୍ୟୁବ ଏବଂ ସ୍ନରକେଲିଂ ମାଧ୍ୟମରେ ପୁଞ୍ଛ ନଦୀ ପାର କରି ଭାରତରେ ଅନୁପ୍ରବେଶ କରିବା ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଲସ୍କର-ଇ-ତୋଏବା, ହରକତ ଉଲ-ଅନସାର ଏବଂ ହିଜବୁଲ ମଜାହିଦ୍ଦିନର କାର୍ଯ୍ୟକଳାପ ନେଇ ମଧ୍ୟ ସୂଚନା ମିଳିଛି। ଏହି ଆତଙ୍କବାଦୀଙ୍କୁ ଟିଫିନ ବୋମା ପ୍ରସ୍ତୁତ କରିବାର ପ୍ରଶିକ୍ଷଣ ଦିଆଯାଇଛି। ଏଥିପାଇଁ ସ୍ଲିପର ସେଲଙ୍କ ଦ୍ୱାରା ସେମାନଙ୍କୁ କଞ୍ଚାମାଲ ଯୋଗାଇ ଦିଆଯିବ। ଗୁଇନ୍ଦା ରିପୋର୍ଟ ଆଧାରରେ ପୁଲିସ ଏବଂ ଅର୍ଦ୍ଧସାମରିକ ବାହିନୀ ଏ ନେଇ ଚେତାବନୀ ଜାରି କରିଛି।



## ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୩।୯ (ଏଜେନ୍ସି):** ଜମ୍ମୁ-କାଶ୍ମୀରରେ ବାରାମୂଳା ଜିଲ୍ଲା ୟୁରିର ନିୟନ୍ତ୍ରଣ ରେଖା(ଏଲଓସି) ନିକଟରେ ଗୁରୁବାର ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଦେଇଛି ଭାରତୀୟ ସେନା। ସୁରକ୍ଷାବାହିନୀର ଏନକାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। କିଛି ଦିନ ତଳେ ଏହି ଆତଙ୍କବାଦୀ ପିଓକେରୁ କାଶ୍ମୀରରେ ପ୍ରବେଶ କରିଥିଲେ। ସେନା ଅଧିକାରୀ କହିଛନ୍ତି ଯେ ଆତଙ୍କବାଦୀଙ୍କଠାରୁ ୫ଟି ଏକେ-୪୭ ରାଇଫଲ, ୮ ପିସ୍ତଲ ଏବଂ ୭୦ ହ୍ୟାଣ୍ଡ ଗ୍ରେନେଡ ଜବତ କରାଯାଇଛି। ଚିନାର କୋରର କମାଣ୍ଡର ଜେନେରାଲ ଡିପି ପାଣ୍ଡେ କହିଛନ୍ତି ଯେ ଆତଙ୍କବାଦୀଙ୍କଠାରୁ ପାକିସ୍ତାନୀ ଟଙ୍କା ମଧ୍ୟ ଜବତ ହୋଇଛି। ସେମାନେ ପାକିସ୍ତାନ ଦେଇ ଭାରତରେ ଅନୁପ୍ରବେଶ କରିଥିଲେ। ଏହି ଆତଙ୍କବାଦୀଙ୍କୁ ଧରିବା ପାଇଁ ୪ ଦିନ ହେଲା ତଲାସୀ ଅଭିଯାନ ଜାରି ରହିଥିଲା।

# ସଂପାଦକୀୟ

ଆ କା ମା ବୈ ଗୁଆ ପାନ ଥୋଇ
ଗୁଆ ପାନ ତୋର ମାସକ ଧର୍ମ ମୋର
-କଳିଙ୍ଗ ସାମୁଦ୍ରିକ ନୌବାଣିଜ୍ୟ ସମ୍ପର୍କିତ ଲୋକଗୀତ



ସକାଳ
THE SAKALA

## ବିସ୍ତାରବାଦୀ ଯୁଦ୍ଧଖୋର ଚୀନ୍‌ର ମୁକାବିଲା

# 'କ୍ୱାଡ୍' ପରେ 'ଆଉକୁସ୍' ଅଙ୍କୁଶ

ଆଜିଠାରୁ ଆମେରିକାରେ ଗୁରୁତ୍ୱପୂର୍ଣ୍ଣ 'କ୍ୱାଡ୍' ଶିଖର ସମ୍ମିଳନୀ ଆରମ୍ଭ ହେଉଛି। ଏଥିରେ ଯୋଗ ଦେବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜଧାନୀ ୱାଶିଂଟନ୍‌ରେ ପହଞ୍ଚି ସାରିଛନ୍ତି। ୨୦୦୭ରେ ଚୀନ୍ ଯେତେବେଳେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ବିପଦ ହୋଇ ନଥିଲା ସେହି ସମୟରେ ତତ୍କାଳୀନ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ପ୍ରସ୍ତାବ କ୍ରମେ ଆମେରିକା, ଜାପାନ, ଅଷ୍ଟ୍ରେଲିଆ ଓ ଭାରତକୁ ନେଇ ଏକ ଚତୁଃରାଷ୍ଟ୍ରୀୟ ମେଣ୍ଟ (କ୍ୱାର୍ଡରପଲ ବା ସଂକ୍ଷପରେ 'କ୍ୱାଡ୍') ଗଠିତ ହୋଇଥିଲା ଏସୀୟ ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଶାନ୍ତି ଓ ସହଯୋଗ ପ୍ରତିଷ୍ଠା ଉଦ୍ଦେଶ୍ୟରେ। ସେତେବେଳେ ଚୀନ୍ ଆଦୌ ବିପଦ ନଥିବାରୁ ଏହି ମେଣ୍ଟରେ ଯୋଗଦେବାକୁ ଅଧିକାଂଶ ଦେଶ ଅନାଗ୍ରହୀ ଥିଲେ। ସେତେବେଳେ କିନ୍ତୁ ବେଜିଂ ପ୍ରଶାସନ 'କ୍ୱାଡ୍'କୁ 'ଏସିଆର ନାଟୋ'ର ଆଖ୍ୟା ଦେଇଥିଲା। ଏହାଭିତରେ ପ୍ରାୟ ଦେଢ଼ ଦଶନ୍ଧି ବିତି ଯାଇଛି। ଏସୀୟ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଚୀନ୍ ତା'ର ସାମରିକ, ବ୍ୟାବସାୟିକ ଓ ଆର୍ଥିକ ପ୍ରଭାବ ମଜ୍‌ବୁତ୍ କରିବା ସହିତ ସମଗ୍ର ବିଶ୍ୱକୁ ସନ୍ତ୍ରସ୍ତ କରି ରଖିଛି। ଏହି ପରିବର୍ତ୍ତିତ ପରିସ୍ଥିତିରେ ଭାରତ ଓ ପ୍ରଶାନ୍ତ ମହାସାଗର ତଟବର୍ତ୍ତୀ ସବୁ ଦେଶ ଏବେ ଚୀନ୍‌ର ପ୍ରତ୍ୟକ୍ଷ ଓ ପରୋକ୍ଷ ଦୌରାତ୍ମ୍ୟରେ ପୀଡ଼ିତ। ଆବେ, ଚୀନ୍‌ର ଉତ୍‌ଥାନ ଓ ସାମରିକ ସମ୍ପ୍ରସାରଣର ଯେଉଁ ଅନୁମାନ କରିଥିଲେ ତାହା ଥିଲା ନିର୍ଭୁଲ୍। ଏହାସତ୍ତ୍ୱେ 'କ୍ୱାଡ୍' ଏହାର ସାମରିକ ସହଯୋଗକୁ ଆବଶ୍ୟକତା ଅନୁସାରେ ସୁଦୃଢ଼ ନକରି ପରିବେଶ ଓ ଅନ୍ୟାନ୍ୟ ଆଞ୍ଚଳିକ, ପାରସ୍ପରିକ ସମ୍ପର୍କକୁ ଅଧିକ ଗୁରୁତ୍ୱ ଦେଇ ଏକ ସମ୍ଭ୍ରାନ୍ତ କ୍ଲବ ଭଳି ବ୍ୟବହାର କରିବାରୁ ଚୀନ୍‌କୁ ଏହା ସୁହାଇଛି।

ଦକ୍ଷିଣ-ଚୀନ୍ ସାଗର ଉପରେ ସମ୍ପୂର୍ଣ୍ଣ କବ୍‌ଜା କରିବା ପରେ ଚୀନ୍ ଏବେ ଭାରତ ମହାସାଗରୀୟ ଅଞ୍ଚଳରେ ବେଶ୍ ସକ୍ରିୟ। ଏହି ଅଞ୍ଚଳରେ ଆମେରିକା, ବ୍ରିଟେନ୍ ଆଦି ଦେଶଙ୍କର ସାମରିକ ଘାଟି ଓ ଅନ୍ୟାନ୍ୟ ସ୍ୱାର୍ଥ ରହିଛି। ତେଣୁ ଚୀନ୍‌ର ସମ୍ଭାବ୍ୟ ସାମରିକ ମୁକାବିଲା ପାଇଁ ବ୍ରିଟେନ୍, ଆମେରିକା ଓ ଅଷ୍ଟ୍ରେଲିଆ ଯେଉଁ ମେଣ୍ଟ ଗତ ୧୫ ତାରିଖରେ ଘୋଷଣା କରିଛନ୍ତି ତାହାକୁ 'ଆଉକୁସ୍' ସାମରିକ ମେଣ୍ଟ ଭାବରେ ବର୍ଣ୍ଣନା କରାଯାଇଛି। ଭାରତକୁ ଛାଡ଼ି 'କ୍ୱାଡ୍'ର ଅନ୍ୟ ତିନି ସଦସ୍ୟଙ୍କ ସହିତ ଆମେରିକାର ଆଗରୁ ସାମରିକ ଚୁକ୍ତି ରହିଛି। ସମ୍ଭାବ୍ୟ ଚୀନ୍ ଆକ୍ରମଣରୁ ଏହି ଦୁଇ ଦେଶ ଅଷ୍ଟ୍ରେଲିଆ ଓ ଜାପାନକୁ ଆମେରିକା ସୁରକ୍ଷା ଯୋଗାଇବାର ଅଧିକାର ଏହି ପୂର୍ବଚୁକ୍ତି ଅନୁସାରେ ପାଇଛି। ସେଥିପାଇଁ ମଧ୍ୟ ଆମେରିକା ଏଇ ନିକଟରେ ଆଣବିକ ଶକ୍ତିଚାଳିତ ବୁଡ଼ାଜାହାଜ (ସବ୍‌ମେରିନ୍) ଅଷ୍ଟ୍ରେଲିଆକୁ ଯୋଗାଇବାକୁ ନିଷ୍ପତ୍ତି ନେଇଛି। ଯାହା ସେ ଅଞ୍ଚଳର ନିରାପତ୍ତା ଓ ସ୍ଥିତାବସ୍ଥା ରକ୍ଷା ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଆମେରିକାର ଏହି ନିଷ୍ପତ୍ତିକୁ ତା'ର ମିତ୍ର ବ୍ରିଟେନ୍ ସମର୍ଥନ କରୁଥିବାବେଳେ ଫ୍ରାନ୍ସ ବିରୋଧ କରୁଛି। ଫ୍ରାନ୍ସର ବିରୋଧ ପଛରେ ରହିଛି ନିଜର ବ୍ୟାବସାୟିକ ସ୍ୱାର୍ଥ। ଫରାସୀ ବୁଡ଼ାଜାହାଜ କିଣିବା ଚୁକ୍ତିକୁ ଅଷ୍ଟ୍ରେଲିଆ ବାତିଲ୍ କରିବା ପରେ ଫ୍ରାନ୍ସ ଅସନ୍ତୁଷ୍ଟ ହେବା ସ୍ୱାଭାବିକ। ଏହି କ୍ଷେତ୍ରରେ ଫ୍ରାନ୍ସ ଭାରତର ସହଯୋଗ ଲୋଡ଼ିଛି ଏବଂ ଭାରତ ପ୍ରଶାନ୍ତ ମହାସାଗର ଅଞ୍ଚଳକୁ ଆଣବିକ ଅସ୍ତ୍ର ମୁକ୍ତ କରିବାକୁ ଦାବି ଉଠାଇଛି।

ଭାରତ 'କ୍ୱାଡ୍'ର ସଦସ୍ୟ ହୋଇଥିଲେ ମଧ୍ୟ ସମ୍ଭାବ୍ୟ ଚୀନ୍ ଆକ୍ରମଣ ପରିପ୍ରେକ୍ଷୀରେ ଆମେରିକା ବା ଏହାର ଅନ୍ୟ ସଭ୍ୟ ରାଷ୍ଟ୍ରମାନଙ୍କଠାରୁ ସାମରିକ ସହାୟତା ପାଇବାର କୌଣସି ଚୁକ୍ତି ନାହିଁ। ସେହିଭଳି ଜାପାନ ଓ ଅଷ୍ଟ୍ରେଲିଆ ସହ ଆମେରିକାର ଯେଉଁ ଦ୍ୱିପାକ୍ଷିକ ସାମରିକ ସୁରକ୍ଷା ଚୁକ୍ତି ରହିଛି ଭାରତ ସହ ତାହା ମଧ୍ୟ ନାହିଁ। ତେଣୁ 'କ୍ୱାଡ୍' ଚୁକ୍ତି ଭାରତ ପାଇଁ ସାମରିକ ଦୃଷ୍ଟିକୋଣରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଆହୁରି ମଧ୍ୟ ଚୀନ୍‌ର ମୁକାବିଲା କରିବାକୁ ନିରାପତ୍ତା ପରିଷଦର ଅନ୍ୟ ଚାରି ସ୍ଥାୟୀ ତଥା ଅଣୁଅସ୍ତ୍ରସମ୍ପନ୍ନ ରାଷ୍ଟ୍ର ଆମେରିକା, ରୁଷିଆ, ଫ୍ରାନ୍ସ ଓ ବ୍ରିଟେନ୍ ଭାରତର ସୁରକ୍ଷା ଓ ନିରାପତ୍ତା ପାଇଁ ଏ ପର୍ଯ୍ୟନ୍ତ ବିଧିବଦ୍ଧ ଭାବେ କୌଣସି ଚୁକ୍ତି କରିନାହାନ୍ତି। ତେଣୁ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଉପନୀତ ହୋଇଛି, ଯେଉଁଠି ତାକୁ ଏକ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'କ୍ୱାଡ୍' ବୈଠକରେ ଯୋଗଦେବା ପାଇଁ ୱାଶିଂଟନ୍ ଗସ୍ତ କରିବା ପୂର୍ବରୁ କହିଛନ୍ତି ଯେ ସାମ୍ପ୍ରତିକ ପରିସ୍ଥିତିରେ 'କ୍ୱାଡ୍'ଠାରୁ 'ଆଉକୁସ୍'ର ଗୁରୁତ୍ୱ ଅଧିକ ରହିଛି। 'କ୍ୱାଡ୍' ଆଲୋଚନା କାଳରେ ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସମେତ ଜାପାନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କ ସହ ନୂଆ ନିରାପତ୍ତା ପ୍ରସଙ୍ଗ ଓ ଚୀନ୍‌ର ଗତିବିଧି ସମ୍ପର୍କରେ ଆଲୋଚନା କରିବେ। ବାସ୍ତବରେ ଯେଉଁ ଲକ୍ଷ୍ୟ ନେଇ 'କ୍ୱାଡ୍' ଗଠନ କରାଯାଇଥିଲା ତାହା ପୂରଣ ହେଉନଥିବାରୁ ଏହି ବୈଠକରେ ନିଶ୍ଚିତ ଭାବେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ।

'ଆଉକୁସ୍' ଏବେ ଭାରତ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଥିରେ ବୁଡ଼ାଜାହାଜ ରଣନୀତି ନିହିତ। ସମୁଦ୍ରତଳ, ନୌଯୁଦ୍ଧ ସାମର୍ଥ୍ୟ ବୃଦ୍ଧିରେ ଅଣୁଶକ୍ତିଚାଳିତ ସବ୍‌ମେରିନ୍‌ର ଭୂମିକା ଅଧିକ। ଆବଶ୍ୟକ ପଡ଼ିଲେ ଏହା ଅଣୁଶକ୍ତି ବହନ କରି ପାଣି ତଳୁ ଶତ୍ରୁର ମୁକାବିଲା କରିପାରିବ। ଚୀନ୍‌ର ମୁକାବିଲା ପାଇଁ ଅଷ୍ଟ୍ରେଲିଆକୁ ଏହି ବୁଡ଼ାଜାହାଜ ଆମେରିକା ଯୋଗାଇଛି ଓ ବ୍ରିଟେନ୍ ତାହାକୁ ସମର୍ଥନ କରୁଛି। ଏଥିରୁ ପ୍ରଶାନ୍ତ ମହାସାଗରରେ ନୂଆ ସାମରିକ ସମୀକରଣ ସୃଷ୍ଟି ହେବା ନିଶ୍ଚିତ। ଭାରତ ତାହାର ସାମୁଦ୍ରିକ ଜଳସୀମାର ସୁରକ୍ଷା ସହିତ ସାଗରରେ ସାମରିକ, ବାଣିଜ୍ୟିକ ସ୍ୱାର୍ଥ ରକ୍ଷା ପାଇଁ ଅନୁରୂପ ଆଣବିକ ଶକ୍ତିଚାଳିତ ବୁଡ଼ାଜାହାଜ ମୁତୟନ କରିବାର ସମୟ ଆସିଗଲାଣି ବୋଲି ସାମରିକ ସମୀକ୍ଷକମାନେ ମତ ଦିଅନ୍ତି। ଚୀନ୍‌ର ମୁକାବିଲା ପାଇଁ ସିଙ୍ଗାପୁର, ଜାପାନ, ତାଇୱାନ୍ ଓ ଇଣ୍ଡୋନେସିଆ ଆଦି ଦେଶ ନିଜର ଜଳସୀମାରେ ଇତିମଧ୍ୟରେ ବୁଡ଼ାଜାହାଜ ମୁତୟନ କରିସାରିଲେଣି। ତେଣୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିବା ଠିକ୍ ହେବ ନାହିଁ।

ଭାରତ ପାଖରେ ଏବେ ୧୨ଟି ପୁରୁଣା ଡିଜେଲ୍-ଇଲେକ୍‌ଟ୍ରି ଚାଳିତ ବୁଡ଼ାଜାହାଜ ରହିଛି। ସେଥିରୁ ମାତ୍ର ୬ଟି ଏବେ ଯେକୌଣସି ପରିସ୍ଥିତିରେ କାମ କରିବାକୁ ସମର୍ଥ। ଏହାଛଡ଼ା ଭାରତ ମଧ୍ୟ ଫ୍ରାନ୍ସ ତିଆରି ୩ଟି ସ୍କରପିନ୍ ବୁଡ଼ାଜାହାଜ ମୁତୟନ କରିଛି। 'ଆଇଏନ୍‌ଏସ୍ ଅରିହନ୍ତ' ଭାରତର ଏକମାତ୍ର ଅଣୁଶକ୍ତିଚାଳିତ ବୁଡ଼ାଜାହାଜ, ଯାହା ଆଣବିକ ଅସ୍ତ୍ରଖଚିତ ବାଲେଷ୍ଟିକ୍ କ୍ଷେପଣାସ୍ତ୍ର ବହନ କରି ଦେଶ ସେବାରେ ମୁତୟନ ହୋଇଛି। ତୁଳନାତ୍ମକ ଭାବେ ଦେଖିଲେ ଚୀନ୍ ପାଖରେ ବିଶ୍ୱର ସର୍ବାଧିକ ୩୫୦ ଯୁଦ୍ଧଜାହାଜ ରହିଛି। ସେଥିରେ ୫୦ଟି ପାରମ୍ପରିକ, ୧୦ଟି ଅଣୁଶକ୍ତିଚାଳିତ ବୁଡ଼ାଜାହାଜ ଅନ୍ତର୍ଭୁକ୍ତ। କେବଳ ଭାରତ ନୁହେଁ, ଆମେରିକା ଓ ରୁଷିଆ ଭଳି ବୃହତ୍ ସାମରିକ ଶକ୍ତିଙ୍କୁ ବେଜିଂ ଏ କ୍ଷେତ୍ରରେ ପଛରେ ପକାଇ ଦେଇଛି। ଅସ୍ତ୍ର, ଧନ, ସୈନ୍ୟବଳରେ ବଳୀଆନ୍ ଚୀନ୍ ଏବେ ସମଗ୍ର ପୃଥିବୀର ନୂଆ ଚକ୍ରବର୍ତ୍ତୀ ହେବା ପ୍ରୟାସରେ ଅଛି। ତା' ନିଶାଣରେ ତ ପ୍ରଥମେ ରହିଛି ଭାରତ। ୱାଶିଂଟନ୍‌ରେ 'କ୍ୱାଡ୍' ଶିଖର ବୈଠକ ବିଶ୍ୱ ସାମରିକ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷଣରେ ହେଉଛି। ଏଥିରେ ଭାରତ ନିଜର ସ୍ୱାର୍ଥକୁ କିପରି ସୁରକ୍ଷିତ କରିବ ଏବଂ କି ପ୍ରକାର ରଣନୀତି ଆପଣେଇବ ତାହା ଗୁରୁତ୍ୱପୂର୍ଣ୍ଣ। ନୂଆ ପରିସ୍ଥିତିରେ ଭାରତ ତା'ର ନୌଶକ୍ତି ବୃଦ୍ଧିର ଆବଶ୍ୟକତାକୁ ଉପେକ୍ଷା କରିପାରିବ ନାହିଁ। 'କ୍ୱାଡ୍' ମେଣ୍ଟରେ ଭାରତ ଗୁରୁତ୍ୱପୂର୍ଣ୍ଣ ସଭ୍ୟ। 'ଆଉକୁସ୍' ତ୍ରିରାଷ୍ଟ୍ରୀୟ ଚୀନ୍ ବିରୋଧୀ ସାମରିକ ମେଣ୍ଟରେ ଭାରତ ସାମିଲ୍ ନ ହେବା ସ୍ୱାଭାବିକ। ତେବେ ବିସ୍ତାରବାଦୀ ଓ ଯୁଦ୍ଧଖୋର ଚୀନ୍ ପାଇଁ ଏହି 'ଆଉକୁସ୍' ଅଙ୍କୁଶ ବିଶ୍ୱ କୂଟନୀତିରେ ଏକ ସମୟୋପଯୋଗୀ ପଦକ୍ଷେପ।

# 'କଳିଙ୍ଗ ଯୁଦ୍ଧ'ର ଐତିହାସିକ ପ୍ରାମାଣିକତା



ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

କଳିଙ୍ଗ ଯୁଦ୍ଧ ବିଶ୍ୱ ଇତିହାସରେ ଏକ ବିରଳ ଘଟଣା ବୋଲି ବିଦିତ। ଏହି ଯୁଦ୍ଧରେ କଳିଙ୍ଗର ଏକ ଲକ୍ଷ ଲୋକ ପ୍ରାଣ ହରାଇଥିଲେ, ଦେଢ଼ଲକ୍ଷ ଲୋକ ବନ୍ଦୀ ହୋଇଥିଲେ ଏବଂ ଯୁଦ୍ଧ ପରେ ଅଢ଼େଇ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ ବୋଲି କଥିତ ଅଛି। ବିଶ୍ୱର ପ୍ରାଚୀନ ଇତିହାସ ପର୍ଯ୍ୟାଲୋଚନା କଲେ ସ୍ପଷ୍ଟ ହୋଇଯାଏ ଯେ କଳିଙ୍ଗ ଯୁଦ୍ଧ ହିଁ ମାନବ ସଭ୍ୟତାର ସେ ସମୟର ସର୍ବବୃହତ୍ ଯୁଦ୍ଧ। ବିଶ୍ୱର ପ୍ରାଚୀନ ଇତିହାସରେ ସଂଘଟିତ କୌଣସି ଯୁଦ୍ଧର ବିବରଣୀରେ ଏତେ ସଂଖ୍ୟାରେ ମୃତାହତ ହେବା ଜଣାଯାଇନାହିଁ। କଳିଙ୍ଗବାସୀଙ୍କର ମାତୃଭୂମି ନିମିତ୍ତ ଅକାତରରେ ପ୍ରାଣଦାନ ଅଶୋକଙ୍କ ହୃଦୟକୁ ପରିବର୍ତ୍ତନ କରିଦେଇଥିଲା ଏବଂ ସେ ଗଭୀର ଦୁଃଖ ଓ ଅନୁତାପରେ 'ଚଣ୍ଡାଶୋକ'ରୁ 'ଧର୍ମାଶୋକ' ପାଲଟି ଯାଇଥିଲେ। ଅଶୋକଙ୍କ ଖୋଦିତ ସାହାୱାଜିଗଡ଼ ଶିଳାଲେଖାକୁ ଆଧାର କରି ଅନେକ ଐତିହାସିକ କଳିଙ୍ଗ ଯୁଦ୍ଧ ସମ୍ପର୍କରେ ଉଲ୍ଲେଖ କରିଥିଲେ ହେଁ କେତେକ କାରଣ ଦୃଷ୍ଟେ ଏହି ବିଶ୍ୱପ୍ରସିଦ୍ଧ ଯୁଦ୍ଧର ଐତିହାସିକତା ପ୍ରତି ସନ୍ଦେହ ଉପୁଜିଥାଏ।

ବୈଦିକ ସାହିତ୍ୟରେ କଳିଙ୍ଗ, ଉଡ୍ର ବା ଉତ୍କଳର ନାମ ପରିଦୃଷ୍ଟ ନ ହେଲେ ହେଁ ପରବର୍ତ୍ତୀ ସାହିତ୍ୟରେ ଏହିସବୁ ରାଜ୍ୟର ନାମ ପରିଦୃଷ୍ଟ ହୋଇଥାଏ। ସମଗ୍ର ଉତ୍ତର ଭାରତ ଯେତେବେଳେ ଷୋହଳଗୋଟି କ୍ଷୁଦ୍ର ଜନପଦରେ ବିଭକ୍ତ ଥିଲା, ସେତେବେଳେ କଳିଙ୍ଗ ଏକ ବିଶାଳ ସାମ୍ରାଜ୍ୟ ଥିଲା। ପୁରାଣ ବର୍ଣ୍ଣାନାନୁସାରେ ମଗଧର ମହାପଦ୍ମନନ୍ଦ ବହୁ ଯୁଦ୍ଧରେ ଜିଣି ମଗଧକୁ ଏକ ଜନପଦରୁ ସାମ୍ରାଜ୍ୟରେ ପରିଣତ କରିଥିଲେ। ମହାଭାରତ ଯୁଗରୁ ମହାପଦ୍ମନନ୍ଦଙ୍କ ରାଜତ୍ୱ ପର୍ଯ୍ୟନ୍ତ କଳିଙ୍ଗରେ ବତିଶ ଜଣ ରାଜା ରାଜତ୍ୱ କରିଥିଲେ ବୋଲି ଜଣାଯାଏ। ଖାରବେଳଙ୍କ ହାତୀଗୁମ୍ଫା ଖୋଦିତ ପ୍ରଶସ୍ତି ଲିପିରୁ ଜଣାଯାଏ ଯେ ନନ୍ଦବଂଶ ରାଜତ୍ୱରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ କଳିଙ୍ଗ ମହାପଦ୍ମନନ୍ଦଙ୍କଠାରୁ ପରାଜିତ ହୋଇଥିଲା। ଏହାପରେ କଳିଙ୍ଗ ସ୍ୱାଧୀନ ହୋଇଥିଲା। ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ନନ୍ଦବଂଶକୁ ବିନାଶ କରି ମଗଧରେ ରାଜତ୍ୱ କଲେ। ତାଙ୍କ ରାଜତ୍ୱରେ ମଧ୍ୟ କଳିଙ୍ଗ ଏକ ସ୍ୱାଧୀନ ରାଜ୍ୟ ଥିଲା। ଚନ୍ଦ୍ରଗୁପ୍ତଙ୍କ ପୌତ୍ର, ବିନ୍ଦୁସାରଙ୍କ ପୁତ୍ର ଅଶୋକବର୍ଦ୍ଧନ ଖ୍ରୀ.ପୂ ୨୬୯ରେ ମଗଧ ସିଂହାସନ ଆରୋହଣ କଲେ। ଉତ୍ତରାଧିକାରୀ ସୂତ୍ରରେ ସେ ଛଅଲକ୍ଷ ପଦାତିକ ସୈନ୍ୟ, ନଅ ହଜାର ହସ୍ତୀ ବାହିନୀ, ତିରିଶ ହଜାର ଘୋଡ଼ାସବାର ଓ ଆଠହଜାର ଯୁଦ୍ଧରଥର ଅଧିକାରୀ ହେଲେ। ସେହି ସମୟରେ କଳିଙ୍ଗ ନୌବାଣିଜ୍ୟ ଓ ସ୍ଥଳବାଣିଜ୍ୟରେ ସମୃଦ୍ଧ ଥିଲା। କଳିଙ୍ଗର ସାଧବମାନେ ନୌବାଣିଜ୍ୟ ମାଧ୍ୟମରେ ଦରିଆପାରି ଦେଶମାନଙ୍କରୁ ଅସରନ୍ତି ଧନଦୌଲତ ବୋହିଆଣି କଳିଙ୍ଗକୁ ସମୃଦ୍ଧ କରିଥିଲେ। ମାତ୍ର ମଗଧରେ କୌଣସି ସାମୁଦ୍ରିକ ପୋତାଶ୍ରୟ ନଥିବାରୁ ସେହି ରାଜ୍ୟ ନୌବାଣିଜ୍ୟରୁ ବଞ୍ଚିତ ହେଉଥିଲା। ସୁସମୃଦ୍ଧ କଳିଙ୍ଗକୁ ଅଧିକାର କରି ଏହାର ପୋତାଶ୍ରୟଗୁଡ଼ିକୁ କରାୟତ୍ତ କରିବା ହିଁ ଅଶୋକଙ୍କର ଲକ୍ଷ୍ୟ ଥିଲା। ତେଣୁ ସେ କଳିଙ୍ଗ ଆକ୍ରମଣ ପୂର୍ବକ ବିଜୟଲାଭ କରିଥିଲେ ବୋଲି ତାଙ୍କ ଖୋଦିତ ଶିଳାଲେଖରେ ଉଲ୍ଲେଖ ରହିଛି।

ଐତିହାସିକଙ୍କ ମତରେ ଅଶୋକଙ୍କ ରାଜତ୍ୱର ଅଷ୍ଟମ ବର୍ଷରେ ଖ୍ରୀ.ପୂ. ୨୬୧ରେ କଳିଙ୍ଗ ଯୁଦ୍ଧ ସଂଗଠିତ ହୋଇଥିଲା। ଯୁଦ୍ଧରେ ବିଜୟଲାଭ କରିବାପରେ ଅଶୋକ ମୋଟ୍ ୧୬ ଗୋଟି ଶିଳାଲିପି ଖୋଦନ କରାଇଥିଲେ। ତନ୍ମଧ୍ୟରୁ ୧୪ଟି ତାଙ୍କ ସାମ୍ରାଜ୍ୟରେ ଉତ୍ତର-ପଶ୍ଚିମ ସୀମା ପେଶୱାରଠାରୁ ଆରମ୍ଭ କରି ସମଗ୍ର ପଶ୍ଚିମ ଓ ଦକ୍ଷିଣ ଭାରତରେ ଖୋଦିତ ତଥା ମାତ୍ର ଦୁଇଗୋଟି ଓଡ଼ିଶାରେ ଖୋଦିତ। ସେହି ଦୁଇଟି ଶିଳାଲିପି ହେଉଛି ଦୟାନଦୀ ତଟସ୍ଥ ଧଉଳି ଓ ଋଷିକୁଲ୍ୟା ତଟସ୍ଥ ଜଉଗଡ଼। ଧଉଳି ଓ ଜଉଗଡ଼ ଶିଳାଲେଖ ହେଉଛି ଅଶୋକଙ୍କ ଅନୁଶାସନ ବା ରାଜାଦେଶ; କିନ୍ତୁ ଏଥିରେ କଳିଙ୍ଗ ଯୁଦ୍ଧର ବିବରଣୀ ନାହିଁ। ପାକିସ୍ତାନ ଓ ଆଫଗାନିସ୍ତାନ ସୀମାସ୍ଥ ସାହାୱାଜଗଡ଼ଠାରେ ଉତ୍କୀର୍ଣ୍ଣ ଶିଳାଲେଖର କଳିଙ୍ଗ ଯୁଦ୍ଧ ସମ୍ପର୍କିତ ବିବରଣୀ ଉଲ୍ଲିଖିତ। କଳିଙ୍ଗଠାରୁ ହଜାର ହଜାର କିଲୋମିଟର ଦୂରରେ ଏହି ଶିଳାଲେଖ ରହିବାର କାରଣ ଅସ୍ପଷ୍ଟ। ଏହି ଶିଳାଲେଖରେ କଳିଙ୍ଗର ଏକ ଲକ୍ଷ ଲୋକଙ୍କ ମୃତ୍ୟୁ, ଦେଢ଼ଲକ୍ଷ ଲୋକଙ୍କୁ ବନ୍ଦୀ ଓ ଯୁଦ୍ଧ ପରେ ଅଢ଼େଇଲକ୍ଷ ଲୋକ ମୃତ୍ୟୁବରଣ କରିଥିବା ଉଲ୍ଲେଖ ଥିଲେ ହେଁ ମଗଧ ସେନା ପକ୍ଷରୁ କ୍ଷୟକ୍ଷତି ସମ୍ପର୍କରେ ସାମାନ୍ୟତମ ସୂଚନା ନାହିଁ। ବିସ୍ମୟର କଥା, ଏହି ଶିଳାଲେଖରେ କଳିଙ୍ଗ ରାଜାଙ୍କ ନାମ ପରିଦୃଷ୍ଟ ହୁଏନାହିଁ। ମଧ୍ୟପ୍ରାଚ୍ୟର ଅନେକ ଶାସକଙ୍କ ନାମ ଲିପିବଦ୍ଧ ଥିଲେ ହେଁ କଳିଙ୍ଗ ରାଜାଙ୍କ ନାମ ନ ରହିବାର କାରଣ ମଧ୍ୟ ସନ୍ଦେହଜନକ। ଏହି ଶିଳାଲେଖର ଲିପି ଖରୋଷ୍ଟି ଥିବାରୁ ଏହା ବିଦେଶୀ ଶାସକଙ୍କ ନିମିତ୍ତ ଉଦ୍ଦିଷ୍ଟ ଥିବା ଅନୁମିତ। କଳିଙ୍ଗଠାରୁ ହଜାର ହଜାର କିଲୋମିଟର ଦୂରରେ ଦୁର୍ବୋଧ ବିଦେଶୀ ଲିପିରେ ଏବଂ କଳିଙ୍ଗବାସୀଙ୍କ ଦୃଷ୍ଟି ଅନ୍ତରାଳରେ ଶିଳାଲେଖଟି ଉତ୍କୀର୍ଣ୍ଣ ହେବାର କାରଣ କ'ଣ? ଲକ୍ଷଲକ୍ଷ କଳିଙ୍ଗସେନାଙ୍କ ହତ୍ୟାକାରୀ ବକଧାର୍ମିକ ସଦୃଶ ଧର୍ମୋପଦେଶ ପ୍ରଦାନର ନେପଥ୍ୟରେ ପ୍ରତିବେଶୀ ବିଦେଶୀ ଶାସକଙ୍କୁ ଭୟ ପ୍ରଦର୍ଶନ ନିମିତ୍ତ ଏହା ଏକ କୂଟନୈତିକ କୌଶଳ ହୋଇପାରିଥାଏ। କଳିଙ୍ଗ ଯୁଦ୍ଧରେ ମୃତାହତ ଓ ବନ୍ଦୀମାନଙ୍କର ସଂଖ୍ୟାକୁ ନେଇ ତତ୍କାଳୀନ କଳିଙ୍ଗର ଜନସଂଖ୍ୟା ସହ ତୁଳନା କରି ଅନେକ ଗବେଷକ ଏହା ଅତିରଞ୍ଜିତ ବୋଲି ମତ ପ୍ରଦାନ କରିଥା'ନ୍ତି।

କଳିଙ୍ଗଯୁଦ୍ଧ ଦୟାନଦୀ ତୀର ଧଉଳିଠାରେ ସଂଘଟିତ ହୋଇଥିଲା ବୋଲି କୁହାଯାଇଥିଲେ ହେଁ ଏହି ସ୍ଥାନରୁ କିମ୍ବା ଆଖପାଖରୁ କୌଣସି ଯୁଦ୍ଧାସ୍ତ୍ର, ଅସ୍ଥି ବା ଖପୁରି ପ୍ରଭୃତି ପ୍ରାମାଣିକ ଉପାଦନ ମିଳିନାହିଁ। ରାଜ୍ୟ ସଂସ୍କୃତି ବିଭାଗର ତତ୍ତ୍ୱାବଧାନରେ ପରିଚାଳିତ ଦକ୍ଷିଣ-ପୂର୍ବ ଏସିଆ ପ୍ରତିଷ୍ଠାନ ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅନ୍ତର୍ଗତ ରାଧାନଗର ଗ୍ରାମରେ ପରୀକ୍ଷାମୂଳକ ଉତ୍‌ଖନନ କରିବା ପରେ କେତେକ ରୋଚକ ତଥ୍ୟ ଜଣାପଡ଼ିଛି। ରାଧାନଗର ଗ୍ରାମ ୧୯୨୯ ମସିହା ଟପୋସିଟ୍‌ରେ ରାଜନଗର ନାମରେ ଦର୍ଶିତ। ଏହି ଗ୍ରାମର ଚତୁର୍ଦ୍ଦିଗରେ ବହୁ ପୁରାତନ ବୌଦ୍ଧକୀର୍ତ୍ତି ଓ ବିହାର ଅବସ୍ଥିତ। ଉଲ୍ଲେଖନୀୟ ଯେ ଏହା ଗ୍ରାମ ସନ୍ନିକଟ ତାରାପୁର ପାହାଡ଼ରେ ଖ୍ରୀ. ପୂ ଷଷ୍ଠ ଶତାବ୍ଦୀରେ ବୌଦ୍ଧ ଭିକ୍ଷୁ ତପସୁଙ୍କ ନିର୍ମିତ ବିଶ୍ୱର ପ୍ରଥମ ବୌଦ୍ଧସ୍ତୂପ ବା କେଶସ୍ତୂପ ରହିଅଛି। ରାଧାନଗର ପ୍ରାଚୀନତା ଖ୍ରୀ.ପୂ ଷଷ୍ଠ ବା ସପ୍ତମ ଶତାବ୍ଦୀ ବୋଲି ହୃଦବୋଧ ହୁଏ। ଏଠାରେ ଥିବା ଦୁର୍ଗର ଭଗ୍ନାବଶେଷରୁ ପ୍ରମାଣିତ ହୁଏ ଯେ ଏହା କଳିଙ୍ଗର ରାଜଧାନୀ ରାଜନଗର ଥିଲା। ବ୍ରାହ୍ମୀଲିପିରେ ଖୋଦିତ ତୋଷଳନଗର, କଳିଙ୍ଗନଗର, ରାଜପ୍ରାସାଦ ପ୍ରଭୃତିରୁ ଏହାର ସତ୍ୟତା ଉପଲବ୍ଧ ହୁଏ। ଏହି ସ୍ଥାନରୁ ବହୁ ପ୍ରାଚୀନ ଯୁଦ୍ଧାସ୍ତ୍ର, କୁନ୍ତ, ତୀର ଓ ଖଡ୍ଗ ମୁଠା ମିଳିଛି। ପ୍ରାପ୍ତ ପ୍ରତ୍ନବିଭବ ସଂରକ୍ଷିତ ରହିଥିଲେ ହେଁ ଯଥାଯଥ ପରୀକ୍ଷଣ ହୋଇନାହିଁ। ଅନୁମିତ ହୁଏ, କଳିଙ୍ଗ ଯୁଦ୍ଧ ଧଉଳିରେ ସଂଘଟିତ ନ ହୋଇ ତତ୍କାଳ କଳିଙ୍ଗର ରାଜଧାନୀ ଥିବା ଏହି ସ୍ଥାନରେ ହୋଇଥିଲା ଅଥବା ଏହାପୂର୍ବରୁ ମଗଧର ନନ୍ଦରାଜା ଏହି ସ୍ଥାନରେ କଳିଙ୍ଗରାଜାଙ୍କ ସହିତ ଯୁଦ୍ଧ କରିଥିଲେ। ପ୍ରତ୍ନବିଭବ ସମୂହ ପରୀକ୍ଷଣ ପରେ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ। ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଏହି ସ୍ଥାନର ନିକଟବର୍ତ୍ତୀ ଗ୍ରାମ ଲାଙ୍ଗୁଡ଼ି, କାଏମା, ଦେଉଳି, ତାରାପୁର, ନେଉଳପୁର, କଣ୍ଟିଗଡ଼ିଆ, ବଜ୍ରଗିରି, ପନ୍ତୁରି ପ୍ରଭୃତିରେ ଦଶଗୋଟି ବୌଦ୍ଧସ୍ତୂପ ଦେଖିଥିଲେ। ରାଜନଗରର ଉତ୍‌ଖନନ କାର୍ଯ୍ୟ ଅତ୍ୟନ୍ତ ସୀମିତ ଓ କେବଳ ପରୀକ୍ଷାମୂଳକ ଭାବେ କରାଯାଇଛି। ସୁବିସ୍ତୃତ ଉତ୍‌ଖନନ ଓ ପ୍ରତ୍ନସର୍ବେକ୍ଷଣ ପରେ କଳିଙ୍ଗଯୁଦ୍ଧ ସମ୍ପର୍କରେ ଅଧିକ ସଠିକ ତଥ୍ୟ ମିଳିପାରିବ ବୋଲି ଆଶା କରାଯାଏ।

କଳିଙ୍ଗଯୁଦ୍ଧର ୧୬୦ ବର୍ଷ ପରେ ଖାରବେଳ କଳିଙ୍ଗର ସମ୍ରାଟ ହେଲେ। ତାଙ୍କ ଦ୍ୱାରା ଖୋଦିତ ହାତୀଗୁମ୍ଫା ଶିଳାଲେଖ ଖ୍ରୀ.ପୂ ପ୍ରଥମ ଶତାବ୍ଦୀରେ ଖୋଦିତ ବୋଲି ଐତିହାସିକମାନଙ୍କର ମତ। ଏହି ଶିଳାଲେଖଟିରେ ଦେଶରେ ପ୍ରଥମ ଥର ପାଇଁ ଜଣେ ରାଜାଙ୍କର ଧାରାବାହିକ ଶାସନର ବିବରଣୀ ଖୋଦିତ ହୋଇଥିବାରୁ ଏହାକୁ 'ଖାରବେଳଙ୍କ ହାତୀଗୁମ୍ଫା ପ୍ରଶସ୍ତି' କୁହାଯାଏ, ଯାହାର ଅନୁକରଣରେ ପରବର୍ତ୍ତୀ କାଳରେ ସମୁଦ୍ରଗୁପ୍ତଙ୍କ 'ଏଲାହବାଦ ପ୍ରଶସ୍ତି' ଖୋଦନ କରାଯାଇଥିଲା। ଖାରବେଳଙ୍କ 'ହାତୀଗୁମ୍ଫା ପ୍ରଶସ୍ତି'ରେ ଜୈନଧର୍ମର ସ୍ୱସ୍ତିକ ଓ ନାନ୍ଦୀପଦ ପ୍ରଭୃତି ଖୋଦିତ ହୋଇଥିବାରୁ ଐତିହାସିକମାନେ ଏହାକୁ ସତ୍ୟନିଷ୍ଠ ଦଲିଲ ଭାବରେ ଗ୍ରହଣ କରିଥା'ନ୍ତି। ଖାରବେଳ ଏହି ଶିଳାଲେଖରେ ନନ୍ଦରାଜା କଳିଙ୍ଗ ବିଜୟ କରି କଳିଙ୍ଗରୁ ନେଇଯାଇଥିବା 'ଜିନାସନ'କୁ ମହାସମାରୋହରେ କଳିଙ୍ଗକୁ ଫେରାଇ ଆଣିବା ଏବଂ ନନ୍ଦରାଜା ତିନ୍‌ଶୂଳିଆ (ତ୍ରିଶୂଳିଆ)ଠାରୁ ତିନିଶହ ବର୍ଷ ତଳେ ଖୋଳାଇଥିବା ଜଳପ୍ରଣାଳୀର ପୁନରୁଦ୍ଧାର ସ୍ୱରାଜତ୍ୱର ପ୍ରଥମବର୍ଷରେ ଏକଲକ୍ଷ ମୁଦ୍ରା ବ୍ୟୟରେ କରାଇଥିଲେ ବୋଲି ଉଲ୍ଲେଖ କରିଛନ୍ତି। ଖାରବେଳଙ୍କ ରାଜତ୍ୱର ତିନିଶହ ବର୍ଷ ପୂର୍ବେ ନନ୍ଦରାଜା କଳିଙ୍ଗ ବିଜୟ କରିଥିବା ପରୋକ୍ଷରେ ସ୍ୱୀକାର କରିଥିଲେ ହେଁ ତାର ବହୁ ପୂର୍ବେ ହୋଇଥିବା ବିଶ୍ୱପ୍ରସିଦ୍ଧ କଳିଙ୍ଗଯୁଦ୍ଧ ସମ୍ପର୍କରେ ପଦେ ମଧ୍ୟ ଉଲ୍ଲେଖ କରିନାହାନ୍ତି। ତିନିଶହ ବର୍ଷ ପୂର୍ବର ଘଟଣା ସୂଚନା ଦେବା ଓ ତତ୍‌ପରେ ୧୬୦ ବର୍ଷ ପୂର୍ବେ ସଂଘଟିତ ମହାଯୁଦ୍ଧ ସମ୍ପର୍କରେ ସୂଚନା ନ ଦେବା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ। ଏହାକୁ କେନ୍ଦ୍ରକରି କେତେକ ଗବେଷକ କଳିଙ୍ଗ ଯୁଦ୍ଧର ସତ୍ୟତା ସମ୍ପର୍କରେ ସନ୍ଦିହାନ ହୋଇଥା'ନ୍ତି।

ଉପରୋକ୍ତ କାରଣ ଦୃଷ୍ଟେ ବିଶ୍ୱ ପ୍ରସିଦ୍ଧ କଳିଙ୍ଗ ଯୁଦ୍ଧର ଐତିହାସିକତା ପ୍ରତି ସନ୍ଦେହ ଉପୁଜିଥିଲେ ହେଁ କଳିଙ୍ଗ ଯୁଦ୍ଧ ବିଶ୍ୱ ଇତିହାସରେ ଏକ ବିରଳ ଘଟଣା ଭାବରେ ଚିତ୍ରିତ ହୋଇ ଆସିଛି। ବହୁ ଲବ୍ଧପ୍ରତିଷ୍ଠ ଐତିହାସିକ ଏହାର ସତ୍ୟତା ସ୍ୱୀକାର କରିଛନ୍ତି। କଳିଙ୍ଗ ଯୁଦ୍ଧ ସମ୍ପର୍କୀୟ ବିବରଣୀ ସୁଦୂର ସାହାୱାଜଖଡ଼ି ଶିଳାଲେଖରେ ଖରୋଷ୍ଟି ଲିପିରେ ଖୋଦିତ ହୋଇଥିବା ସମ୍ପର୍କରେ କେତେକ ଗବେଷକ ମତ ପ୍ରଦାନ କରିଥା'ନ୍ତି ଯେ କଳିଙ୍ଗରେ ଥିବା ଅଶୋକଙ୍କ ଅନୁଶାସନ ଧର୍ମାନୁଶାସନ ହେତୁ ସେଥିରେ ସେ ନିଜର କୃତିତ୍ୱ ଓ ବୀରତ୍ୱ ବର୍ଣ୍ଣନା କରିବାକୁ ଉଚିତ ମନେ କରିନାହାନ୍ତି। କଳିଙ୍ଗ ରାଜାଙ୍କ ନାମ ଉଲ୍ଲେଖ ନଥିବା ସମ୍ପର୍କରେ କେହି କେହି ମତ ପ୍ରଦାନ କରିଥା'ନ୍ତି ସେତେବେଳେ କଳିଙ୍ଗରେ ରାଜତନ୍ତ୍ର ନୁହେଁ, ଗଣତନ୍ତ୍ର ପ୍ରତିଷ୍ଠିତ ଥିଲା। କିନ୍ତୁ କଳିଙ୍ଗରେ କୌଣସି ସମୟରେ ଗଣତନ୍ତ୍ର ଶାସନ ପ୍ରଚଳିତ ଥିବାର ଅଭିଲେଖିକ ପ୍ରମାଣ ନାହିଁ। ଏହି ଦୃଷ୍ଟିକୋଣରୁ କଳିଙ୍ଗଯୁଦ୍ଧର ଐତିହାସିକତା ସମ୍ପର୍କରେ ଅଧିକରୁ ଅଧିକ ଗବେଷଣାର ପ୍ରୟୋଜନୀୟତା ରହିଛି।

# ଅପପୁଷ୍ଟି ସମସ୍ୟା ଓ ତା'ର ନିରାକରଣ

ଅନନ୍ତ କୁମାର ସାମନ୍ତ
ଏରସମା, ମୋ: ୭୬୦୫୯୫୯୯୦୪

ଓଡ଼ିଶା ହେଉଛି ଭାରତର ୧୧ ତମ ବଡ଼ ରାଜ୍ୟ, ଯେଉଁଠାରେ ୪କୋଟିରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ ରାଜ୍ୟରେ ୧୫ ରୁ ୧୮ ବର୍ଷ ଭିତରେ ୫୨ ଶତକଡ଼ା କିଶୋରୀ ବଂଶାନୁକ୍ରମିକ ଅପପୁଷ୍ଟିର ଶିକାର ହେଉଥିବାବେଳେ ଶତକଡ଼ା ୫୧ ଭାଗ ମହିଳା ୧୫ ରୁ ୪୯ ବର୍ଷ ବୟସ ମଧ୍ୟରେ ଆନେମିଆ ବା ରକ୍ତହୀନତାର ଶିକାର ହୁଅନ୍ତି। ଜନ୍ମ ହେବାର ୬ ମାସରୁ ୨୩ ମାସ ଭିତରେ ମାତ୍ର ଶତକଡ଼ା ୮.୫ ଶିଶୁ ଯଥେଷ୍ଟ ପୁଷ୍ଟିକର ଖାଦ୍ୟ ପାଇ ପାରୁଛନ୍ତି। ଅପପୁଷ୍ଟିର ସମସ୍ୟା ଦୁର୍ଗମ ଅଞ୍ଚଳ ଓ ଆଦିବାସୀ ପଡ଼ା-ଗାଁଗୁଡ଼ିକରେ ଅଧିକ ଥିବା ଜଣାଯାଏ।

ଓଡ଼ିଶାରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ୩୦୦୦ରୁ ଅଧିକ ପଡ଼ା-ଗାଁ ବା 'ହାମ୍‌ଲେଟ୍' ରହିଛି। ବିଶେଷକରି ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାମାନଙ୍କରେ ଅନେକ ପଡ଼ା-ଗାଁ ରହିଛି। ପଡ଼ା-ଗାଁଗୁଡ଼ିକରେ ଲୋକସଂଖ୍ୟା ୧୫୦ରୁ କମ୍ ହୋଇଥିବା ଯୋଗୁଁ ସେଠାରେ ଅଙ୍ଗନବାଡ଼ି କେନ୍ଦ୍ର ବ୍ୟବସ୍ଥା ପ୍ରାୟତଃ ନଥାଏ ଏବଂ ସେଠାକାର ଅଧିବାସୀ ଅଙ୍ଗନବାଡ଼ିରୁ ମିଳୁଥିବା ଅନେକ ସୁବିଧା ସୁଯୋଗରୁ ବଞ୍ଚିତ ହୁଅନ୍ତି। ପଡ଼ା-ଗାଁଗୁଡ଼ିକ ଜଙ୍ଗଲ, ପର୍ବତ, ନଦୀଘେରା ଅପହଞ୍ଚ ଅଞ୍ଚଳ ହୋଇଥିବାରୁ ସରକାରି ସୁବିଧା ସୁଯୋଗ ସେଠାରେ ସହଜରେ ପହଞ୍ଚି ପାରେ ନାହିଁ। ଏହାଫଳରେ ଏହି ଅଞ୍ଚଳରେ ଅପପୁଷ୍ଟିର ସମସ୍ୟା ଅଧିକ ହୁଏ। ଅପପୁଷ୍ଟିର ନିରାକରଣ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ହେଁ ଆଶାନୁରୂପ ସଫଳତା ନ ମିଳିବା ପଛରେ ଅନେକ କାରଣ ରହିଛି। ଏହି କାରଣଗୁଡ଼ିକୁ ଅନୁଧ୍ୟାନ କରି ନିରାକରଣ ଲାଗି ଆନ୍ତରିକତାର ସହ ପଦକ୍ଷେପ ନେଲେ ଅପପୁଷ୍ଟି ସମସ୍ୟା ଦୂର ହୋଇପାରିବ।

ପ୍ରଥମତଃ, ଅଙ୍ଗନବାଡ଼ିର ୬ ଟି ସେବା ମଧ୍ୟରୁ ଘରକୁ ଯୋଗାଇ ଦିଆଯାଉଥିବା ଶୁଖିଲା ଖାଦ୍ୟ ଯେଭଳି ସମସ୍ତଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଦ୍ୱିତୀୟତଃ, ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ଯୋଗାଇ ଦିଆଯାଉଥିବା ଛତୁଆ ଗୁଣର ମାନ ନିୟମିତ ବ୍ୟବଧାନରେ ପରୀକ୍ଷା କରାଯିବ ଉଚିତ। କାରଣ ଛତୁଆ ପ୍ରସ୍ତୁତି ଓ ବିତରଣର ଦାୟିତ୍ୱ ନେଇଥିବା ଠିକାସଂସ୍ଥାମାନଙ୍କର ଲାଭଖୋର ମନୋବୃତ୍ତି ପାଇଁ ଛତୁଆ ନିମ୍ନମାନର ହେଉଥିବା ଅନେକ ସ୍ଥାନରୁ ଅନେକ ସମୟରେ ଅଭିଯୋଗ ଆସୁଛି। ନିମ୍ନମାନର ଛତୁଆ ସ୍ୱାଦିଷ୍ଟ ହେଉନଥିବାରୁ ମା ଓ ପିଲାମାନେ ଖାଉ ନଥିବା ଦେଖାଯାଉଛି। ତୃତୀୟତଃ, ଗର୍ଭବତୀ ଓ ପ୍ରସୂତି, ୭ ମାସରୁ ୩ ବର୍ଷର ଶିଶୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଯେଉଁ ଶୁଖିଲା ଖାଦ୍ୟ ଦିଆଯାଉଛି ତାହାକୁ ପଡ଼ା-ଗାଁଗୁଡ଼ିକରେ ପହଞ୍ଚାଇବା ପାଇଁ ସୁନିଶ୍ଚିତ କରିବା ଆବଶ୍ୟକ ରହିଛି।

ଏହିପରି ଏକ ଅଭିନବ କାର୍ଯ୍ୟକ୍ରମର ଉଦାହରଣ ହେଉଛି ଶିକ୍ଷାସନ୍ଧାନ ଓ ଅଜିମ ପ୍ରେମଜି ଫାଉଣ୍ଡେସନ ଦ୍ୱାରା ଚାଲିଥିବା ପଡ଼ା-ପୁଷ୍ଟି କାର୍ଯ୍ୟକ୍ରମ। ୧୨୦ଟି ପଡ଼ା ଗ୍ରାମରେ ସମସ୍ତ ୩ ରୁ ୬ ବର୍ଷର ଶିଶୁମାନଙ୍କୁ, ମାଆମାନଙ୍କ ଭାଗୀଦାରିତାରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ସମସ୍ତ ମାଆମାନେ ଏକାଠି ହୋଇ ପିଲାମାନଙ୍କୁ ସାବୁନରେ ହାତ ଧୋଇ ସସ୍ନେହରେ ପ୍ରତିଦିନ ଖାଇବାକୁ ଦେଉଛନ୍ତି। ଏତଦ୍ ବ୍ୟତୀତ କେତୋଟି ଗାଁରେ ପରୀକ୍ଷା ମୂଳକ ଭାବେ ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଅଳ୍ପକିଛି ସହଯୋଗ ଖାଦ୍ୟ ଆକାରରେ (ଏଥିରେ ଅଙ୍ଗନବାଡ଼ିର ୧୨ ଟି ଅଣ୍ଡା ମଧ୍ୟ ସାମିଲ ଥିଲା) ଯୋଗାଇ ଦେବାଦ୍ୱାରା ପିଲାମାନଙ୍କ ସହିତ ମାଆମାନେ ମଧ୍ୟ ଏକାଠି ମିଶି ଖାଉଛନ୍ତି। ଏଥିରେ ସ୍ଥାନୀୟ ଆଇସିଡିଏସ କାର୍ଯ୍ୟାଳୟ ୨୫ ଦିନ ପାଇଁ ମାସକୁ ୨୦ ଟି ଅଣ୍ଡା, ୨ କେଜି ଚାଉଳ, ଡାଲି, ତେଲ, ଲୁଣ, ମସଲା, ପନିପରିବା ଓ ୨୫ଟି ଲଡୁ ଯୋଗାଇ ଦେଉଛନ୍ତି। ପ୍ରତିଦିନ ଖାଇବା ପୂର୍ବରୁ ହାତ ଧୁଆକୁ ବାଧ୍ୟତାମୂଳକ କରାଯାଇଛି। ସୋମବାର ଡାଲମା ଭାତ ଓ ରବିବାରକୁ ଛାଡ଼ିଦେଲେ ଅନ୍ୟଦିନ ଅଣ୍ଡା ତରକାରି ଓ ଭାତ ଦିଆଯାଉଛି।

ଏହି କାର୍ଯ୍ୟକ୍ରମକୁ ଆହୁରି ସୁନ୍ଦର କରିବାକୁ ହେଲେ ଆଉ କିଛି ଆର୍ଥିକ ସହଯୋଗ ବଢ଼ାଇବାର ଆବଶ୍ୟକତା ରହିଛି। ମାଆମାନଙ୍କ ପାଇଁ ଗରମରନ୍ଧା ଖାଦ୍ୟ, ୧ ରୁ ୫ ବର୍ଷର ଶିଶୁ ଓ କିଶୋରୀ ବାଳିକା ପାଇଁ ଉପଯୁକ୍ତ ଖାଦ୍ୟ ବ୍ୟବସ୍ଥା କରିବା ଆବଶ୍ୟକ। ଏତଦ୍ ବ୍ୟତୀତ ସ୍ଥାନୀୟ ଖାଦ୍ୟର ବ୍ୟଞ୍ଜନ ତିଆରି କରିବା ତାଲିମ, ମାଆ ଓ ଶିଶୁଙ୍କ ପାଇଁ ପରିବା ବଗିଚା, କୃମିନାଶକ ବଟିକା, ଆଇରନ ବଟିକା, ଡାକ୍ତରମାନଙ୍କ ଦ୍ୱାରା ଭ୍ରାମ୍ୟମାଣ ଚିକିତ୍ସାର ବ୍ୟବସ୍ଥା ଓ ଅନ୍ୟାନ୍ୟ ସଚେତନତାଧର୍ମୀ କାର୍ଯ୍ୟକ୍ରମ ସ୍ଥାନୀୟ ମହିଳା ନେତୃତ୍ୱରେ ବିଭିନ୍ନ ବ୍ଲକରେ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ଦ୍ୱାରା କରାଗଲେ ସାରା ରାଜ୍ୟର ଅପପୁଷ୍ଟି ସମସ୍ୟା ଅନେକାଂଶରେ ହ୍ରାସ ପାଇପାରନ୍ତା।

## ଶିକ୍ଷା ଏବଂ ସୌନ୍ଦର୍ଯ୍ୟ

ଜ୍ଞାନାଞ୍ଜନ
ପରିବ୍ରାଜକ

ଜଣେ ଯୁବକଙ୍କ ଏକ ବିଶେଷତ୍ୱ ଥିଲା ଯେ ସେ ଖୁବ୍ ସୁନ୍ଦର ଥିଲେ। ଶରୀରର ଗଠନ ବେଶ୍ ଆକର୍ଷକ ଥିଲା। ଶରୀରର ସୌନ୍ଦର୍ଯ୍ୟକୁ ବଜାୟ ରଖିବା ପାଇଁ ସେ ଖୁବ୍ ପରିଶ୍ରମ ମଧ୍ୟ କରୁଥିଲେ। ଯୁବକଙ୍କର ସିନା ଏକ ବଳିଷ୍ଠ ଏବଂ ମନଲୋଭା ଶରୀର ଥିଲା; କିନ୍ତୁ ତାଙ୍କ ଶିକ୍ଷା ବିଷୟରେ ଯେତେବେଳେ ଯିଏ ଜାଣୁଥିଲା, ସେତେବେଳେ ଶରୀରର ଗୁରୁତ୍ୱ ଆଉ ରହୁ ନଥିଲା। ଯୁବକ ଜଣକ ଶ୍ରୀଅକ୍ଷର ବିବର୍ଜିତ ଥିଲେ। ବାଲ୍ୟକାଳରେ ଯୁବକଟିକୁ ପାଠ ପଢ଼ାଇବାକୁ ପିତାମାତା ସକଳ ପ୍ରକାର ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ଦିନେ ଏମିତି ଏକ ଘଟଣା ଘଟିଲା, ଯାହାକୁ ନେଇ ଯୁବକଟି ପାଠ ପଢ଼ିବା ପାଇଁ ବଦ୍ଧପରିକର ହେଲା। ଘଟଣାଟି ଏହିପରି -

ଦିନେ କୋର୍ଟକୁ କେଉଁ ଏକ କାମରେ ଯୁବକ ଜଣକ ଯାଇଥିଲେ। ସେଠାରୁ ମିଳିଥିବା ଦସ୍ତାବିଜ୍‌ରେ କ'ଣ ସବୁ ଇଂରାଜି ଭାଷାରେ ଲେଖା ହୋଇଥିଲା। ଇଏ ତ ପାଠ ପଢ଼ିନାହାନ୍ତି। ବୁଝିବେ କେମିତି? ପାଠ ପଢ଼ୁଆ ଲୋକେ ଗାଁରେ ଅଛନ୍ତି ଯେ କିନ୍ତୁ ଏହାକୁ ପଢ଼ିବାକୁ କହିଲେ ସେମାନେ ନାନାଦି ଟାହି ଟାପରା କଥାମାନ କହିବେ। ତେଣୁ ବୁଝାବୁଝି କାମଟା ଏଇ କୋର୍ଟରେ କାହା ନିକଟକୁ ଯାଇ ଶେଷ କରିଦେବାଟା ଉଚିତ ହେବ ଭାବି ଶେଷରେ ଯୁବକ ଜଣକ ମୁନ୍‌ସୀଙ୍କ ନିକଟକୁ ଯାଇ ଦସ୍ତାବିଜ୍‌ରେ ଲେଖା ହୋଇଥିବା କଥାକୁ ବୁଝାଇ କହିବା ପାଇଁ ଅନୁରୋଧ କଲେ। ମୁନ୍‌ସୀ ପ୍ରଥମେ ଯୁବକଟି ଶରୀରକୁ ଚାହିଁଲେ ଓ ପରେ କହିଲେ- 'ସରଳ ସୁନ୍ଦର ଭେଣ୍ଡିଆ ହୋଇଛ। ପାଠ ଦି ଅକ୍ଷର ପଢ଼ିଲନି କେମିତି ଯେ?' ଏତିକି କଥା ଶୁଣି ଯୁବକର ଚତୁଃପାର୍ଶ୍ୱରେ ଥିବା ଲୋକମାନେ ବ୍ୟଙ୍ଗାତ୍ମକ ହସ ହସିବାରେ ଲାଗିଲେ। ଯୁବକଟିକୁ ଭାରି ଲଜ୍ଜା ଲାଗିଲା। ମୁନ୍‌ସୀ କହିଲେ- 'ମୁଁ ଏଇନେ ବ୍ୟସ୍ତ ଅଛି। ତିନି ଘଣ୍ଟା ଅପେକ୍ଷା କର। ତୁମ କଥା ବୁଝିବି।'

ସେଦିନ ଯୁବକ ଜଣକ ଅଗତ୍ୟା ସାଢ଼େ ତିନି ଘଣ୍ଟା କାଳ ଅପେକ୍ଷା କଲା ପରେ ମୁନ୍‌ସୀ ତାକୁ ସାହାଯ୍ୟ କରିଥିଲେ। ଏହାରି ଭିତରେ ଯୁବକର ଶିକ୍ଷାକୁ ନେଇ ଆଉ ଦି ଚାରି ପଦ ସମାଲୋଚନା ବି କରିଥିଲେ। ଯୁବକଙ୍କୁ ଏ କଥାଗୁଡ଼ିକ ବେଶ୍ ବାଧିଥିଲା। ଘରକୁ ଫେରି ସେ ଏ ବିଷୟରେ ପାଠ ପଢ଼ିବାକୁ ବଜ୍ର ଶପଥ ନେଲେ। ରାତି ଦିନ ଏକ କରି ପାଠ ପଢ଼ିଲେ। ଛ'ମାସ ମଧ୍ୟରେ ସେ ଲେଖାପଢ଼ା ଶିଖିଗଲେ। କେବଳ ସେତିକି ନୁହେଁ, ଆହୁରି ଅଧିକ ପାଠ ପଢ଼ି ବିଶିଷ୍ଟ ଶିକ୍ଷାବିତ୍ ହିସାବରେ ପରିଚିତ ହେଲେ। ଦିନେ ସେ ମନ୍ତ୍ରୀ ମଧ୍ୟ ହେଲେ। ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ସାର୍ ଗଣେଶ ଦତ୍ତ ସିଂ। ଇଂରେଜ ଶାସନ ସମୟରେ ବିହାର-ଓଡ଼ିଶା ପ୍ରଦେଶର ସେ ମନ୍ତ୍ରୀ ହୋଇଥିଲେ। ତାଙ୍କ ନାଁରେ ବିହାରରେ ସାର୍ ଗଣେଶ ଦତ୍ତ ସ୍ମାରକୀ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ପାଟଳୀପୁତ୍ରରେ ଏକ ବିଦ୍ୟାଳୟ ମଧ୍ୟ ତାଙ୍କ ନାମରେ ଅଛି। ବିହାର-ଓଡ଼ିଶାର ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସେତେବେଳେ ସେ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
SAKALA MEDIA PVT. LTD.
Plot No.- N-3/441, IRC Village,
Nayapalli, Bhubaneswar-15
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୭୩.୧୫ • ପାଉଣ୍ଡ ୧୦୧.୧୧
- ୟୁରୋ ୮୬.୯୦ • ୟେନ୍ ୦.୬୬

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୪୪,୮୩୦ (ଭୁବନେଶ୍ୱର)
- ରୁପା : ୬୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୫୯,୮୮୫.୦୦
- ନିଫ୍ଟି ୧୭,୮୨୩.୦୦



**ପେଟ୍ରୋଲ-ଡିଜେଲ୍**


ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୧୯ (ନୂଆଦିଲ୍ଲୀ)
- ଡିଜେଲ୍ - ୮୮.୬୨



**ପାର୍ବଣରେ ମହଙ୍ଗା ମାଡ଼**

# ଏଲ୍‌ପିଜି ସିଲିଣ୍ଡର ହଜାରେ ଛୁଇଁବ

**ନୂଆଦିଲ୍ଲୀ,୨୩।୯ (ଏଜେନ୍ସି):** ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ବର୍ଦ୍ଧିତ ମୁଦ୍ରାସ୍ଫୀତି ଯୋଗୁ ଦେଶରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଦର ଢ଼େର ଉପରେ ରହିଥିବାବେଳେ ଆଗକୁ ଖାଉଟିଙ୍କୁ ଅଧିକ କଷ୍ଟ ଉଠାଇବାକୁ ପଡ଼ିବ। କାରଣ ଏହି ପାର୍ବଣରେ ହେବାକୁ ଯାଉଛି ମହଙ୍ଗା ମାଡ଼। ଖାଉଟିଙ୍କ ଉପରେ ଏହି ମହଙ୍ଗା ମାଡ଼ ଏଲପିଜି ସିଲିଣ୍ଡର ଆଧାରରେ ହେବ। ଖୁବ୍ ଶୀଘ୍ର ଦେଶରେ ଘରୋଇ ଏଲପିଜି ସିଲିଣ୍ଡର ଦର ହଜାରେ ଟଙ୍କା ଛୁଇଁବ। ଆସନ୍ତା ମାସ ପହିଲାରୁ ସରକାର ଏଲପିଜି ସିଲିଣ୍ଡର ମୂଲ୍ୟ ସଂଶୋଧନ କରିବେ। ସେତେବେଳେ ଦେଶର ଅଧିକାଂଶ ସହରରେ ନଅ ଶହ ଟଙ୍କା ଉପରେ ରହିଥିବା ଏଲପିଜି ସିଲିଣ୍ଡର ପାଇଁ ଗ୍ରାହକଙ୍କୁ ଏକ ହଜାର ଟଙ୍କା ଦେବାକୁ ପଡ଼ିବ। ଏହାଛଡ଼ା ରନ୍ଧନ ଗ୍ୟାସ୍ ଉପଭୋକ୍ତାଙ୍କ ପାଇଁ ଆଉ ଏକ ଖରାପ ଖବର ହେଉଛି ଯେ, ନିକଟ ଭବିଷ୍ୟତରେ ସରକାର ଏଲପିଜି




ସିଲିଣ୍ଡର ଉପରେ ଖାଉଟିଙ୍କୁ ଦେଉଥିବା ରିଆତି ବନ୍ଦ କରିଦେବେ। ଅପରପକ୍ଷେ ଏଲପିଜି ସିଲିଣ୍ଡର କ୍ଷେତ୍ରରେ କେନ୍ଦ୍ର ସରକାର ସହୁଥିବା ରିଆତି ବୋଝ ଇତି ମଧ୍ୟରେ ବର୍ଷକରେ ୬ ଗୁଣ ହ୍ରାସ ପାଇଛି।

ଏକ ରିପୋର୍ଟ ଅନୁଯାୟୀ, ଏଲପିଜି ସିଲିଣ୍ଡର ରିଆତିକୁ ନେଇ କେନ୍ଦ୍ର ସମ୍ପର୍କରେ ସରକାରଙ୍କର ଦୁଇଟି ଆଭିମୁଖ୍ୟ ଗ୍ରହଣ କରିପାରନ୍ତି। ପ୍ରଥମଟି ହେଉଛି ସରକାର ପ୍ରଚଳିତ ବ୍ୟବସ୍ଥାନୁଯାୟୀ, ବର୍ତ୍ତମାନ ଯେଉଁଭଳି ଭାବେ ପ୍ରତି ମାସରେ ଦର ସଂଶୋଧନ କରାଯାଇ ମୂଲ୍ୟ ବୃଦ୍ଧି କରାଯାଉଛି

- ରିଆତି ସମ୍ପୂର୍ଣ୍ଣ ବନ୍ଦ ହୋଇପାରେ
- ଏଲପିଜି ରିଆତି ବୋଝ ବର୍ଷକରେ ୬ ଗୁଣ ହ୍ରାସ ପାଇଛି
- ଚଳିତ ବର୍ଷ ସିଲିଣ୍ଡର ୧୯୦ ଟଙ୍କା ବଢ଼ିଛି

ତାହାକୁ ପରି ଚଳାଇବେ କିମ୍ବା ଦ୍ୱିତୀୟତଃ ଉଜ୍ଜ୍ୱଳା ଯୋଜନା ଅଧୀନରେ କେବଳ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଗ୍ରାହକଙ୍କୁ ଏଲପିଜି ରିଆତି ଦେବେ। ସରକାରଙ୍କ ଉପରେ ସବସିଡି ବୋଝ ବର୍ଷକରେ ୬ ଗୁଣ ହ୍ରାସ ପାଇଛି। ୨୦୨୦-୨୧ ଆର୍ଥିକବର୍ଷରେ ସରକାର ଗ୍ରାହକଙ୍କୁ ୩,୫୫୯ କୋଟି ଟଙ୍କାର ରିଆତି ପ୍ରଦାନ କରିଛନ୍ତି। ୨୦୧୯-୨୦ ଆର୍ଥିକବର୍ଷରେ ଏହି ଖର୍ଚ୍ଚ ୨୪,୪୬୮ କୋଟି ଟଙ୍କା ରହିଥିଲା। ଅର୍ଥାତ୍ ଗୋଟିଏ ବର୍ଷ ମଧ୍ୟରେ ସରକାର ସବସିଡି ପ୍ରାୟ ୬ ଗୁଣ ହ୍ରାସ କରିଛନ୍ତି। ପ୍ରଚଳିତ ନିୟମ ଅନୁଯାୟୀ, ଯଦି ଆପଣଙ୍କର ବାର୍ଷିକ ଆୟ ୧୦ ଲକ୍ଷ ଟଙ୍କାରୁ ଅଧିକ, ତେବେ ଆପଣ ଏଲପିଜି ସିଲିଣ୍ଡର ବାବଦରେ ରିଆତି ଲାଭ ପାଇବେନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ,ଚଳିତବର୍ଷ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୯୦ ଟଙ୍କା ୫୦ ପଇସା ବୃଦ୍ଧି ଘଟିଛି। ଚଳିତବର୍ଷ ଜାନୁଆରୀ ପହିଲାରେ ଦିଲ୍ଲୀରେ ଏଲପିଜି ସିଲିଣ୍ଡରର ମୂଲ୍ୟ ୬୯୪ ଟଙ୍କା ରହିଥିଲା। ବର୍ତ୍ତମାନ ସିଲିଣ୍ଡର ମୂଲ୍ୟ ୮୮୪ ଟଙ୍କା ୫୦ ପଇସା ହୋଇଛି। ଅର୍ଥାତ୍ ଜାନୁଆରୀଠାରୁ ଦିଲ୍ଲୀରେ ଘରୋଇ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୧୯୦ ଟଙ୍କା ୫୦ ପଇସା ବୃଦ୍ଧି ପାଇଛି। ତେବେ ବିଗତ ସାଢ଼େ ୭ ବର୍ଷ ମଧ୍ୟରେ ଦେଶରେ ଘରୋଇ ଗ୍ୟାସ ସିଲିଣ୍ଡର(୧୪.୨ କିଲୋଗ୍ରାମ)ର ମୂଲ୍ୟ ବଢ଼ି ଦୁଇଗୁଣ ହୋଇଛି। ୨୦୧୪ ମାର୍ଚ୍ଚ ପହିଲାରେ ୧୪.୨ କିଲୋଗ୍ରାମ ଘରୋଇ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୪୧୦ ଟଙ୍କା ୫୦ ପଇସା ରହିଥିଲା, ଯାହା ବର୍ତ୍ତମାନ ୮୮୪ ଟଙ୍କା ୫୦ ପଇସା। ଏକ ସୂଚନାନୁଯାୟୀ, ସୌମ୍ପତି ଦେଶରେ ୨୯ କୋଟି ଲୋକଙ୍କର ଏଲପିଜି ସଂଯୋଗ ରହିଛି। ଏଥିରୁ ଉଜ୍ଜ୍ୱଳା ଯୋଜନା ଅନ୍ତର୍ଗତ ପ୍ରାୟ ୮ କୋଟି ଏଲ୍‌ପିଜି ସଂଯୋଗ ଦିଆଯାଇଛି।

# ଏଲ୍‌ଆଇସି ଆଇପିଓରେ ଚାଇନା ନିବେଶକୁ ନେଇ ଚିନ୍ତା

**ନୂଆଦିଲ୍ଲୀ,୨୩।୯ (ଏଜେନ୍ସି):** ଦେଶର ବୃହତ୍ ଜୀବନ ବୀମା କମ୍ପାନୀ ଲାଇଫ ଇନସୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏଲ୍‌ଆଇସି)ର ଆଇପିଓରେ ଚାଇନାର ନିବେଶକକୁ ନେଇ ଏବେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଛି। ଦେଶର ବଡ଼ ବଡ଼ କମ୍ପାନୀରେ ଚାଇନା ଏହିଭଳି ଭାବେ ଅର୍ଥ ଖଟାଇବାକୁ ଚାହୁଁଛି। ବର୍ତ୍ତମାନ ପରିସ୍ତିତିରେ ସରକାର ଚାଇନାକମ୍ପାନୀଗୁଡିକର ଏହି ନିବେଶକୁ ନିଷିଦ୍ଧ କରିପାରନ୍ତି। ସରକାର ଏବଂ ବ୍ୟାଙ୍କିଙ୍ଗ ସୂତ୍ରରୁ ପ୍ରକାଶ ଯେ, ଦୁଇ ଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦ ଯୋଗୁଁ ଭାରତ ସରକାର ଏହିପରି ପଦକ୍ଷେପ ନେବାର ସମ୍ଭାବନା ରହିଛି। ଦେଶର ଘରୋଇ ବୀମା ବଜାରରେ ଏଲ୍‌ଆଇସିର ୬୦% ରୁ ଅଧିକ ଅଂଶଧନ ରହିଛି। କମ୍ପାନୀ ୫୦୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ପରିଚାଳନା କରୁଛି। ସୂତ୍ରରୁ ପ୍ରକାଶ ଯେ ସରକାର ବିଦେଶୀ ନିବେଶକମାନଙ୍କୁ କମ୍ପାନୀର ଆଇପିଓରେ ବିନିଯୋଗ କରିବାକୁ ଅନୁମତି




ଦେବାକୁ ଚିନ୍ତା କରୁଛନ୍ତି, କିନ୍ତୁ ଚାଇନାର ନିବେଶକୁ ନେଇ ଅସନ୍ତୋଷ ଅନୁଭବ କରୁଛନ୍ତି। ଗତ ବର୍ଷ ସୀମାରେ ସାମରିକ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ତିକ୍ତତା ଶିଖରରେ ପହଞ୍ଚିଛି। ସେବେଠାରୁ ଭାରତ ସରକାର ଏହାର ସମ୍ବେଦନଶୀଳ କ୍ଷେତ୍ର ଏବଂ କମ୍ପାନୀଗୁଡ଼ିକରେ ଚୀନ୍‌ର ନିବେଶକୁ ସୀମିତ କରିବାକୁ ଚେଷ୍ଟା କରିଆସୁଛନ୍ତି। ସରକାର ଚାଇନାରେ ଅନେକ ମୋବାଇଲ୍ ଆପ୍ ଉପରେ ପ୍ରତିବନ୍ଧକ ଲଗାଇଥିଲେ ଏବଂ ସେଠାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ନଜର ରଖିଥିଲେ। ସୀମାରେ ଚୀନ୍ ସହ ସାମରିକ ବିବାଦ ପରେ ବ୍ୟବସାୟିକ ସ୍ଥିତି ସ୍ୱାଭାବିକ ହୋଇପାରିବ ନାହିଁ। ଏଲ୍‌ଆଇସି ପରି କମ୍ପାନୀଗୁଡିକରେ ଚୀନ୍‌ର ବିନିଯୋଗ ବିପଦପୂର୍ଣ୍ଣ ହୋଇପାରେ। ପୁଞ୍ଜି ବିନିଯୋଗ କିପରି ବନ୍ଦ ହୋଇପାରିବ ସେ ନେଇ ଆଲୋଚନା ଚାଲିଛି। ବଜେଟରେ ପ୍ରସ୍ତାବିତ ଖର୍ଚ୍ଚର ପରିଚାଳନା ପାଇଁ ସରକାର ଚଳିତ ଆର୍ଥିକବର୍ଷରେ ଏଲ୍‌ଆଇସିର ଆଇପିଓରୁ ୯୦,୦୦୦ କୋଟି ଟଙ୍କା ସଂଗ୍ରହ କରିପାରିବେ। ଏଥିପାଇଁ ସରକାର ଏହାର ୫ ରୁ ୧୦% ଅଂଶଧନ ବିକ୍ରି କରିବାକୁ ବଚାର କରୁଛନ୍ତି। ପ୍ରଚଳିତ ନିୟମ ଅନୁଯାୟୀ, ବିଦେଶୀ ନିବେଶକମାନେ ଏଲ୍‌ଆଇସିରେ ନିବେଶ କରିପାରିବେ ନାହିଁ, କିନ୍ତୁ ସରକାର ସେମାନଙ୍କୁ ଆଇପିଓରେ ୨୦%ପର୍ଯ୍ୟନ୍ତ ଅଂଶଧନ କିଣିବାକୁ ଅନୁମତି ଦେଇପାରିବେ। ଚାଇନାର ପୁଞ୍ଜି ନିବଶେକୁ ରୋକିବା ପାଇଁ ସରକାର ଏଲଆଇସି ଏଫ୍‌ଡିଆଇର ବର୍ତ୍ତମାନର ଆଇନରେ ସଂଶୋଧନ କରିପାରିବେ କିମ୍ବା ଏକ ନୂତନ ନିୟମ କରିପାରିବେ।

# ଇତିହାସ ରଚିଲା ପାରସ୍ ଡିଫେନ୍ସ ଆଇପିଓ

**ମୁମ୍ବଇ,୨୩।୯ (ଏଜେନ୍ସି):** ପାରସ୍ ଡିଫେନ୍ସର ଆଇପିଓ ସମସ୍ତ ରେକର୍ଡ ଭାଙ୍ଗିଛି। ଏହି ଆଇପିଓ ୩୦୪ ଗୁଣ ସବ୍‌ସ୍କ୍ରାଇବ୍ ହୋଇଛି। ଭାରତୀୟ ଆଇପିଓ ଇତିହାସରେ ଏହା ପ୍ରଥମ ଘଟଣା ଯେତେବେଳେ କି ସଲାସର ଟେକ୍ ନାମରେ ସର୍ବାଧିକ ରେକର୍ଡ ହୋଇଥିଲା। ୨୦୧୭ରେ ଏହି କମ୍ପାନୀର ଆଇପିଓ ୨୭୩ ଥର ସବ୍‌ସ୍କ୍ରାଇବ୍ ହୋଇଥିଲା। ତଥାପି ବର୍ତ୍ତମାନ ପର୍ଯ୍ୟନ୍ତ ୪ ଟି କମ୍ପାନୀ ଅଛି ଯାହା ୨୦୦ ଗୁଣରୁ ଅଧିକ ରେସପନ୍ସ ହାସଲ କରିଛି।

୨୦୧୮ରେ ଆପୋଲୋ ମାଇକ୍ରୋ ୨୪୮ ଥର, ୨୦୧୭ରେ ଆଷ୍ଟ୍ରନ୍ ପେପର ୨୪୧ ଥର ଏବଂ ଏମ୍‌ଟିଏଆର୍‌ର ଆଇପିଓ ସେହି ବର୍ଷରେ ୨୦୦ ଥର ସବ୍‌ସ୍କ୍ରାଇବ୍ ହୋଥିଲା। ପାରାସ୍ ଡିଫେନ୍ସ ମଧ୍ୟ ସେହି କମ୍ପାନୀ ଯିଏକି ଆଇପିଓ ଇତିହାସରେ ପ୍ରଥମ ଦିନରେ ସର୍ବାଧିକ ସବ୍‌ସ୍କ୍ରାଇବ୍ ହାସଲ କରିଛି। କମ୍ପାନୀ ୧୬୫ ଟଙ୍କାରୁ ୧୭୫ଟଙ୍କା ମୂଲ୍ୟରେ ଆଇପିଓ ଆଣିଥିଲା। କମ୍ପାନୀର ଆଇପିଓ ବହୁତ ମହଙ୍ଗା। ଅର୍ଥାତ୍ ନିବେଶକମାନେ ଗୋଟିଏ ଅଂଶଧନ ପାଇଁ ୪୨ ଟଙ୍କା ଦେଉଛନ୍ତି। ଆହୁରି ମଧ୍ୟ, ଗତ ତିନି ବର୍ଷ ମଧ୍ୟରେ କମ୍ପାନୀର ରାଜସ୍ୱ ଏବଂ ଲାଭ କ୍ରମାଗତ ଭାବେ ହ୍ରାସ ପାଇଛି। ଅନେକ ବ୍ରୋକରେଜ୍ ସଂସ୍ଥା ଏହି ସମସ୍ୟାଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଛନ୍ତି।

ପାରସ୍ ଡିଫେନ୍ସ ଆଇପିଓରେ ମୋଟ ୭୧.୪୦ ଲକ୍ଷ ସେୟାର ଜାରି କରାଯାଇଛି। ଏହାର ପ୍ରତିବଦଳରେ, ଏହା ୨୧୭.୦୨ କୋଟି ସେୟାର ପାଇଁ ବିଡ୍ ଗ୍ରହଣ କରିଛି। ଅର୍ଥାତ୍ ୧୭୦କୋଟି ଟଙ୍କା ବଦଳରେ କମ୍ପାନୀ ୩୮ ହଜାର କୋଟି ଟଙ୍କାରୁ ଅଧିକ ଟେଣ୍ଡର ପାଇଛି। ଆଇପିଓ ଆରମ୍ଭ ହେବା ପୂର୍ବରୁ ଦେଶର ଫଣ୍ଡ ହାଉସ୍ ଏବଂ ଅନ୍ୟାନ୍ୟ ଅନୁଷ୍ଠାନିକ ନିବେଶକମାନେ ଆଙ୍କର ନିବେଶକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଇଥିଲେ। ଆଙ୍କର୍ ନିବେଶକମାନଙ୍କ ପାଇଁ କମ୍ପାନୀ ୧୭୫ଟଙ୍କା ମୂଲ୍ୟରେ ୨୯.୨୭ ଲକ୍ଷ ସେୟାର ଜାରି କରିଛି।

**ବଦଳିଲା ପାରିବାରିକ ପେନସନ୍ ନିୟମ**

# ନାବାଳକ ପାଇପାରିବେ ସୁବିଧା





**ନୂଆଦିଲ୍ଲୀ ୨୩।୯ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ପାରିବାରିକ ପେନସନ୍ ନିୟମରେ ସଂଶୋଧନ ଘୋଷଣା କରିଛନ୍ତି। ଏଥିରେ କୌଣସି ସରକାରୀ କର୍ମଚାରୀ ଓ ତାଙ୍କ ପତ୍ନୀ ଯଦି ହତ୍ୟା ଆଦି ଅପରାଧିକ ମାମଲାରେ ଅଭିଯୁକ୍ତ ଥାନ୍ତି ସେ କ୍ଷେତ୍ରରେ ତାଙ୍କ ପାରିବାରିକ ପେନସନ୍ ବନ୍ଦ ରହିଥାଏ। ସଂଶୋଧିତ ନିୟମାନୁଯାୟୀ, ଏଭଳି କ୍ଷେତ୍ରରେ ସେମାନଙ୍କ ଉପରେ ଆଶ୍ରିତ ନାବାଳକ ପେନସନ ଉଠାଣ କରିପାରିବେ। ଆଇନତଃ ନିଯୁକ୍ତ ଅଭିଭାବକଙ୍କ ମାଧ୍ୟମରେ ସେ ଏହି ଅର୍ଥ ରାଶି ଉଠାଇପାରିବେ। ଜନ ଅଭିଯୋଗ ଓ ପେନସନ ମନ୍ତ୍ରାଳୟଙ୍କ ପେନସନଭୋଗୀ କଲ୍ୟାଣ ବିଭାଗ (ଡିଓପିପିଡବ୍ଲ୍ୟୁ) ପୂର୍ବରୁ ଏଭଳି ଅଭିଯୋଗ କ୍ଷେତ୍ରରେ ପେନସନଧାରୀଙ୍କୁ ଅପରାଧିକ କାର୍ଯ୍ୟାନୁଷ୍ଠାନ ଶେଷ ହେବା ପର୍ଯ୍ୟନ୍ତ ପେନସନର ଅନୁମତି ଦେଉ ନ ଥିଲେ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ପେନ୍‌ସନ୍ ବାବଦ ଅର୍ଥ ପ୍ରଦାନ କରାଯାଉ ନ ଥିଲା। ଏ ନେଇ ଗତ ଜୁଲାଇ ୧୩ ତାରିଖରେ ଡିଓପିପିଡବ୍ଲ୍ୟୁ ଏକ କାର୍ଯ୍ୟାଳୟ ଜ୍ଞାପନ (ଓଏମ)ରେ ଏ ନେଇ ସୂଚିତ କରାଇଛନ୍ତି। ତେବେ ଆଇନ ବିଭାଗର ପରାମର୍ଶରେ ଓଏମର ସମୀକ୍ଷା କରାଯାଇଥିଲା। ଯେଉଁଥିରେ କାର୍ଯ୍ୟାଳୟ ଜ୍ଞାପନରେ ଲିଖିତ ପ୍ରାବଧାନର ସମୀକ୍ଷା ହୋଇଥିଲା। ଯେଉଁଥିରେ ବ୍ୟକ୍ତି ଯଦି ପରବର୍ତ୍ତି ସମୟରେ ଅଭିଯୋଗରୁ ମୁକ୍ତ ହୁଅନ୍ତି ତେବେ ତାଙ୍କୁ ମୁକ୍ତ ହେବା ତାରିଖରୁ ପୁଣି ପାରିବାରିକ ପେନସନ୍ ଦିଆଯିବାର ବ୍ୟବସ୍ଥା ଥିବାର ସୂଚିତ କରାଯାଇଥିଲା। ତେବେ ଏଥିରେ ସଂଶୋଧନ କରାଯାଇ ନିର୍ଭରଶୀଳ ନାବାଳକ ଅଥବା ବାଳିକା ଉପଯୁକ୍ତ ଅଭିଭାବକଙ୍କ ଜରିଆରେ ଏହି ସୁବିଧା ପ୍ରାପ୍ତ କରିପାରିବେ ବୋଲି କୁହାଯାଇଛି।

**ନିମ୍ନମୁଖୀ ରେଟିଂକୁ ନେଇ ଚିନ୍ତା**

# ଅପଗ୍ରେଡ୍ ପାଇଁ ୨୮ ରେ ମୁଡିସ୍-ସରକାର ଆଲୋଚନା

**ନୂଆଦିଲ୍ଲୀ,୨୩।୯ (ଏଜେନ୍ସି):** ଦେଶର ରେଟିଂ ନିମ୍ନମୁଖୀ ରହିଛି। ଏହାକୁ ନେଇ ଚିନ୍ତା ପ୍ରକଟ କଲେଣି କେନ୍ଦ ସରକାର। କାରଣ ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ପଡ଼ିବାକୁ ଯାଉଛି। ଏହି ରେଟିଂରେ ଅପ୍‌ଗ୍ରେଡ୍ କରାଯିବା ନିତାନ୍ତ ଜରୁରୀ। ଏଥିପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ଦେଶର ରେଟିଂରେ ହୋଇଥିବା ହ୍ରାସକୁ ଏବେ ଅପଗ୍ରେଡ୍ କରିବାକୁ ଚେଷ୍ଟା ଚାଲିଛି। ରିପୋର୍ଟ ଅନୁଯାୟୀ, ଅର୍ଥ ମନ୍ତ୍ରାଳୟ ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ମୁଡିସ୍ ଇନଭେଷ୍ଟର୍ ସର୍ଭିସେସ୍ ସହିତ ଏ ବିଷୟରେ ଚଳିତମାସ ୨୮ ରେ ଆଲୋଚନା କରିବାର ସମ୍ଭାବନା ରହିଛି। ଦେଶରେ ହୋଇଥିବା ଆର୍ଥିକ ପୁନରୁଦ୍ଧାରକୁ ଦୃଷ୍ଟିରେ




ରଖି ଅର୍ଥ ମନ୍ତ୍ରାଳୟର ଅଧିକାରୀମାନେ ରେଟିଂ ଏଜେନ୍ସିକୁ ରେଟିଂ ଅପଗ୍ରେଡ୍ ମାଗିପାରିବେ। ଏହାପରେ ଯାଇ ଏଜେନ୍ସି ଏକ ରେଟିଂ ଅପଗ୍ରେଡ୍ ବିଷୟରେ ଚିନ୍ତା କରିପାରିବ। ମୁଡିସ୍ ଗତ ବର୍ଷ ଜୁନ୍ ମାସରେ ଭାରତର ସାର୍ବଭୌମତ୍ୱ ମୂଲ୍ୟାୟନକୁ ହ୍ରାସ କରିଥିଲା। ସେତେବେଳେ କରୋନା ପ୍ରଥମ ପର୍ଯ୍ୟାୟ ଯୋଗୁଁ ଦେଶର ଅର୍ଥନୀତିରେ ଖରାପ ପ୍ରଭାବ ପକାଇବାର ସମ୍ଭାବନା ରହିଥିଲା। ଏହି କାରଣରୁ ମୁଡିସ୍ ଭାରତର ରେଟିଂକୁ ବା-୨ ରୁ ବା-୩କୁ ଡାଉନଗ୍ରେଡ୍ କରିଥିଲା।

ଗତ ବର୍ଷ ମୁଡିସ୍ କୋଭିଡ୍ -୧୯ କାରଣରୁ ଭାରତର କ୍ରେଡିଟ୍ ପ୍ରୋଫାଇଲ୍ ଦୁର୍ବଳ ହେବାର ଆଶା କରାଯାଉଥିଲା। ଅବଶ୍ୟ, ସେହି ସମୟରେ ମୁଡିସ୍ ଅନ୍ୟ ୩୫ ଦେଶର ରେଟିଂକୁ ମଧ୍ୟ ଡାଉନଗ୍ରେଡ୍ କରିଥିଲା। ଆଗାମୀ ଦୁଇ ବର୍ଷ ପାଇଁ ଭାରତର ସାର୍ବଭୌମ ରେଟିଂରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ମୁଡିସ୍ କହିଛି। ରେଟିଂ ଏଜେନ୍ସିର କହିବାନୁଯାୟୀ, କୋଭିଡର ଦ୍ୱିତୀୟ ଲହର ଅର୍ଥନୀତିର ପୁନରୁଦ୍ଧାରରେ ବାଧା ସୃଷ୍ଟି କରିପାରେ। ଅଗଷ୍ଟରେ ମୁଡିସ୍ ଗ୍ଲୋବାଲ୍ ମାକ୍ରୋ ଆଉଟଲୁକ୍ ୨୦୨୧-୨୨କୁ ଅପଡେଟ୍ କରିବା ସମୟରେ ୨୦୨୧ରେ ଭାରତର ଅଭିବୃଦ୍ଧି ୯.୬% ହେବ ବୋଲି ଆକଳନ କରିଥିଲା। ତେବେ ୨୦୨୨ରେ ଏହା ୭% ରହିପାରେ। ୨୦୨୦-୨୧ରେ ଭାରତର ଅର୍ଥନୀତି ୭.୩% ହ୍ରାସ ପାଇଛି। ଏହି ଆର୍ଥିକବର୍ଷରେ, ଅର୍ଥନୀତିର ଅଭିବୃଦ୍ଧି ୧୦% ରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।

**ନାସ୍‌ଡାକ୍‌ରେ ଭାରତୀୟ ଷ୍ଟାର୍ଟଅପ୍ ଫ୍ରେଶୱାର୍କସ ଲିଷ୍ଟିଂ**

# ଗୋଟିଏ ଝଟ୍‌କାରେ ୫୦୦ କର୍ମଚାରୀ କୋଟିପତି

**ୱାଶିଂଟନ୍,୨୩।୯ (ଏଜେନ୍ସି):** ଭାରତୀୟ ଟେକ୍ ସଫ୍ଟୱେର୍ ନିର୍ମାତା ଫ୍ରେଶୱାର୍କସ ଏବେ ଆମେରିକା ଷ୍ଟକ ବଜାର ନାସ୍‌ଡାକ୍‌ରେ ଲିଷ୍ଟିଂ ହୋଇଛି। ଏହାର ପ୍ରଭାବରେ କମ୍ପାନୀର ୫୦୦ କର୍ମଚାରୀ ହୋଇଯାଇଛନ୍ତି କୋଟିପତି। ନାସଡାକ୍‌ରେ ଫ୍ରେଶୱାର୍କସର ସେୟାର ତାଲିକାଭୁକ୍ତ ହୋଇଥଛି। ଏହି କାରଣରୁ କର୍ମଚାରୀମାନେ ରଖିଥିବା କମ୍ପାନୀର ସେୟାରର ମୂଲ୍ୟ ହଠାତ୍ ବୃଦ୍ଧି ପାଇଛି। ୫୦୦ କର୍ମଚାରୀଙ୍କ ମଧ୍ୟରୁ ଯେଉଁମାନେ କୋଟିପତି ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ୭୦ କର୍ମଚାରୀଙ୍କ ବୟସ ବର୍ଷ ବୟସରୁ କମ୍ | ଏହି କର୍ମଚାରୀମାନେ କଲେଜ ଡିଗ୍ରୀ ସମାପ୍ତ କରିବା ପରେ କିଛି ବର୍ଷ ପୂର୍ବରୁ କମ୍ପାନୀରେ ଯୋଗ ଦେଇଥିଲେ | କମ୍ପାନୀ ଆଇପିଓ ମାଧ୍ୟମରେ ୧.୦୩ ବିଲିୟନ ଡଲାର ଅର୍ଥ ସଂଗ୍ରହ କରିଛି। ତାମିଲନାଡୁର ଛୋଟ ସହର ତ୍ରିଚିରେ ୭୦୦ ବର୍ଗଫୁଟର ଏକ ଗୋଦାମ ଘରରୁ ଆରମ୍ଭ ହୋଇଥିଲା ଫ୍ରେଶୱାର୍କସର କାରବାର। ବର୍ତ୍ତମାନ କମ୍ପାନୀର କାର୍ଯ୍ୟାଳୟ ଚେନ୍ନାଇ, ଭାରତ ଏବଂ କାଲିଫର୍ଣ୍ଣିଆରେ ରହିଛି। ବୁଧବାର ନାସଡାକ୍‌ରେ ଫ୍ରେଶୱାର୍କସ ସେୟାର ପିଛା ମୂଲ୍ୟ ୩୬ ଡଲାରରେ ପହଞ୍ଚିଛି। ଏହା କମ୍ପାନୀର ବଜାର ପୁଞ୍ଜିକୁ ୧୩ ବିଲିୟନ ଡ଼ଲାରକୁ ବୃଦ୍ଧି କରିଛି। ଯାହା କର୍ମଚାରୀଙ୍କ ଦ୍ୱାରା ପ୍ରାପ୍ତ ସେୟାରର ମୂଲ୍ୟ ମଧ୍ୟ ବୃଦ୍ଧି କରିଛି। କମ୍ପାନୀ ଆଇପିଓ ଜରିଆରେ ୨.୮୫ କୋଟି ସେୟାର ବିକ୍ରି କମ୍ପାନୀର ସିଇଓ ଗିରିଶ ମାତ୍ରୁବୁଥମ୍ କହିଛନ୍ତି ଯେ, କମ୍ପାନୀର କର୍ମଚାରୀ ଏବଂ ନିବେଶକମାନେ ଆମ ଉପରେ ବିଶ୍ୱାସ କରୁଥିଲେ, ଯାହା ବର୍ତ୍ତମାନ ସେମାନଙ୍କ ପାଇଁ ଲାଭବାନ ହୋଇଛି। ବର୍ତ୍ତମାନ ଜନସାଧାରଣ ନିବେଶକଙ୍କ ପ୍ରତି ମୋର ଏକ ନୂତନ ଦାୟିତ୍ୱ ଅଛି, କାରଣ ଏହି ଲୋକମାନେ କମ୍ପାନୀର ଭବିଷ୍ୟତରେ ବିନିଯୋଗ କରିଛନ୍ତି। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ସମୟରେ ଜଣେ ଅନୁଭବ କରୁଥିବା ପରି ସେ ଏହି ମୁହୂର୍ତ୍ତରେ ଅନୁଭବ କରୁଥିବା କହିଛନ୍ତି। ଫ୍ରେଶୱାର୍କସ, ଇନଫୋସିସ୍, ୱିପ୍ରୋ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଡକ୍ଟର ରେଡ୍ଡୀଙ୍କ ଲ୍ୟାବ ଭଳି କମ୍ପାନୀ ଏହି ତାଲିକାରେ ଯୋଗ ଦେଇଛନ୍ତି। ସେଗୁଡ଼ିକର ସମସ୍ତ ଆମେରିକାର ନାସଡାକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ। ୧୯୯୯ରେ ନାସଡାକ୍ ଏକ୍ସଚେଞ୍ଜରେ ଇନଫୋସିସ୍ ତାଲିକାଭୁକ୍ତ ହୋଇଥିଲା। ଆମେରିକାର ନାସଡାକ୍ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହୋଇଥିବା ଫ୍ରେସ୍ ୱାର୍କ ହେଉଛି ପ୍ରଥମ ଭାରତୀୟ ସଫ୍ଟୱେର କମ୍ପାନୀ।

**ସର୍ବକାଳୀନ ରେକର୍ଡ ସହ ଚମକିଲା ଷ୍ଟକ ବଜାର**

# ଷାଠିଏ ହଜାର ପଏଣ୍ଟ ଛୁଇଁବ ସେନ୍‌ସେକ୍ସ

**ମୁମ୍ବଇ,୨୩।୯ (ଏଜେନ୍ସି):** ଘରୋଇ ପୁଞ୍ଜିବଜାରରେ ଉତ୍ସାହଧାରା ଫେରିଛି। ଘରୋଇ ଷ୍ଟକ ବଜାର ଦଲାଲ ଷ୍ଟ୍ରିଟ୍‌ରେ ପ୍ରତିଷ୍ଠା ହୋଇଛି ସର୍ବକାଳୀନ ରେକର୍ଡ। ଚମକିଛି ପୁଞ୍ଜି ବଜାର। ନିବେଶକ ହୋଇଛନ୍ତି ମାଲେମାଲ। କାରଣ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ଖୁବ୍ ଶୀଘ୍ର ଏହାର ଐତିହାସକ ରେକର୍ଡ ସ୍ତର ୬୦,୦୦୦ ପଏଣ୍ଟ ସ୍ତର ଛୁଇଁବାକୁ ଯାଉଛି। ପୂର୍ବରୁ ପ୍ରଥମ ଥର ପାଇଁ ୫୯,୦୦୦ ପଏଣ୍ଟ ସ୍ତର ଅତିକ୍ରମ କରି ନୂଆ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଥିବା ସେନ୍‌ସେକ୍ସ ଆଜି ପୁଣି ଥରେ ରେକର୍ଡ ୯୫୮ ପଏଣ୍ଟ ବୃଦ୍ଧି ଘଟିଛି। ଏହାଛଡା ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ମଧ୍ୟ ଏଭଳି ବୃଦ୍ଧି ଘଟି ୧୮,୦୦୦ ପଏଣ୍ଟ ନିକଟତର ହୋଇଛି।

ଗୁରୁବାର ସେନ୍‌ସେକ୍ସ କାରବାରରେ ୯୫୮ ପଏଣ୍ଟ ବୃଦ୍ଧି ଘଟି ସୂଚକାଙ୍କ ୫୯,୯୫୭ ପଏଣ୍ଟ ଉପରେ ପହଞ୍ଚିଛି। ଆଜି କାରବାର ଶେଷ ବେଳକୁ ସେନ୍‌ସେକ୍ସରେ କାରବାର ଛୁଇଁଥିଲା। ପୁଞ୍ଜିବଜାରରେ ଆଜିର ଏଭଳି ପ୍ରଦର୍ଶନରେ ଦଲାଲ ଷ୍ଟ୍ରିଟ୍‌ରେ ନିବେଶକମାନେ ଉତ୍ସାହିତ। ଏହାପରେ ଭାରତୀୟ ଷ୍ଟକ୍ ବଜାରରେ ଆଜି ନିବେଶକଙ୍କ ଦେଖାଦେଇଥିଲା। ଆଜିର କାରବାରରେ ଆଇଟି, ଧାତବ, ପୁଞ୍ଜି ସାମଗ୍ରୀ, ତୈଳ ଏବଂ ଗ୍ୟାସ୍ ଆଦି କ୍ଷେତ୍ରର ଷ୍ଟକଗୁଡିକର ମୂଲ୍ୟରେ ବୃହତ୍ ବୃଦ୍ଧି ଘଟିଥିଲା। ସେହିପରି ନ୍ୟାସନାଲ



- ସେନ୍‌ସେକ୍ସରେ ୯୫୮ ପଏଣ୍ଟ ବୃଦ୍ଧି
- ନିଫ୍ଟି ୧୮,୦୦୦ ପଏଣ୍ଟ ଛୁଇଁଲା
- ନିବେଶକ ମାଲେମାଲ

୯୫୮ ପଏଣ୍ଟ ବୃଦ୍ଧି ଘଟି ୫୯,୮୮୫.୩୬ ପଏଣ୍ଟରେ କାରବାର ଶେଷ ହୋଇଛି। ଦିନର କାରବାର ମଧ୍ୟରେ ସେନ୍‌ସେକ୍ସରେ ୧୦୩୦ ପଏଣ୍ଟ ବୃଦ୍ଧି ଘଟି ସର୍ବକାଳୀନ ରେକର୍ଡ ୫୯,୯୫୭.୩୬ ପଏଣ୍ଟ ଯାଏ ସମ୍ପତ୍ତିରେ ବୃହତ୍ ବୃଦ୍ଧି ଘଟିଥିବା ଜଣାଯାଇଛି। ଆମେରିକୀୟ ଫେଡେରାଲ ରିଜର୍ଭ ବୈଠକର ଅବ୍ୟବହିତ ପୂର୍ବରୁ ନିବେଶକମାନେ ଉତ୍ସାହିତ ହୋଇଥିବାରୁ ବିଶ୍ୱର ଅଧିକାଂଶ ପୁଞ୍ଜି ବଜାରରେ କାରବାରରେ ବୃଦ୍ଧି ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୭୬.୩୦ ପଏଣ୍ଟ ବୃଦ୍ଧି ଘଟି ଏହା ୧୭,୮୨୩ ପଏଣ୍ଟରେ କାରବାର ଶେଷ ହୋଇଛି। ତେବେ ଗୁରୁବାର ଏସୀୟ ସମେତ ୟୁରୋପୀୟ ବଜାରରେ କାରବାର ଉତ୍ସାହଜନକ ରହିଥିଲା।

# ମା’ ଓ ଝିଅଙ୍କୁ ବାନ୍ଧି ବାଡ଼େଇଲେ ଲୋକେ

**ଅସୁରେଶ୍ୱର, ୨୩।୯ (ସମିସ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଓରତି ଗ୍ରାମରେ ଅଭାବନୀୟ ଘଟଣାକ୍ରମରେ ପୀଡ଼ିତ ଏକ ପରିବାରକୁ ପୁଅକୁ ଗିରଫ କରିଛି ପୁଲିସ। ଜଣେ ପୁତ୍ରର ପ୍ରରୋଚନାରେ କେତେକ ଲୋକେ ତା’ର ଓ ଭଉଣୀଙ୍କୁ ଗାଁ ଦାଣ୍ଡରେ ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିବା ନରେନ୍ଦ୍ରପୁର ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ଓରତି ଗ୍ରାମର ଉକ୍ତ ପରିବାର ପୁଅ ସଞ୍ଜୟ ଖୁଣ୍ଟିଆକୁ ଗୁରୁବାର ଗିରଫ କରିଛି।

ଅଭିଯୋଗ ଅନୁସାରେ, ସଞ୍ଜୟ ତା’ର ମା’, ବାପା ଓ ଭଉଣୀକୁ ଖାଇବାକୁ ନଦେଇ ବିଭିନ୍ନ ନିର୍ଯାତନା ଦେଉଥିଲା। ନିର୍ଯାତନା ସହି ନପାରି ମା’ ମୀନତି ଖୁଣ୍ଟିଆ ନେମାଲୋ ଥାନାରେ ପୁତ୍ର ସଞ୍ଜୟଙ୍କ ନାମରେ ଅଭିଯୋଗ କରିବା ପରେ ସେ କ୍ରୋଧାନ୍ୱିତ ହୋଇ ନିଜେ ଓ ଅନ୍ୟ କେତେକ ଲୋକଙ୍କ ଦ୍ୱାରା ଏଭଳି ମାଡ଼ ମରାଇଥିଲା। ପୁଲିସ ଉକ୍ତ ଅଭିଯୋଗକୁ ଭିତ୍ତି କରି ୧୧ ଜଣଙ୍କ ନାମରେ ମାମଲା ରୁଜୁ କରି ପରବର୍ତୀ ସମୟରେ ସେମାନଙ୍କୁ ଥାନାରେ ୪୧ ଦଫା ଅନୁଯାୟୀ ଜାମିନ୍ ଦେଇଥିଲା। ଯାହାଦ୍ୱାରା ଏହି ୧୧ ଜଣ ଆସାମୀ କୌଣସି ଦଣ୍ଡ ନପାଇ ଖସିଯିବାରୁ ଅଧିକ ସାହସ ପାଇ ବୁଧବାର ସକାଳେ ପୁନର୍ବାର ମା’ ଓ ଝିଅଙ୍କୁ

■ ଅଭିଯୁକ୍ତ ପୁଅକୁ ବାନ୍ଧିଲା ପୁଲିସ
■ ୧୧ ଜଣଙ୍କ ନାଁରେ ମାମଲା

ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକଚମକ ଦେଇଥିଲେ। ଏ ସଂକ୍ରାନ୍ତରେ ପୁନର୍ବାର ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିଲା। ଅପପକ୍ଷରେ ମୀନତି, ତାଙ୍କ ସ୍ୱାମୀ ଓ ଝିଅର ଜୀବନ ଅସୁରକ୍ଷିତ ଥିବାରୁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି କହିଥିଲେ। ଗୁରୁବାର ପୁଲିସ ଏହି ମାମଲାରେ ପୁଅ ସଞ୍ଜୟକୁ ଗିରଫ କରିଛି। ତେବେ, ଘଟଣାରେ ସମ୍ପୃକ୍ତ ଅନ୍ୟ ୧୧ ଜଣଙ୍କୁ ପୁଲିସ୍ ଧରିବାରେ ପ୍ରୟାସ ଜାରି ରଖିଛି।

# ବସୁନ୍ଧରା ନଦୀରେ ସେତୁ ନିର୍ମାଣ ପାଇଁ ଅନୁମତି

**ଭୁବନେଶ୍ୱର,୨୩।୯ (ସମିସ):** ରାୟଗଡ଼ା ଜିଲ୍ଲାରେ ଗୁଣପୁର ଗୁମୁଡ଼ା ରୋଡ୍ -ଗୁଡାରୀ ରାସ୍ତାରେ ବସୁନ୍ଧରା ନଦୀ ଉପରେ ଏକ ସୁଉଚ୍ଚ ସେତୁ ନିର୍ମାଣ କରାଯିବ। ନାବାର୍ଡ ଅଧୀନରେ ନିର୍ମାଣ ହେବାକୁ ଥିବା ଏହି ସେତୁ ପାଇଁ ୨୭.୯୬ କୋଟି ଟଙ୍କାର ବ୍ୟୟ ଅଟକଳକୁ ପ୍ରଶାସନିକ ଅନୁମୋଦନ ଦିଆଯାଇଛି। ଏହି ସେତୁ ଗୁଡ଼ାରୀ ଏନ୍ଏସି ଏବଂ ଉକ୍ତ ଅଞ୍ଚଳର ଅନ୍ୟାନ୍ୟ ଗ୍ରାମଗୁଡିକର ଜନସାଧାରଣଙ୍କ ପାଇଁ ସଂଯୋଗ ଯୋଗାଇଦେବ ବୋଲି ଜଣାପଡ଼ିଛି। ଏନେଇ ଗୁରୁବାର ପୂର୍ତ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଲୋଇସିଂହା ରେଞ୍ଜର ଓ ଫରେଷ୍ଟର ନିଲମ୍ବିତ

**ବଲାଙ୍ଗିର, ୨୩।୯ (ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଫରେଷ୍ଟ ରେଞ୍ଜରେ ଦୀର୍ଘ ଦିନ ହେଲା ଚାଲିଥିବା ଅରାଜକତା ଓ ଦୁର୍ନୀତି ବିରୋଧରେ ବନ ବିଭାଗ ନେଇଛି ବଡ଼ କାର୍ଯ୍ୟାନୁଷ୍ଠାନ। ଲୋଇସିଂହା ଫରେଷ୍ଟର ଓ ରେଞ୍ଜରଙ୍କୁ ନିଲମ୍ବନ କରାଯାଇଛି। ଲୋଇସିଂହା ଓ ସାଲେଭଟା ସେକ୍ସନ ଦାୟିତ୍ୱରେ ଥିବା ଫରେଷ୍ଟର ମଧୁସୂଦନ ଗଡ଼ୁଆଙ୍କୁ ଡିଏଫଓଙ୍କ ସୁପାରିସକ୍ରମେ ଆରସିସିଏଫ ଏହି ଆଦେଶ ଦେଇଛନ୍ତି। ସେହିପରି ସରକାରୀ କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ଲୋଇସିଂହା ରେଞ୍ଜର ରାଜକିଶୋର ନାଏକଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି।



ନିଲମ୍ବିତ ଫରେଷ୍ଟର ମଧୁସୂଦନ ଗଡ଼ୁଆ

‘ସକାଳ’ ପ୍ରଭାବ

■ ବନୀକରଣ ପ୍ରକଳ୍ପରେ ହୋଇଥିଲା ଦୁର୍ନୀତି ଅଭିଯୋଗ
■ ତାଙ୍କ ସମୟରେ ବଢ଼ିଥିଲା କାଠ ମାଫିଆଙ୍କ ରାଜୁତି

ସୂଚନା ଅନୁସାରେ ଲୋଇସିଂହା ରେଞ୍ଜ ଅଧୀନ ଲୋଇସିଂହା ଓ ସାଲେଭଟା ସେକ୍ସନ ଦାୟିତ୍ୱରେ ରହିଥିଲେ ଫରେଷ୍ଟର ମଧୁସୂଦନ ଗଡ଼ୁଆ। କିଛି ବର୍ଷ ପୂର୍ବରୁ ସେ ପଦୋନ୍ନତି ପାଇ ଦୀର୍ଘ ଦିନ ଧରି ସାଲେଭଟା ସେକ୍ସନ ଦାୟିତ୍ୱ ରହିଥିଲେ। ପରେ ତାଙ୍କ ଅନୁରୋଧ କ୍ରମେ ତତ୍କାଳୀନ ଡିଏଫଓ ସମୀରକାନ୍ତ ଶତପଥୀ ତାଙ୍କୁ ଲୋଇସିଂହା ଦାୟିତ୍ୱ ଦେଇଥିଲେ; କିନ୍ତୁ ସେ ସାଲେଭଟା ସେକ୍ସନରେ ଥିବାବେଳେ ରଫାଖାଲ ବନୀକରଣ ପ୍ରକଳ୍ପରେ ଅନେକ ଅନିୟମିତତା କରିବା ସହିତ ପ୍ରକଳ୍ପ ପୋଡିଥିବା ଦର୍ଶାଇ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଦୈନିକ ‘ସକାଳ’ରେ ତଥ୍ୟ ସହିତ ଖବର ପ୍ରକାଶ ପାଇଥିଲା। ପରେ ସେ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ମଧ୍ୟ ପ୍ରୟାସ କରିଥିଲେ। ଏପରିକି ଅନ୍ୟ ବନୀକରଣ କାମରେ ମଧ୍ୟ ସେ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଉକ୍ତ ଦୁଇ ସେକ୍ସନରେ କିଛି ବର୍ଷ ହେଲା ବେଆଇନ କାଠ କାରବାର ମଧ୍ୟ ବୃଦ୍ଧି ପାଇଥିଲା। କାଠ ମାଫିଆଙ୍କ ସହିତ ଶ୍ରୀ ଗଡ଼ୁଆଙ୍କ ମଧୁର ସମ୍ପର୍କ ଥିବା ନେଇ ଚର୍ଚ୍ଚା ହୋଇଥିଲା। କିଛି ଦିନ ତଳେ ଡିଏଫଓ ନିଜେ ଲୋଇସିଂହା ରେଞ୍ଜଠାରୁ ଅଳ୍ପ ଦୂରରେ ଥିବା ଏକ ଗୋଦାମରେ ଚଢଉ କରିଥିଲେ। ଏହି ବେଆଇନ କାରବାରରେ ଫରେଷ୍ଟରଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ ପାଇଥିବାବେଳେ ଚଢଉ ସମୟରେ ଡିଏଫଓ ଫରେଷ୍ଟରଙ୍କ ଉପରେ ବର୍ଷିଥିଲେ। ଏପରିକି ଚଢଉ ପରେ ଶ୍ରୀ ଗଡ଼ୁଆ ଉକ୍ତ କାଠ ଗୋଦାମ ମାଲିକଙ୍କୁ ଫେରାର କରିବାରେ ସହାୟତା କରିଥିଲେ। ତେବେ ସରକାରୀ କାର୍ଯ୍ୟରେ ତାଙ୍କର ଅବହେଳା କରିଥିବାରୁ ତାଙ୍କୁ ଡିଏଫଓ ନୀତିଶ କୁମାର ତାଙ୍କୁ ନିଲମ୍ବିତ କରିବା ପାଇଁ ଆରସିସିଏଫଙ୍କୁ ସୁପାରିସ କରିଥିଲେ। ଫଳରେ ତାଙ୍କୁ ଆଜି ନିଲମ୍ବିତ କରାଯାଇଛି। ତାଙ୍କ ସ୍ଥାନରେ ଲୋଇସିଂହା ଫରେଷ୍ଟରଭାବେ ଠଣସୁନ୍ଦର ଧରୁଆ ଓ ସାଲେଭଟା ଫରେଷ୍ଟର ଭାବେ ଚିତ୍ତରଞ୍ଜନ ଖମାରି ଯୋଗଦେଇଛନ୍ତି।

# ମୋଟୁ ଥାନା ଆଇଆଇସି ଗିରଫ

**କଟକ,୨୩।୯ (ସମିସ):** ମାଲକାନଗିରି ଜିଲ୍ଲା ମୋଟୁ ଥାନାଧିକାରୀ ସୁଶାନ୍ତ ସାହୁଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଆଜି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିଲା। ଅଦାଲତ ତାଙ୍କୁ ଅକ୍ଟୋବର ୫ତାରିଖ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ପ୍ରକାଶ ଯେ ବୁଧବାର ସନ୍ଧ୍ୟାରେ ଶ୍ରୀ ସାହୁ କାର ଯୋଗେ କଟକ ଫୁଲନଖରାସ୍ଥିତ ନିଜ ବାସଭବନକୁ ଆସୁଥିବା ବେଳେ ଖୋର୍ଦ୍ଧା ନିକଟରେ ଭିଜିଲାନ୍ସ ଟିମ ତାଙ୍କୁ ଅଟକାଇଥିଲା। ଶ୍ରୀ ସାହୁ ବିପୁଳ ଅର୍ଥ ନେଇ ଆସୁଥିବା ସମ୍ପର୍କରେ ଭିଜିଲାନ୍ସ ପୂର୍ବରୁ ସୂଚନା ପାଇଥିଲା। ତେବେ ଭିଜିଲାନ୍ସ ଟିମ କାରକୁ ତଲାସି କରିବା ପରେ ସେଥିରେ ୨.୮ ଲକ୍ଷଟଙ୍କା ଥିବା ଜଣାପଡ଼ିଥିଲା। ଏହି ଟଙ୍କା ସମ୍ପର୍କରେ ଶ୍ରୀ ସାହୁ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଉକ୍ତ ଟଙ୍କାକୁ ଜବତ କରାଯାଇଥିଲା। ତାଙ୍କ କଟକସ୍ଥିତ ବାସଭବନ ସହ ମୋଟୁ ଓ ମାଲକାନାଗିରର ଦୁଇ ସ୍ଥାନରେ ଚଢଉ କରିଥିଲା ଭିଜିଲାନ୍ସ। ଏହି ଚଢଉ ସମୟରେ ଶ୍ରୀ ସାହୁ ତାଙ୍କ ପତ୍ନୀଙ୍କ ନାମରେ ନଖରା ଠାରେ ଏକ ଜମି କିଣିବା ପାଇଁ ୨୪ଲକ୍ଷ ୯୦ହଜାର ଟଙ୍କା ସେଲ ଡିଡ୍ ପଞ୍ଜୀକରଣ କରିଥିବା ଜଣାପଡ଼ିଥିଲା। ଏହାକୁ ମଧ୍ୟ ଭିଜିଲାନ୍ସ ଜବତ କରିଥିଲା। ଭୁବନେଶ୍ୱର ଭିଜିଲାନ୍ସରେ ଏନେଇ ଏକ ମାମଲା ରୁଜୁ ହୋଇଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଲାଙ୍ଗିରରେ ହେବ....

ସମ୍ପର୍କିତ ମତ ବିନିମୟ ନିମନ୍ତେ ବ୍ୟବସ୍ଥା କରାଯିବ। ଅନୁରୂପ ଭାବରେ ପ୍ଲାନେଟାରିୟମ୍‌ରେ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ସକାଶେ ମହାକାଶ ଅଭିଯାନ, ବିଶ୍ୱବ୍ରହ୍ମାଣ୍ଡ ଏବଂ ବିବର୍ତ୍ତନ ଇତ୍ୟାଦି ନେଇ ବିଭିନ୍ନ ପ୍ରଦର୍ଶନ ବ୍ୟବସ୍ଥା ରହିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି। ଏନେଇ ଗୁରୁବାର ମନ୍ତ୍ରୀ ନିର୍ମାଣ ସ୍ଥଳ ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀମାନଙ୍କ ସହିତ ବିଶଦ ଆଲୋଚନା କରିଥିଲେ। ବିଜ୍ଞାନ ଓ କାରିଗରୀ ବିଭାଗର ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ। ପୂର୍ବରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପଣ୍ଡା ୮ ଜଣ ଭିନ୍ନକ୍ଷମ ଦମ୍ପତିଙ୍କୁ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ବିବାହ ପ୍ରୋତ୍ସାହନ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରଶ୍ମିରଞ୍ଜନ ସାହୁଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ସଫଳ ଆୟୋଜନର...

ସୁଯୋଗ ମିଳିଥିଲା। ବିଶ୍ୱର ଶ୍ରେଷ୍ଠ ୮ଟି ଦଳକୁ ନେଇ ଆୟୋଜିତ ଏହି ହକି ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜନ କରି ଓଡ଼ିଶା ସେତେବେଳେ ଦେଶ ବିଦେଶରେ ଖୁବ୍ ପ୍ରଶଂସିତ ହୋଇପାରିଥିଲା। ଏହାପରଠାରୁ ଓଡ଼ିଶା ଆଉ କେବେ ପଛକୁ ଫେରିଚାହିଁନି। ଗତ ଦଶନ୍ଧି ମଧ୍ୟରେ ରାଜ୍ୟ ଦେଶ ତଥା ବିଦେଶର ୧୪ରୁ ଊର୍ଦ୍ଧ୍ୱ ବଡ଼ ବଡ଼ କ୍ରୀଡ଼ା ପ୍ରତିଯୋଗିତାକୁ ଆୟୋଜିତ କରି ନିଜକୁ ବାରମ୍ବାର ପ୍ରମାଣିତ କରିଛି। କଳିଙ୍ଗ ଷ୍ଟାଡିୟମ ହିଁ ଭାରତୀୟ ହକି ଦଳର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରୁଛି। ୨୦୧୫ ମସିହାରେ ଇଣ୍ଡୋ ଜାପାନ ଟେଷ୍ଟ ସିରିଜ, ୨୦୧୭ ମସିହାରେ ଏଫଆଇଏଚ ହକି ୱାର୍ଲ୍ଡ ଲିଗ ଫାଇନାଲ, ୨୦୧୮ ମସିହାରେ ହକି ବିଶ୍ୱକପ, ୨୦୧୯ ରେ ଏଫଆଇଏଚ ସିରିଜ ଫାଇନାଲ ଓ ପୁରୁଷ ତଥା ମହିଳା ଦଳର ଅଲମ୍ପିକ କ୍ୱାଲିଫାୟର୍ସ, ୨୦୨୦ ରେ ଭାରତୀୟ ଦଳର ଏଫଆଇଏଚ ପ୍ରୋ ଲିଗ ମ୍ୟାଚ ଆୟୋଜିତ ହୋଇଛି। ସେହିପରି ୨୦୧୭ରେ କଳିଙ୍ଗ ଷ୍ଟାଡିୟମରେ ଏସିଆନ ଆଥଲେଟିକ୍ସ ଚମ୍ପିୟାନସିପ ଆୟୋଜିତ ହୋଇଛି। ଏହି ଇଭେଣ୍ଟରେ ଭାରତ ସହ ୪୨ ଟି ଦେଶର ୭୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଯୋଗଦେଇଥିବା ବେଳେ ମାତ୍ର ୩ ମାସ ମଧ୍ୟରେ କଳିଙ୍ଗ ଷ୍ଟାଡିୟମକୁ ନୂଆ ରୂପ ଦିଆଯାଇପାରିଥିଲା। ସେହିପରି ୨୦୧୮ ମସିହାରେ ଚତୁରାଷ୍ଟ୍ରୀୟ ମହିଳା ଗୋଲ୍ଡ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ, ଦ୍ୱିତୀୟ ହିରୋ ସୁପର କପ ଫୁଟବଲ, ଅନ୍ତର୍ଜାତୀୟ ଟେନିସ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଭୁବନେଶ୍ୱରରେ ଆୟୋଜିତ ହୋଇପାରିଛି।

### ଭିସୁଟ୍‌ରେ ପୁଣି...

କ୍ଷତ ସୃଷ୍ଟି ହୋଇଥିଲା। ଏ ନେଇ ଛାତ୍ରଜଣଙ୍କ ଆଣ୍ଟି୍ ର‍୍ୟାଗିଂ ସେଲ୍‌ରେ ଅଭିଯୋଗ କରିଥିଲେ। ଆହତ ଛାତ୍ରଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହା ଜଣାପଡ଼ିବା ପରେ ଷ୍ଟୁଡେଣ୍ଟ ୱେଲଫେୟାର ଡିନଙ୍କ ସହ ଆଲୋଚନା ଚାଲୁ ରହିଛି। ଏହା ପୂର୍ବରୁ ଗତ ୧୮ ତାରିଖରେ ଦ୍ୱିତୀୟ ବର୍ଷର ଛାତ୍ରବାସକୁ କିଛି ଶେଷ ବର୍ଷର ଛାତ୍ର ଧସେଇ ପଶିଥିଲେ। ସେମାନେ ହଷ୍ଟେଲ କବାଟ ବାଡେଇବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ କିଛି ଛାତ୍ରଙ୍କୁ ଦୁର୍ବ୍ୟବହାର ମଧ୍ୟ କରିଥିଲେ। ଗୋଟେପଟେ କରୋନା କଟକଣା ଯୋଗୁଁ ପ୍ରାୟ ଦେଢ ବର୍ଷ ହେବ ସ୍କୁଲ ଓ କଲେଜ ବନ୍ଦ ରହିଛି। କଟକଣା ସାମାନ୍ୟ କୋହଳ ହୋଇଥିବା ବେଳେ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲା ଯାଇଛି। ପାଠପଢ଼ା ଉଦ୍ଦେଶ୍ୟରେ ଭିସୁଟ୍ ଶିକ୍ଷାନୁଷ୍ଠାନ ଖୋଲା ଯାଇଥିବା ବେଳେ ୫ ଦିନ ମଧ୍ୟରେ ୨ଟି ର‍୍ୟାଗିଂ ଅଭିଯୋଗ ହୋଇଛି। ତେବେ ଏହି ବିଶ୍ୱବିଦ୍ୟାଳୟର ଆଣ୍ଟି୍ ର‍୍ୟାଗିଂ ସେଲ୍ କିଭଳି କାର୍ଯ୍ୟ କରୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ‘ମହାନଦୀ’କୁ ବିପଦକୁ...

କିଛି ଅନୁଦାନ ଆସିଛି। ମହାନଦୀକୁ ପ୍ରଦୂଷଣମୁକ୍ତ କରିବା ଲାଗି କୌଣସି ପ୍ରସ୍ତାବ ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଗାଯାଇନାହିଁ। ସେହିପରି ରାଜ୍ୟ ସରକାର ମଧ୍ୟ ମହାନଦୀକୁ ପ୍ରଦୂଷଣମୁକ୍ତ କରିବା ଲାଗି କୌଣସି ସ୍ୱତନ୍ତ୍ର ଯୋଜନା ହାତକୁ ନେଇ ନ ଥିବା ସଂପୃକ୍ତ ଅଧିକାରୀ କହିଛନ୍ତି।

ପରିବେଶବିତ୍‌ମାନଙ୍କ ମତରେ, ପ୍ରଦୂଷଣ ଦୃଷ୍ଟିରୁ ମହାନଦୀ ଆଦୌ ଚ୍ୟାଲେଞ୍ଜମୁକ୍ତ ନୁହେଁ। କାରଣ, ଛତିଶଗଡ ସରକାର ମହାନଦୀ ଜଳକୁ ରୋକିବା ପଛରେ ଏକ ବଡ଼ କାରଣ ହେଉଛି ଶିଳ୍ପାୟନ। ସଂପୃକ୍ତ ରାଜ୍ୟ ସରକାର ଶିଳ୍ପସଂସ୍ଥାକୁ ପାଣି ଯୋଗାଇ ଦେବା ପାଇଁ ମହାନଦୀର ଉପରମୁଣ୍ଡରେ ମାଳ ମାଳ ପ୍ରକଳ୍ପ କରିଛନ୍ତି। ଏହାଦ୍ୱାରା ମହାନଦୀରେ ଜଳାଭାବ ସୃଷ୍ଟି ହେଉଛି ଏବଂ ଏହି ପ୍ରସଙ୍ଗରେ ରାଜ୍ୟ ସରକାର କେନ୍ଦ୍ରଠାରୁ ନ୍ୟାୟ ନ ପାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ମାମଲା ବିଚାରାଧୀନ ରହିଛି। ଏହାର ଅନ୍ୟ ପ୍ରଭାବଟି ହେଲା, ଛତିଶଗଡ଼ ରାୟଗଡ ଜିଲ୍ଲାର ସମସ୍ତ ବର୍ଜ୍ୟବସ୍ତୁ କେଲୋ ନଦୀ ମଧ୍ୟ ଦେଇ ମହାନଦୀକୁ ଆସୁଛି। ସେଠାରେ ଏକାଧିକ ସ୍ପଞ୍ଜ ଆଇରନ୍ ଫ୍ୟାକ୍ଟ୍ରି ସହିତ ଶିଳ୍ପ ସଂସ୍ଥାର ପ୍ରଦୂଷଣ ମଧ୍ୟ ଏହି ନଦୀ ଗର୍ଭରେ ମିଶିବା କାରଣରୁ ଉପରମୁଣ୍ଡରୁ ସ୍ଥିତି ଗମ୍ଭୀର ହେଲାଣି।

ମହାନଦୀ ତଳକୁ ମଧ୍ୟ ନଦୀ ଅନେକ ସ୍ଥାନରେ ପ୍ରଦୂଷିତ ହେଉଛି। ଝାରସୁଗୁଡା ଜିଲ୍ଲାର ସମସ୍ତ ବର୍ଜ୍ୟ କୋଇଲା ପାଣି ମହାନଦୀ ଧାରଣ କରୁଛି। ହୀରାକୁଦ, ସମ୍ବଲପୁର ଓ ବୁର୍ଲା, ସୋନପୁର, ବୌଦ୍ଧ, ଆଠମଲ୍ଲିକ, କଟକର ମଇଳା ପାଣି ମଧ୍ୟ ଏହି ନଦୀରେ ପଡିବା କାରଣରୁ ତଳମୁଣ୍ଡରେ ପାଣି ପହଞ୍ଚିବା ବେଳକୁ ନଦୀ ବ୍ୟବହାର ଯୋଗ୍ୟ ହୋଇ ରହୁନାହିଁ। ତଥ୍ୟ ଅନୁସାରେ, ସମ୍ବଲପୁର ଓ କଟକରୁ ଯେଉଁ ମଇଳା ପାଣି ମିଶୁଛି, ତାହା ସି’ ଓ ଡି’ କାଟାଗୋରିଯୁକ୍ତ; ଅର୍ଥାତ୍ ଗାଧୋଇବା ପାଇଁ ମଧ୍ୟ ଅନୁପଯୁକ୍ତ।

ପରିବେଶବିତ୍‌ମାନେ ମହାନଦୀ ଜଳ ପ୍ରଦୂଷଣ କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଯୁକ୍ତି ବାଢୁଛନ୍ତି। ସେମାନଙ୍କ କହିବା କଥା ହେଉଛି, ନଦୀ ପ୍ରଦୂଷଣର ପ୍ରଭାବ ପରିବେଶ ଉପରେ ସିଧାସଳଖ ପଡିଲାଣି। ଓଡ଼ିଶାର ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ଜୈବମଣ୍ଡଳ ଯଥା ସାତକୋଶିଆ, ଚିଲିକା, ଅଂଶୁପା, ଯୋବ୍ରା ଓ ଭିତରକନିକାକୁ ମଧ୍ୟ ବିପଦ ବଢୁଛି। ମହାନଦୀ ଯଦି ଏହିଭଳି ପ୍ରଦୂଷିତ ହୁଏ ଓ ଜଳ ସଙ୍କଟ ଦେଖାଯାଏ, ତେବେ ଆଗକୁ ସ୍ଥିତି ଗମ୍ଭୀର ରୂପ ଧାରଣ କରିପାରେ।

ଏମିତିରେ ବି ଶିଳ୍ପାୟନ କାରଣରୁ ମହାନଦୀରେ ଜଳ ସଙ୍କଟ ଯୋଗୁଁ ଓଡ଼ିଶାର ୧୬ଟି ଜିଲ୍ଲା ଗଭୀର ଭାବେ ପ୍ରଭାବିତ ହେଉଛି। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଳ ଯୋଗାଣ କ୍ଷେତ୍ରକୁ ଏହା ସଙ୍କଟ ଭିତରକୁ ଠେଲି ଦେଲାଣି। ଏସବୁ ଜିଲ୍ଲାର ନିତ୍ୟବ୍ୟବହାର୍ଯ୍ୟ ପାଇଁ ଆବଶ୍ୟକ ପାଣି କେନାଲ ମାଧ୍ୟମରେ ହେଉ ବା ସିଧାସଳଖ ଲୋକେ ବ୍ୟବହାର କରୁଛନ୍ତି। ଏଣୁ ସ୍ୱାସ୍ଥ୍ୟ ସେବା ପ୍ରତି ବିପଦ ସୃଷ୍ଟି କରୁଛି।

ପ୍ରଣିଧାନଯୋଗ୍ୟ, ମହାନଦୀ ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱ ରଖେ। ପାନୀୟ ସମସ୍ୟା, ଜୈବ ବିବିଧତା ବ୍ୟତୀତ କୃଷି କ୍ଷେତ୍ର ପାଇଁ ଏହାର ଅବଦାନ ଅତ୍ୟନ୍ତ ଉପଯୋଗୀ। ତିନିଟି ମୁଖ୍ୟ କ୍ଷେତ୍ରକୁ ଅବଦାନ ପରିପ୍ରେକ୍ଷୀରେ ଏହାର ସୁରକ୍ଷା ପାଇଁ ଯେତିକି ତତ୍ପରତା ପ୍ରକାଶ ପାଇବା କଥା ତାହା ଏଯାଏ ପରିଲକ୍ଷିତ ହୋଇନାହିଁ। କେନ୍ଦ୍ର ସରକାର ନଦୀ ସଂଯୋଗୀକରଣ ପାଇଁ ଯେଭଳି ତତ୍ପରତା ଦେଖାଉଛନ୍ତି, ମହାନଦୀକୁ କାହିଁକି ଓଡ଼ିଶା ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି, ସେକଥା ବୁଝିବା ଲାଗି ଆଗ୍ରହ ଦେଖାଇନାହାନ୍ତି।

### ପୁଣି କମ୍ପିବ...

ଆୟୋଜକ ଭାରତ ସମେତ କୋରିଆ, ମାଲେସିଆ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ବେଲଜିୟମ୍, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ନେଦରଲ୍ୟାଣ୍ଡ, ସ୍ପେନ, ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ଚିଲି ଏବଂ ଆର୍ଜେଣ୍ଟିନା ଦଳ ଭାଗ ନେବେ।

ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଏହି ମେଗା ଇଭେଣ୍ଟ ଆୟୋଜିତ ହେଉଥିବାରୁ ଖୁସି ବ୍ୟକ୍ତ କରିବା ସହ ଭାରତୀୟ କନିଷ୍ଠ ହକି ଦଳ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିବ ବୋଲି ଆଶାବ୍ୟକ୍ତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ସଂସ୍କରଣରେ କନିଷ୍ଠ ବର୍ଗରେ ଭାରତୀୟ ପୁରୁଷ ହକି ଦଳ ବିଶ୍ୱକପ୍ ବିଜୟୀ ହୋଇଥିଲା। ତେଣୁ ଆମ ଦଳ ଘରୋଇ ଗ୍ରାଉଣ୍ଡ ଏବଂ ପରିବେଶର ଭରପୂର ଫାଇଦା ଉଠାଇବା ସହ ପୁନର୍ବାର ବିଜୟୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ଦେଶର ସମ୍ମାନ ଦୃଷ୍ଟିରୁ ଏତେବଡ଼ ମେଗା ଇଭେଣ୍ଟକୁ ଆୟୋଜନ କରିବାକୁ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ଆଗାମୀ ଦୁଇମାସ ମଧ୍ୟରେ କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ଆୟୋଜିତ ହେଉଛି। ଏଥିପାଇଁ ହକି ଇଣ୍ଡିଆ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। କରୋନା ମହାମାରୀ ସମୟରେ ବିଶେଷକରି ଏତେ ସଂକ୍ଷିପ୍ତ ଅବଧି ମଧ୍ୟରେ ଏତେ ବଡ଼ ବୃହତ୍ କାର୍ଯ୍ୟକ୍ରମ ଆୟୋଜନ କରିବା ସହଜ ନୁହେଁ। ମାତ୍ର ଦେଶର ସମ୍ମାନ ଦୃଷ୍ଟିରୁ ଆମେ ସହଯୋଗ କରିବା ପାଇଁ ସମ୍ମତି ଦେଇଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ହକି ପାଇଁ ଓଡ଼ିଶା ହୃଦୟରେ ଏକ ସ୍ୱତନ୍ତ୍ର ରହିଛି। ବହୁ ଆନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଆମ ରାଜ୍ୟର କ୍ରୀଡ଼ାବିତ୍‌ମାନେ ଦେଶ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ଗତ ଏକ ଦଶନ୍ଧି ଧରି ଦେଶରେ ହକିର ବିକାଶ ପାଇଁ ଆମେ ହକି ଇଣ୍ଡିଆ ସହ ମିଳିତ ଭାବେ କାମ କରିଆସୁଛୁ। ଗତ ୨୦୧୮ ମସିହାଠାରୁ ଆମେ ହକି ଜାତୀୟ ଦଳର ପ୍ରାୟୋଜକ ରହିଆସିଛୁ। ନିକଟ ଅତୀତରେ ହକି ବିଶ୍ୱକପ୍ ସହ ବହୁ ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟ ଓଡ଼ିଶାରେ ସଫଳତାର ସହ ଆୟୋଜିତ ହୋଇଛି। ଏପରି ଉଦ୍ୟମ ନିକଟରେ ଟୋକିଓ ଅଲମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ହକି ଦଳକୁ ଐତିହାସିକ ସଫଳତା ପ୍ରଦାନରେ ସହାୟକ ହୋଇଛି। ହକି ଦଳର ଏପରି ସଫଳତା ଦେଶବ୍ୟାପୀ କ୍ରୀଡ଼ାପ୍ରେମୀଙ୍କ ପାଇଁ ଆନନ୍ଦର ଖୋରାକ୍ ଯୋଗାଇଛି। ଭାରତୀୟ ହକିର ହୃତ ଗୌରବ ଫେରିଆସିଥିବା ନେଇ ସାଧାରଣରେ ମତପ୍ରକାଶ ପାଇଥିବା ବେଳେ ଆଗାମୀ ଦିନରେ ଭାରତୀୟ ହକିକୁ ନେଇ ସାଧାରଣରେ ବିରାଟ ଉତ୍ସୁକତା ଦେଖାଦେଇଛି। ଆଗାମୀ ୨୦୨୩ରେ ହେବାକୁ ଥିବା ହକି ବିଶ୍ୱକପ୍ ସଫଳତାର ପଦଚିହ୍ନ ଛାଡ଼ିବା ସହ ଦେଶରେ ହକିର ବିକାଶ ପ୍ରକ୍ରିୟାକୁ ଗତି ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଭାରତୀୟ ହକିକୁ ଓଡ଼ିଶାର ସମର୍ଥନକୁ ନେଇ ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଭାରତୀୟ ହକିର ଏହି ଯାତ୍ରାରେ ଏକ ଅଂଶ ରୂପେ ଆମେ ନିଜର ଯାତ୍ରା ଜାରି ରଖିବୁ। ଭାରତୀୟ ଜାତୀୟ ଦଳକୁ ଆଗାମୀ ୧୦ ବର୍ଷ ଯାଏଁ ଓଡ଼ିଶାର ସମର୍ଥନ ନେଇ ଆମେ ପୂର୍ବରୁ ଘୋଷଣା କରିସାରିଛୁ। ବର୍ତ୍ତମାନ ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ ମଧ୍ୟ ରାଉରକେଲାରେ ନିର୍ମାଣାଧୀନ ରହିଛି। ରାଜ୍ୟବ୍ୟାପୀ ତୃଣମୂଳସ୍ତରରେ ଆଷ୍ଟ୍ରୋ ଟର୍ଫ ଆଧାରିତ ତାଲିମ ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଦେଶରେ କ୍ରୀଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତିକୁ ପ୍ରଶଂସା କରିଥିଲେ। ହକିକୁ ଓଡ଼ିଶାର ନିରବଚ୍ଛିନ୍ନ ସହଯୋଗ ଯୋଗୁଁ ବିଶ୍ୱ ହକିରେ ଓଡ଼ିଶା ପସନ୍ଦଯୋଗ୍ୟ ସ୍ଥାନ ପାଲଟିଛି ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି। ସେହିପରି କାର୍ଯ୍ୟକ୍ରମରେ ଏଫଆଇଏଚ୍‌ର ଅଧ୍ୟକ୍ଷ ନରିନ୍ଦର ବାତ୍ରା ହକିରେ ଓଡ଼ିଶା ଏକ ନୂଆ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିବା ବେଳେ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ ଆୟୋଜନରେ ନିଜ ଦକ୍ଷତାକୁ ପ୍ରତିପାଦିତ କରିପାରିଛି ବୋଲି କହିଛନ୍ତି। କଳିଙ୍ଗ ଷ୍ଟାଡିୟମ ବର୍ତ୍ତମାନ ବିଶ୍ୱର ସର୍ବଶ୍ରେଷ୍ଠ ଷ୍ଟାଡିୟମ ବୋଲି ସେ ଅଭିହିତ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ହକି ପ୍ରଚାର ପ୍ରସାର ପରିଷଦର ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ହକି ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ରାଜେନ୍ଦ୍ର ସିଂ, ୫-ଟି ସଚିବ ଭି କେ ପାଣ୍ଡିଆନ୍, ରାଜ୍ୟ କ୍ରୀଡ଼ା ସଚିବ ଆର୍. ଭିନୀଲ୍ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

### ବଜ୍ରପାତରେ ବାପା...

ପାଖ ଜମିରେ କାମ କରୁଥିବା ଲୋକମାନେ ଦୌଡ଼ିଆସି ଦେଖିଲେ ଯେ, ରାମନାଥ ଗଣ୍ଡଙ୍କ ମୃତ୍ୟୁ ହୋଇଯାଇଛି। ଝିଅ ଓ ମା’ଙ୍କୁ ବଞ୍ଚିଥିବା ଅବସ୍ଥାରେ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ଝିଅ ଫୁଲକୋ ଗଣ୍ଡଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ କୁନ୍ଦେଇ ପୋଲିସ ଘଟଣାର ତଦନ୍ତ ଜାରିରଖି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଆହତ ହୋଇଥିବା ରାମବାଇ ଗଣ୍ଡଙ୍କ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଚାଲିଛି ଏବଂ ଘରେ ଆଉ ଛୋଟ ଦୁଇ ଭାଇ ଓ ଭଉଣୀ ବେସାହାରା ହୋଇ ପଡ଼ିରହିଛନ୍ତି। ତୁରନ୍ତ ସରକାର ବେସାହାରା ଦୁଇ ପିଲାଙ୍କୁ ସହାୟତା ଯୋଗାଇ ଦେବାକୁ ଜନସାଧାରଣରେ ଦାବି ହେଉଛି।

### କୂଅରୁ ମିଳିଲା...

ମୃତଶରୀର ଘର ଭିତରୁ ଉଦ୍ଧାର ହୋଇଥିଲା। ନାରାୟଣ ନିଖୋଜ ଥିବାରୁ ଏହି ଟ୍ରିପଲ୍ ମର୍ଡରରେ ତାଙ୍କର ସମ୍ପୃକ୍ତ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏପରିକି ମୃତ ସୋନିଙ୍କ ମାଆର ଏତଲାକ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହି ଘଟଣା ସ୍ପଷ୍ଟ ହେବ ବୋଲି ଝାରସୁଗୁଡ଼ା ଜିଲ୍ଲା ଏସପି ବିକାଶ ଚନ୍ଦ୍ର ଦାସ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି।

### ଦକ୍ଷିଣରୁ ଉପକୂଳ...

ପଶୁପାଳକ କହିଛନ୍ତି ଯେ ମ୍ୟାଁମାର ୟାଙ୍ଗୁନର ଦକ୍ଷିଣ ଉପକୂଳରେ ବଙ୍ଗୋପ ସାଗରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ ଦିଗରେ ଗତି କରି ୨୬ ତାରିଖରେ ଉତ୍ତର ଭାରତରେ ଥିବା ଲଘୁଚାପ ବଳୟ ସହିତ ମିଶ୍ରିତ ହେବ। ଦକ୍ଷିଣ ଓଡ଼ିଶାରେ ୨୫ ରାତିରୁ ଓ ଉପକୂଳ ଓଡ଼ିଶାରେ ୨୬ ରାତିରୁ ବର୍ଷା ହେବ। ୨୮ ସନ୍ଧ୍ୟା ପର୍ଯ୍ୟନ୍ତ ବର୍ଷାର ପ୍ରକୋପ ରହିବ। ପ୍ରଫେସର ପଶୁପାଳଙ୍କ କହିବା ଅନୁସାରେ ଉତ୍ତର ଓଡ଼ିଶା ଏବଂ ପଶ୍ଚିମ ଓଡ଼ିଶାରେ ବର୍ଷା କମ୍ ରହିବ। ଜଗତସିଂହପୁର ଜିଲ୍ଲାର ଦକ୍ଷିଣରେ ଥିବା ଉପକୂଳ ଓ ସଂଲଗ୍ନ ଜିଲ୍ଲାରେ ମଧ୍ୟମ ଧରଣର ଏବଂ କେତେକ ସ୍ଥାନରେ ପ୍ରାୟତଃ ଭାରି (୫୦ ମିମି ପର୍ଯ୍ୟନ୍ତ) ବର୍ଷାର ସମ୍ଭବନା ରହିଛି। ଆଭ୍ୟନ୍ତରୀଣ ଦକ୍ଷିଣରେ ମଧ୍ୟମ ଧରଣର ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଲଘୁଚାପ ଯୋଗୁଁ ଉତ୍ତର ବଙ୍ଗୋପସାଗର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ପବନର ବେଗ ବୃଦ୍ଧି ପାଇ ଘଣ୍ଟା ପ୍ରତି ୪୦-୫୦ କିମି ରହିବ। ବେଳେ ବେଳେ ଏହା ବୃଦ୍ଧି ପାଇ ୬୦ କିମି ପହଞ୍ଚିବ। ଏହାକୁ ଦୃଷ୍ଟିରେ ରଖି ଗଭୀର ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

### ଝାଡ଼ଖଣ୍ଡରେ ପ୍ରବଳ...

ବନ୍ୟା ଆଶଙ୍କା କରାଯାଉଛି। ଗତ ଜୁଲାଇ ମାସରୁ ଅଦ୍ୟାବଧି ସୁବର୍ଣ୍ଣରେଖା ନଦୀରେ ପାଞ୍ଚ ଥର ପାଖାପାଖି ଛୋଟବଡ ବନ୍ୟା ଆସିଥିବାରୁ ଉତ୍ତର ବାଲେଶ୍ୱର ଅଞ୍ଚଳର ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ଅଞ୍ଚଳ ପ୍ରଭାବିତ ହୋଇଛି। ଆଜି ଅପରାହ୍ନ ୩ଟା ସୁଦ୍ଧା ରାଜଘାଟ ଠାରେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ୮.୮୮ ମିଟର ରହିଥିବା ବେଳେ ଏହା କ୍ରମଶଃ ବୃଦ୍ଧି ପାଇବ ବୋଲି ଜଳସମ୍ପଦ ବିଭାଗର ଜଳେଶ୍ୱରସ୍ଥିତ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରିୟବ୍ରତ ସିଂ ସୂଚନା ଦେଇଛନ୍ତି। ଅପରପକ୍ଷରେ ଜଳକା ନଦୀର ଜଳପତ୍ତନ ଏବେ ମଧ୍ୟ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନି ଠାରେ ସନ୍ଧ୍ୟା ୫ ଟା ସୁଦ୍ଧା ୬.୫୫ ମିଟର ଜଳସ୍ତର ରହିଛି। ବୁଢ଼ାବଳଙ୍ଗ ନଦୀ ମଧ୍ୟ ଏନଏଚ-୫ ନିକଟରେ ଆଜି ୩ ଟା ସୁଦ୍ଧା ୫.୩ ମିଟରରେ ପ୍ରବାହିତ ହେଉଛି।

### ମୁଖ୍ୟମନ୍ତ୍ରୀ କୋଭିଡ୍...

ଦିଆଯିବା ସହ ରାଜ୍ୟ ଜିଏସ୍‌ଟି ଛାଡ଼ କରାଯାଇଥିବା ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ଚିନ୍ମୟ ପରିଡ଼ା କହିଛନ୍ତି। ସେହିଭଳି ‘ସ୍ମୃତି’ ଯୋଜନା ଆନୁକୂଲ୍ୟରେ ଜିଲ୍ଲାର ବୟନ ଶିଳ୍ପ ଗୁଡ଼ିକୁ ମଧ୍ୟ କୋଭିଡ୍ ସହାୟତା ପ୍ରଦାନ କରାଯାଇଛି। ଏଥିନିମନ୍ତେ ରାଜ୍ୟ ସରକାରଙ୍କଠାରୁ ଜିଲ୍ଲାକୁ ୧.୧୩କୋଟି ଟଙ୍କା ମିଳିଥିବା ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବୟନ ଶିଳ୍ପର ବିକାଶ ପାଇଁ ଏହା ବର୍ତ୍ତମାନ କାର୍ଯ୍ୟ କରୁଛି। ବ୍ରହ୍ମପୁର ସହରରେ ଥିଠବା ସମସ୍ତ ବୟନଶିଳ୍ପ ଏଥିରେ ସାମିଲ ଅଛନ୍ତି। ହୁମା ସ୍ଥିତ ଶୁଖୁଆ ଉତ୍ପାଦନ କେନ୍ଦ୍ର ନିମନ୍ତେ ଏହି ଯୋଜନାରେ ୪କୋଟି ୧୭ଲକ୍ଷ ଟଙ୍କା ସହାୟତା ମିଳିଛି। ବର୍ତ୍ତମାନ ଏଠାରେ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ସେହିଭଳି କୁକୁଡ଼ାଖଣ୍ଡିସ୍ଥିତ ମକା ପ୍ରକ୍ରିୟାକରଣ ୟୁନିଟ୍ ପାଇଁ ୫କୋଟି ୩୬ଲକ୍ଷ ଟଙ୍କା ସହାୟତା ରାଜ୍ୟ ସରାକରଙ୍କ ନିକଟରୁ ଆସିଛି। ବର୍ତ୍ତମାନ ଏଠାରେ ମକାକୁ ପ୍ରକ୍ରିୟାକରଣ କରାଯାଇ ସୁଇଟ୍‌କର୍ଣ୍ଣ ଗୋଟାମଞ୍ଜି ପ୍ୟାକେଟ୍, ମକା ପାଉଡ଼ର ଆଦି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ସରକାରୀ ପ୍ରୋତ୍ସାହନ ଓ ସହାୟତା ଯୋଗୁଁ ଶିଳ୍ପ କେନ୍ଦ୍ର ଗୁଡ଼ିକ ଆଗେଇ ଚାଲିଛି। ଏଥିଦ୍ୱାରା ଯୁବପିଢ଼ି ମଧ୍ୟ ଶିଳ୍ପ, ଉଦ୍ୟୋଗ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବାକୁ ମନ ବଳାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗଞ୍ଜାମରେ ୩୦ପ୍ରତିଶତ ମହିଳା ଏଥିରେ ସାମିଲ ଅଛନ୍ତି। ଗତବର୍ଷ ଜିଲ୍ଲାରେ ୯ହଜାର ୮୦୩ଟି ଏମଏସଏମ୍‌ଇ ୟୁନିଟ୍ ଚାଲିଥିଲା। ସେଥିରୁ ୯ହଜାର ୬୦୮ଟି ୟୁନିଟ୍‌କୁ ଏମରଜେନ୍ସି କ୍ରେଡିଟ୍ ଲାଇନ୍ ଗ୍ରାଣ୍ଟ ମାଧ୍ୟମରେ ସହାୟତା ପ୍ରଦାନ କାରାଯାଇଛି। ଏହି ୟୁନିଟ୍ ଗୁଡ଼ିକୁ ଗତବର୍ଷ ଫେବୃଆରୀ ମାସରେ ସ୍କିମ୍ ଦ୍ୱାରା ୮୨୯୩ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ତେବେ ଏଥିରୁ ୧୮୫ଟି ଅନୁଷ୍ଠାନ ଋଣ ନେଇ ନ ଥିଲେ। ଋଣ ନେଇଥିବା ୟୁନିଟ୍‌ମାନଙ୍କ ମଧ୍ୟରେ କାଜୁ ପ୍ରସେସିଂ, ଡାଲି, ଚାଉଳ ପ୍ରକ୍ରିୟାକରଣ ଓ ଗ୍ରାନାଇଟ୍ ଭଳି ଅନେକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରହିଛି। ପ୍ରତି କ୍ଷେତ୍ରରେ ସରକାରୀ ସହାୟତା ମିଳୁଥିବାରୁ ଏ କ୍ଷେତ୍ରରେ ଅନେକ ଆଗ୍ରହ ବଢ଼ାଇଲେଣି। ମୁଖ୍ୟମନ୍ତ୍ରୀ କୋଭିଡ୍ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବେ ନୂଆ ଦିଶା ଭାବେ ଶିଳ୍ପ ଉଦ୍ୟୋଗ ପାଇଁ କାର୍ଯ୍ୟ କରୁଛି। ମହାମାରୀର ବିପତ୍ତି ସମୟରେ ଓଡ଼ିଶା ସରକାରଙ୍କ ସହାୟତା ଉଦ୍ୟୋଗୀମାନଙ୍କୁ ବିକଳ୍ପ ରାସ୍ତା ଦେଖାଇଛି।

● ୨ବର୍ଷ ବୟସରେ ୨ଟି ରେକର୍ଡ

# ପ୍ରଥମ କଲାମ ଆୱାର୍ଡ ବିଜେତା ମୃତ୍ୟୁଞ୍ଜୟ

**୧ମିନିଟ୍ ୫୯ ସେକେଣ୍ଡରେ ୨୮ ରାଜ୍ୟ ଓ ରାଜଧାନୀର ନାଁ**

**ଭୁବନେଶ୍ୱର,୨୩।୯ (ସମିସ):** ଇଣ୍ଡିଆ ବୁକ୍ ଅଫ ରେକର୍ଡ ଓ କଲାମ୍ ଆୱାର୍ଡ ବିଜେତା ହୋଇଛନ୍ତି ୨ବର୍ଷର ମୃତ୍ୟୁଞ୍ଜୟ ନାୟକ । ନିକଟରେ ଅନଲାଇନ୍‌ରେ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାରେ ଭାଗନେଇ ମାତ୍ର ୧ମିନିଟ୍ ୫୯ ସେକେଣ୍ଡରେ ୨୮ଟି ରାଜ୍ୟ ଏବଂ ରାଜଧାନୀର ନାଁ ନିର୍ଭୁଲ ଭାବରେ କହି ଏହି ରେକର୍ଡ ସୃଷ୍ଟି କରିଛନ୍ତି। ତେବେ ଏତେ କମ୍ ବୟସରେ ଓଡ଼ିଶାର ପ୍ରଥମ କଲାମ୍ ଆୱାର୍ଡ ବିଜେତା ହୋଇ ବାପା ମା’ଙ୍କୁ ଗର୍ବିତ କରାଇଛନ୍ତି ଶୁଭମ୍।



ସ୍ଥାନୀୟ ପୁରୁଣା ଭୁବନେଶ୍ୱରରେ ରହୁଥିବା ପ୍ରତାପ ନାୟକ ଏବଂ ଦୀପାଞ୍ଜଳି ନାୟକଙ୍କ ଏକମାତ୍ର ପୁଅ ହେଉଛନ୍ତି ମୃତ୍ୟୁଞ୍ଜୟ ଓରଫ ଶୁଭମ୍। ଲକଡାଉନ୍ ସମୟରେ ଶୁଭମକୁ ଅ, ଆ ଶିଖାଇବାକୁ ଆରମ୍ଭ କରିଥିଲେ ଶୁଭମଙ୍କ ବାପା ଏବଂ ମା’। କିନ୍ତୁ ଆଶ୍ଚର୍ଯ୍ୟର କଥା ମାତ୍ର ୨ବର୍ଷ ବୟସରେ ଥରେ କହୁଥିବା କଥାକୁ ସେ ମନେ ରଖିବା ସହ ପ୍ରାଞ୍ଜଳ ଭାବେ କହି ପାରୁଥିବାରୁ ତାଙ୍କ ସ୍ମରଣଶକ୍ତିକୁ ଉଭୟ ବାପା ମା’ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତାଙ୍କୁ କେବଳ ପାଠ ନୁହେଁ ବରଂ ସାଧାରଣ ଜ୍ଞାନ, ମନ୍ତ୍ର, ଶ୍ଳୋକ ଆଦି କହିବା ପରେ ସବୁ ମନେ ରଖିପାରିଥିଲେ ଶୁଭମ୍। ଏହାପରେ ଅନ୍‌ଲାଇନରେ ଆୟୋଜିତ ଏକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଚାରକଙ୍କ ଭିଡିଓ କଲ୍‌ରେ ଶୁଭମ୍ ସମସ୍ତ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ। ରାଜ୍ୟ, ଦେଶ, ରାଜଧାନୀ, ସାଙ୍ଗକୁ ୟୁନିଭର୍ସ, ଗାଲାକ୍ସି, କଣ୍ଟିନେଟସ୍, ୟୁନିଅନ୍ ଟେରିଟୋରି ନାମ ଗୁଡ଼ିକ ପ୍ରାଞ୍ଜଳ ଭାବେ କହିଥିଲେ। କୁନି ବୟସରେ ତାଙ୍କର ପ୍ରଖର ବୁଦ୍ଧି ଓ ସ୍ମରଣଶକ୍ତିକୁ ଦେଖି ବିଚାରକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ। ଯାହା ଶୁଭଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରୀ କରାଯାଇଛି। ସେହିପରି ନିକଟରେ କଲାମ ୱାଲର୍ଡ ରେକର୍ଡ ଅଧିକାରୀ ହୋଇପାରିଛନ୍ତି ଶୁଭମ୍।

# ବାର୍‌ହା ଶିକାର ଅଭିଯୋଗରେ ୫ ଗିରଫ

**କୋରାପୁଟ,୨୩।୯ (ସମିସ):** କୋରାପୁଟ ସଦର ଥାନା ଅନ୍ତର୍ଗତ କର୍ତାସ ଜାନିଗୁଡ଼ା ଗ୍ରାମର ନଦୀ କୂଳରେ ୮ ଜଣ ବ୍ୟକ୍ତି ବାର୍‌ହା ଶିକାର କରି ତାକୁ ନିଜ ଭିତରେ ଭାଗ ବାଣ୍ଟୁଥିବା ସମୟରେ କୋରାପୁଟ ବନାଞ୍ଚଳ ଅଧିକାରୀ ରୋହିତ କୁମାର ଓ ତାଙ୍କ ଟିମ୍ ମିଳିତ ଭାବେ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଥିବା ବେଳେ ୩ ଜଣ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଜବତ କରାଯାଇଥିବା ବାର୍‌ହା ମାଂସ ଓ ଅନ୍ୟାନ ସାମଗ୍ରୀକୁ କୋରାପୁଟ ଅଣାଯିବା ସହିତ ଗିରଫ ୫ ଜଣଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯିବ।


**AUCTION SALE NOTICE** L-64

Sealed Tenders are invited for sale of one condemned Diesel Jeep OR-02A-8875 (Mahindra & Mahindra 1992 Model). The Tenders will be received by the undersigned on or before 2.00 PM on dt. 27.10.2021 and will be opened on the same day at 3.00 PM in the presence of Tenderers or their authorized representative if any by the Chairman, Tender Committee, Intending Tenderers may inspect the vehicle in office premises within working hours before the date of submission of tenders and the details of the condemned Jeep to be sold along with terms and conditions can be had from the office of the undersigned. The sealed tenders should accompany 10% of the quoted value as earnest money in shape of Bank Draft in favour of Asst. Director, Soil Conservation, Bhadrak payable at State Bank of India, Bhadrak which will be refunded to the unsuccessful tenders on the same day. The successful tenderer is required to deposit 50% of the cost on the same day and balance within one week failing which the Earnest money / 50% deposit as the case may be forfeited to Government. After full payment is made order for removal of vehicle within 3 days will be issued. In ease of any dispute the decision of the chairman will be final and binding. The Chairman reserves the right to accept or reject any or all of the tenders without assigning any reason thereto.

Sd/- Asst. Director,
Soil Conservation, Bhadrak

OIPR-01028/11/0001/2122

# କାମରେ ଲାଗୁନି ଗୁଡୁପାଇଲୋ ଓଭରହେଡ୍ ପାଣିଟାଙ୍କି



**ଜଗତସିଂହପୁର,୨୩।୯ (ସମିସ)**

ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପ୍ରକଳ୍ପ ନିର୍ମାଣ କରୁଛନ୍ତି। ତେବେ ଅନେକ ସ୍ଥାନରେ ପାନୀୟଜଳ ପ୍ରକଳ୍ପ ଓ ଓଭରହେଡ୍ ପାଣିଟାଙ୍କି ଥାଇ ମଧ୍ୟ ପାଣି ପାଇବାରୁ ଲୋକମାନେ ବଞ୍ଚିତ ହେଉଥିବା ଜଣାପଡ଼ିଛି। ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ଅଳାବୋଲ ପଞ୍ଚାୟତର ଗୁଡୁପାଇଲୋ ଗ୍ରାମରେ ଓଭରହେଡ୍ ଟାଙ୍କି ଥାଇ ମଧ୍ୟ ୬ବର୍ଷ ହେବ ଲୋକଙ୍କ କାମରେ ଲାଗୁନଥିବା ଜଣାପଡ଼ିଛି। ସିଧାସଳଖ ଭାବରେ ବୋରିଂରୁ ପାଣି ପାଇପ ଯୋଗେ ଜଳ ଯୋଗାଣ ଦ୍ୱାରା ବହୁସମୟରେ ପାଇପ୍ ଫାଟି ପାଣି ନଷ୍ଟ ହେଉଛି। ପାଣି ମୁନ୍ଦେ ପାଇଁ ସାଧାରଣ ଲୋକେ ଡହଳ ବିକଳ ହେଉଛନ୍ତି।

ସୂଚନା ଅନୁସାରେ, ବାଲିକୁଦା ବ୍ଲକର ସାଲାଇନ ଅଞ୍ଚଳ ବାହାରଣା ଓ ଅଳାବୋଲ ପଞ୍ଚାୟତରେ ଜନ ସାଧାରଣଙ୍କୁ ଆବଶ୍ୟକ ମୁତାବକ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଅଳାବୋଲ ପଞ୍ଚାୟତର କଣ୍ଟି ଗ୍ରାମରେ ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏହି ପ୍ରକଳ୍ପ ଦ୍ୱାରା ବାହାରଣା, ତଳକୁଶୁମା, ଗରିଆ, ଶୋଗଲ, ସିରାଇଲ, ଓଳାସ, କଟିଜଙ୍ଗା, ରତିସିଂଗା, ଜୈନାବାଜ ଇତ୍ୟାଦି ଗ୍ରାମର ୨ହଜାରୁ ଅଧିକ ପରିବାର ଉପକୃତ ହେଉଛନ୍ତି। ୬ବର୍ଷ ପୂର୍ବେ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ବାହାରାଣାର କଟିଜଙ୍ଗା ଠାରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ପାନୀୟ ଜଳ(ଓଭର ହେଡ୍) ଟାଙ୍କି ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଥିଲା। ମାତ୍ର କଟିଜଙ୍ଗା ଠାରେ ଜାଗା ସମସ୍ୟା ଦେଖା ଦେବା ପରେ ଉକ୍ତ ପ୍ରକଳ୍ପକୁ ଅଳାବୋଲ ପଞ୍ଚାୟତର ଗୁଡୁପାଇଲୋକୁ ସ୍ଥାନାନ୍ତର କରାଯାଇ ଗ୍ରାମ ଦଣ୍ଡାରେ ନିର୍ମାଣ କାର୍ଯ୍ୟ କରାଯାଇଥିଲା। ୨୦୧୪/୧୫ ମସିହାରେ ୬୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏହି ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଇଥିଲା। ତେବେ ନିର୍ମାଣକୁ ୬ବର୍ଷ ପୁରି ଯାଇଥିଲେ ମଧ୍ୟ ଥରଟିଏ ଏହି ଟାଙ୍କି ବ୍ୟବହାର ହୋଇ ନଥିବା ଅଳାବୋଲ ଓ ବାହାରାଣା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।

ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ମୁତାବକ, ଉକ୍ତ ପ୍ରକଳ୍ପ ନିର୍ମାଣ ହେବା ପରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ବାଲିକୁଦା ଆରଡବ୍ଲୁଏସ୍ଏସ୍ ବିଭାଗର ଏସ୍ଡିଓ, ଜେଇ, ଠିକାଦାର, ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିଙ୍କ ଉପସ୍ଥିତିରେ ଟାଙ୍କିରେ ପରୀକ୍ଷା ମୂଳକ ଭାବେ ପାଣି ଭର୍ତିର୍ କରାଯାଇ ଥିଲା। ତେବେ ପାଣି ଭର୍ତି ହେବାର କିଛି ସମୟ ମଧ୍ୟରେ ଟାଙ୍କିର ବିଭିନ୍ନ ପାର୍ଶ୍ୱରୁ ପାଣି ଲିକ୍ କରି ତଳେ ଜମି ରହିଥିଲା। ଉକ୍ତ ଟାଙ୍କିଟି ସେହିଦିନ ଠାରୁ ଅଚଳ ହୋଇ ପଡ଼ି ରହିଥିବା ଲୋକମାନେ କହିଛନ୍ତି। ଉକ୍ତ ଓଭରହେଡ୍ ପାଣିଟାଙ୍କି କାର୍ଯ୍ୟକ୍ଷମ ନହେବାରୁ ସିଧା ପାଣିପମ୍ପ ଯୋଗେ ପାନୀୟ ଜଳ ଯୋଗାଣ ଚାଲିଛି। ଏହା ଦ୍ୱାରା ବାରମ୍ବାର ପାଇପ୍ ଫାଟିବା ସହିତ ଅନ୍ୟାନ୍ୟ ସମସ୍ୟା ଲାଗି ରହିଥିବା ଜଣାପଡ଼ିଛି। ଏପରିକି ମରାମତିରେ ପଞ୍ଚାୟତରେ ସେହି ହେଡ୍‌ରେ ଥିବା ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ ଖର୍ଚ୍ଚ ସରିଥିବା ବାହାରାଣା ପଞ୍ଚାୟତର ସରପଞ୍ଚ ବନ୍ଦିତା ପଟ୍ଟନାୟକ କହିଛନ୍ତି। ଏସମ୍ପର୍କରେ ପଚାରିବାରୁ ବର୍ଷା ଛାଡି ଗଲା ପରେ ସେ ନିଜେ ଯାଇ ଉଚିତ୍ ପଦକ୍ଷେପ ଗ୍ରହଣ କରିବେ ବୋଲି ଆରଡବ୍ଲୁଏସ୍ଏସ୍ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କିଶୋର କୁମାର କବି କହିଛନ୍ତି। ଅନ୍ୟପକ୍ଷରେ ବାଲିକୁଦା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଏସମ୍ପର୍କରେ ପଚାରିବାରୁ ଏହି ଘଟଣାକୁ ସେ ସ୍ୱୀକାର କରିବା ସହିତ ବସୁନ୍ଧରା ଯୋଜନାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଜେଇ ଓ ବିଡିଓଙ୍କ ଅବହେଳା

# ବ୍ଲକ୍ ସମ୍ମୁଖରେ ପଞ୍ଚାୟତବାସୀଙ୍କ ଧାରଣା



**ଜଗତସିଂହପୁର,୨୩।୯ (ସମିସ):** ଜିଲ୍ଲାର ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଓରିଶୋ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାମରେ କନିଷ୍ଠ ଯନ୍ତ୍ରୀ ଓ ବିଡିଓଙ୍କ ଅବହେଳାକୁ ନେଇ ଅଭିଯୋଗ ଉଠିଛି। ସ୍ଥାନୀୟ ମହିଳା ସରପଞ୍ଚ ଅହଲ୍ୟା ସେଠୀ ଓ ଶତାଧିକ ପଞ୍ଚାୟତବାସୀଙ୍କ ପକ୍ଷରୁ ଗୁରୁବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇ ପ୍ରତିବାଦ କରାଯିବା ସହିତ ପଞ୍ଚାୟତର ଉନ୍ନୟନମୂଳକ କାମ ଶୀଘ୍ର ଆରମ୍ଭ କରିବାକୁ ଦାବି କରାଯାଇଥିଲା।

ଅଭିଯୋଗ ଅନୁସାରେ, ଓରିଶୋ ଗ୍ରାମପଞ୍ଚାୟତରେ ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ସିଏଫ୍‌ସି, ଏସ୍ଏଫସି ଓ ଏନଆରଜିଏସ ଅର୍ଥର ବିନିଯୋଗ ପାଇଁ ଧାର୍ଯ୍ୟ ସମୟରେ ଗ୍ରାମସଭାରେ ମଞ୍ଜୁର ହୋଇଥିବା ପ୍ରକଳ୍ପ ଗୁଡିକ ପଞ୍ଚାୟତ ସମିତି ମାଧ୍ୟମରେ ଅନୁମୋଦନ କରାଯାଇଥିଲା। ତେବେ ଏହି ପ୍ରକଳ୍ପ ଗୁଡିକର କାର୍ଯ୍ୟ ନିମନ୍ତେ କନିଷ୍ଠଯନ୍ତ୍ରୀ ଧରା ଛୁଆଁ ଦେଉନଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। କୌଣସି କାରଣ ନଥାଇ କନିଷ୍ଠ ଯନ୍ତ୍ରୀ ପଞ୍ଚାୟତକୁ ଆସୁନାହାଁନ୍ତି ଓ ଉନ୍ନୟନ ମୂଳକ କାମରେ ସରପଞ୍ଚଙ୍କୁ ସହଯୋଗ କରୁନାହାଁନ୍ତି। ଏନେଇ ସରପଞ୍ଚ ଜଗତସିଂହପୁର ମଣ୍ଡଳ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦଙ୍କୁ ଜଣାଇବା ସହ ଦୁଇ ଦୁଇ ଥର ଲିଖିତ ଭାବରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଶ୍ଚର୍ଯ୍ୟଜନକ ଭାବରେ ବିଡିଓ ଶ୍ରୀ ନନ୍ଦ ମହିଳା ସରପଞ୍ଚଙ୍କୁ ନିରାଶ କରିଥିବା ସରପଞ୍ଚ ଶ୍ରୀମତୀ ସେଠୀ ଅଭିଯୋଗ କରିଛନ୍ତି। ତୁମ ପଞ୍ଚାୟତରେ କୌଣସି ଉନ୍ନୟନ କାମ ହୋଇପାରିବ ନାହିଁ ଓ ମୁଁ କିଛି କରିପାରିବିନାହିଁ ବୋଲି ବିଡିଓ ଶ୍ରୀ ନନ୍ଦ ସରପଞ୍ଚଙ୍କୁ ସଫା ସଫା ମନାକରି ଦେଇଥିଲେ। ତେବେ ଏହାର କାରଣ କଣ ଜାଣିବାକୁ ସରପଞ୍ଚ ଚାହିଁଥିଲେ ମଧ୍ୟ ସେ ସମ୍ପର୍କରେ ବିଡିଓ କିଛି କହିନଥିଲେ। ଜଣେ ଅନୁସୁଚିତବର୍ଗ ଓ ମହିଳା ସରପଞ୍ଚଙ୍କୁ ଏହାଦ୍ୱାରା ଜାଣିଶୁଣି ଅପମାନିତ ଓ ହଇରାଣ କରାଯାଉଥିବା କଥା ସରପଞ୍ଚ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତେବେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ସେ ଜିଲ୍ଲାପାଳ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କୁ ଏ ସମ୍ପର୍କରେ ଲିଖିତ ଭାବରେ ଜଣାଇ ନିରାଶ ହେବା ପରେ ଧାରଣା ଦେବାକୁ ବାଧ୍ୟ ହୋଇଥିବା ସରପଞ୍ଚ କହିଛନ୍ତି। ସେହିପରି ଏବେ ମଧ୍ୟ ତାଙ୍କ ପଞ୍ଚାୟତରେ ୧୦ଲକ୍ଷ ଟଙ୍କାର କାମ ବାକି ରହିଛି। ଏନଆରଜିଏସ କାମରେ ଏପର୍ଯ୍ୟନ୍ତ ବିଲ ହୋଇନାହିଁ। ଲୋକମାନେ କାମକରି ମଧ୍ୟ ପଇସା ପାଇନାହାଁନ୍ତି। ଏପରିକି ଲୋକମାନେ ସରପଞ୍ଚଙ୍କ ଘରେ ବସୁଥିବାବେଳେ କନିଷ୍ଠଯନ୍ତ୍ରୀ ଓ ବିଡିଓ ଏଥିପାଇଁ ସହଯୋଗ କରୁନଥିବା ସରପଞ୍ଚ ଶ୍ରୀମତୀ ସେଠୀ ଅଭିଯୋଗ କରିଛନ୍ତି। ତାଙ୍କୁ କୌଣସି କାରଣ ନଥାଇ ଜାଣିଶୁଣି ହଇରାଣ କରାଯିବା ନ୍ୟାୟ ସଂଗତ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଦିନ ୧୧ଟା ଯାଏ ଏହି ଧାରଣା ଜାରି ରହିବାପରେ ବିଡିଓ ଶ୍ରୀ ନନ୍ଦ ଧାରଣା ସ୍ଥଳକୁ ଆସି ସରପଞ୍ଚଙ୍କ ସହିତ ଆଲୋଚନା କରିଥିଲେ। ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି।

## ସାଇବର୍ ଠକେଇ

# ଗ୍ରାହକସେବା କେନ୍ଦ୍ର କର୍ମଚାରୀ ପରିଚୟ ଦେଇ ଠକିଲେ

**କେନ୍ଦ୍ରାପଡ଼ା,୨୩।୯ (ସମିସ):** ପୁଣି ଜଣେ ଯୁବକ ସାଇବର ଠକେଇର ଶିକାର ହୋଇଛନ୍ତ। ନିଜକୁ ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ରର କର୍ମଚାରୀ ପରିଚୟ ଦେଇ ଅଭିଯୋଗକାରୀଙ୍କ ଆକାଉଣ୍ଟରୁ ସବୁ ଟଙ୍କା ଖାଲି କରିଦେଲେ। ଏନେଇ ଯୁବକ ଜଣଙ୍କ କଟକ ସାଇବର ସେଲରେ ଅଭିଯୋଗ କରିବା ସହ କେନ୍ଦ୍ରାପଡ଼ା ଏସ୍‌ପି ଓ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ସଦର ଥାନା ଅଧୀନ ଇଚ୍ଛାପୁର ଅଞ୍ଚଳରେ। ଅଭିଯୋଗକାରୀ ଅବିନାଶ ବ୍ରହ୍ମଚାରୀଙ୍କ ମୋବାଇଲକୁ ଏସବିଆଇ କ୍ରେଡିଟ କାର୍ଡ ପକ୍ଷରୁ ରିୱାର୍ଡ ପଏଣ୍ଟ ପାଇଁ ମେସେଜ ଆସିଥିଲା। ଏନେଇ ଅବିନାଶ ଏସବିଆଇ ଗ୍ରାହକ ସେବା କେନ୍ଦ୍ରକୁ ଫୋନ୍ ଲଗାଇଥିଲେ। ହେଲେ କେହି ଫୋନ୍ ରିସିଭ କରିନଥିଲେ। ଏହାର ଠିକ୍ ୧୦ ମିନିଟ ପରେ ଅନ୍ୟ ଏକ ନମ୍ବରରୁ ଅବିନାଶଙ୍କୁ କଲ ଆସିଥିଲା। ଆଉ ନିଜକୁ ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ରର କର୍ମଚାରୀର ପରିଚୟ ଦେଇ ଜଣେ କଥା ହୋଇଥିଲେ। ଅବିନାଶଙ୍କ କ୍ରେଡିଟ କାର୍ଡର ରିୱାର୍ଡ ପଏଣ୍ଟ ନେଇ କଥା ହୋଇଥିଲେ ସେ। ରିୱାର୍ଡ ପଏଣ୍ଟ ପାଇଁ ଏକ ମେସେଜ୍ ପଠାଇ କ୍ଲିକ କରିବାକୁ କୁହାଯାଇଥିଲା। ସେହି ମେସେଜକୁ କ୍ଲିକ କରି ଏସବିଆଇ ଯୋନ ଲିଙ୍କକୁ ଡାଉନଲୋଡ଼ କରିଥିଲେ ଅବିନାଶ। ଡାଉନଲୋଡ଼ କରିବାର ମାତ୍ର କିଛି ସମୟ ପରେ ଏସବିଆଇ ଆକାଉଣ୍ଟରୁ ୪୨ ହଜାର ଟଙ୍କା କଟିଗଲା। ପୁଣି କିଛି ସମୟ ପରେ ଆଉ ୯ ଶହ ଟଙ୍କା କଟିଗଲା। ଅବିନାଶ କଲ ଆସିଥିବା ନମ୍ବରକୁ ଆଉ ଥରେ କଲ ଲଗାଇ ଟଙ୍କା କାହିଁକି କଟିଲା ପଚାରିଥିଲେ। ସେପଟୁ ଟଙ୍କା କଟିନି ଆପଣଙ୍କ ଅନ୍ୟ କୌଣସି ଆକାଉଣ୍ଟରେ ଡିପୋଜିଟ ହୋଇଯାଇଛି ବୋଲି କୁହାଗଲା। ଅବିନାଶ ତୁରନ୍ତ ତାଙ୍କର ଆକାଉଣ୍ଟର ମୋବାଇଲ ଜରିଆରେ ବାଲାନ୍ସ ଚେକ କରିଥିଲେ। ଏହାର କିଛି ସମୟ ପରେ ଆକାଉଣ୍ଟରୁ ୨୫ ହଜାର ଟଙ୍କା କଟିଗଲା। ଏହାପରେ ସାଇବର ଠକ ସହ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇ ନଥିଲେ। ଶେଷରେ ବାଧ୍ୟ ହୋଇ ବ୍ୟାଙ୍କ ସହ ଯୋଗାଯୋଗ କରିବାରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଲେ। ଏନେଇ କଟକ ସାଇବର ସେଲ୍‌ରେ ଅଭିଯୋଗ କରିବା ସହ କେନ୍ଦ୍ରାପଡ଼ା ଏସ୍‌ପି ଆଉ ସଦର ଥାନାରେ ସେ ଅଭିଯୋଗ କରିଛନ୍ତି ସେ।

# ଜଗତସିଂହପୁରକୁ ରେଳପଥ ସଂଯୋଗ ଦାବି

**ଜଗତସିଂହପୁର,୨୩।୯ (ସମିସ):** ଉପକୂଳ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଜଗତସିଂହପୁର ସଦର ମହକୁମାକୁ ରେଳପଥ ସଂଯୋଗୀକରଣ ପାଇଁ ରେଳମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଏହି ରେଳପଥ ପାରାଦୀପ-ଜଗତସିଂହପୁର-ନିଆଳିକୁ ସଂଯୋଗ ହେଉ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଗୁରୁବାର ଜଗତସିଂହପୁର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି।

ସାରସ୍ୱତ ପରିଷଦର ଆବାହକ ସରୋଜ ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଜଗତସିଂହପୁର ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚିବା ସହିତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଜିଲ୍ଲାପାଳଙ୍କୁ ପ୍ରଦାନ କାରାଯାଇଥିଲା। ସଂଗଠନର ଦାବି ଅନୁସାରେ, କେନ୍ଦ୍ରସରକାର ନିଷ୍ପତ୍ତି ନେଇଛନ୍ତି ଯେ, ପତ୍ୟେକ ଜିଲ୍ଲାର ସଦର ମହକୁମାକୁ ରେଳପଥ ସଂଯୋଗ କରାଯିବ। ତେବେ କଟକରୁ ଛପଡ଼ା ଦେଇ ଯେଉଁ ରେଳପଥ ଯିବ ଏହା ସଦର ମହକୁମା ଦେଇ ଗଲେ ସାଧାରଣ ଲୋକେ ଉପକୃତ ହେବେ। କଟକ-ପାରାଦୀପ ରେଳପଥ ଛପଡ଼ା ଷ୍ଟେସନଠାରୁ ଜଗତସିଂହପୁର ସର୍କିଟ୍‌ହାଉସ୍ ଦେଇ ଆଲିପିଙ୍ଗଳ ଓ ଭୟା ନିଆଳିଦେଇ ନୂଆ ମଞ୍ଜେଶ୍ୱର ଷ୍ଟେସନକୁ ସଂଯୋଗ କରାଗଲେ ଏହାଦ୍ୱାରା ପାରାଦୀପ ଏକ ବିକଳ୍ପ ରେଳପଥର ସୁଯୋଗ ପାଇବା ସହିତ ଜଗତସିଂହପୁର ଜିଲ୍ଲାର ସଦର ମହକୁମା ରେଳପଥ ସଂଯୋଗ ହୋଇପାରିବ ବୋଲି ସଂଗଠନର ସଦସ୍ୟ ଆଇନଜୀବୀ ଗଣେଶ୍ୱର ମାଣିଆ, ଅରୁଣ କୁମାର ଆଚାର୍ଯ୍ୟ, ବେଣୁଧର ନାୟକ, ଧୃତିଧର ଦାସ, ଧୂଳେଶ୍ୱର ମଲ୍ଲିକ, ନାରାୟଣ ଚନ୍ଦ୍ର ସାହୁ , ଅଶୋକ କୁମାର ରାଉତ, ଶଶୀଭୂଷଣ ପରିଡ଼ା ପ୍ରମୁଖ ଦାବି କରିଥିଲେ। ଏହି ମର୍ମରେ ସଂଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ୮ଥର ଲିଖିତ ନିବେଦନ ପତ୍ର ପ୍ରେରଣ କାରଯାଇଥିବା ସୂଚନା ମିଳିଛି।

# ନିର୍ଯାତିତା ନାବାଳିକାଙ୍କୁ ମିଳୁନି କ୍ଷତିପୂରଣ

**ଜଗତସିଂହପୁର,୨୩।୯ (ସମିସ):** ଜିଲ୍ଲାର ଗୋପିଆକୁଦ କାଳିଆପାଟ ଅଞ୍ଚଳର ଜଣେ ଅନୁସୂଚିତ ଜାତିର ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କୁ ଘଟଣାର ପ୍ରାୟ ୩ବର୍ଷ ପରେ ମଧ୍ୟ କ୍ଷତିପୂରଣ ମିଳିନଥିବା ଜଣାପଡ଼ିଛି। ମିଳିବାକୁ ଥିବା କ୍ଷତିପୂରଣ ପାଇଁ ସ୍ଥାନୀୟ ସରପଞ୍ଚଙ୍କ ମାଧ୍ୟମରେ ପିସି ଦାବି କରାଯାଇଥିଲା। ପୀଡ଼ିତାଙ୍କ ସହିତ ତାଙ୍କ ଅଭିଭାବକ ଜିଲ୍ଲା ପ୍ରଶାସନକୁ ଭେଟି ଝିଅର ଉଚ୍ଚଶିକ୍ଷା ସହିତ ମିଳିବାକୁଥିବା କ୍ଷତିପୂରଣ ସହାୟତା ରାଶି ପ୍ରଦାନ ପାଇଁ ଦାବି କରିଛନ୍ତି।

ଖବରରୁ ପ୍ରକାଶ, ୨୦୧୮ ମସିହାରେ ଅନୁସୂଚିତ ଜାତିର ଏହି ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିଲା।ଏହି ଘଟଣାରେ ସରକାରୀ ବ୍ୟବସ୍ଥା ଅନୁସାରେ ଅନୁସୂଚିତ ଜାତି ନିର୍ଯାତନା ମାମଲାରେ ପୀଡିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ମିଳିବା ବ୍ୟବସ୍ଥା ହୋଇଥିଲା। ତେବେ ଆଶ୍ଚର୍ଯ୍ୟଜନକ ଭାବରେ ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ କାଗଜପତ୍ର ଦାଖଲ କରିବାକୁ କୁହାଯିବା ସହିତ ଗତ ୬ମାସ ତଳେ ଦ୍ୱିତୀୟ ଥର ପୀଡ଼ିତାଙ୍କ ବ୍ୟାଙ୍କ୍ ପାସବୁକ ଜେରକ୍ସ ମଗା ଯାଇଥିଲା। ପୀଡିତାଙ୍କ ଅଭିଭାବକ ନିଜେ ଏହା ଦାଖଲ କରିଥିଲେ। ତେବେ ଗତ କିଛିଦିନ ତଳେ ସ୍ଥାନୀୟ ସରପଞ୍ଚ ତାଙ୍କ ଘରେ ପହଞ୍ଚିଥିଲେ। ତୋର ପଇସା ଆସିଛି। କିଛି ଖର୍ଚ୍ଚ ଲାଗିବ। ଟଙ୍କା ନଦେଲେ ପଇସା ମିଳିବନି ବୋଲି ସରପଞ୍ଚ କହିଥିଲେ। ତେବେ ଏ ସମ୍ପର୍କରେ ପୀଡିତାଙ୍କ ଅଭିଭାବକ ଅନୁଧ୍ୟାନ କରିବା ପରେ ଜଣାପଡ଼ିଲା ଯେ, ପୀଡିତାଙ୍କୁ ସିଧାସଳଖ ଯୋଗାଯୋଗ ନକରି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପୀଡିତାଙ୍କ ବ୍ୟାଙ୍କ ଖାତା ସମ୍ପର୍କରେ ବିଡିଓଙ୍କୁ ଚିଠି କରାଯିବା ପରେ ସେଠାରୁ ସରପଞ୍ଚଙ୍କୁ ଏ ସମ୍ପର୍କରେ ସୂଚନା ମିଳିଥିଲା। ସରପଞ୍ଚଙ୍କ ମାଧ୍ୟମରେ ଜିଲ୍ଲାରେ ଏପରି ଡିଲ୍ ଚାଲିଥିବା କଥା ଜିଲ୍ଲା ଦଳିତ ସଭାପତି ଶଙ୍କର ଦାସ ଅଭିଯୋଗ କରିଛନ୍ତି।

# ୫ ପଞ୍ଚାୟତର ଲୋକେ ପାଣି ଘେରରେ



**ରାଜନଗର,୨୩।୯ (ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷା ପରେ ବ୍ରାହ୍ମଣୀରେ ବନ୍ୟା ଆସି ରାଜନଗର ବ୍ଲକର ୫ ପଞ୍ଚାୟତର ୪୦ ହଜାର ଲୋକ ଜଳବନ୍ଦୀ ରହିଛନ୍ତି। ୯ଦିନ ହେଲା ପାଣି କମୁନଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। ଆଜି ଏହି ବ୍ଲକର ବ୍ରାହ୍ମଣୀ ନଦୀ କୂଳରେ ଥିବା ଚାନ୍ଦିବାଉଁଶମୂଳ ପଞ୍ଚାୟତରେ ବନ୍ୟାପାଣି ପ୍ରବେଶ କରିଛ। ଏହି ପଞ୍ଚାୟତର ଝାଡ଼କଟା, ଯଦୁଚନ୍ଦ୍ରପୁର, ଉଆଷିଡିଅ, ଦକ୍ଷିଣଭେଡା, ଚକ୍ରବର୍ତି ପ୍ରଭୃତି ଗାଁ ପାଣିଘେରରେ ରହିଛି। ଦକ୍ଷିଣଭେଡ଼ା ଗ୍ରାମର ଅଜାମ୍ବର ବରାଳ, ପର୍ଶୁରାମ ବରାଳ, ସନ୍ତୋଷ ବରାଳ, ଆନ୍ଦ ମଳିକ, ଅଜୟ ମଳିକ, ନିମାଇଁ ମଳିକ, ନିର୍ମଳ ମଳିକ, ବିଜୟ ମଳିକ, ଯଦୁଚନ୍ଦ୍ରପୁର ହରେକୃଷ୍ଣ ପ୍ରଧାନ, ଚକ୍ରବର୍ତିର ମାଳତୀ ମହାନ୍ତି ପ୍ରମୁଖଙ୍କ ଘରେ ପାଣି ପଶିଛି। ଗାଁର ଶିବ ମନ୍ଦିର ଓ ଗାଁ ଠାକୁରାଣୀଙ୍କ ମନ୍ଦିର ପାଣି ଘେରରେ ରହିଛ। ବନ୍ୟାପାଣି ଧୋୟା ଅଞ୍ଚଳରେ ଜମି ରହିଥିବା ବେଳେ ଲଗାଣ ବର୍ଷା ବିପନ୍ନଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପ୍ରଭୃତି ୪ଟି ପଞ୍ଚାୟତରେ ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡି ଯିବାର ପରିସ୍ଥିତି ସୃଷ୍ଟି ହୋଇଛ। ଦୀର୍ଘ ୯ଦିନ ହେଲା ବନ୍ୟାଞ୍ଚଳରେ ବନ୍ୟା ପାଣି ଜମି ରହିଛ। ପୂର୍ଣ୍ଣିମା ଦିନ ଠାରୁ ବନ୍ୟା ପାଣି ବଢ଼ିବା ସହ ବିପନ୍ନଙ୍କ ଘର ଭିତରେ ପଶିଛ। ୫ଟି ପଞ୍ଚାୟତର ଗମନାଗମନ ରାସ୍ତା ଉପରେ ୪/୫ ଫୁଟ ଉଚ୍ଚର ବନ୍ୟାଜଳ ଚାଲୁଛି। ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଦିନକୁ ଦିନ ଅସହ୍ୟ ହୋଇ ପଡୁଥିବା ବେଳେ ବନ୍ୟା ପାଣିରେ ଖରଫ ଧାନ ଫସଲ ବୁଡି ରହିଥିବାରୁ ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛ। ଏହାକୁ ନେଇ ୫ଟି ପଞ୍ଚାୟତର ଶତାଧିକ ଚାଷୀମାନେ ମାନସିକ ଚାପରେ ଅଛନ୍ତି। ଏହି ବନ୍ୟା ଯୋଗୁଁ ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ,ଫିରିକିଦାଣ୍ଡି, ଦକ୍ଷିଣଦାଣ୍ଡି, ଗୋବିନ୍ଦପୁର, ସନ୍ଥପଡ଼ା, ଟାଙ୍ଗଣଦୈଳା, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ନଗଡ଼, କଟକଣା, ନଳଦିଆ, ବନ୍ଧପାଟଣା, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର ଓ ବେଲପାଳ ପଞ୍ଚାୟତର ବେଲପାଳ ମୌଜାରେ ଥିବା ଧାନ ଫସଲ ଦୀର୍ଘ ୯ଦିନ ହେଲା ବନ୍ୟା ଜଳରେ ବୁଡି ରହିଥିବାରୁ ଚଳିତ ଖରଫ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କାରେ ଚାଷୀକୂଳ ମୁଣ୍ଡରେ ହାତ ଦେଇ ବସିଛି। ୫ଟି ପଞ୍ଚାୟତ ସହିତ କେରେଡାଗଡ଼, ବାଲିସାହିପାଟଣା, ରାଜନଗର, ଚାନ୍ଦିବାଉଁଶମୂଳ, କଣ୍ଡିରା, ଘଡିଆମାଳ ପ୍ରଭୃତି ପଞ୍ଚାୟତର ନଦୀ ପଟରେ ଥିବା ଚାଷ ଜମି ଗୁଡିକ ବନ୍ୟାପାଣିରେ ବୁଡି ରହିଛି। ଚଳିତ ବନ୍ୟାରେ ୫ଟି ପଞ୍ଚାୟତର ୧୦ ହଜାର ଏକର ଚାଷଜମିରେ ହୋଇଥିବା ଖରଫ ଧାନ Oଫସଲ ଦୀର୍ଘ ୯ଦିନ ହେଲା ବନ୍ୟା ଜଳରେ ବୁଡି ରହିଥିବାରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବନ୍ୟାଞ୍ଚଳ ଚାଷଜମିରେ ୮/୧୦ ଫୁଟ ଉଚ୍ଚର ବନ୍ୟାଜଳ ଫସଲକୁ ବୁଡ଼ାଇ ରଖିଛି।


# ଦେଶୀମଦ ଜବତ; ୩ ଗିରଫ

**କେନ୍ଦ୍ରାପଡ଼ା,୨୩।୯ (ସମିସ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଦୁହୁରିଆ ପୋଲ ଉପରୁ ୬୦ଲିଟର ଦେଶୀମଦ ଜବତ କରାଯାଇ ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ଘଟଣାରୁ ପ୍ରକାଶ ଯେ ୫ ନମ୍ବର (କ) ଜାତୀୟ ରାଜପଥ ଦୁହୁରିଆ ପୋଲଉପରେ ମାଗୁରଗଣ୍ଡପାଟଣା ମୁଣ୍ଡାସାହିର ଦୁଖିନୀ ସିନ୍ଧୁ ଓ ପପନା ମୁଣ୍ଡା ମଦ ବେପାର କରିବା ପାଇଁ ଏକ ଅଟୋ ଭିତରେ ୬୦ଲିଟର ଦେଶୀ ମଦ ନେଇ ଯାଉଥିଲେ। ଏହି ମଦ ସେମାନେ ସୁକିନ୍ଦାରୁ ଆଣି ଜିଲ୍ଲାର ବିଭିନ୍ନ ସ୍ଥାନକୁ ପଠାଇଥାନ୍ତି। ଅବକାରୀ ବିଭାଗ ଅଟୋ ସହ ଅଟୋଚାଳକ ସୁଜାନଗର ଗ୍ରାମର ବିଶ୍ୱଜିତ ରଣା ଓ ଏହି ଦୁଇଜଣ ବେପାରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅବକାରୀ ବିଭାଗ ପକ୍ଷରୁ ଏଏସ୍ଆଇ ସୟଦ ଏସ ଏନ ରହିମ ଓ ରେଣୁକା ମଲ୍ଲିକ, କନେଷ୍ଟବଳ ଜଗନ୍ନାଥ ବେସରା ଓ ସୁନିଲ ମିଶ୍ର ପ୍ରମୁଖ ଏହି ଚଢ଼ଉ କରିଥିଲେ।

## ବିଶ୍ୱାସ ନା ସଚେତନତାର ଅଭାବ

# ମୃତଦେହକୁ କଦଳୀଭେଳାରେ ଭସେଇ ଦେଲେ






**ମହାକାଳପଡ଼ା,୨୩।୯ (ସମିସ)**

ମୋକ୍ଷ ପାଇଁ ସର୍ପାଘାତରେ ମୃତ୍ୟୁବରଣ କରିଥିବା ୮ ବର୍ଷର ଶିଶୁକନ୍ୟାର ମୃତଦେହକୁ ଏକ ସୁସଜ୍ଜିତ କଦଳୀଭେଳାରେ ନଦୀରେ ଭସେଇ ଦେଲେ ପରିବାର ଲୋକ। ଘଟଣାଟି ଘଟିଛି ମହାକାଳପଡ଼ାର ଖରିନାସୀ ଅଞ୍ଚଳରେ।

ଖରିନାସୀ ଗ୍ରାମର ଶ୍ରୀଧାମ ଦାସଙ୍କ ୮ବର୍ଷର ଝିଅ ବୁଧବାର ରାତିରେ ଘରେ ଶୋଇଥିବା ସମୟରେ ସର୍ପାଘାତ ହୋଇଥିଲା ରାତିରେ ଝିଅ ଏ ନେଇ ବାପାଙ୍କୁ ଜଣେଇବା ପରେ ଶ୍ରୀଧାମସାପ କାମୁଡିଥିବା ସ୍ଥାନରେ ହଳଦୀ ତେଲ ଲଗାଇ ଦେଇଥିଲେଏବଂ ଦେଶୀୟ ପଦ୍ଧତିରେ ବାନ୍ତି କରାଇ ବିଷକୁ ଶରୀରରୁ ବାହାର କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସେମାନଙ୍କ ଉଦ୍ୟମ ଫେଲ୍ ମାରିଥିଲା। ସକାଳ ହେବା ପୂର୍ବରୁ ଶିଶୁକନ୍ୟାର ମୃତ୍ୟୁ ହୋଇଯାଇଥିଲା। କାନ୍ଦ ବୋବାଳିରେ ସାରା ପରିବାର

### ସର୍ପାଘାତରେ ପ୍ରାଣ ହରାଇଥିଲେ ନାବାଳିକା

ମ୍ରିୟମାଣ ହୋଇଯିବା ସହିତ ଗାଁରେ ଶୋକର ଛାୟା ଖେଳିଯାଇଥିଲା। ଗୁରୁବାର ଅପରାହ୍ନରେ ବିଶ୍ୱାସ ଓ ପରମ୍ପରା ଅନୁସାରେ କଦଳୀଭେଳା ପ୍ରସ୍ତୁତ କରାଗଲା। ସେଥିରେ ଏକ ମାଟି ହାଣ୍ଡିରେ ଦୀପ, ଧୂପ, ଭୋଗ ରଖାଯାଇ ଢାଙ୍କୁଣିରେ ଘୋଡାଇ ଦିଆଯାଇଥିଲା। କଦଳୀଭେଳା ଉପରେ ନୂତନ ବସ୍ତ୍ର, ନୂତନ ସପ, ତକିଆ ରଖି ମୃତଶରୀରକୁ ଶୁଆଇ ଦିଆଯାଇ ଫୁଲମାଳ ପିନ୍ଧାଇ ଦିଆଯାଇଥିଲା ଏବଂ ଏକ ମଶାରୀ ବାନ୍ଧି ଦିଆଯାଇଥିଲା। ମା ମନସା ଦେବୀଙ୍କ ପୂଜାର୍ଚ୍ଚନା କରିବା ଭଳି ପୂଜାର୍ଚ୍ଚନା କରାଯାଇ ହରିବୋଲ ହୁଳହୁଳି ଦିଆଯାଇ ଖରିନାସୀ ମାଦଳମୁହାଣରେ ନଦୀରେ ଭସେଇ ଦିଆଯାଇଥିଲା। ଶିଶୁର ମୃତଦେହକୁ ଭସେଇ ଦିଆଯାଉଥିବା ବେଳେ ଶୋକାକୁଳ ପରିବାର ସମେତ ଗ୍ରାମର ବହୁ ଲୋକ ସାମିଲ ହୋଇଥିଲେ।

ମହାକାଳପଡ଼ାର ଉପକୂଳବର୍ତ୍ତି ଅଞ୍ଚଳରେ ବସବାସ କରୁଥିବା ବଙ୍ଗ ଭାଷାଭାଷୀ ଲୋକମାନଙ୍କ ମଧ୍ୟରେ ଏଭଳି ବିଶ୍ୱାସ ରହିଛି। ସର୍ପାଘାତରେ ମୃତ୍ୟୁବରଣ କଲେ ସରକାର ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରୁଥିବା ଭଳି ଯୋଜନା ରହିଥିବା ବେଳେ ତାହା ବିଶ୍ୱାସ ଆଗରେ ଫିକା ପଡ଼ିଯାଇଥିଲା। ଏହି ଘଟଣା

# ୨୦୨୩ ସୁଦ୍ଧା ଅନୁଗୋଳ ହେବ ସର୍ବଶ୍ରେଷ୍ଠ ଜିଲ୍ଲା: ଜିଲ୍ଲାପାଳ

**ଅନୁଗୋଳ, ୨୩।୯ (ସମିସ) :** ଆସନ୍ତା ୨୦୨୩ରେ ଅନୁଗୋଳ ସ୍ୱତନ୍ତ୍ର ଜିଲ୍ଲା ଭାବେ ମାନ୍ୟତା ପାଇବାର ୩୦ବର୍ଷରେ ପଦାର୍ପଣ କରିବ। ତେଣୁ ୩୦ବର୍ଷ ଅବସରରେ ଜିଲ୍ଲାକୁ ସାରା ରାଜ୍ୟରେ ଶ୍ରେଷ୍ଠ ଜିଲ୍ଲା ଭାବେ ଗଢି ତୋଳିବାକୁ ଅନୁଗୋଳ ଜିଲ୍ଲାପାଳ 'ଭିଜନ-୨୩' ପ୍ରସ୍ତୁତ କରିଛନ୍ତି। କୋଟି କୋଟି ଟଙ୍କା ବ୍ୟୟରେ ୧୪ଟି ପ୍ରକଳ୍ପ ହାତକୁ ନେଇଛନ୍ତି। ସେଗୁଡ଼ିକ ମଧ୍ୟରେ ଅନୁଗୋଳଠାରେ ବିଶ୍ୱସ୍ତରୀୟ ପାଠାଗାର ଏବଂ ଅଡିଟୋରିଅମ, ହେଲଥ କରିଡର, ବୃହତ୍ ଥଇଥାନ କେନ୍ଦ୍ର, ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ସେଣ୍ଟର, ତାଳଚେରଠାରେ ଅତ୍ୟାଧୁନିକ କୋଇଲା ସଂଗ୍ରହାଳୟ, ପ୍ଲାଷ୍ଟିକ ଟ୍ରିଟମେଣ୍ଟ ପ୍ଲାଣ୍ଟ, ରାଣୀପାର୍କର ଆଧୁନିକୀକରଣ, ବିଭିନ୍ନ ହାଇସ୍କୁଲ ଗୁଡିକର ଆଧୁନିକୀକରଣ ଏବଂ କୃଷକଙ୍କ ପାଇଁ ବିଭିନ୍ନ ଲାଭଦାୟକ ଯୋଜନା ଆଦି ହାତକୁ ନିଆଯାଇଛି। ଜିଲ୍ଲାରେ ମିଲେଟ୍ ମିଶନ ଦ୍ରୁତଗତିରେ ଚାଲିଛି। ଏହାଛଡା ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସଫଳତାର ସହ କାର୍ଯ୍ୟକାରୀ ହେଉଛି। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ କୌଣସି ଆର୍ଥିକ କଟକଣା ନାହିଁ। ଯେତେ ଅର୍ଥ ଆବଶ୍ୟକ ଯୋଗାଇ ଦିଆଯିବ। ଆସନ୍ତା ୨୦୨୩ ସୁଦ୍ଧା ସବୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବ। ସେତେବେଳେ ଅନୁଗୋଳ ନିଶ୍ଚିତ ଭାବେ ସାରା ରାଜ୍ୟରେ ଏକ ସୁସ୍ଥ, ସୁନ୍ଦର ଏବଂ ଉନ୍ନତ ଜିଲ୍ଲା ଭାବେ ପରିଚୟ ପାଇ ପାରିବ। ଏ ନେଇ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ଆଲୋଚନା କରିଛନ୍ତି ଆମ ଅନୁଗୋଳ ଜିଲ୍ଲା ପ୍ରତିନିଧି ସଂଗ୍ରାମ ରଞ୍ଜନ ଦାସ।

## 'ଭିଜନ-୨୩'କୁ ନେଇ କ'ଣ କୁହନ୍ତି ଜିଲ୍ଲାପାଳ

**ପ୍ରଶ୍ନ : 'ଭିଜନ-୨୩'ରେ କଣ ସବୁରହିଛି ?**

**ଜିଲ୍ଲାପାଳ :** ଆସନ୍ତା ୨୦୨୩ରେ ଅନୁଗୋଳ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇବାର ୩୦ ବର୍ଷରେ ପଦାର୍ପଣ କରିବ। ତେଣୁ କିଭଳି ଅନୁଗୋଳ ଜିଲ୍ଲା ସାରା ରାଜ୍ୟରେ ଏକ ଉନ୍ନତ ଏବଂ ଆଗଧାଡ଼ିର ଜିଲ୍ଲା ଭାବେ ପରିଗଣିତ ହୋଇ ପାରିବ ସେଥିପାଇଁ ପ୍ରଥମେ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। କାରଣ ବିନା ଭିଜନରେ ସଫଳତା ପାଇବା ସମ୍ଭବ ନୁହେଁ। ସମ୍ପୂର୍ଣ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଜୀବିକା, କ୍ରୀଡ଼ା, ଜଳସେଚନ ଓ କୃଷି ଆଦି କ୍ଷେତ୍ରରେ ଉନ୍ନତି ପାଇଁ ୧୪ଟି ପ୍ରକଳ୍ପ ହାତକୁ ନିଆ ଯାଇଛି। ଏଥିପାଇଁ ରାଜ୍ୟ ସରକାର କିଛି ଅର୍ଥ ଯୋଗାଇ ଦେଉଥିବା ବେଳେ ଜିଲ୍ଲା ଖଣିଜ ପାଣ୍ଠିରୁ ମଧ୍ୟ ଅର୍ଥ ବିନିଯୋଗ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ କିଛି ପ୍ରକଳ୍ପ ଶେଷ ହେବା ପରେ ଆହୁରି ଅନେକ ପ୍ରକଳ୍ପ ଆଗାମୀ ଦିନରେ ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସବୁ ପ୍ରକଳ୍ପ ଶେଷ ହେବା ପରେ ନିଶ୍ଚିତ ଭାବେ ଅନୁଗୁଳ ଜିଲ୍ଲା ଏକ ନମ୍ବର ଜିଲା ଭାବେ ପରି ଗଣିତ ହେବ।



**ପ୍ରଶ୍ନ : ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଆପଣ କିଭଳି କାର୍ଯ୍ୟକାରୀ କରୁଛନ୍ତି?**

ଜିଲ୍ଲାପାଳ : ଦୁଇବର୍ଷ ହେଲା କରୋନା ମହାମାରୀ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅନେକ ଲୋକ ଜୀବିକା ହରାଇଛନ୍ତି। ତେଣୁ ଗାଁ ଗାଁରେ ପାର୍କ, ଫାର୍ମପଣ୍ଡ, ରାସ୍ତା, ପୋଖରୀ ଖନନ, ୱାଟର ସେଡ୍ ଆଦି କାମ ହାତକୁ ନିଆଯାଇଛି। ଯାହାଫଳରେ ଲୋକେ ପର୍ଯ୍ୟାପ୍ତ କାମ ପାଇପାରୁଛନ୍ତି। କରୋନା ମହାମାରୀରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପିଲାମାନଙ୍କ ପାଇଁ ସରକାରଙ୍କ ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଗ୍ରାମ୍ୟ ଜଳଯୋଗାଣ ଯୋଜନାରେ ବିଭିନ୍ନ ସ୍ଥାନରେ ମେଗାଜଳ ପ୍ରକଳ୍ପ ଦ୍ୱାରା ଗାଁ ଗାଁରେ ପାନୀୟଜଳ ଯୋଗାଣ ଚାଲିଛି। କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ଯାହା ସବୁ କରୁଛନ୍ତି ସେସବୁର ଲାଭ କିଭଳି କୃଷକମାନେ ଉଠାଇ ପାରିବେ ସେଥିପାଇଁ ପଦକ୍ଷେପ ନିଆଯାଉଛି।

**ପ୍ରଶ୍ନ : ଆପଣ ଜିଲ୍ଲାପାଳ ଭାବେ ଦାୟିତ୍ୱ ନେବା ସମୟରେ କରୋନା ମହାମାରୀ ଆପଣଙ୍କ ଆଗରେ ଏକ ଚାଲେଞ୍ଜ ଥିଲା। କିଭଳି ଏହାର ମୁକାବିଲା କରିଥିଲେ ?**

**ଜିଲ୍ଲାପାଳ :** କରୋନା ମୋ ପାଇଁ ନିଶ୍ଚିତ ଭାବେ ଏକ ଚାଲେଞ୍ଜ ଥିଲା; କିନ୍ତୁ ସମସ୍ତ ବିଭାଗର ସହଯୋଗରେ ତାକୁ ସଫଳତାର ସହ ମୁକାବିଲା କରିପାରିଛୁ। ଜିଲ୍ଲାରେ ଦୁଇ ଦୁଇଟି କୋଭିଡ୍ ହସ୍ପିଟାଲ କରାଯାଇଥିଲା। ବିଭିନ୍ନ ସ୍ଥାନରେ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଥିଲା। ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନଠାରୁ ଆରମ୍ଭ କରି ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ରଖାଯାଇଥିଲା। ଆଗକୁ ମଧ୍ୟ ଏଦିଗରେ ସଜାଗ ରହିଛୁ।

**ପ୍ରଶ୍ନ : ହାତକୁ ନିଆଯାଇଥିବା ପ୍ରକଳ୍ପ ମଧ୍ୟରେ କ'ଣ କ'ଣ ପ୍ରମୁଖ ରହିଛି ?**

**ଜିଲ୍ଲାପାଳ :** ଜିଲ୍ଲାରେ ବିଶ୍ୱସ୍ତରୀୟ ପାଠାଗାର ଓ ଅଡିଟୋରିୟମ, କୋଲ୍ ମିଉଜିଅମ, ଅନୁଗୋଳ ଓ ତାଳଚେରରେ ହେଲଥ୍ କରିଡର, ଅତ୍ୟାଧୁନିକ ଥଇଥାନ ସେଣ୍ଟର, ସମସ୍ତ ହାଇସ୍କୁଲ ଗୁଡିକର ଆଧୁନିକୀକରଣ, ଜିଲ୍ଲାରେ କୃଷକଙ୍କ ପାଇଁ ଏଗ୍ରୀକଲଚର କ୍ଲଷ୍ଟର, ତାଳଚେର ରାଣୀପାର୍କର ଉନ୍ନତୀକରଣ, ଜିଲ୍ଲାରେ ମିଲେଟ୍ ମିଶନ କାର୍ଯ୍ୟକାରୀ, ତାଳଚେରଠାରେ ପ୍ଲାଷ୍ଟିକ ଟ୍ରିଟମେଣ୍ଟ ପ୍ଲାଣ୍ଟ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଆସିୟୁ ଏବଂ ଟ୍ରମା କେୟାର ସେଣ୍ଟର ସମେତ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ■ ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସର ଦ୍ୱିବାର୍ଷିକ ବୈଠକ




**ତାଳଚେର ସଦର, ୨୩।୯ (ସମିସ) :** ତାଳଚେର ଇଷ୍ଟକୋଷ୍ଟ ରେଳପଥ ଶ୍ରମିକ କଂଗ୍ରେସ ତାଳଚେର ଶାଖାର ନବମ ଦ୍ୱିବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ତାଳଚେର ଶାଖାର ଇନଚାର୍ଜ ଭି.ଏସ୍ ପ୍ରସାଦ ଯୋଗଦେଇଥିଲେ। ବୈଠକଟି ଏସ୍‌କେ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଶାଖାର ସମ୍ପାଦକ ସୌଭାଗ୍ୟ ପରିଡ଼ା ଦୁଇବର୍ଷ କାର୍ଯ୍ୟକାଳର ସମସ୍ତ ବିବରଣୀ ଦେଇଥିଲେ। ପୁରୁଣା କମିଟି ଭଙ୍ଗାଯାଇ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ରୂପେ କମଳଲୋଚନ ପରିଡ଼ା, କାର୍ଯ୍ୟକାରୀ ସଭାପତି ଏସ୍‌କେ ଦାସ ଓ ପୁନର୍ବାର ସମ୍ପାଦକ ଭାବେ ସୌଭାଗ୍ୟ ପରିଡ଼ା ନିର୍ବାଚିତ ହୋଇଥିଲେ। ସମସ୍ତ କର୍ମଚାରୀଙ୍କ ନୂତନ କ୍ୱାର୍ଟର ନିର୍ମାଣ, ପାନୀୟଜଳ ସୁବିଧା, ଠିକ୍ ସମୟରେ ଓଟିଟିଏ, ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଏବଂ ସୁରକ୍ଷା ବ୍ୟବସ୍ଥା ଆଦି ଅନେକ ଗୁଡିଏ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ପରିଶେଷରେ ଶାଖା ସମ୍ପାଦକ ଶ୍ରୀ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ■ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**କଣିହାଁ/ରେଙ୍ଗାଲି, ୨୩।୯ (ସମିସ) :** କଣିହାଁ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ଗ୍ରାମରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ଗୁରୁବାର ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ମୁକେଶ ପାଲ ଯୋଗଦେଇ ବଜ୍ରକୋଟ ଗ୍ରାମରେ ମହିମା ଆଶ୍ରମ ଗୃହ, ମହାଲକ୍ଷ୍ମୀ କ୍ଲବ୍ ଗୃହର ଉଦ୍‌ଘାଟନ, ଜନତା ଉଚ୍ଚବିଦ୍ୟାଳୟ, ବଜ୍ରକୋଟରେ ମୋସ୍କୁଲ ଅଭିଯାନରେ ଭିତ୍ତିପ୍ରସ୍ତର ସ୍ଥାପନ, ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ବିଧାୟକ ଆଞ୍ଚଳିକ ପାଣ୍ଠିରୁ ମାସ୍କ ବଣ୍ଟନ କରାଯାଇଥିଲା। ପରେ ବିଧାୟକ ଗୁଣ୍ଡୁରୀ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ଯୁବ ସଭାପତି ଗଗନ ରାଉତ, ସରପଞ୍ଚ ଦେବରାଜ ଦାସ, ଝସକେତନ ପ୍ରଧାନ, ରଶ୍ମିତା ସେଠୀ, ସମିତି ସଭ୍ୟ କୃପାସିନ୍ଧୁ ସାହୁ, ୮ ନଂ ଜୋନ୍ ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ମହାନ୍ତି, ଜିତେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ସାହୁ, କରୁଣା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ■ ଟିଟିପିଏସ୍‌ରୁ ଯନ୍ତ୍ରାଂଶ ସ୍ଥାନାନ୍ତର ବନ୍ଦକରିବା ଦାବି

**ଅନୁଗୋଳ, ୨୩।୯ (ସମିସ) :** ତାଳଚେର ଟିଟିପିଏସ୍ ପ୍ଲାଣ୍ଟରୁ ପୁରୁଣା ଯନ୍ତ୍ରାଂଶ ସ୍ଥାନାନ୍ତରକୁ ବିଜେଡି ପକ୍ଷରୁ ବିରୋଧ କରାଯାଇଛି। ବ୍ଲକ ବିଜେଡି ସଭାପତି ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ସିଦ୍ଧାର୍ଥଶଙ୍କର ସ୍ୱାଇଁଙ୍କୁ ଭେଟି ଯନ୍ତ୍ରାଂଶ ସ୍ଥାନାନ୍ତର ବନ୍ଦ କରିବା ପାଇଁ ଦାବିପତ୍ର ଦେଇଛନ୍ତି। ତୁରନ୍ତ ଏନ୍‌ଟିପିସି ଅଧିକାରୀ ଓ ରାଜ୍ୟ ଶକ୍ତିମନ୍ତ୍ରୀଙ୍କ ବୈଠକ ଡାକି ନୂତନ ଥର୍ମାଲ ପ୍ଲାଣ୍ଟ ନିର୍ମାଣ କେବେ ଆରମ୍ଭ ହେବ ସେ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଜିଲ୍ଲାପାଳଙ୍କଠାରେ ଦଳ ପକ୍ଷରୁ ଦାବିକରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଖୁଲଣା ପରିଡ଼ା, ବନ୍ତୋଲ ସରପଞ୍ଚ ଅବନୀ କାନ୍ତ ଦେହୁରୀ, ସମରେନ୍ଦ୍ର ସାହୁ, ଅଙ୍କିତ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଗତକାଲି ଥର୍ମାଲ ପ୍ଲାଣ୍ଟର କିଛି ପୁରୁଣା ଯନ୍ତ୍ରାଂଶ ସ୍ଥାନାନ୍ତରିତ ହେଉଥିବା ଖବର ପାଇବା ପରେ ବିଜେଡିର ଏକ ପ୍ରତିନିଧି ଦଳ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିବା ସହିତ ଏନ୍‌ଟିପିସି ଥର୍ମାଲ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ।

## ■ ଯୁବକଙ୍କୁ ଆକ୍ରମଣ; ୨ ଗିରଫ

**ବଇଣ୍ଡା, ୨୩।୯ (ସମିସ) :** କିଶୋରନଗର ବ୍ଲକ ହଣ୍ଡପା ଥାନା ଅସୃବାହଳ ଗ୍ରାମର ନନ୍ଦ ପ୍ରଧାନଙ୍କୁ ସେହି ଗ୍ରାମର ପଲଉ ପ୍ରଧାନ ଓ ତାଙ୍କ ପୁଅ ମାମୁଲା ପ୍ରଧାନ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗକୁ ଭିତ୍ତିକରି ଗୁରୁବାର ଉଭୟ ବାପାପୁଅଙ୍କୁ ବଇଣ୍ଡା ପୁଲିସ ଗିରଫକରି ଆଠମଲ୍ଲିକ କୋର୍ଟକୁ ଚାଲାଣ କରିଛି। ପୁଲିସ କହିଛି ଯେ, ନନ୍ଦ ଓ ପଲଉଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ଏହି ଘଟଣାକୁ କେନ୍ଦ୍ରକରି ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

## ■ ବିପଦପୂର୍ଣ୍ଣ ମୁକୁଳା ଟ୍ରାନ୍ସଫର୍ମର



**ବନ୍ତଳା, ୨୩।୯ (ସମିସ) :** ବନ୍ତଳାଥାନା ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତ ମଧୁପୁର ଗ୍ରାମରେ ମୁକୁଳା ଟ୍ରାନ୍ସଫର୍ମର ଜନସାଧାରଣଙ୍କ ପ୍ରତି ବିପଦ ସୃଷ୍ଟିକରୁଛି। ଗ୍ରାମର ଗୋଷ୍ଠୀକେନ୍ଦ୍ର ପାର୍ଶ୍ୱକୁ ଲାଗିରହିଛି ଏହି ଟ୍ରାନ୍ସଫର୍ମର। ତାପାର୍ଶ୍ୱରେ ଅଛି ଏକ ନଳକୂପ। ଯେଉଁଥିରୁ ଗ୍ରାମବାସୀ ପ୍ରତିଦିନ ପାନୀୟଜଳ ନେଇଥାନ୍ତି। ଫଳରେ ମୁକୁଳା ଟ୍ରାନ୍ସଫର୍ମର ଯୋଗୁଁ ଦୁର୍ଘଟଣାର ଆଶଙ୍କା ରହୁଛି। ଏନେଇ ଗ୍ରାମର କିଛି ଯୁବକ ଅଭିଯୋଗ କଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଶୁଣୁନାହିଁ। ତେଣୁ ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

■ ନିଶା ମାଫିଆ ସକ୍ରିୟ

## ତାଳଚେରରେ ବୃଦ୍ଧିପାଉଛି ବ୍ରାଉନସୁଗର ବେପାର



**ତାଳଚେର ସଦର, ୨୩।୯ (ସମିସ) :** ତାଳଚେରରେ ବ୍ରାଉନ୍‌ସୁଗର ମାଫିଆଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ତାଳଚେର ପୁଲିସ ପ୍ରଶାସନ ଓ ଅବକାରୀ ବିଭାଗ ନିଷ୍କ୍ରିୟତା ଯୋଗୁଁ ଏହି ଧଳା ଜହର ଯୁବପିଢ଼ିଙ୍କୁ କବଳିତ କରିବାରେ ଲାଗିଛି।

ଏ ସମ୍ପର୍କରେ ପୁଲିସ ଓ ଅବକାରୀ ବାବୁଙ୍କୁ ଅନେକ ସମୟରେ ଅବଗତ କରାଯାଉଛି; ମାତ୍ର ପ୍ରଶାସନ କାହିଁକି ପଦକ୍ଷେପ ହେଉନାହିଁ ତାହା ଅନେକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟିକରୁଛି। ବାହାର ରାଜ୍ୟରୁ ଅନେକ ନିଶା ମାଫିଆ ତାଳଚେର ସହରକୁ ଆସି ଯୁବପିଢ଼ିଙ୍କୁ ବ୍ରାଉନ୍‌ସୁଗର ବିକ୍ରି କରୁଛନ୍ତି। ଏହାକୁ ସେବନକରି ଯୁବକମାନେ ବିଭିନ୍ନ ଅସାମାଜିକ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ସହରର ପୋଖରୀ ହୁଡା, ଖେଳପଡ଼ିଆ, ନଦୀଖଣ୍ଡି, ନିଛାଟିଆ ଅଞ୍ଚଳରେ ଏହି ବେପାର ଚାଲୁଥିବା ଅଭିଯୋଗ ହୋଉଛି। ଏଣୁ ତୁରନ୍ତ ଜିଲ୍ଲା ପୁଲିସ ଓ ଅବକାରୀ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦବିହେଉଛି।

## ଦୁଇ ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା, ୨୩।୯ (ସମିସ) :** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତାଳବାହାଲି ଗ୍ରାମରେ ବୁଧବାର ରାତିରେ ଚଢଉକରି ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦୁଇଜଣ ହେଲେ ରସାନନ୍ଦ ପ୍ରଧାନ ଓ ବିଡିଶିଙ୍ଗୀ ବାସୁ ଗ୍ରାମର ରବୀନ୍ଦ୍ର ସାହୁ। ସେମାନେ ୨୦୦୭ ମସିହାରେ ଏକ ଗଞ୍ଜେଇ ମାମଲାରେ ସମ୍ପୃକ୍ତ ଥିବାବେଳେ କୋର୍ଟରେ ହାଜର ନ ହୋଇ ଦୀର୍ଘଦିନ ହେବ ଫେରାର ଥିଲେ।

## ବଟି ନ ଦେବାରୁ ହଣାଖାଇଲେ ଡ୍ରାଇଭର

**ତାଳଚେର ସଦର, ୨୩।୯ (ସମିସ) :** ତାଳଚେର୍ ଗୋଡିବନ୍ଧ-ଏନ୍‌ଟିପିସି ରାସ୍ତାରେ ହଜାରେ ଟଙ୍କା ପାଇଁ ଡ୍ରାଇଭରଙ୍କୁ ହାଣିଲେ ଦୁର୍ବୃତ୍ତ। ମଙ୍ଗଳବାର ରାତିରେ ଏନ୍‌ଟିପିସି ଟାଉନ ଥାନା ଅଧୀନ କାଣ୍ଡସର ଜାତୀୟ ରାଜପଥ ରାସ୍ତାକଡ଼ରେ କୋଇଲା ଗାଡ଼ି ଡ୍ରାଇଭର ମୁନା ସାହୁ(୪୦)ଙ୍କୁ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ହଜାରେ ଟଙ୍କା ମାଗିଥିଲେ। ତେବେ ତାଙ୍କ ପାଖରେ ଏତେ ଟଙ୍କା ନାହିଁ ବୋଲି କହିବାରୁ ଦୁର୍ବୃତ୍ତମାନେ ଭୁଜାଲିରେ ତାଙ୍କ ମଥାକୁ ଏକ ଚୋଟ ଏବଂ ହାତକୁ ହାଣି ଫେରାର ହୋଇଯାଇଥିଲେ। ଏ ନେଇ ପୁଲିସ ପାଖରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ବେଳେ ଗାଡ଼ି ମାଲିକ ଘଟଣା ସମ୍ପର୍କରେ ପୁଲିସକୁ ଜଣାଇଥିଲେ। ପୁଲିସ ପୁରୁଣା ମାମଲାରେ ଜଡ଼ିତ ଜଣେ ଅଭିଯୁକ୍ତଙ୍କୁ ଉଠାଇନେଇ ଘଟଣାର ଛାନଭିନ୍ ଚଳାଇଛି। ଡ୍ରାଇଭର ମୁନାଙ୍କ ଘର ବଅଁରପାଳ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଗୁରୁତର ମୁନାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

## ବିଦ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ

**ବଇଣ୍ଡା, ୨୩।୯ (ସମିସ) :** କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ପାଇଁ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଗୁରୁବାର କିଶୋରନଗର ତହସିଲ କାର୍ଯ୍ୟାଳୟ ପକ୍ଷରୁ ବଇଣ୍ଡାର ୩ଟି ସ୍ଥାନରେ ଜମି ଚିହ୍ନଟ କରାଯାଇଛି। କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ସରକାରୀ ଜମି, ଏମିସ୍କୁଲର ଜମି, ରାମଦେଓ ଉଚ୍ଚବିଦ୍ୟାଳୟଠାରେ ଜମିଗୁଡିକ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ଉପସ୍ଥିତରେ ଚିହ୍ନଟ କରାଯାଇଥିଲା। ପରେ ଗ୍ରାମବାସୀ, ଅଭିଭାବକ, ପ୍ରାଶାସନିକ ଅଧିକାରୀଙ୍କୁ ନେଇ ଏକ ବୈଠକ ହାଇସ୍କୁଲ ନିକଟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକିର ସାହୁ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସିପକ ଦାସ, କନିଷ୍ଠଯନ୍ତ୍ରୀ ପଙ୍କଜ ଖିଲାର, ବ୍ଲକ ଅତିରିକ୍ତ ତହସିଲଦାର ନରୋତ୍ତମ ସାହୁ, ପ୍ରଧାନ ଶିକ୍ଷକ ଅକ୍ଷୟ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇଥିଲେ।

## ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

**ତାଳଚେର ସଦର, ୨୩।୯ (ସମିସ) :** ତାଳଚେର ବ୍ଲକ ଅନ୍ତର୍ଗତ ଗୁରୁଜାଙ୍ଗୁଲି ପଞ୍ଚାୟତ ପଡ଼ିଆଭଙ୍ଗା ଗ୍ରାମର କଂକ୍ରିଟ ରାସ୍ତା ନିର୍ମାଣ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ମଝିରେ ମଝିରେ ରାସ୍ତା ଦବିଯାଇ ପାଣି ଜମିରହୁଛି। ରାସ୍ତା ଦୁଇ ଦୁଇ ଥର ମରାମତି ହେବା ସତ୍ତ୍ୱେ ଡ୍ରେନ୍‌ରୁ ଜଳ ନିଷ୍କାସନ ହେଇପାରୁନି। ଫଳରେ ଲୋକଙ୍କ ଘରେ ନର୍ଦ୍ଦମା ପାଣି ପଶୁଛି। ରାସ୍ତା ନିର୍ମାଣର ଫଳକକୁ ଭାଙ୍ଗି ତାହା ଉପରେ ପ୍ଲାଇ ଘୋଡେଇବାର ଦୃଶ୍ୟ ଦେଖିବାକୁ ମିଳିଛି। ଏହି କାର୍ଯ୍ୟଟି ନିମ୍ନମାନର ହୋଇଥିବରୁ ଏହି ଫଳକକୁ କାହିଁକି ଭଙ୍ଗାଗଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏ ନେଇ ଅଞ୍ଚଳ ବାସିନ୍ଦା ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଏହାପ୍ରତି କର୍ଣ୍ଣପାତ କରାଯାଉନି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଦୁଇ ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା, ୨୩।୯ (ସମିସ) :** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତାଳବାହାଲି ଗ୍ରାମରେ ବୁଧବାର ରାତିରେ ଚଢଉକରି ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦୁଇଜଣ ହେଲେ ରସାନନ୍ଦ ପ୍ରଧାନ ଓ ବିଡିଶିଙ୍ଗୀ ବାସୁ ଗ୍ରାମର ରବୀନ୍ଦ୍ର ସାହୁ। ସେମାନେ ୨୦୦୭ ମସିହାରେ ଏକ ଗଞ୍ଜେଇ ମାମଲାରେ ସମ୍ପୃକ୍ତ ଥିବାବେଳେ କୋର୍ଟରେ ହାଜର ନ ହୋଇ ଦୀର୍ଘଦିନ ହେବ ଫେରାର ଥିଲେ।

## ଟିକାକେନ୍ଦ୍ରରେ ଅନିୟମିତତା ଅଭିଯୋଗ



**ତାଳଚେର ସଦର, ୨୩।୯ (ସମିସ) :** ତାଳଚେର୍ ବ୍ଲକ ଅନ୍ତର୍ଗତ ଗୁରୁଜାଙ୍ଗୁଲି ପଞ୍ଚାୟତର ପଡ଼ିଆଭଙ୍ଗା ଉଚ୍ଚ ବିଦ୍ୟାଳୟରେ କୋରନା ଟିକାରେ ଅନିୟମିତତା ଅଭିଯୋଗ ଆଣିଛନ୍ତି ପଞ୍ଚାୟତବାସୀ। ପଡ଼ିଆଭଙ୍ଗା ସ୍କୁଲ୍‌କୁ ୫୫୦ଟି ଟିକା ଆସିଥିବା ବେଳେ ନିଜ ପଞ୍ଚାୟତର ଲୋକଙ୍କୁ ଟିକା ନ ଦେଇ ବାହାରୁ ଲୋକ ଟିକା ଦିଆଯାଉଛି। ଯାହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା। ପଞ୍ଚାୟତ ବାସିନ୍ଦା ରାତି ଦୁଇଟାରୁ ଧାଡ଼ିରେ ଠିଆହେଉଥିଲେ ଟିକାକରଣରୁ ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ସରପଞ୍ଚଙ୍କ କିଛି ଲୋକ ବାହାର ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କୁ ଆଣି ଆଗ ଟିକା ନେଉଥିବା ପଞ୍ଚାୟତ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ଟିକାକେନ୍ଦ୍ରରେ ଆଜି ଗ୍ରାମବାସୀ ଓ ସରପଞ୍ଚ ମଧ୍ୟରେ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ସେହିପରି ଟିକାକେନ୍ଦ୍ରରେ ଟିକା ନେବାବାପରେ ବିଶ୍ରାମ କରିବାର କୌଣସି ବ୍ୟବସ୍ଥା ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅନିୟମିତତା ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ପଞ୍ଚାୟତ ବାସିନ୍ଦା ଦାବି କରିଛନ୍ତି।

## ଶୁଭଶ୍ରୀଙ୍କୁ ବିଜେଡି ତରଫରୁ ସମ୍ବର୍ଦ୍ଧନା



ଆଠମଲ୍ଲିକ, ୨୩।୯ (ସମିସ) : ଆଠମଲ୍ଲିକ ଉପଖଣ୍ଡ କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମର ଜୁଡିସିଆଲ ମାଜିଷ୍ଟ୍ରେଟ୍ ରଞ୍ଜନ ପ୍ରଧାନ ଓ ବିଶ୍ୱରଞ୍ଜିତା ସାହୁଙ୍କ ଝିଅ ଭାଗ୍ୟଶ୍ରୀଙ୍କୁ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଅଗଷ୍ଟ ୨୮ ତାରିଖରେ ଇଣ୍ଡିଆ ଅଫ୍ ବୁକ୍ ଅନ୍‌ଲାଇନ୍ ପରୀକ୍ଷାରେ ରେକର୍ଡକରି ଗୋଲଡ୍ ମେଡାଲ ପାଇଛନ୍ତି। ଭାଗ୍ୟଶ୍ରୀଙ୍କୁ କିଶୋରନଗର ଯୁବ ବିଜେଡି ସଭାପତି ଅରୁଣ ସାହୁଙ୍କ ନେତୃତ୍ୱରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଳ୍ପତରୁ ସାହୁ, ପ୍ରଶାନ୍ତ ସାହୁ, ହିମାଂଶୁ ପ୍ରଧାନ, ଅମର ନାଥ ଦେହୁରୀ, ଭୁବନେଶ୍ୱର ପ୍ରଧାନ, ଲଳିତ ସାହୁ, ଅମୁଲ୍ୟ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ଅଫିସ ସମ୍ମୁଖରେ ବିଜେପିର ବିକ୍ଷୋଭ

**ଛେଣ୍ଡିପଦା, ୨୩।୯ (ସମିସ) :** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ କଣଲୋଇ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଛେଣ୍ଡିପଦା ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ନାଏକଙ୍କ ନେତୃତ୍ୱରେ ବିଜେପି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚଳିତ ଲଗାଣ ବର୍ଷାରେ ଗ୍ରାମର ଅନେକ ପରିବାର ଜଳ ବନ୍ଦୀ ଥିବା ବେଳେ ଗ୍ରାମରେ ବର୍ଷା ଜଳ ନିଷ୍କାସନ ସମସ୍ୟା, ପଞ୍ଚାୟତରରେ ଥିବା କଣଲୋଇ, ମାରୁଢିପ ଗ୍ରାମରେ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବଞ୍ଚିତ କରିବା, ମଧୁବାବୁ ପେନସନ୍ ଯୋଜନାରେ ଯୋଗ୍ୟ ଲୋକଙ୍କୁ ଜାଣିଶୁଣି ସାମିଲ ନ କରିବାକୁ ବିରୋଧକରି ବିକ୍ଷୋଭ ପ୍ରର୍ଶନ କରିଥିଲେ। କଣଲୋଇ ପଞ୍ଚାୟତର ଆବାସ ଯୋଜନାରେ ଘର ପାଇବାକୁ ଥିବା ପ୍ରାୟ ୨ଶହ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବା ସହ ଅନୁଗୋଳ ଜିଲ୍ଲାପାଳଙ୍କୁ ଭେଟି ଏହି ତାଲିକା ପ୍ରଦାନ କରାଯିବ ବୋଲି ଗୋବିନ୍ଦ ନାଏକ ପ୍ରକାଶ କରିଛନ୍ତି। ବିକ୍ଷୋଭରେ ସନ୍ତୋଷ ନାଏକ, ଧୀରେନ୍ଦ୍ର ମହାପାତ୍ର, ବିମଳ ରାଉଳ, ଜୀବନାନନ୍ଦ ମାଝୀ, ସୁଶାନ୍ତ ସିଂ ସାମନ୍ତ, କୁମର ମାଝୀ, ପ୍ରିୟବ୍ରତ ମାଝୀ ସାମିଲ ହୋଇଥିଲେ।

ଶୁଣୁଣି ଏମ୍‌ସିଏଲ୍

## ଧୂଳିଧୂଆଁରେ ଅଣନିଃଶ୍ୱାସୀ ଡଅଁରାବାସିନ୍ଦା

**ତାଳଚେର ସଦର, ୨୩।୯ (ସମିସ)**



କୋଇଲା ଖଣିର ଆଁ ଭିତରେ ନିଜର ସବୁ କିଛି ହରାଇ ସାରିବା ପରେ ବାରୁଦଗଦା ଉପରେ ରହି ପାଦେପାଦେ ବିପଦ ଗଣୁଛନ୍ତି ତାଳଚେର ବ୍ଲକ ଡଅଁରା ଗାଁ ହଜାର ହଜାର ବାସିନ୍ଦା। ଅସହ୍ୟ ଧୂଳିଧୂଆଁ ସାଙ୍ଗକୁ କାନଫଟା ଶବ୍ଦ ଏବଂ ପ୍ରଦୂଷିତ ଜଳକୁ ନେଇ ଲୋକମାନେ ଏତେ ଭୟଭୀତ ଯେ, ଗାଁରେ ଆଉ ମୁହୂର୍ତ୍ତଟିଏ ସୁଦ୍ଧା ରହିବାକୁ ଚାହୁନାହାନ୍ତି। ଏଠାରୁ ଗାଁକୁ ଉଠାଇନେଇ ଆଉ କେଉଁ ସ୍ଥାନରେ ଥଇଥାନ କରିବାକୁ ସେମାନେ ପ୍ରଶାସନକୁ ବାରମ୍ବାର ନେହୁରା ହେଉଛନ୍ତି।

ଏପରିକି ଗାଁ ନ ଉଠିଲେ ନିଜ ପରପିଢ଼ିଙ୍କ ଧନଜୀବନର ସୁରକ୍ଷା ଲାଗି ସେମାନେ ଗଣ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେବେ ବୋଲି ପ୍ରଶାସନ ଆଗରେ ବିକଳ ଚିତ୍କାର ବି କରିଛନ୍ତି। ହେଲେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜି ସେମାନଙ୍କ ଯନ୍ତ୍ରଣାକୁ ବଢ଼ାଇ ଚାଲିଛନ୍ତି ସିନା ସମାଧାନ ପାଇଁ ଆଗ୍ରହ ଦେଖାଉନାହାନ୍ତି। ତାଳଚେରରେ ଏମ୍‌ଏଲ୍‌ର କୋଇଲା ଖଣିଗୁଡ଼ିକ ପାଇଁ ଢେର୍ ଦିନ ହେଲା ବିସ୍ଥାପନ ସମସ୍ୟା ସହ ଜୁଝି ହେଉଛନ୍ତି ଡଅଁରାବାସୀ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗାଁର ୮୮ ଭାଗ ଜମିକୁ ଏମସିଏଲ୍ ପକ୍ଷରୁ ଅଧିଗ୍ରହଣ କରାଯାଇଛି। ଗାଁର ୫୧୬ ଏକର ଜମି ଭରତପୁର ଖଣି ପାଇଁ ଓ ୬୫୧ ଏକର ଜମି ବଳରାମ ଖଣି ପାଇଁ ଅଧିଗ୍ରହଣ କରାଯାଇଛି। ଆଉ ବଳକା ରହିଛି କେବଳ ୬୫ ଏକର ଚାଷଜମି ଓ ଗ୍ରାମବାସୀଙ୍କ ପାଖାପାଖି ହଜାରେ ପରିବାରର ଘରଡିହ। ଡଅଁରା ଗାଁ କଡ଼ରେ ଥିବା ଭରତପୁର ଖୋଲାମୁହଁ କୋଇଲା ଖଣି ଓ ବଳରାମ ଖୋଲାମୁହଁ କୋଇଲା ଖଣିରୁ ଏବେ କୋଇଲା ଉତ୍ତୋଳନ କରାଯାଉଛି। ଗାଁ ଛାତିରେ ତିଆରି ହୋଇଛି କୋଲ୍ କରିଡର ରାସ୍ତା। ଦିନକୁ ହଜାର ହଜାର ଟ୍ରକ୍‌ରେ ଚାଲିଛି କୋଇଲା ପରିବହନ। ଏପଟେ ଗାଁର ଅତି ନିକଟରେ କୋଇଲା ଷ୍ଟକ୍‌ୟାର୍ଡ, କୋଲ୍ ୱାସେରି ପ୍ଲାଣ୍ଟ, ଭରତପୁର ୱାର୍କସପ୍, ଏମ୍‌ସିଏଲର ମାଗାଜିନ ହାଉସ୍ ଆଦି ରହିଛି। ଏହା ଗାଁର ପରିବେଶକୁ ପୂରା ବିଗାଡ଼ି ଦେଇଛି। ଖଣି ଖୋଲା ସାଙ୍ଗକୁ ଟ୍ରକ୍‌ରେ କୋଇଲା ପରିବହନ ପାଇଁ ସାଂଘାତିକ ବାୟୁ ପ୍ରଦୂଷଣରେ ଘାଣ୍ଟି ହେଉଛନ୍ତି ଦଶ ହଜାରରୁ ଅଧିକ ଡଅଁରାବାସୀ। ଘରୁ ବାହାରି ଫେରିଲାବେଳକୁ ମୁହଁ ଦେହ କଳା ହୋଇଯାଉଛି। ଧୂଳିର ଆସ୍ତରଣ ଜମିଯାଉଛି। ଏପଟେ ଖଣି, ୱାର୍କସପ ଆଦିରୁ ବାହାରୁଥିବା ଅସନା ପାଣି ପାଇଁ ଜଳ ପ୍ରଦୂଷଣ ସମସ୍ୟା ଜୋର ହେଲାଣି। ଗାଁରେ ଥିବା ପୋଖରୀଗୁଡିକରେ କୋଇଲାଗୁଣ୍ଡର ଆସ୍ତରଣ ଜମୁଥିବାରୁ ଏହି ପାଣି ବ୍ୟବହାର କରି ଲୋକମାନେ ଓ ଗୃହପାଳିତ ପଶୁ ନାନା ରୋଗର ଶିକାର ହେଉଛନ୍ତି। ଖଣି ଖନନ ପାଇଁ ବିସ୍ଫୋରକ ବ୍ୟବହାର କରାଯାଉଥିବା ବେଳେ ଟ୍ରକ୍ ଓ ଟ୍ରେନ୍ ଚଳାଚଳ ପାଇଁ ଶବ୍ଦ ପ୍ରଦୂଷଣ ବି ଭୟଙ୍କର ସ୍ଥିତି ସୃଷ୍ଟିକରିଛି। ଗାଁ କଡ଼ରେ ଏମ୍‌ସିଏଲ୍‌ର ମାଗାଜିନ ହାଉସ ଥିବାରୁ ଏହାକୁ ନେଇ ମଧ୍ୟ ଭୟଭୀତ ଅଛନ୍ତି ଗ୍ରାମବାସୀ।

## ଜିଆର୍‌ଏସ୍‌ଙ୍କ ବଦଳି ନେଇ ରାଜନୀତି

**ଢେଙ୍କାନାଳ, ୨୩।୯ (ସମିସ)** : ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଜିଆରଏସ୍‌ଙ୍କ ବଦଳିକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଗୋଟିଏ ଗୋଷ୍ଠୀ ବଦଳିପାଇଁ ଚେଷ୍ଟା କରିଥିବା ବେଳେ ଅନ୍ୟ ଗୋଟିଏ ଦଳ ତାଙ୍କର ବଦଳି ବାତିଲ୍ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମଧୁସାହୁପାଟଣା ପଞ୍ଚାୟତରେ କାର୍ଯ୍ୟରତ ଜିଆରଏସ୍‌ଙ୍କ ବଦଳି ବାତିଲ କରିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସେ ଜଣେ ସଚ୍ଚୋଟ, କର୍ମଠ ବୋଲି ସଫେଇ ଦେବା ସହିତ ତାଙ୍କୁ କିଛି ମୁଷ୍ଟିମେୟ ଲୋକ ନିଜର ସ୍ୱାର୍ଥ ସାଧନ ହାସଲ ନ କରିପାରିବା ଯୋଗୁଁ ବଦଳି ପାଇଁ ଜିଆରଏସ୍‌ଙ୍କୁ ବଦଳି କରିବାକୁ ଉଦ୍ୟମ ଚଳାଇଛନ୍ତି। ପୂର୍ବରୁ ପଞ୍ଚାୟତରେ କାର୍ଯ୍ୟରତ ଭିଏଲ୍‌ଡବ୍ଲୁଙ୍କୁ ମଧ୍ୟ ବଦଳି କରବାରେ ସକ୍ଷମ ହୋଇଛନ୍ତି। ଏଭଳି କାର୍ଯ୍ୟକୁ ନେଇ ଦୁଇ ଗୋଷ୍ଠୀ ସପକ୍ଷବାଦୀ ଏବଂ ବିପକ୍ଷବାଦୀ ଭାବରେ କାର୍ଯ୍ୟ କରୁଥିବାର ଜଣାପଡ଼ିଛି। ଏହାର ସତ୍ୟାସତ୍ୟ ପରୀକ୍ଷା କରି ଜିଆରଏସ୍‌ଙ୍କ ବଦଳିକୁ ସ୍ଥଗିତ ରଖିବାକୁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଗ୍ରାମର ରମେଶ ରାଜ, ପଙ୍କଜ ସେଠୀ, ମାନସ ରଞ୍ଜନ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।



## ହିତାଧିକାରୀଙ୍କୁ କୁକୁଡ଼ା ଚିଆଁ ବଣ୍ଟନ



**ମହାବୀରୋଡ,୨୩।୯ (ସମିସ):** କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ କଣ୍ଟାପାଳ ପଞ୍ଚାୟତରେ ନାବାର୍ଡ ସହାୟତାରେ ହିତାଧିକାରୀଙ୍କୁ କୁକୁଡା ଚିଆଁ ବଣ୍ଟନ କରାଯାଇଛି। ପ୍ରାୟ ୬୦ଜଣ ହିତାଧିକାରୀଙ୍କୁ ପ୍ରତ୍ୟେକ ହିତାଧିକାରୀଙ୍କୁ ୫ଟି ଲେଖାଏଁ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି। ଏହି ଜୀବିକା ଓ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମରେ ନାବାର୍ଡର ଜିଲ୍ଲା ମୁଖ୍ୟ ଜ୍ଞାନେନ୍ଦ୍ର ରାଉତ, ବିଡିଓ ବୁଲବୁଲ ବେହେରା, ୟୁକୋ ବ୍ୟାଙ୍କର ପରିଚାଳକ ଧବଳେଶ୍ୱର ସେଠୀ, କଣ୍ଟାପାଳ ସରପଞ୍ଚ ଲୋକନାଥ ସେଠୀ, ମିଶନ ଶକ୍ତିର ବିପିସି ବିଭାବରୀ ରାଉତ, ମିଶନ ଶକ୍ତିର ଜିଲ୍ଲା ପ୍ରଭାରୀ ଅଶୋକ ବେହେରା, ବ୍ଲକ ପ୍ରଭାରୀ ବିଭୂତି ଭୂଷଣ ଭୂତିଆ ପ୍ରମୁଖ ଯୋଗଦେଇ ଆଦିବାସୀ ବହୁଳ ଅଞ୍ଚଳରେ କିଭଳି ଗରିବ ଲୋକମାନେ ସ୍ୱାବଲମ୍ବୀ ହୋଇ ପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୪ତାରିଖ ଦିନ ପୁନଶ୍ଚ ୬୦ଜଣ ହିତାଧିକାରୀଙ୍କୁ କୁକୁଡା ଚିଆଁ ବଣ୍ଟନ କରାଯିବ ବୋଲି ମିଶନଶକ୍ତି ପକ୍ଷରୁ ପ୍ରକାଶ ପାଇଛି।

## ଥମୁନି ନାଲ୍‌କୋ ଆଲୁମିନିୟମ ମଜୁଦୁର ସଂଘ ବିବାଦ

**ନାଲ୍‌କୋ ନଗର, ୨୩।୯ (ସମିସ)** : ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ଶ୍ରମିକ ସଂଗଠନ ଆଲୁମିନିୟମ ମଜଦୁର ସଂଘ ଦୁଇ ଗୋଷ୍ଠୀର କ୍ଷମତା ବିବାଦ ଥମିବାର ନା ନେଉନି। ସଂଗଠନର ଶ୍ରମିକ ନେତା ଅବା ମୁଖିଆ ହେବାକୁ ନିଜ ସଂଗଠନ ମଧ୍ୟରେ ଲଢେଇ। କିଏ ହେବ ଶ୍ରମିକ ସଂଗଠନର ନେତା। ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର ଶ୍ରମିକ ୟୁନିୟନ୍‌ରେ ଏଭଳି କ୍ଷମତା ବିବାଦ ଦେଖାଦେଇଛି।

ନାଲକୋ ଦ୍ୱାରା ସ୍ୱୀକୃତ ପ୍ରାପ୍ତ ଆଲୁମିନିୟମ ମଜଦୁର ସଂଘର ଅଫିସ କାର୍ଯ୍ୟକର୍ତ୍ତାଙ୍କ ଗତ ଦେଢବର୍ଷ ହେବ ମିଆଦ ପୂରିଲାଣି। ସଂଗଠନର ନୂତନ କାର୍ଯ୍ୟକର୍ତ୍ତା ଇତିମଧ୍ୟରେ ଚୟନ ହୋଇପାରିନାହିଁ। ସଂଗଠନର ସଭାପତି ସୁବାଷ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ରମେଶଚନ୍ଦ୍ର ବେହେରା ଓ ତାଙ୍କ ସମର୍ଥିତ ଅନ୍ୟାନ୍ୟ ଅଫିସ ବିୟରର କାର୍ଯ୍ୟ ତୁଲାଇ ଆସୁଛନ୍ତି। ତେବେ ଉକ୍ତ କମିଟିର କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟଶୈଳୀରେ କିଛି ସଦସ୍ୟ ଅସନ୍ତୋଷ ପ୍ରକାଶକରି ଭିନ୍ନ ଏକ ଗୋଷ୍ଠୀକରି ନୂତନ କାର୍ଯ୍ୟକର୍ତ୍ତା କମିଟି ଗଠନ କରିଛନ୍ତି। କେନ୍ଦ୍ରୀୟ ଶ୍ରମିକ ସଂଗଠନ ଭାରତୀୟ ମଜଦୁର ସଂଘ ସହ ବନ୍ଧିତରେ ଥିବା ଏହି 'ଆଲୁମିନିୟମ ମଜଦୁର ସଂଘ'ର ନୂତନ କାର୍ଯ୍ୟକର୍ତ୍ତା କମିଟିକୁ ରାଜ୍ୟ ତଥା ଜାତୀୟସ୍ତରୀର ପ୍ରମୁଖ ନେତୃମଣ୍ଡଳୀ ଚଳିତ ମାସରେ ମାନୋନୀତ କରିଥିବା ଜଣାଯାଏ। ସଂଗଠନର ସାଧାରଣ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା କରା ନ ଯାଇ କିଛି ସଦସ୍ୟ ରାଜ୍ୟ ଅବା ଜାତୀୟସ୍ତରୀୟ ନେତୃମଣ୍ଡଳୀକୁ ହାତବାରିସି କରି ନୂତନ କାର୍ଯ୍ୟକର୍ତା କମିଟି ଗଠନ କରିଥିବା ସାଧାରଣ ସମ୍ପାଦକ ରମେଶଚନ୍ଦ୍ର ବେହେରା ପ୍ରତିବାଦ କରିଛନ୍ତି। ସଂଗଠନର କାର୍ଯ୍ୟକର୍ତ୍ତା କମିଟି ଏବଂ ନୂତନ ଭାବେ ଗଠିତ କମିଟି ମଧ୍ୟରେ ବାକ ବିତଣ୍ଡା ପରେ ମାମଲା ଥାନାରେ ପହଞ୍ଚିଥିଲା। ସଂଗଠନ କାର୍ଯ୍ୟାଳୟ ପରିସରକୁ ୪ ଦିନ ପାଇଁ କେହି ନ ଯିବାକୁ ପୁଲିସ ବାରଣ କରିଥିଲା। ପରେ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ଉଭୟ ଗୋଷ୍ଠୀକୁ ପୁଲିସ ଡାକିଥିଲା। ତେବେ ନୂତନ ଗୋଷ୍ଠୀ ଏହି ଆଲୋଚନାରେ ଉପସ୍ଥିତି ରହିଲେ ନାହିଁ। ସଂଗଠନର ପୁରାତନ କାର୍ଯ୍ୟକର୍ତ୍ତାଙ୍କୁ ଅଫିସ ଚଳାଇବାକୁ ଅନୁମତି ମିଳିବା ପରେ ନୂତନ ଗୋଷ୍ଠୀ ସଂଗଠନ କାର୍ଯ୍ୟାଳୟରେ ଏହାକୁ ବିରୋଧ କରିଥିଲେ। ଆଇନ ଶୃଙ୍ଖଳା ଉପୁଜିବା ଆଶଙ୍କାରେ ନାଲ୍‌କୋ ନଗରସ୍ଥ ଆଲୁମିନିୟମ ମଜଦୁର ସଂଘ କାର୍ଯ୍ୟାଳୟ ପରିସରରେ ନାଲ୍‌କୋ ଠିକା ସୁରକ୍ଷା କର୍ମୀ ଏବଂ ପୁଲିସ ମୁତୟନ କରାଯାଇଛି। ପରବର୍ତ୍ତୀ ନିଷ୍ପତ୍ତି ପାଇଁ ଏ ସମ୍ପର୍କରେ ଶ୍ରମ ବିଭାଗ, ନାଲକୋ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିବା ଜଣାପଡ଼ିଛି।



### ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

## ଅକ୍ଟୋବର ୧୯ରୁ ପୂଜା ଆରମ୍ଭ, ୨୯ରେ ବିସର୍ଜନ

**ଢେଙ୍କାନାଳ, ୨୩।୯ (ସମିସ)**



ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ସରୋଜ ସେଠୀଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି କରୋନା ସଂକ୍ରମଣ ଓ ସରକାରଙ୍କ କୋଭିଡ-୧୯ ନିୟମ ଅନୁପାଳନ ଓ ସତର୍କତା ଅବଲମ୍ବନ ପୂର୍ବକ ପୂଜା ବିଧି ମୁତାବକ ପାଳନ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ପୂଜା ପ୍ରତିଷ୍ଠାନଗୁଡିକରେ ମା'ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ଉଚ୍ଚତା ୪ଫୁଟ ମଧ୍ୟରେ ରହିବ। ଅକ୍ଟୋବର ୧୯ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ପୂଜାରେ ସର୍ବାଧିକ ୭ଜଣ ବ୍ୟକ୍ତି ଉପସ୍ଥିତ ରହିପାରିବେ। ସମସ୍ତ କର୍ମକର୍ତ୍ତା ମାସ୍କ ପରିଧାନ, ସାମାଜିକ ଦୂରତା ପାଳନ ସହିତ ବିଶୋଧନ ଓ ପୂଜା ମଣ୍ଡପ ଆଗରେ ବାରିକେଡ ନିର୍ମାଣ ପ୍ରତି ଧ୍ୟାନ ଦେବେ। ପୂଜା ପ୍ରତିଷ୍ଠାନରେ ମାଇକ୍ ଦ୍ୱାରା କୌଣସି ପ୍ରକାର ବାଦ୍ୟ, ସଙ୍ଗୀତ ଗାନ କରାଯିବ ନାହିଁ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ନାହିଁ। ପୂଜା ପ୍ରତିଷ୍ଠାନ ଗୁଡିକରେ ସର୍ବସାଧାରଣଙ୍କ ଦର୍ଶନକୁ ବାରଣ କରାଯାଇଛି। ଆସନ୍ତା ଅକ୍ଟୋବର ୨୯ତାରିଖ ଦିନ ମା'ଲକ୍ଷ୍ମୀଙ୍କର ମୂର୍ତ୍ତି ବିସର୍ଜନ କରାଯିବାକୁ ବୈଠକରେ ସ୍ଥିରହୋଇଛି। ଏହି ଦିନ ପୌରପାଳିକା ପକ୍ଷରୁ ନିର୍ମିତ ଅସ୍ଥାୟୀ ଜଳାଶୟରେ ମା'ଙ୍କ ମୂର୍ତ୍ତି ବିସର୍ଜନ କରାଯିବ। ଏହି ପୂଜା ସମୟରେ ପ୍ରତ୍ୟେକ ପୂଜା ପ୍ରତିଷ୍ଠାନରେ ପୁଲିସ ମୁତୟନ ସହ ଟ୍ରାଫିକ୍ ନିୟନ୍ତ୍ରଣର ବ୍ୟବସ୍ଥା କରାଯିବ। ସହରକୁ ପରିଷ୍କାର, ପରିଚ୍ଛନ୍ନ, ନାଳନର୍ଦ୍ଦମା ସଫା, ଷ୍ଟ୍ରିଟ୍‌ଲାଇଟ୍‌ର ବ୍ୟବସ୍ଥା, ରାସ୍ତାମରାମତି, ବୁଲା ଗୋରୁଗାଇଙ୍କୁ ରାସ୍ତାରୁ ହଟାଯିବାର ବ୍ୟବସ୍ଥା, ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ନିରାଡମ୍ବର ଭାବେ ମା'ଲକ୍ଷ୍ମୀଙ୍କର ପୂଜା ଅନୁଷ୍ଠିତ ହେବାକୁ ଥିବାରୁ ଜନସାଧାରଣଙ୍କଠାରୁ କୌଣସି ପ୍ରକାର ଚାନ୍ଦା ଆଦାୟ କରାଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଢେଙ୍କାନାଳର ଗର୍ବ ଓ ଗୌରବ। ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ଶାନ୍ତି ଶୃଙ୍ଖଳାର ସହିତ ମା'ଙ୍କ ପୂଜା ଅନୁଷ୍ଠାନ ଓ ଭସାଣ ନିମନ୍ତେ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଏହି ବୈଠକରେ ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଭାରପ୍ରାପ୍ତ ସଦର ଉପଜିଲ୍ଲାପାଳ ରବି ନାରାୟଣ ତ୍ରିପାଠୀ, ମିଳିତ ଲକ୍ଷ୍ମୀପୂଜା କମିଟିର ସଭାପତି ବିଶ୍ୱନାଥ ବେହେରା, ସମ୍ପାଦକ ପିତବାସ ସାହୁ, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, ବାଜିରୌଜ ପୂଜା କମିଟିର ସଭାପତି ରାମଚନ୍ଦ୍ର ପାତ୍ର, କାଞ୍ଚନ ବଜାର ପୂଜା କମିଟିର ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ନିର୍ମାଲ୍ୟ ବଜାର ପୂଜା କମିଟିର ସଭାପତି ନବ କିଶୋର ଗୁରୁ, ଜ୍ଞାନଚାନ୍ଦ ମିଶ୍ର, ମୀନା ବଜାର ପୂଜାକମିଟିର ସଭାପତି ରବିନାରାୟଣ ପଟ୍ଟନାୟକଙ୍କ ସମେତ ସମସ୍ତ ପୂଜା ପ୍ରତିଷ୍ଠାନର ସଭାପତି ଓ ସମ୍ପାଦକ, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶଶାଙ୍କ ଶେଖର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ପାଲଲହଡ଼ା,୨୩।୯ (ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଶିମିଳିପାଳ ବଜରଙ୍ଗୀ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସହର ଗୁରୁଜାଙ୍ଗ ଓ ବାରକୋଟିଆ ଦଳ ମଧ୍ୟରେ ହୋଇଥିଲା। ଏଥିରେ ବାରକୋଟିଆ ଦଳ ବିଜେତା ହୋଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ରାଉତ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ପ୍ରଧାନ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ ପୁରସ୍କାର ବାବଦକୁ ୬୦୦୧ ଟଙ୍କା ଓ ରନର୍ସଅପ ଦଳକୁ ୪୦୦୧ ଟଙ୍କା ପ୍ରଦାନ କରାଯାଇଥିଲା। ବଜରଙ୍ଗୀ କ୍ଲବର ଲିକୁନ ପ୍ରଧାନ, କାଳିଆ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କାମାକ୍ଷାନଗର/କଙ୍କଡାହାଡ, ୨୩।୯ (ସମିସ)** : କଙ୍କଡ଼ାହାଡ଼ ଥାନା ତଣ୍ଡିମୁଣ୍ଡା ଛକ ନିକଟରେ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦିପୁର ଗ୍ରାମର ସାରଙ୍ଗଧର ପୃଷ୍ଟି(୬୫)ଘରୁ ଘାସ କାଟିବା ପାଇଁ କହି ଆସିଥିବା ପରିବାର ଲୋକ କହିଛନ୍ତି। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଅଛି। ପୁଲିସ ମୃତଦେହ ଜବତକରି ତଦନ୍ତ ଜାରିରଖିଛି।

## ଯୁବକଙ୍କୁ ଆକ୍ରମଣ; ୨ ଗିରଫ

**ବଇଣ୍ଠା, ୨୩।୯ (ସମିସ)** : କିଶୋରନଗର ବ୍ଲକ ହଣ୍ଡପା ଥାନା ଅସ୍ତବାହଳ ଗ୍ରାମର ନନ୍ଦ ପ୍ରଧାନଙ୍କୁ ସେହି ଗ୍ରାମର ପଲଉ ପ୍ରଧାନ ଓ ତାଙ୍କ ପୁଅ ମାମୁଲା ପ୍ରଧାନ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗକୁ ଭିତ୍ତିକରି ଗୁରୁବାର ଉଭୟ ବାପାପୁଅଙ୍କୁ ବଇଣ୍ଠା ପୁଲିସ ଗିରଫକରି ଆଠମଲ୍ଲିକ କୋର୍ଟକୁ ଚାଲାଣ କରିଛି। ପୁଲିସ କହିଛି ଯେ, ନନ୍ଦ ଓ ପଲଉଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା। ଏହି ଘଟଣାକୁ କେନ୍ଦ୍ରକରି ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

## ପୋଷାକ ବଣ୍ଟନ କାର୍ଯ୍ୟକ୍ରମ

**କାମାକ୍ଷାନଗର, ୨୩।୯ (ସମିସ):** କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ସୋଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୩୭୩ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରବି ନାରାୟଣ ସାହୁ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ସାହୁ, ପ୍ରସନ୍ନ ଭୂତିଆ, ସଞ୍ଜୁଲତା ନାୟକ, ମୋ ସ୍କୁଲ ଅଭିଯାନର ସଦସ୍ୟ ନାରଣ ବେହେରା, ସାରଙ୍ଗଧର ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା, ଶିକ୍ଷକ ଅବତାର ଶତପଥୀ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କ ସ୍କୁଲ ପରିଦର୍ଶନ



**ପରଜଙ୍ଗ, ୨୩।୯ (ସମିସ)** : ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଅତ୍ୟାଧୁନିକ କ୍ଲାସରୁମ ଓ ଅନ୍ୟାନ୍ୟ କାର୍ଯ୍ୟର ତଦାରଖ କରିଛନ୍ତି ବିଧାୟକ ଡା. ନୃସିଂହ ଚରଣ ସାହୁ। ସେ ମହେଶ୍ବର ସୁବାହୁସିଂହ ଉଚ୍ଚବିଦ୍ୟାଳୟ, କଙ୍କଡାସୋଡା ସରକାରୀ ଉଚ୍ଚ ବିଦ୍ୟାଳୟର '୫-ଟି'ସ୍ମାର୍ଟ କ୍ଲାସରୁମ୍ ପରିଦର୍ଶନ କରିଥିଲେ। ଡା. ସାହୁଙ୍କ ସହିତ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସରପଞ୍ଚ ପ୍ରିୟଜିତ୍ ସାମଲ, ଯୁବ ବିଜେଡି ସଭାପତି ସୁବ୍ରତ ଦାସ, କଙ୍କଡ଼ାସୋଡ଼ା ସରପଞ୍ଚ ପବିତ୍ର ସାହୁ, ସୋସିଆଲ ମିଡିଆର ତରଣୀସେନ ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଛାତ୍ରଙ୍କୁ ଟ୍ରାଇସାଇକଲ ଯୋଗାଇବା ଦାବି

**ଢେଙ୍କାନାଳ, ୨୩।୯ (ସମିସ)** : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ବାରୁଆଁ ଗ୍ରାମର ୮ ବର୍ଷର ଦିବ୍ୟାଙ୍ଗ ଛାତ୍ରଙ୍କୁ ସାଇକଲ, ଜୋତା ଏବଂ ପାଠପଢ଼ିବା ପାଇଁ ମୋବାଇଲ ଯୋଗାଇଦେବାକୁ ତାଙ୍କ ମାଆ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି। ଡୁମୁସିଙ୍ଗା ଥାନା ବାରୁଆଁ ଗ୍ରାମର ଅଭିମନ୍ୟୁ ମଲ୍ଲିକଙ୍କ ପୁଅ ଶିବରାମ ମଲ୍ଲିକ ଜଣେ ଦିବ୍ୟାଙ୍ଗ ଛାତ୍ର ଅଟେ। ସେ ୫୦ ଭାଗ ଲୋକୋମିଟ୍‌ର ଡିଜାବିଲିଟି ହୋଇଥିବାବେଳେ ତାଙ୍କର ବାପା ଅଭିମନ୍ୟୁ ମଧ୍ୟ ୮୦ ଭାଗ ଦିବ୍ୟାଙ୍ଗ। ଶିବରାମ ପାଠ ପଢୁଥିବା ବେଳେ ଯାତାୟାତ କରିବା ଏବଂ ମୋବାଇଲ ନ ଥିବାରୁ ପାଠ ପଢ଼ିବା ସମ୍ଭବ ହେଉନାହିଁ। ଏଣୁ ତାର ପାଠପଢ଼ା ନିମନ୍ତେ ଏକ ହ୍ୱିଲ ଚେୟାର, ଜୋତା, ମୋବାଇଲ ଫୋନ ଯୋଗାଇଦେବାକୁ ତାଙ୍କର ମାଆ ଅହଲ୍ୟା ମଲ୍ଲିକ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।



### ଧାର୍ଯ୍ୟ ସମୟରେ ହେଲାନାହିଁ ସାର କାରଖାନା

## ଆରମ୍ଭ ହେବାକୁ ଲାଗିବ ଆହୁରି ୩୬ ମାସ

**ତାଳଚେର ସଦର, ୨୩।୯ (ସମିସ)**

ଠିକ୍ ୩ ବର୍ଷ ପୂର୍ବେ ତାଳଚେର ଆସିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଉ ତାଳଚେର ସାର କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରି, ୩୬ ମାସ ଭିତରେ କାରଖାନା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସାର ଉତ୍ପାଦନ ଆରମ୍ଭ ହେବ ବୋଲି କହିଥିଲେ। ଏହା ଭିତରେ ୩୬ ମାସ ସମ୍ପୂର୍ଣ୍ଣ ହୋଇଛି; ମାତ୍ର ତାଳଚେର ସାର କାରଖାନାରୁ ଉତ୍ପାଦନ ତ ଦୂରର କଥା ୧୦ ପ୍ରତିଶତ କାମ ମଧ୍ୟ ସରି ନ ଥିବା ଜଣାପଡ଼ିଛି। ଆହୁରି ୩୬ ମାସପରେ କାରଖାନା ପ୍ରସ୍ତୁତ ହେବ ଏବଂ ଏଠାରୁ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ତାଳଚେରରେ ଫର୍ଟିଲାଇଜର କର୍ପୋରେସନ ଅଫ୍ ଇଣ୍ଡିଆ(ଏଫ୍‌ସିଆଇ)ର ପୁନଃରୁଦ୍ଧାର ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇ ଟିଏଫ୍‌ଏଲ୍‌କୁ ଦାୟିତ୍ୱ ଦେଇଥିଲେ। ୪ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଯଥା ଗେଲ୍ ଇଣ୍ଡିଆ ଲିମିଟେଡ, କୋଲ୍ ଇଣ୍ଡିଆ ଲିମିଟେଡ, ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ ଫର୍ଟିଲାଇଜର୍ସ ଲିମିଟେଡ ଏବଂ ଫର୍ଟିଲାଇଜର୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ ମିଳିତ ଭାବେ ଏହି ତାଳଚେର ସାର କାରଖାନା ପୁନଃରୁଦ୍ଧାର କାମ କରିବା ୨୦୧୮ ସେପ୍ଟେମ୍ବର ୨୨ରେ ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସି ଶୁଭ ଦେଇଥିଲେ। ସେହି ସମୟରେ ଏହି ସାର କାରଖାନାକୁ ୩ ଭିତରେ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୩୬ ମାସ ଭିତରେ ଏହାର କାମ ଶେଷହୋଇ ଏଠାରୁ ଉତ୍ପାଦନ ଆରମ୍ଭ ହେବ ବୋଲି କହିବା ସହ ଠିକ୍ ୩ ବର୍ଷ ପରେ ଏଠାକୁ ପୁଣି ଆସି ଏହାର ଲୋକାର୍ପଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାଭିତରେ ୩୬ ମାସର କଣ୍ଟ ସରିଯାଇଛି। ଆଉ ପ୍ରଧାନମନ୍ତ୍ରୀ କହିଥିବା କଥା ପୂରଣ କରି ପାରିଲେ ନାହିଁ ବୋଲି ଆଜି ଚର୍ଚ୍ଚା ଜୋରଧରିଛି। ପ୍ରଧାନମନ୍ତ୍ରୀ ଶୁଭଦେଇ ଯିବାପରେ ପରେ ପୁରୁଣା କାରଖାନାକୁ ସ୍କ୍ରାପରେ ବିକ୍ରି କରା ଯାଇସାରିଛି। ଆଉ ତା ପରଠାରୁ ଭିତ୍ତିଭୂମି ପ୍ରସ୍ତୁତ କରାଯାଇ ନିର୍ମାଣ କାମଚାଲିଛି। କରାଖାନାର ସୁରକ୍ଷା ପାଇଁ ୱାଚ୍‌ଟାୱାର ନିର୍ମାଣ ସରିଥିବା ବେଳେ ଅନେକ ସ୍ଥାନରେ ମାଟି ସମତୁଲ ଓ ପାଚେରି ନିର୍ମାଣ ଶେଷ ହୋଇଥିବା ଜଣାପଡ଼ିଛି। ଏହାସହ ପ୍ରକଳ୍ପ ତିଆରି ନିମନ୍ତେ ପାଣି ଓ ବିଜୁଳିର ବ୍ୟବସ୍ଥା, ପ୍ରାଶାସନିକ ବିଲଡିଂ ନିର୍ମାଣ ସରିଛି। ଯାହାକି କାରଖାନା ଚାଲିବାର ମାତ୍ର ୫ କିମ୍ବା ୧୦ ପ୍ରତିଶତ କାମ ସରିଛି ବୋଲି କୁହାଯାଉଛି। କାରଖାନାର ପୁନରୁଦ୍ଧାର ପାଇଁ ଏକ ଚାଇନା କମ୍ପାନୀ କାମ କରୁଥିଲା। କୋଭିଡ୍ ପାଇଁ ବାହାରୁ ସେହି କମ୍ପାନୀର ଅଧିକାରୀମାନେ ନ ଆସିବାରୁ କାମ ଧିମା ହୋଇଥିଲା ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ। ୨୦୨୪ମସିହାରୁ ଏହି କାରଖାନାରୁ ଉତ୍ପାଦନ ଆରମ୍ଭ ହେବ ବୋଲି କମ୍ପାନୀ କହୁଥିବା ଜଣାପଡ଼ିଛି।



## ତାରିଣୀପଶି ସେବାଶ୍ରମରେ ହେର୍‌ଫେର୍ ଅଭିଯୋଗ



**ମହାବୀରୋଡ, ୨୩।୯ (ସମିସ)** : ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ ଅନ୍ତର୍ଗତ ସେବାଶ୍ରମ ଗୁଡିକରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ନାମରେ ମିଥ୍ୟା ବିଲ୍ କରି ବେଶ୍ ମୁନାଫା ଉଠାଉଛନ୍ତି ଦାୟିତ୍ୱରେ ଥିବା ଅଧିକାରୀ। ରୋଡଙ୍ଗ ସେବାଶ୍ରମରେ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ପରିଚାଳନା କମିଟି ଅଗୋଚରରେ ଛାତ୍ରଛାତ୍ରୀଙ୍କ ଖାଦ୍ୟ ହଡପ୍ କରିଥିବା ନେଇ ଗ୍ରାମବାସୀ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବିଭାଗ ତରଫରୁ ଏପର୍ଯ୍ୟନ୍ତ ତଦନ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ବେଳେ ପୁଣି ତାରିଣୀପଶି ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତ ଦେଖାଇ ହରିଲୁଟ୍ ହୋଇଥିବାର ଅଭିଯୋଗ ହୋଇଛି।

ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ମହାମାରୀ କରୋନା ନିମନ୍ତେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଆସୁଥିବା ବେଳେ ଗୁରୁବାର ବିଦ୍ୟାଳୟରେ ୧୪୫ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ବୋଲି ପ୍ରଧାନ ଶିକ୍ଷକ ପ୍ରସନ୍ନ ସେଠୀ ପ୍ରକାଶ କରିଛନ୍ତି। ତାରିଣୀପଶି ସେବାଶ୍ରମରେ ରୋଷେଇ ଦାୟିତ୍ୱରେ ଥିବା ରଞ୍ଜନ ଦେହୁରୀଙ୍କୁ ପଚାରିବାରୁ, ୮୨ଜଣ ଛାତ୍ରଛାତ୍ରୀଙ୍କ ପାଇଁ ରୋଷେଇ କରାଯାଇଛି ବୋଲି ସେ କହିଥିଲେ। ଅପରପକ୍ଷେ ପ୍ରଧାନ ଶିକ୍ଷକ ଓ ରୋଷେଇ ଦାୟିତ୍ୱରେ ଥିବା ଶିକ୍ଷକ ଗୁରୁବାର ୫୩ଜଣ ପିଲାଙ୍କ ନାମରେ ଅଧିକ ପକାଯାଇଛି ବୋଲି ନିଜେ ମଧ୍ୟ ସ୍ୱୀକାର କରିଛନ୍ତି। ଏହି ବିଦ୍ୟାଳୟକୁ ଗତ ୨୦ତାରିଖରେ ଅତିରିକ୍ତ ଜିଲ୍ଲାପାଳ ଶଶାଙ୍କ ଶେଖର ଦାଶ, ବିଡିଓ ବୁଲବୁଲ ବେହେରାଙ୍କ ସମେତ ବ୍ଲକ ଅଧିକାରୀମାନେ ତଦାରଖ କରିଛନ୍ତି। ବିଭାଗୀୟ ଅଧିକାରୀମାନେ ବିଦ୍ୟାଳୟକୁ ଯାଉ ନ ଥିବାରୁ ପ୍ରକୃତ ଗରିବ ଛାତ୍ରଙ୍କ ଅର୍ଥ ହଡପ୍ ହୋଇଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପ୍ରକାଶ ପାଇବ ବୋଲି ସାଧାରଣରେ ଦାବି ହୋଇଛି।





# ଓଡ଼ିଶାରେ ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ



ଦିନଥିଲା ଓଡ଼ିଶାରେ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା କହିଲେ କଟକ ବାରବାଟୀରେ କେବଳ କ୍ରିକେଟ ମ୍ୟାଚ୍‌କୁ ବୁଝାଉଥିଲା। ଏବେ ସେହି ଧାରା ପରିବର୍ତ୍ତନ ହୋଇଛି। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନରେ ଭୁବନେଶ୍ୱରରେ ହକି, ଦୌଡ଼କୁଦ, ରଗ୍‌ବୀ, ଫୁଟବଲ, ଲନ୍ ଟେନିସ ଓ କଟକରେ ଟେବଲ ଟେନିସର ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରକୁ ଏବେ କ୍ରୀଡ଼ାର ରାଜଧାନୀ କୁହାଯାଉଥିଲାବେଳେ ଚଳିତବର୍ଷ ଜୁନିୟର ବିଶ୍ୱକପ୍ ହକି ଆୟୋଜନ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହି ଘୋଷଣା ସହ ଓଡ଼ିଶାରେ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡି ହୋଇଯାଇଛି। ଏହି ଅବସରରେ ଓଡ଼ିଶାରେ ଏଯାଏ ଆୟୋଜିତ ହୋଇଥିବା ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସଂକ୍ଷେପ ସୂଚନା ପ୍ରଦାନ କରାଯାଉଛି।

## ଚାମ୍ପିଅନ୍ସ ଟ୍ରଫି-୨୦୧୪

ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ନିର୍ମିତ ହୋଇଛି କଳିଙ୍ଗ ଷ୍ଟାଡିୟମ୍। ଏହି ଷ୍ଟାଡିୟମ୍‌ରେ ଅତ୍ୟାଧୁନିକ ହକି କମ୍ପ୍ଲେକ୍ସର ନିର୍ମାଣ ଓ ଇଣ୍ଡିଆନ୍ ହକି ଲିଗ୍‌ର ସଫଳ ଆୟୋଜନ ପରେ ପ୍ରଥମଥର ଏକ ଅନ୍ତର୍ଜାତୀୟ ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାର ଅଧିକାର ହାସଲ କରିଥିଲା। ଏଥିଲାଗି ଷ୍ଟାଡିୟମ୍‌ର ଆଧୁନିକୀକରଣ କରାଯିବା ପରେ ୨୦୧୪ ଡିସେମ୍ବର ୬ରୁ ୧୪ ତାରିଖଯାଏ ସମ୍ମାନଜନକ ଚାମ୍ପିଅନ୍ସ ଟ୍ରଫି ହକି ସଫଳତାର ସହ ଆୟୋଜିତ ହୋଇଥିଲା। ଚାମ୍ପିଅନ୍ସ ଟ୍ରଫିର ଏହା ଥିଲା ୩୫ତମ ସଂସ୍କରଣ। ଆୟୋଜକ ଭାରତ ସମେତ ବିଶ୍ୱର ଶ୍ରେଷ୍ଠ ୮ଟି ଦେଶକୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପାକିସ୍ତାନକୁ ୨-୦ ଗୋଲରେ ହରାଇ ଜର୍ମାନୀ ୧୦ମ ଥର ଲାଗି ଟାଇଟଲ ବିଜୟୀ ହୋଇଥିଲା। ଏହି ଦେଶର ମୋରିସ୍ ଫୁର୍ଷ୍ଟେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୫ଜଣ ଖେଳାଳି ୪ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଏଥିରେ ଭାଗ ନେଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଥିଲା। ଲିଗ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ୍ ଲିଗ୍ ମ୍ୟାଚ୍ ପରେ କ୍ୱାର୍ଟର ଫାଇନାଲରେ କେଉଁ ଦଳ କାହା ସହ ଖେଳିବ ତାହା ସ୍ଥିର ହୋଇଥିଲା। ଭାରତୀୟ ଦଳ ନେଦରଲାଣ୍ଡସକୁ ୩-୨ରେ ହରାଇ ତୃତୀୟ ସ୍ଥାନିତ ଦଳ ଭାବେ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। କ୍ୱାର୍ଟର ଫାଇନାଲରେ ଭାରତ ୪-୨ ଗୋଲରେ ବେଲଜିୟମକୁ ହରାଇ ସେମିଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଏହି ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମ୍‌ରେ ଭରପୁର ଦର୍ଶକ ଉପସ୍ଥିତ ସତ୍ତ୍ୱେ ଭାରତ ୩-୪ ଗୋଲରେ ପାକିସ୍ତାନଠାରୁ ହାରିଯାଇଥିଲା। ମ୍ୟାଚ୍ ଜିତିବା ପରେ ପାକିସ୍ତାନୀ ଖେଳାଳିଙ୍କ ଅଶୋଭନୀୟ ବ୍ୟବହାର ସମସ୍ତଙ୍କୁ କ୍ଷୁବ୍ଧ କରିଥିଲା। ଅନ୍ତର୍ଜାତୀୟ ହକି ମହାସଂଘ ମଧ୍ୟ ଏହାକୁ ନିନ୍ଦା କରିଥିଲା। ଏହା ପରେ ଫାଇନାଲରେ ପାକିସ୍ତାନ ପରାଜିତ ହୋଇଥିଲା। ତୃତୀୟସ୍ଥାନ ଲାଗି ମ୍ୟାଚ୍‌ରେ ମଧ୍ୟ ଭାରତ ୧-୨ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଯାଇଥିଲା।

## ହକି ୱାର୍ଲ୍ଡ ଲିଗ୍ (୨୦୧୭)

ଚାମ୍ପିଅନ୍ସ ଟ୍ରଫି ଆୟୋଜନର ୩ ବର୍ଷ ପରେ ପୁରୁଷ ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍‌ର ତୃତୀୟ ସଂସ୍କରଣର ଫାଇନାଲ ବା ଚୂଡାନ୍ତ ପର୍ଯ୍ୟାୟ କଳିଙ୍ଗ ଷ୍ଟାଡିୟମ୍‌ରେ ୨୦୧୭ ଡିସେମ୍ବର ୧ରୁ ୧୦ ତାରିଖ ଯାଏ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ୍ୟତା ଅର୍ଜନ କରିଥିବା ଭାରତ ସମେତ ୮ଟି ଦେଶ ଅଂଶଗ୍ରହଣ କରିଥିଲେ। ଏହି ଦେଶ ଗୁଡିକ ହେଲେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଜର୍ମାନୀ, ବେଲଜିୟମ, ସ୍ପେନ୍, ନେଦରଲାଣ୍ଡସ, ଇଂଲଣ୍ଡ ଓ ଭାରତ। ଏଥିରେ ଆୟୋଜକ ଦେଶ ଭାରତ ଭଲ ପ୍ରଦର୍ଶନ କରି ତୃତୀୟ ସ୍ଥାନ ଅଧିକାର କରିଥିଲା। ଭାରତ ୨-୧ ଗୋଲରେ ଜର୍ମାନୀକୁ ପରାସ୍ତ କରି କଳିଙ୍ଗ ଷ୍ଟାଡିୟମ୍‌ରେ ପ୍ରଥମଥର ପୋଡିୟମ୍ ଫିନିଶ କରିଥିଲା। ଫାଇନାଲରେ ଅଷ୍ଟ୍ରେଲିଆ ୨-୧ ଗୋଲରେ ଅଲିମ୍ପିକ୍ ଚାମ୍ପିଅନ୍ ଆର୍ଜେଣ୍ଟିନାକୁ ପରାସ୍ତ କରି ଦ୍ୱିତୀୟ ଟାଇଟଲ ଜିତିଥିଲା। ଜର୍ମାନୀର ମ୍ୟାଟ୍ସ ଗ୍ରାମବୁଶ୍‌ଙ୍କୁ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଓ ବେଲଜିୟମର ଲଏକ୍ ଲୁଏପାର୍ଟଙ୍କୁ ଟପ୍ ସ୍କୋରର ବିବେଚିତ କରାଯାଇଥିଲା।

## ପୁରୁଷ ହକି ବିଶ୍ୱକପ୍ (୨୦୧୮)

୨୦୧୮ ରେ ହକିର ସର୍ବଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ରେ ଶେଷ ହୋଇଥିଲା। ଏଥିରେ ୫ଟି ମହାଦେଶର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ନେଦରାଲାଣ୍ଡସକୁ ହରାଇ ବେଲଜିୟମ ପ୍ରଥମଥରଚାମ୍ପିଅନ୍‌ହୋଇଥିଲା।ଅଷ୍ଟ୍ରେଲିଆ ତୃତୀୟସ୍ଥାନଅଧିକାର କରିଥିଲା।କ୍ୱାର୍ଟରଫାଇନାଲରେନେଦାଲାଣ୍ଡସଠାରହାରିଭାରତ ପଦକ ଦୌଡକୁ ଯାଇ ପାରି ନଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୬ଟି ମ୍ୟାଚ୍ ଆୟୋଜିତ ହୋଇଥିଲା। ବେଲଜିୟମର ଆର୍ଥର ଭାନ ଡୋରେନ୍ ଶ୍ରେଷ୍ଠ ଖେଳାଳି, ବେଲଜିୟମର ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଓ ଅଷ୍ଟ୍ରେଲିଆର ବ୍ଲେକ ଗୋଭର୍ସ ୭ଟି ଲେଖାଏଁ ଗୋଲ ସ୍କୋର କରି ଟପ୍ ସ୍କୋରର ବିବେଚିତ ହୋଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟ ପରେ ଅନ୍ତର୍ଜାତୀୟ ସ୍ତରରେ ଭାରତର ବେଶ୍ ସୁନାମ ବଢ଼ିଥିଲା। ବିଶ୍ୱରେ ଏହାକୁ ଅନ୍ୟଏକ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଭାବେ ବିବେଚନା କରାଯାଇଥିଲା।

## ପୁରୁଷ ହକି ସିରିଜ୍ ଫାଇନାଲ୍ସ (୨୦୧୯)

ଏଫ୍‌ଆଇଏଚ୍‌ର ଅନ୍ୟତମ ହକି ଟୁର୍ଣ୍ଣାମେଣ୍ଟ ପୁରୁଷ ହକି ସିରିଜ୍ ଫାଇନାଲ୍ସର ଗୋଟିଏ ରାଉଣ୍ଡ ମୁକାବିଲା ଜୁନ୍ ୬ରୁ ୧୬ ତାରିଖ ଯାଏ ଅନୁଷ୍ଠିତ ହୋଇଥିଲା। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଗୋଟିଏ ଗ୍ରୁପ୍‌ରେ ଭାରତ ଶୀର୍ଷସ୍ଥାନ ଅଧିକାର କରିବା ସହ ଚାମ୍ପିଅନ୍ ହୋଇଥିଲା। ଏହି ପର୍ଯ୍ୟାୟର ସେମିଫାଇନାଲରେ ଭାରତ ୭-୨ ଗୋଲରେ ଜାପାନକୁ ହରାଇଥିଲା। ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୪-୨ ଗୋଲରେ ହରାଇ ଭାରତ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଚାମ୍ପିଅନ୍ ଭାରତ ଓ ରନର୍ସ ଅପ୍ ଦକ୍ଷିଣ ଆଫ୍ରିକା ଅଲିମ୍ପିକ୍ସ କ୍ୱାଲିଫାୟର୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ।

## ଅଲିମ୍ପିକ୍ କ୍ୱାଲିଫାୟର୍ସ (୨୦୧୯)

ଉଭୟ ପୁରୁଷ ଓ ମହିଳା ବିଭାଗରେ ଅଲିମ୍ପିକ୍ ହକି କ୍ୱାଲିଫାୟର୍ସର ୩ଟି ଟୁର୍ଣ୍ଣାମେଣ୍ଟ ମଧ୍ୟରୁ ଭୁବନେଶ୍ୱରରେ ଗୋଟିଏ ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧ ଓ ୨ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଠାରେ ଭାରତ ଉଭୟ ମ୍ୟାଚ୍‌ରେ ବିଜୟୀ ହୋଇ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଥିଲା।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (୨୦୨୦)

ଏଫ୍‌ଆଇଏଚ୍‌ର ଅନ୍ୟତମ ଶ୍ରେଷ୍ଠ ହକି ଟୁର୍ଣ୍ଣାମେଣ୍ଟ ହେଉଛି ପ୍ରୋ-ଲିଗ୍। ଏହି ଟୁର୍ଣ୍ଣାମେଣ୍ଟର ୩ଟି ରାଉଣ୍ଡ ମୁକାବିଲା କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମୁକାବିଲା ଭାରତ ଓ ନେଦରଲାଣ୍ଡ ମଧ୍ୟରେ ୨୦୨୦ ଜାନୁଆରୀ ୧୮ ଓ ୧୯ ତାରିଖରେ ଖେଳାଯାଇଥିଲା। ଏହାମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ଭାରତ ୫-୨ ଗୋଲରେ ବିଜୟୀ ହୋଇଥିଲାବେଳେ ଦ୍ୱିତୀୟ ମ୍ୟାଚ୍‌କୁ ୩-୩ ଗୋଲରେ ଡ୍ର ରଖିଥିଲା।

ସେହିପରି ବେଲଜିୟମ ସହ ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ୨୦୨୦ ଫେବୃଆରୀ ୮ ଓ ୯ରେ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତ ୨-୧ ଗୋଲରେ ବିଜୟୀ ହୋଇଥିଲାବେଳେ ଦ୍ୱିତୀୟ ମ୍ୟାଚ୍‌କୁ ବେଲଜିୟମ ୩-୨ ଗୋଲରେ ଜିତିଥିଲା। ଅଷ୍ଟ୍ରେଲିଆ ସହ ତୃତୀୟ ପର୍ଯ୍ୟାୟ ମୁକାବିଲା ଫେବୃଆରୀ ୨୨ ଓ ୨୩ରେ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୪-୩ ଗୋଲରେ ଜିତିଥିଲାବେଳେ ଦ୍ୱିତୀୟ ମ୍ୟାଚ୍ ୨-୨ ଗୋଲରେ ଡ୍ର ରହିଥିଲା।

## ହକି ବିଶ୍ୱକପ୍ (୨୦୨୧ ଓ ୨୦୨୩)

ଏହା ପରେ ଚଳିତବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୫ ତାରିଖ ଯାଏ ଜୁନିଅର ହକି ବିଶ୍ୱକପ୍ ଏଠାରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ୨୦୨୩ରେ ଦ୍ୱିତୀୟଥର ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଅଧିକାର ପାଇଛି। ଏହି ସବୁ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବା ଫଳରେ ଓଡ଼ିଶା ଅନ୍ତର୍ଜାତୀୟ ହକି ଆୟୋଜନର ହବ୍ ପାଲଟିଛି।



# ୬ ସିଜନରେ ୪୦୦ରୁ ଉର୍ଦ୍ଧ୍ୱ ରନ୍

୨୦୦୮ରୁ ଆରମ୍ଭ ହୋଇଥିବା ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ଇତିମଧ୍ୟରେ ୧୪ତମ ସଂସ୍କରଣ ଜାରି ରହିଛି। କରୋନା ମହାମାରୀ ଲାଗି ଗତ ମେ ମାସରେ ଅଧାରୁ ସ୍ଥଗିତ ରହିଥିବା ୧୪ତମ ସଂସ୍କରଣ ବଳକା ମ୍ୟାଚ୍ ବର୍ତ୍ତମାନ ୟୁଏଇରେ ଖେଳାଯାଉଛି। ଆଇପିଏଲ୍ ବିଶ୍ୱର ସବୁଠାରୁ କଠିନ୍ ଓ ରୋମାଞ୍ଚକ ଟି-୨୦ ଲିଗ୍ ମଧ୍ୟରୁ ଗୋଟିଏ ପରିଗଣିତ ହୁଏ। ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନଙ୍କ ଲାଗି ଆଇପିଏଲ୍‌ରେ କ୍ରମାଗତ ରନ୍ ସଂଗ୍ରହ କରିବା ସେତେଟା ସହଜ ହୋଇ ନ ଥାଏ। ପ୍ରତି ସଂସ୍କରଣରେ ସର୍ବାଧିକ ରନ୍ ସଂଗ୍ରହ କରିଥିବା ବ୍ୟାଟ୍ସମ୍ୟାନଙ୍କୁ 'ଅରେଞ୍ଜ କ୍ୟାପ୍' ପ୍ରଦାନ କରାଯାଇଥାଏ। ରେକର୍ଡ ଉପରେ ନଜର ପକାଇଲେ ଗୋଟିଏ ସିଜନରେ ସର୍ବାଧିକ ରନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ଅଧିନାୟକ ବିରାଟ କୋହଲି ସଂଗ୍ରହ କରିଛନ୍ତି। ୨୦୧୬ ସିଜନରେ ସେ ଦମ୍‌ଦାର ପ୍ରଦର୍ଶନ କରି ୯୭୩ ରନ ନିଜ ନାମରେ ଲିପିବଦ୍ଧ କରିଥିଲେ। ଆଇପିଏଲ୍ ଖେଳୁଥିବା ପ୍ରତ୍ୟେକ ବ୍ୟାଟ୍ସମ୍ୟାନଙ୍କ ସ୍ୱପ୍ନ ରହିଥାଏ ଅରେଞ୍ଜ କ୍ୟାପ୍ ଜିତିବା। କିନ୍ତୁ ଏହି ପ୍ରତିଯୋଗିତାରେ ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନ ଖେଳୁଥିବାରୁ ସିଜନରେ ସର୍ବାଧିକ ରନ୍ ସଂଗ୍ରହ କରିବା ସମ୍ଭବପର ହୋଇପାରି ନ ଥାଏ। କିନ୍ତୁ ଏମିତି କିଛି ବ୍ୟାଟ୍ସମ୍ୟାନ ରହିଛନ୍ତି ଯେଉଁମାନେ କ୍ରମାଗତ ୬ଟି ସଂସ୍କରଣରେ ପ୍ରଭାବୀ ପ୍ରଦର୍ଶନ କରି ୪୦୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାରେ ସମର୍ଥ ହୋଇଛନ୍ତି। ଏହି ସଫଳତା ପାଇଥିବା ୩ ବ୍ୟାଟ୍ସମ୍ୟାନଙ୍କ ଉପରେ ନଜର ପକାଇବା।

## ଶିଖର ଧାୱନ (୨୦୧୬ରୁ ୨୦୨୧)

ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ନିକଟରେ ଘୋଷଣା କରାଯାଇଥିବା ଭାରତୀୟ ଦଳରୁ ଅଭିଜ୍ଞ ଓପନର୍ ଶିଖର ଧାୱନଙ୍କୁ ସ୍ଥାନ ମିଳି ନ ଥିଲେ ମଧ୍ୟ ସେ କ୍ରମାଗତ ଭାବେ ଆଇପିଏଲ୍‌ରେ ସ୍ଥିର ପ୍ରଦର୍ଶନ କରିଆସୁଛନ୍ତି। ଗତ କିଛି ବର୍ଷ ଧରି ଯଦି ଆଇପିଏଲ୍‌ରେ କ୍ରମାଗତ ଭଲ ଖେଳୁଥିବା ବ୍ୟାଟ୍ସମ୍ୟାନଙ୍କ ଉପରେ ନଜର ପକାଇବା ତେବେ ଧାୱନ ଏହି ତାଲିକାରେ ସ୍ଥାନ ପାଇବେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଧାୱନ କ୍ରମାଗତ ୬ଟି ସଂସ୍କରଣରେ ୪୦୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି। ବୁଧବାର ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷ ମ୍ୟାଚରେ ସେ ୪୨ ରନ ଇନିଂସ ଅବସରରେ ଚଳିତ ସଂସ୍କରଣରେ ୪୦୦ ରନ୍ ଅତିକ୍ରମ କରିଛନ୍ତି। ଏଥିପୂର୍ବରୁ ସେ ୨୦୧୬ରେ ୫୦୧ ରନ୍, ୨୦୧୭ରେ ୪୭୯ ରନ, ୨୦୧୮ରେ ୪୮୭ ରନ, ୨୦୧୯ରେ ୫୨୧ ଓ ୨୦୨୦ରେ ୬୧୮ ରନ୍ ତାଙ୍କ ବ୍ୟାଟ୍‌ରୁ ସଂଗୃହିତ ହୋଇଛି।

## ସୁରେଶ ରାଇନା (୨୦୦୮ ରୁ ୨୦୧୪)

ସୁରେଶ ରାଇନା ଆଇପିଏଲ୍‌ରେ କ୍ରମାଗତ ୬ କିମ୍ବା ଏହାଠାରୁ ଅଧିକ ସିଜନରେ ୪୦୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ)ର ଏହି ତାରକା ବାମହାତୀ ବ୍ୟାଟ୍ସମ୍ୟାନ କ୍ୟାରିୟରରେ ୭ଥର ଏହି ସଫଳତା ପାଇଛନ୍ତି। ଆଇପିଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ୨୦୦୮ରୁ ଆରମ୍ଭ କରି ୨୦୧୪ ପର୍ଯ୍ୟନ୍ତ ସେ କ୍ରମାଗତ ଭାବେ ୪୦୦ ପ୍ଲସ୍ ରନ୍ ସଂଗ୍ରହ କରିଥିଲେ। ରାଇନା ୨୦୦୮ରେ ୪୨୧, ୨୦୦୯ରେ ୪୩୪, ୨୦୧୦ରେ ୫୨୦, ୨୦୧୧ରେ ୪୩୮, ୨୦୧୨ରେ ୪୪୧, ୨୦୧୩ରେ ୫୪୮, ୨୦୧୪ରେ ୫୨୩ ରନ ସଂଗ୍ରହ କରି ଚମତ୍କାର ଫର୍ମରେ ରହିଥିଲେ।

## ଡେଭିଡ୍ ୱାର୍ଣ୍ଣର (୨୦୧୩ରୁ ୨୦୨୦)

ଅଷ୍ଟ୍ରେଲିଆର ଦୁର୍ଦ୍ଧର୍ଷ ଓପନିଂ ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ଣ୍ଣର ମଧ୍ୟ ତାଙ୍କ ଆଇପିଏଲ୍ କ୍ୟାରିୟରରେ ଲଗାତର ସ୍ଥିର ପ୍ରଦର୍ଶନ କରିଆସିଛନ୍ତି। ସନ୍‌ରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଖେଳୁଥିବା ୱାର୍ଣ୍ଣର ମଧ୍ୟ କ୍ରମାଗତ ୭ଟି ସିଜନରେ ୪୦୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଛନ୍ତି। ସେ ପ୍ରଥମେ ୨୦୧୩ରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଏହି ସିଜନରେ ସେ ୪୧୦ ରନ କରିଥିଲେ। ଏହାପରେ ୨୦୧୪ରେ ୫୨୮, ୨୦୧୫ରେ ୫୬୨, ୨୦୧୬ରେ ୮୪୮, ୨୦୧୭ରେ ୬୪୧, ୨୦୧୮ରେ ୬୯୨ ଓ ୨୦୨୦ରେ ୫୪୮ ରନ କରିଥିଲେ।

'ସକାଳ'ର ସ୍ୱାସ୍ଥ୍ୟ

# ବିଶ୍ୱ ଜଳାତଙ୍କ ଦିବସ

**ଜଳାତଙ୍କ ହେଉଛି ଏକ ମାରାତ୍ମକ ଜୀବାଣୁଜନିତ ରୋଗ, ଯେଉଁଥିରେ ପ୍ରତିବର୍ଷ ପ୍ରାୟ ୨୦ ହଜାର ଲୋକ ମୃତ୍ୟୁବରଣ କରିଥାନ୍ତି । ତେଣୁ ଏ କ୍ଷେତ୍ରରେ ଜନସଚେତନତା ସୃଷ୍ଟି କରି ଜଳାତଙ୍କ ରୋଗର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୨୮ ତାରିଖକୁ ୱାର୍ଲ୍ଡ ରାବିଜ୍ ଡେ' ବା 'ବିଶ୍ୱ ଜଳାତଙ୍କ ଦିବସ' ଭାବେ ପାଳନ କରାଯାଉଛି । ଏହି ଦିବସ ପାଇଁ ଚଳିତ ବର୍ଷର ଥିମ୍ ହେଉଛି – 'ରାବିଜ୍ ଫ୍ୟାକ୍ଟ, ନଟ୍ ଫିଅର୍' । ଜଳାତଙ୍କ ଟିକାର ଉଦ୍ଭାବକ ଲୁଇ ପାସକାଲ୍‌ଙ୍କ ପୁଣ୍ୟତିଥିକୁ ବିଶ୍ୱ ଜଳାତଙ୍କ ଦିବସ ଭାବେ ପାଳନ କରାଯାଏ ।**

ଉଭୟ ମଣିଷ ଓ ପଶୁମାନେ ଜଳାତଙ୍କ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ରୋଗାକ୍ରାନ୍ତ ପଶୁ ମଣିଷକୁ କାମୁଡ଼ିବା ଦ୍ୱାରା ସଂକ୍ରମିତ ଲାଳ ରକ୍ତରେ ମିଶି ମଣିଷ ଦେହକୁ ଆସିଥାଏ । 'ନ୍ୟୁରୋଟ୍ରୋପିକ୍ ଲାଇସା ଭାଇରସ' ଯୋଗୁଁ ଏହି ରାବିଜ୍ ରୋଗ ହୋଇଥାଏ । ପ୍ରଥମ ପର୍ଯ୍ୟାୟରେ ଏହି ରୋଗର ଲକ୍ଷଣଗୁଡ଼ିକ ମଧ୍ୟରୁ ଜ୍ୱର, ମାଂସପେଶୀଗୁଡ଼ିକରେ ଦୁର୍ବଳତା ଓ ଫ୍ଲୁ ଭଳି ଲକ୍ଷଣ ଦେଖାଯାଏ । ରାବିଜ୍ ସାଧାରଣତଃ ଦୁଇପ୍ରକାର, ଫ୍ୟୁରିଅସ୍ ରାବିଜ୍ ଓ ପେରାଲିଟିକ୍ ରାବିଜ୍ । ଫ୍ୟୁରିଅସ୍ ରାବିଜ୍‌ରେ ପାଣିକୁ ଭୟ କରିବା, ଅଧିକ ଲାଳ ବାହାରିବା, ବ୍ୟାକୁଳତା ଓ ଅନିଦ୍ରା ଆଦି ଲକ୍ଷଣ ଦେଖାଯାଉଥିବାବେଳେ ପେରାଲିଟିକ୍ ରାବିଜ୍ କ୍ଷେତ୍ରରେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ । ଅନେକ କ୍ଷେତ୍ରରେ ରୋଗୀ ପକ୍ଷାଘାତ ବା କୋମାର ଶିକାର ମଧ୍ୟ ହୋଇପାରେ । ପଶୁଟି କାମୁଡ଼ିବା ଓ ରାବିଜ୍ ହେବା ମଧ୍ୟରେ ୧୨ ସପ୍ତାହର ସମୟ ଲାଗିଥାଏ । ଏହି ସମୟ ଅବଧିକୁ 'ଇନ୍‌କ୍ୟୁବେସନ୍ ପିରିୟଡ୍' କୁହାଯାଏ । ଆମ ଦେଶରେ ଜଳାତଙ୍କ ରୋଗର ୯୫ ପ୍ରତିଶତ କୁକୁର କାମୁଡ଼ିବା ଦ୍ୱାରା ହୋଇଥାଏ ବୋଲି ସୂଚନା ମିଳେ । କିନ୍ତୁ ଏହା କୁକୁର ବ୍ୟତୀତ ବିଲେଇ, ନେଉଳ, କୋକିଶିଆଲି, ବାଦୁଡ଼ି, ଘୋଡ଼ା, ବିଲୁଆ ଓ ମାଙ୍କଡ଼ ଆଦି ପ୍ରାଣୀଠାରୁ ମଧ୍ୟ ବ୍ୟାପିବାର ଆଶଙ୍କା ରହିଛି । ବର୍ଷକୁ ଥରେ ନିଜର ଗୃହପାଳିତ ପଶୁଙ୍କୁ ଆଣ୍ଟି ରାବିଜ୍ ଇଞ୍ଜେକ୍ସନ୍ ଦିଆଗଲେ, କିଛି ପରିମାଣରେ ଏହାର ନିରାକରଣ ସମ୍ଭବ ହୋଇପାରିବ ।

ପ୍ରଥମ ବିଶ୍ୱ ଜଳାତଙ୍କ ଦିବସ ୨୦୦୭, ସେପ୍ଟେମ୍ବର ୮ ତାରିଖରେ ଅନୁଷ୍ଠିତ ହୋଇଥିଲା । ଆଲାଏନ୍ସ ଫର ରାବିଜ୍ କଣ୍ଟ୍ରୋଲ, ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର, ଆଟଲାଣ୍ଟା, ଆମେରିକା ମଧ୍ୟରେ ସହଭାଗିତା ଭାବରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ପ୍ରାଣୀ ସଂଗଠନର ସହ-ପ୍ରାୟୋଜକ ଭାବରେ ଏହାର ଆୟୋଜନ କରିଥିଲେ । ତିନୋଟି ବିଶ୍ୱ ଜଳାତଙ୍କ ଦିବସ ପରେ, 'ଗ୍ଲୋବାଲ୍ ଆଲାଏନ୍ସ ଫର୍ ରାବିଜ୍ କଣ୍ଟ୍ରୋଲ୍' ପକ୍ଷରୁ ଅନୁଧ୍ୟାନ କରାଯାଇ ଥିଲା ଯେ, ୧୦୦ରୁ ଅଧିକ ଦେଶରେ ଜଳାତଙ୍କ ରୋଗ ପ୍ରତିରୋଧ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାରା ବିଶ୍ୱରେ ପ୍ରାୟ ୧୦୦ ନିୟୁତ ଲୋକଙ୍କୁ ଜଳାତଙ୍କ ବିଷୟରେ ଶିକ୍ଷା ଦିଆଯାଇଥିଲା ଏବଂ ପ୍ରାୟ ୩ ନିୟୁତ କୁକୁରଙ୍କୁ ଟିକାକରଣ କରାଯାଇଥିଲା ।



ଚଳିତବର୍ଷର ଥିମ୍ 'ରାବିଜ୍ ଫ୍ୟାକ୍ଟସ୍, ନଟ୍ ଫିଅର୍'କୁ ଅନୁଧ୍ୟାନ କଲେ ଜଣାଯିବ ଯେ, ଜଳାତଙ୍କର ବାସ୍ତବ ତଥ୍ୟକୁ ଜାଣିବା ଏବଂ ରୋଗକୁ ଭୟ ନକରିବା ଦ୍ୱାରା ଏହି ରୋଗର ନିରାକରଣ ହୋଇପାରିବ । 'ତଥ୍ୟ' ଶବ୍ଦଟି ସୂଚାଉଛି ଯେ,ଏହି ରୋଗ କ'ଣ, ଏହା କିପରି ବ୍ୟାପେ ଏବଂ ଏହାକୁ କିଭଳି ଭାବେ ଦୂର କରାଯାଇପାରିବ, ସେ ସମ୍ପର୍କରେ ବିଶେଷ ଜ୍ଞାନ ରହିବା ଆବଶ୍ୟକ । 'ଭୟ' ଶବ୍ଦଟିର ୩ଟି ଅର୍ଥ ଅଛି । ପ୍ରଥମରେ ହେଉଛି ରାବିଜ୍ ଦ୍ୱାରା ସୃଷ୍ଟି ହେଉଥିବା ସାଧାରଣ ଭୟ । ପଶୁମାନଙ୍କର ସାମ୍ନା କରିବା ସମୟରେ ଲୋକମାନେ ଯେଉଁ ଭୟ କରନ୍ତି (କାମୁଡ଼ିଦେବା ଭୟ) ଏବଂ ରେବିଜ୍ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଖରେ ରହୁଥିବା ଅନ୍ୟ ଲୋକମାନଙ୍କ ମନରେ ସଂକ୍ରମଣକୁ ନେଇ ଯେଉଁ ଭୟ ସୃଷ୍ଟି ହୋଇଥାଏ । ଦ୍ୱିତୀୟରେ ରାବିଜ୍ ହେବା ପରେ ଦେଖାଯାଉଥିବା ଶାରୀରିକ ଲକ୍ଷଣ ଓ ତା'କୁ ନେଇ ସୃଷ୍ଟି ହେଉଥିବା ଭୟ । ଶେଷରେ ହେଉଛି ରାବିଜ୍ ସମ୍ପର୍କିତ ଅପପ୍ରଚାରକୁ ବିଶ୍ୱାସ କରି ମନରେ ଭୟ ଆଣିବା । ପୌରାଣିକ ସମ୍ପର୍କ ସହ ଜଳାତଙ୍କ ରୋଗକୁ ଯୋଡ଼ିବା, ଟିକାକରଣ ଦିଗରେ କଷ୍ଟ ହେବା ସମ୍ପର୍କିତ ଭୟ ଏବଂ ରୋଗର ସଠିକ ନିରାକରଣ ପାଇଁ ଅନୁଚିତ ଚିକିତ୍ସା ପ୍ରଣାଳୀ ।

### ଜଳାତଙ୍କ ରୋଗକୁ ନେଇ ସଚେତନତା

- କୌଣସି ପଶୁ କାମୁଡ଼ିବା ସଙ୍ଗେ ସଙ୍ଗେ ସେହି କ୍ଷତକୁ ସାବୁନ୍ ଓ ସଫା ପାଣିରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଲଗାତାର ଧୋଇ ସଫା କରନ୍ତୁ । ଏହାପରେ ଡେଟଲ୍ କିମ୍ବା କୌଣସି ଆଣ୍ଟି ସେପ୍ଟିକ୍ କ୍ରିମ୍ ଲଗାଇ ଦିଅନ୍ତୁ ।
- କ୍ଷତ ହେବାର ୨୪ ଘଣ୍ଟା ଭିତରେ ଆଣ୍ଟି ରାବିଜ୍ ଇଞ୍ଜେକ୍ସନ୍ ଦିଅନ୍ତୁ ।
- ଏହାର କୌଣସି ଘରୋଇ ଉପଚାର ନାହିଁ । ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।
- ରାବିଜ୍ ସଂକ୍ରମିତ ପଶୁ ପାଗଳ ଭଳି ବ୍ୟବହାର କରେ ଏବଂ ଏଣେତେଣେ ଦୌଡ଼େ କିମ୍ବା କାମୁଡ଼ିବାକୁ ଗୋଡ଼ାଏ । ୧୦ ଦିନ ଭିତରେ ଏଭଳି ପଶୁଙ୍କ ମୃତ୍ୟୁ ହୋଇଯାଇଥାଏ । କିନ୍ତୁ ଯଦି ସେହି ପଶୁଟି ୧୦ ଦିନ ପରେ ସୁସ୍ଥ ରହେ, ତେବେ କାମୁଡ଼ିଥିବା ବ୍ୟକ୍ତିଙ୍କୁ ରାବିଜ୍ ବା ଜଳାତଙ୍କ ହୋଇନଥାଏ ବୋଲି ଧରାଯାଏ । ୧୦ ଦିନ ପର୍ଯ୍ୟନ୍ତ ରୋଗୀ ଓ ପଶୁ ଉଭୟ ଉପରେ ଲକ୍ଷ୍ୟ ରଖିବା ଉଚିତ ।
- ପୋଷା କୁକୁରଙ୍କୁ ମଧ୍ୟ ଆଣ୍ଟି ରାବିଜ୍ ଟିକା ଦେବା ନିହାତି ଆବଶ୍ୟକ ।
- ଆଣ୍ଟି ରାବିଜ୍ ଔଷଧ ପ୍ରସ୍ତୁତ କରୁଥିବା କମ୍ପାନୀରେ କାମ କରୁଥିଲେ କିମ୍ବା ପଶୁ ସୁରକ୍ଷା ସଙ୍ଗଠନ ପାଇଁ କାମ କରୁଥିଲେ, ନିଶ୍ଚିତଭାବେ ଆଣ୍ଟି ରାବିଜ୍ ଇଞ୍ଜେକ୍ସନ୍ ନିଅନ୍ତୁ ।

ସ୍ୱାସ୍ଥ୍ୟ ବିଜ୍ଞାନ



## ବଧିରଙ୍କ ପାଇଁ ଔଷଧ 'ଗାମା ସିକ୍ରେଟିସ୍'


### ଆନ୍ତର୍ଜାତିକ ବଧିର ସପ୍ତାହ ପାଳନ ଅବସରରେ

ବର୍ତ୍ତମାନ ବଧିରତା ଆଉ ଏକ ବ୍ୟାଧି ହୋଇ ରହିନାହିଁ । ଏ ସମ୍ପର୍କିତ ଜନ ସଚେତନତା ସୃଷ୍ଟି କରି ଏହାର ନିରାକରଣ ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ବଧିର ସପ୍ତାହ ପାଳନ କରାଯାଉଛି । ବିଜ୍ଞାନର କାରିଗରୀ କୌଶଳ ଯୋଗୁଁ ଅନେକ ପ୍ରକାର ଶ୍ରବଣ ଯନ୍ତ୍ର ଉଦ୍ଭାବନ କରାଯାଇଛି, ଯାହାକୁ ବ୍ୟବହାର କରି ବଧିରମାନେ ସହଜରେ ଶୁଣି ପାରୁଛନ୍ତି । ଏବେ ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ଏକ ପ୍ରକାର ଔଷଧ ତିଆରି କରିଛନ୍ତି, ଯାହାଦ୍ୱାରା ଶ୍ରବଣ ଶକ୍ତି ଫେରିପାଇବା ସମ୍ଭବ ହୋଇପାରିବ । ଏହି ଔଷଧର ନାମ ରଖାଯାଇଛି – 'ଗାମା ସିକ୍ରେଟିସ୍ ଇନ୍‌ହିବିଟର୍ସ' ବା 'ଜିଏସ୍‌ଆଇ' । ଏହି ତରଳ ଔଷଧକୁ ଇଞ୍ଜେକ୍ସନ୍ ମାଧ୍ୟମରେ କାନରେ କାନ ଭିତରେ ପକାଯାଏ । ଏହା କାନ ଭିତରେ ଥିବା 'ହେୟାର୍ ସେଲ୍' ବା ଶ୍ରବଣ କୋଷିକାଗୁଡ଼ିକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ । ବୟସାଧିକ୍ୟ ଶ୍ରବଣ ସମସ୍ୟା କ୍ଷେତ୍ରରେ ଏହି ଔଷଧ ଆହୁରି ଲାଭଦାୟକ ହୋଇପାରିବ । କାନ ଭିତରେ ଥିବା ପ୍ରୋଗେନିଟର୍ ସେଲ୍‌ରେ ଇଞ୍ଜେକ୍ସନ୍ ଦେବାକୁ ହେବ । ଏହି ସେଲ୍ ନୂତନ ଶ୍ରବଣ କୋଷିକା ସୃଷ୍ଟି କରିବାରେ ସହାୟକ ହୋଇଥାଏ । କିନ୍ତୁ 'ନୋଚ୍' (Notch) ନାମକ ପ୍ରୋଟିନ୍ ଶୁଣିବା କ୍ଷେତ୍ରରେ ବାଧା ସୃଷ୍ଟି କରିଥାଏ । ଏ କ୍ଷେତ୍ରରେ 'ଗାମା ସିକ୍ରେଟିସ୍ ଇନ୍‌ହିବିଟର୍ସ' ଏହି ପ୍ରୋଟିନ୍‌ର ଅବରୋଧକୁ ପ୍ରତିହତ କରିଥାଏ । ଔଷଧ ଦ୍ୱାରା ଶ୍ରବଣକ୍ଷମ କରିବାର ଏହି ଚିକିତ୍ସା ପ୍ରଣାଳୀକୁ 'ଏଫ୍‌ଏକ୍ସ-୩୨୨' ନାମ ଦିଆଯାଇଛି । ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ଗବେଷଣା ଦ୍ୱାରା ଜଣାପଡ଼ିଛି ।

ଟୁଟ୍‌କା ଚିକିତ୍ସା

## ଯକୃତ ବିକାର

**ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭିତରେ ଅଛି ଲିଭର୍ ବା ଯକୃତ । ଯକୃତ ଓ ପିତ୍ତକୋଷରୁ ସୃଷ୍ଟି ପିତ୍ତରସ ଖାଦ୍ୟ ପରିପାକରେ ସାହାଯ୍ୟ କରିଥାଏ । ଏହା ଶରୀରର ଚୁଲି ଓ କେମିକାଲ ଫାକ୍ଟରି ଭାବରେ କାମ କରେ । ଚୁଲି ଲିଭିଗଲେ ଯେପରି ଖାଦ୍ୟ ପାକ ହୋଇପାରେ ନାହିଁ ଯକୃତ କୋଷ କ୍ଷୟ ଘଟି ଲିଭର ଡାମେଜ୍ ହେଲେ ଖାଦ୍ୟ ହଜମ ହୁଏ ନାହିଁ । ବିଭିନ୍ନ କାରଣରୁ ଯକୃତରେ ବିକୃତି ଘଟି ଏହାର କାର୍ଯ୍ୟକାରିତା ନଷ୍ଟ ହୋଇଥାଏ । ଦୂଷିତ ଖାଦ୍ୟ, ପୁଷ୍ଟିକର ଖାଦ୍ୟାଭାବ, ଦୂଷିତ ଜଳ, ଦୂଷିତ ରକ୍ତ, ନିଶା ଓ ମଦ୍ୟପାନ, ଅସୁରକ୍ଷିତ ଯୌନ ସଂପର୍କ, ସଂକ୍ରମିତ ସିରିଂଜ ଇତ୍ୟାଦି ଦ୍ୱାରା ଭାଇରସ ବା ଜୀବାଣୁ ଶରୀରରେ ପ୍ରବେଶ କରି ଯକୃତ କୋଷକୁ ନଷ୍ଟ କରନ୍ତି । ଫଳରେ ଜଣ୍ଡିସ ଓ ଭିନ୍ନ ଭିନ୍ନ ହେପାଟାଇଟିସ୍ (ଏ,ବି,ସି) ଓ ଜଳୋଦରୀ ବା ଲିଭର ସିରୋସିସ୍ ହୁଏ ।**



### ଉପାୟ ଓ ପଥ୍ୟ :

- ସୁସ୍ଥ ଦିନଚର୍ଯ୍ୟା ଏବଂ ସଂପୂର୍ଣ୍ଣ ଶାକାହାର ଏବଂ ଲିଭର ସଫା କରିବା ପାଇଁ ୩ ଦିନ ଧରି ବିଟ୍, ଲେମ୍ବୁ, ପପାୟା ବା ଅଙ୍ଗୁର ରସ ପାନକରି ଉପବାସ କରିବ ।
- ଏହା ପରେ କେବଳ ଫଳ ଓ କ୍ରିମ୍ କଢ଼ା ଗାଈର କ୍ଷୀର ଖାଇ ଏକ ସପ୍ତାହ ରହିବ ।
- ଏହାପରେ ଆଲମଣ୍ଡ, ଘର ତିଆରି ଛେନା, ଗଜା ମୁଗ, ପପାୟା, ପୋଡ଼ା ଆଳୁ, କଲରା ସିଝା ଖାଇବ ।
- ଅଧିକ ପଟାସିଅମ ଥିବା ପନିପରିବା ଫଳ ଖାଇବ – ପତ୍ର କୋବି, କଦଳୀ, ଅଂଜିର, ମୁନାକା, କାକୁଡ଼ି, ଖଜୁରି, ଆପ୍ରିକଟ, କଅଁଳିଆ ଲିମ୍ବ ପତ୍ର କଢ଼ର ରସ ଦିନକୁ ଦି'ଥର ନେବ ।
- ତେଲ, ଘିଅ, ଚର୍ବି ଜାତୀୟ ଖାଦ୍ୟ, ଆମିଷ ଭକ୍ଷଣ କରିବ ନାହିଁ । ଡାଲି, ଶାଗ ବର୍ଜନୀୟ, ଲୁଣ ୨ ଗ୍ରାମରୁ ଅଧିକ ନୁହଁ ।
- ସିଝା ପନିପରିବା, ମିଠା ଫଳ, ତରଳ ଓ ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବ ।
- ଘୋଳ ଦହି, ମିଶ୍ରି-ଲେମ୍ବୁ ସର୍ବତ, ଆଖୁ ରସ, ଗାଜର, ବନ୍ଧାକୋବି ରସ, ମୂଳା ରସ, ପଇଡ଼, ଲହୁଣୀ କଢ଼ା ଦୁଗ୍ଧ, ସୁପ୍, ଗ୍ଲୁକୋଜ ପାଣି ପିଇବ ।
- ଯକୃତ ଓ ପ୍ଲୀହା ରୋଗ ପାଇଁ ସଜ ବାଇଗଣ ପୋଡ଼ି ଭର୍ତ୍ତା କରି ଖାଇଲେ ଔଷଧ ଭଳି କାମ କରେ, ପ୍ରତ୍ୟହ ବାଇଗଣ ଭର୍ତ୍ତା ଖାଇବ ।
- କଞ୍ଚା ଅମୃତଭଣ୍ଡାକୁ ସୈନ୍ଧବ ଲବଣ ସହ କାକୁଡ଼ି ଭଳି ଖାଇବ ।
- ସଂଧ୍ୟାରେ କୋଇଲେଖା ସେ ୨/୩ ଚାମଚ ପନ୍ଦରଦିନ ପାଇଁ ସେବନ କରିବ ।
- କଲରା - ଫଳ ଉପକାରୀ ଓ ପତ୍ର, ଉଭୟର ରସ ଯକୃତ ରୋଗ ପାଇଁ ଉପକାରୀ ।
- ହିଡ଼ିମିଚି ଶାଗର ରସ ପ୍ରତିଦିନ ୩୦ ଗ୍ରାମ ହିସାବରେ ସେବନ କରିବ ।
- ଗୋମୂତ୍ରକୁ ଗରମ କରି ମୋଟା କପଡ଼ାରେ ଭିଜାଇ ଯକୃତ ଓ ପ୍ଲୀହା ଉପରି ଭାଗରେ ୧୦/୧୫ ମିନିଟ୍ ସେକ ଦେବ ।
- ଏକ କପ୍ ଥଣ୍ଡା କ୍ଷୀରରେ ଦୁଇ ଚାମଚ ମହୁ ମିଶାଇ ପାନ କଲେ ଉପକାର ମିଳେ ।
- ହରିଡ଼ା, ପୁନର୍ନଭା, କାଲମେଘ, ଗିଲୋଇ, କୁଟକି, ଭୂଇଁ ଅଁଳା ରସ, ଯାଷ୍ଟିମଧୁ ହେପାଟାଇଟିସ୍ ପାଇଁ ଅତ୍ୟନ୍ତ ଉପକାରୀ ।
- କଞ୍ଚା ହଳଦୀ ବାଟି ତା'ର ରସ, ମହୁ, ଦହି, ମିଶ୍ରି ସହ ଏକ ଚାମଚ ଗାଈଘିଅ ମିଶାଇ ଖାଇବାକୁ ଦେବ ।
- ହେପାଟାଇଟିସ୍ ହୋଇଥିଲେ, ଅଳ୍ପ ପରିମାଣ ଓ ଅଧିକ କାଲୋରି ଯୁକ୍ତ ଖାଦ୍ୟ ଖାଇବ, ଅଳ୍ପ ଅଳ୍ପ ବାରମ୍ବାର ଖାଇବ, ପେଟ ପୂରା ଖାଇବ ନାହିଁ ।
- ମିନେରାଲ୍ ୱାଟର ପିଇବ ଓ ମଡ୍ ପ୍ୟାକ୍ ନେବ ।



ବିନୋଦିନୀ ଦେବୀ

## ୱାଲ୍ ସିଟ୍ ବ୍ୟାୟାମ


**ସୁଷମ ଖାଦ୍ୟ ଓ ବ୍ୟାୟାମ ଶରୀରକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ ଏମିତି କିଛି ବ୍ୟାୟାମ ରହିଛି, ଯାହା କଷ୍ଟକର ମନେ ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟପ୍ରଦ । ସେମିତି ଏକ କଷ୍ଟ ବ୍ୟାୟାମ ହେଉଛି 'ୱାଲ୍ ସିଟ୍' । ଏହି ଆଇସୋମେଟ୍ରିକ୍ ବ୍ୟାୟାମରେ ବିନା କୌଣସି ଚେୟାର୍‌ରେ କାନ୍ଥକୁ ଆଉଜି ବସିବାକୁ ହୁଏ । ଏହା ମାଂସପେଶୀକୁ ସୁଦୃଢ଼ କରିବା ସହିତ ମେରୁଦଣ୍ଡକୁ ମଜବୁତ୍ ରଖେ । ଏହି ବ୍ୟାୟାମର ଆଉ କିଛି ଉପକାରିତା ହେଉଛି –**



- ଏହି ବ୍ୟାୟାମ ଦ୍ୱାରା ପ୍ରତି ମିନିଟ୍‌ରେ ଶରୀରରୁ ୩ରୁ ୬ କ୍ୟାଲୋରି ହ୍ରାସ ହୋଇଥାଏ ।
- ସହନଶୀଳତାକୁ ବୃଦ୍ଧି କରେ ।
- ଏକାଗ୍ରତା ବଢ଼ାଇବାରେ ସାହାଯ୍ୟ କରେ ।
- ୱାଲସିଟ୍ ଦ୍ୱାରା ଷ୍ଟେମିନା ବଢ଼ିଥାଏ । ତେଣୁ ଖେଳାଳିଙ୍କୁ ମଧ୍ୟ ଏହି ବ୍ୟାୟାମ କରିବା ପାଇଁ ପରାମର୍ଶ ଦିଆଯାଏ ।
- ଜଙ୍ଘ, ଆଣ୍ଠୁ ଓ ପାଦର ମାଂସପେଶୀ ମଜବୁତ କରିବା ପାଇଁ ଏହା ସବୁଠାରୁ ଉତ୍ତମ ।
- ଶରୀରର ପ୍ରତ୍ୟେକ ଗଣ୍ଠି ଜଏଣ୍ଟ୍‌କୁ ମଜବୁତ୍ କରେ ।
- ଏହି ବ୍ୟାୟାମ ଯୋଗୁଁ ମାନସିକ ସୁସ୍ଥତା ମଧ୍ୟ ବୃଦ୍ଧି ହୋଇଥାଏ ।

## ପାରାନଏଡ୍ ପର୍ସନାଲିଟି ଡିସଅର୍ଡର୍

କେତେଜଣ ଲୋକ ଛୋଟ ଛୋଟ କଥାରେ ମଧ୍ୟ ସନ୍ଦେହ କରିଥାନ୍ତି । ଯେତେବେଳେ ଏହି ସନ୍ଦେହର ମାତ୍ରା ଅଧିକ ହୋଇଯାଏ, ତେବେ ମାନସିକ ବିକାର ସୃଷ୍ଟି ହୁଏ । ଏହି ବିକାରକୁ ମନୋବିଜ୍ଞାନ ଭାଷାରେ ପାରାନଏଡ୍ ପର୍ସନାଲିଟି ଡିସଅର୍ଡର୍ ବୋଲି କୁହାଯାଏ । ଏହି ବିକାର ଯୋଗୁଁ ଦିନଚର୍ଯ୍ୟାରେ ଅନେକ କିଛି ପରିବର୍ତ୍ତନ ଆସେ ଏବଂ ସେସବୁ ପରିବର୍ତ୍ତନ ହିଁ ଏହି ରୋଗର ଲକ୍ଷଣ । ମସ୍ତିଷ୍କର ବିକାଶରେ ବାଧା ସୃଷ୍ଟି ହେବା, ମୁଣ୍ଡର ଆଭ୍ୟନ୍ତରୀଣ ସ୍ଥାନରେ ମାଡ଼ ବାଜିବା, ଆନୁବଂଶିକ, ପାରିବାରିକ ଅବସାଦ, ଶିଶୁ ସମୟର କୌଣସି ପ୍ରତିକୂଳ ଅନୁଭବ ଏବଂ ବାରମ୍ବାର ବିଫଳତା ସମୟରେ ଚିନ୍ତା କରିବା ଆଦି କାରଣରୁ ପାରାନଏଡ୍ ପର୍ସନାଲିଟି ଡିସଅର୍ଡର୍ ଭଳି ମାନସିକ ରୋଗ ଦେଖାଯାଏ । ସାମାନ୍ୟ କଥାରେ ସନ୍ଦେହ କରିବା ଏବଂ ସେହି ସନ୍ଦେହକୁ ସମ୍ପୂର୍ଣ୍ଣ ସତ ବୋଲି ତା' ଉପରେ ବିଶ୍ୱାସ କରିବା, ତଦନୁଯାୟୀ କାର୍ଯ୍ୟ କରିବା, ଚିନ୍ତା କରିଥିବା ବିଷୟଗୁଡ଼ିକ ଆଖି ଆଗରେ ଦେଖାଯିବା ଏବଂ ମନରେ ଭ୍ରମ ସୃଷ୍ଟି ହେବା ଆଦି ଏହାର ଲକ୍ଷଣ । ଡିମେନ୍‌ସିଆ ଓ ପାର୍କିସନ୍ ରୋଗଗ୍ରସ୍ତ ବୃଦ୍ଧବ୍ୟକ୍ତିଙ୍କୁ ମଧ୍ୟ ପାରାନଏଡ୍ ପର୍ସନାଲିଟି ଡିସଅର୍ଡର୍ ହେବାର ଆଶଙ୍କା ଥାଏ । ଏଭଳି ରୋଗୀଙ୍କ ମସ୍ତିଷ୍କରୁ 'ଡୋପାମାଇନ୍' ନାମକ ଏକ ହରମୋନ୍ କ୍ଷରଣ ହୋଇଥାଏ । ଯାହା ଫଳରେ ସନ୍ଦେହ ଗୁଣ ସୃଷ୍ଟି ହୋଇଥାଏ । ପ୍ରାଥମିକ ପର୍ଯ୍ୟାୟରେ କାଉନ୍‌ସିଲିଙ୍ଗ୍ ଓ କିଛି ଔଷଧ ଦ୍ୱାରା ଏହି ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଏ । କିନ୍ତୁ ମାନସିକ ଅସନ୍ତୁଳନ ନହେବା ପାଇଁ ପ୍ରେରଣାଦାୟକ ପୁସ୍ତକ ପଢ଼ିବା, ନକରାତ୍ମକ ଭାବନାକୁ ମନରେ ନ ଆଣିବା, ନିଜ ଚିନ୍ତାଧାରାକୁ ବଦଳାଇବା ଓ ଖୁସିରେ ରହିବାକୁ ଚେଷ୍ଟା କରିବା ଉଚିତ ।



## ଲାଭପ୍ରଦ ଗରମ ପାଣି



**ଆମ ଶରୀରର ୭୦ ପ୍ରତିଶତ ହେଉଛି ଜଳ । ପାଣି ବିନା ଜୀବନ ଅସମ୍ଭବ । ତେବେ ସାଦା ପାଣି ଅପେକ୍ଷା ଗରମ ପାଣି ପିଇବା ଦ୍ୱାରା ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ ।**

- ମୋଟାପଣ ଦୂର କରିବା ପାଇଁ ପ୍ରତିଦିନ ସକାଳେ ଉଠିବା ପରେ ଚାହା ବଦଳରେ ଗୋଟିଏ ଗ୍ଲାସ୍ ଗରମ ପାଣି ପିଅନ୍ତୁ । ଏହା ଚର୍ବି ହ୍ରାସ କରେ ଏବଂ ମୋଟାପଣ ଦୂର ହୁଏ ।
- ସହଜରେ ଖାଦ୍ୟ ହଜମ ହେବା ପାଇଁ ଗରମ ପାଣି ସବୁଠାରୁ ଭଲ ବିକଳ୍ପ । ରାତିରେ ଖାଇବା ପରେ ଉଷୁମ ପାଣି ପିଅନ୍ତୁ ।
- ଗରମ ପାଣି ପିଇବା ଦ୍ୱାରା ରକ୍ତ ପରିଷ୍କାର ରହେ ଏବଂ ଶରୀରରେ ଥିବା ବିଷାକ୍ତ ପଦାର୍ଥ ଝାଳ ମାଧ୍ୟମରେ ବାହାରିଯାଏ ।
- ରକ୍ତ ସଞ୍ଚାଳନ ଠିକ୍ ହୁଏ ଏବଂ ସ୍ନାୟୁତନ୍ତ୍ର ମଜବୁତ ରହେ ।
- ଗରମ ପାଣି ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ସକାଳୁ ଉଷୁମ ପାଣିରେ ଲେମ୍ବୁ ପକାଇ ପିଇବା ଆହୁରି ସ୍ୱାସ୍ଥ୍ୟପ୍ରଦ ।
- କୋଷ୍ଠକାଠିନ୍ୟ ଦୂର କରିବା ପାଇଁ ଗରମ ପାଣି ଏକ ଔଷଧ ଭଳି କାମ କରିଥାଏ ।
- ଛାତିରେ ଯନ୍ତ୍ରଣା ଓ ଗଳା ସଂକ୍ରମଣ ଦୂର କରିବା ପାଇଁ ଗରମ ପାଣି ବେଶ୍ ଲାଭଦାୟକ ।
- ଋତୁସ୍ରାବ ସମୟରେ ଉଷୁମ ପାଣି ରେ ଜିରା ଗୁଣ୍ଡ ପକାଇ ପିଇବା ଦ୍ୱାରା ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା ଓ ବାନ୍ତି ଦୂର ହୁଏ ।
- ଗରମ ପାଣି ଅମ୍ଳ ଦୋଷ ମଧ୍ୟ ଦୂର କରେ ।
- ଗରମ ପାଣି ରକ୍ତ ସଞ୍ଚାଳନକୁ ଠିକ୍ କରେ ଏବଂ ରକ୍ତ ସଞ୍ଚାଳନ ଠିକ୍ ହେଲେ ତ୍ୱଚା ଉପରେ ଏହାର ସୁପ୍ରଭାବ ପଡ଼ିଥାଏ । ତେଣୁ ଗରମ ପାଣି ଦ୍ୱାରା ଅନେକ ପ୍ରକାର ତ୍ୱଚା ସମସ୍ୟା ଦୂର ହୋଇଥାଏ ।

## ଭିଟାମିନ୍ 'ଏଫ୍'



ପୋଷକତତ୍ତ୍ୱ ତାଲିକାରେ ଭିଟାମିନ୍ 'ଏ'ଠାରୁ ଭିଟାମିନ୍ 'ଇ' ପର୍ଯ୍ୟନ୍ତ ରହିଛି । କିନ୍ତୁ ସ୍ୱାସ୍ଥ୍ୟବିଜ୍ଞାନୀମାନେ ଭିଟାମିନ୍ 'ଏଫ୍'ର ମଧ୍ୟ ଆବିଷ୍କାର କରିଛନ୍ତି, ଯାହାକି ଖାଦ୍ୟରେ ଥିବା ଦୁଇପ୍ରକାର ସ୍ୱାସ୍ଥ୍ୟପ୍ରଦ ଏସିଡ୍‌ରୁ ତିଆରି । ସେହି ଦୁଇଟି ଏସିଡ୍ ହେଉଛି – ଆଲ୍‌ଫା ଲାଇନୋଲେନିକ୍ ଏସିଡ୍ (ଏଏଲ୍‌ଏ) ଓ ଲାଇନୋଲେନିକ୍ ଏସିଡ୍ (ଏଲ୍‌ଏ) । 'ଏଏଲ୍‌ଏ' 'ଓମେଗା ୩' ଫ୍ୟାମିଲିରୁ ଆସିଥିବାବେଳେ 'ଏଲ୍‌ଏ' 'ଓମେଗା ୬'ରୁ ଆସିଛି । ଏହି ଦୁଇଟିର ମୁଖ୍ୟ ଉତ୍ସ ହେଉଛି ଭେଜିଟେବୁଲ୍ ଅଏଲ୍, ନଟ୍ସ ଓ ବିଭିନ୍ନ ମଞ୍ଜିଜାତୀୟ ଖାଦ୍ୟ । ୧୯୨୦ରେ ଏକ ଗବେଷଣାରୁ ଏହି ଭିଟାମିନ୍ ସମ୍ପର୍କିତ ତଥ୍ୟ ଜଣାପଡ଼ିଥିଲା । ଏହି ଭିଟାମିନ୍ ଶରୀର ପାଇଁ ବହୁତ ଆବଶ୍ୟକ । ଭିଟାମିନ୍ 'ଏଫ୍' କମ୍ ଥିବା ବ୍ୟକ୍ତି ଖୁବ୍ ବିରଳ । ଏହାର ଅଭାବରେ ପିଲାଙ୍କ କ୍ଷେତ୍ରରେ ସଠିକ୍ ଉଚ୍ଚତା ବୃଦ୍ଧି ନହେବା, ରୁକ୍ଷ ତ୍ୱଚା ଓ ଦୃଷ୍ଟିଶକ୍ତି ଆଦି ସମସ୍ୟା ଦେଖାଯାଏ । ଭିଟାମିନ୍ 'ଏଫ୍'ର ଗୋଟିଏ ଗ୍ରାମରେ ୯ କ୍ୟାଲୋରି ଶକ୍ତି ରହିଛି । ଶରୀରର ବାହ୍ୟ କୋଷିକାଗୁଡ଼ିକୁ କାର୍ଯ୍ୟକ୍ଷମ ଓ ସକ୍ରିୟ ରଖିବା, ଦୃଷ୍ଟିଶକ୍ତି ପାଇଁ ଓ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧିରେ ଏହି ଭିଟାମିନ୍‌ର ଆବଶ୍ୟକତା ରହିଛି । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ରକ୍ତଚାପ ଓ ରକ୍ତ ଜମାଟ ସମସ୍ୟା ଦୂର କରିବା କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି ।



## ପିତାଙ୍କ ବିୟୋଗରୁ ସ୍ୱଦେଶ ଫେରିଲେ ରଦରଫୋର୍ଡ



ଦୁବାଇ, ୨୩।୯ (ଏଜେନ୍ସି): ସନ୍‌ରାଇଜର୍ସ ହାଇଦରାବାଦ୍‌ର ଯୁବ ଅଲ୍‌ରାଉଣ୍ଡର ଶିର୍ଫାନେ ରଦରଫୋର୍ଡ ପିତାଙ୍କ ବିୟୋଗ ଯୋଗୁ ଚଳିତ ଆଇପିଏଲ୍ ଅଧାରୁ ସ୍ୱଦେଶ ଫେରିଛନ୍ତି। ଫଳରେ ଖରାପ ଫର୍ମ ଦେଇ ଗତି କରୁଥିବା ହାଇଦରାବାଦ୍‌ର ସଙ୍କଟକୁ ଏହା ଆହୁରି ବଢ଼ାଇ ଦେଇଛି। ୨୩ ବର୍ଷୀୟ ବାମହାତୀ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ଗୁରୁବାର ବାୟୋ-ବବଲ୍ ପରିବେଶରୁ ବାହାରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ଫ୍ରାଞ୍ଚାଇଜ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ରଦରଫୋର୍ଡ ଚଳିତ ୧୪ତମ ସଂସ୍କରଣ ୨ୟ ପର୍ଯ୍ୟାୟରେ ହାଇଦରାବାଦ୍ ଦଳ ସହ ଯୋଗ ଦେଇଥିଲେ। ଜନ୍ନୀ ବେୟାରଷ୍ଟୋଙ୍କ ବଦଳ ଖେଳାଳି ଭାବେ ତାଙ୍କୁ ଦଳରେ ସାମିଲ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ନିକଟରେ ଶେଷ ହୋଇଥିବା କାରିବୀୟାନ୍ ପ୍ରିମିଅର ଲିଗ୍ (ସିପିଏଲ୍)ରେ ରଦରଫୋର୍ଡ ୧୧ ମ୍ୟାଚ ଖେଳି ୨୬୩ ରନ୍ ସଂଗ୍ରହ କରିଥିଲେ। ଏହାସତ୍ତ୍ୱେ ତାଙ୍କୁ ଆଗାମୀ ବିଶ୍ୱକପ୍ ଲାଗି ଘୋଷିତ ୱେଷ୍ଟଇଣ୍ଡିଜ ଦଳରେ ସ୍ଥାନ ମିଳି ନ ଥିଲା।

### ଭେଙ୍କଟେଶ ଆୟର ଓ ରାହୁଲ ତ୍ରିପାଠୀଙ୍କ ଧୂଆଁଧାର ବ୍ୟାଟିଂ

# କୋଲକାତାଠାରୁ ହାରିଲା ମୁମ୍ବାଇ

ଆବୁଧାବି,୨୩।୯ (ଏଜେନ୍ସି)

ଦୁଇ ଯୁବ ଖେଳାଳି ଓପନର ଭେଙ୍କଟେଶ ଆୟର ଓ ରାହୁଲ ତ୍ରିପାଠୀଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୧ର ୩୪ ତମ ଲିଗ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୭ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହା ଫଳରେ କୋଲକାତା ୯ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହ ପଏଣ୍ଟ ଟେବଲର ଚତୁର୍ଥସ୍ଥାନକୁ ଉନ୍ନୀତ ହୋଇଛି। କ୍ରମାଗତ ପରାଜୟ ସହ ମୁମ୍ବାଇ ପଏଣ୍ଟ ଟେବଲର ପଞ୍ଚମ ସ୍ଥାନକୁ ଖସିଆସିଛି। ଏହି ମ୍ୟାଚ୍‌ରେ କ୍ୱିଣ୍ଟନ ଡି କକ୍ (୫୫ରନ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୫୫ ରନ୍ କରିଥିଲା। ଜବାବରେ କୋଲକାତା ୧୫.୧ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ବିଜୟୀ ଦଳ ପକ୍ଷରୁ ମହାରାଷ୍ଟ୍ର ବ୍ୟାଟ୍ସମ୍ୟାନ୍ ତ୍ରିପାଠୀ ୪୨ ବଲ୍‌ରେ ୮ ଚୌକା ଓ ୩ଛକା ସହ ସର୍ବାଧିକ ୭୪ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟପକ୍ଷରେ ଆୟର ୩୦ ବଲ୍‌ରେ ୪ଚୌକା ଓ ୩ଛକା ସହ ୫୩ ରନ୍ କରି ଆଉଟ ହୋଇଥିଲେ। ଏମାନଙ୍କ ଦ୍ୱିତୀୟ ୱିକେଟ ପାର୍ଟନରଶିପ୍‌ରେ ୫୨ ବଲ୍‌ରୁ ୮୮ ରନ୍ ସଂଗୃହୀତ ହୋଇଥିଲା। ୧୩ ରନ୍‌ରେ ଆଉଟ ହୋଇଥିବା ଶୁବମାନ ଗିଲ ଓ ଆୟର ପ୍ରଥମ ୱିକେଟରେ ୧୮ ବଲ୍‌ରୁ ୪୦ ରନ୍ ସଂଗ୍ରହ କରି ଭଲ ଆରମ୍ଭ ଦେଇଥିଲେ। ମୁମ୍ବାଇ ପକ୍ଷରୁ କୌଣସି ବୋଲର ପ୍ରଭାବଶାଳୀ ହୋଇ ପାରି ନଥିଲାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କୁ କୋଲକାତାର ୩ଟି ଯାକ ୱିକେଟ ମିଳିଥିଲା।

ପୂର୍ବରୁ କୋଲକାତା ଅଧିନାୟକ ଇଅନ ମୋର୍ଗାନ୍ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ଲାଗି ମୁମ୍ବାଇକୁ ଆମନ୍ତ୍ରଣ କରିଥିଲେ। ଏହି ଆମନ୍ତ୍ରଣକୁ ଗ୍ରହଣ କରି ମୁମ୍ବାଇ ସମ୍ମାନର ସହ ବ୍ୟାଟିଂ କରି ପ୍ରଥମ ୱିକେଟରୁ ୯.୨ ଓଭରରେ ୭୮ ରନ୍ ସଂଗ୍ରହ କରିଥିଲା। ପ୍ରଥମ ମ୍ୟାଚ୍ ଖେଳି ପାରି ନଥିବା ରୋହିତ ୩୦ ବଲ୍‌ରୁ ୪ ଚୌକା ସହ ୩୩ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଥିଲେ। ତାଙ୍କୁ ସପ୍ତମଥର ଲାଗି ସୁନୀଲ ନାରିନ୍ ଆଉଟ କରିବା ପୂର୍ବରୁ ରୋହିତ କୋଲକାତା ବିପକ୍ଷରେ ୧,୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଥିଲେ। ରୋହିତଙ୍କ ସହ ସୂର୍ଯ୍ୟକୁମାର ଯାଦବ (୫) ଶୀଘ୍ର ପାଭିଲିୟନକୁ ଫେରିଯାଇଥିଲେ। କିନ୍ତୁ ଡି କକ୍ ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ମାତ୍ର ୪୨ ବଲ୍‌ରେ ୪ ଚୌକା ଓ ୩ଛକା ସହ ୫୫ ରନ୍ କରି ୧୫ତମ ଓଭରରେ ତୃତୀୟ ଖେଳାଳିଭାବେ ଆଉଟ ହୋଇଥିଲେ। ସେ ଆଉଟ ହେଲାବେଳକୁ ମୁମ୍ବାଇର ସ୍କୋର ୧୦୬ ରନ୍ ହୋଇଥିଲା। କୋଲକାତା ବୋଲରମାନେ ଭଲ ପ୍ରଦର୍ଶନ କରିବା ଫଳରେ ମୁମ୍ବାଇ ଶେଷ ୫ ଓଭରରେ ମାତ୍ର ୪୯ ରନ୍ କରିବାକୁ ସମର୍ଥ ହୋଇଥିଲେ। ଦଳର ଅନ୍ୟ ବ୍ୟାଟ୍ସମ୍ୟାନ୍ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ଆଉଟ ହୋଇଥିଲେ।

କୋଲକାତା ପକ୍ଷରୁ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଲକି ଫର୍ଗୁସନ ଦୁଇଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ମୁମ୍ବାଇର ପ୍ରମୁଖ ବ୍ୟାଟ୍ସମ୍ୟାନ୍ କାଇରନ ପୋଲାର୍ଡ ରନ୍ ଆଉଟ ହୋଇଥିଲେ।



ଭେଙ୍କଟେଶ ଆୟର

**ଆଜିର ମ୍ୟାଚ୍**

ଆଇପିଏଲ୍ ୨୦୨୧

ଚେନ୍ନାଇ
ବନାମ
ବାଙ୍ଗାଲୋର

ଭେନ୍ୟୁ-ଶାର୍ଜା
ଖେଳ ଆରମ୍ଭ-ରାତି ୭ଟା ୩୦
ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଷ୍ଟ୍ରିମିଂ- ଡିସ୍‌ନୀ ହଟ୍‌ଷ୍ଟାର

**ସଂକ୍ଷିପ୍ତ ସ୍କୋର**

**ମୁମ୍ବାଇ ଇଣ୍ଡିଆନ୍ସ: ୧୫୫/୬, ୨୦ ଓଭର**
(କ୍ୱିଣ୍ଟନ ଡି କକ୍-୫୫, ରୋହିତ ଶର୍ମା-୩୩, ଲକି ଫର୍ଗୁସନ-୨/୨୭, ପ୍ରସିଦ୍ଧ କ୍ରିଷ୍ଣା-୨/୪୩)।

**କୋଲକାତା ନାଇଟ୍ ରାଇଡର୍ସ: ୧୫୯/୩, ୧୫.୧ ଓଭର**
ରାହୁଲ ତ୍ରିପାଠୀ-ଅପରାଜିତ ୭୪, ଭେଙ୍କଟେଶ ଆୟର-୫୩, ଶୁବମାନ ଗିଲ-୧୩, ଯଶପ୍ରୀତ୍ ବୁମ୍‌ରା-୩/୪୩)।

### ଜାତୀୟ ସଫ୍ଟବଲ: ରାଜସ୍ଥାନ, ତେଲଙ୍ଗାନା ଚାମ୍ପିଅନ

## ୫-ଏ ସାଇଡ୍ ବେସ୍‌ବଲରେ ଓଡ଼ିଶାକୁ ଟାଇଟଲ୍



କଟକ,୨୩।୯ (ସମିସ)

ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୩୩ତମ ସବ୍‌ଜୁନିୟର ଜାତୀୟ ସଫ୍ଟବଲ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ବାଳକ ବର୍ଗରେ ରାଜସ୍ଥାନ ଚାମ୍ପିଅନ ହୋଇଥିବାବେଳେ ଛତିଶଗଡ଼ ପ୍ରଥମ ରନର୍ସଅପ ଓ ଉତ୍ତରାଖଣ୍ଡ ଦଳ ଦ୍ୱିତୀୟ ରନର୍ସଅପ ହୋଇଛି। ବାଳିକା ବର୍ଗରେ ତେଲଙ୍ଗାନା ଚାମ୍ପିଅନ ହୋଇଛି। ଏହି ବର୍ଗରେ ମଧ୍ୟପ୍ରଦେଶ ଓ ରାଜସ୍ଥାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଏଠାରେ ଖେଳାଯାଇଥିବା ବେସ୍‌ବଲ୍ ୫-ଏ ସାଇଡ୍ ପ୍ରତିଯୋଗିତାର ବାଳିକା ବର୍ଗରେ ଓଡ଼ିଶା ଚାମ୍ପିଅନ ହୋଇଛି। ଏହି ଇଭେଣ୍ଟରେ ମହାରାଷ୍ଟ୍ର ଦ୍ୱିତୀୟ ଓ ଦିଲ୍ଲୀ ତୃତୀୟ ସ୍ଥାନରେ ରହିଥିଲେ। ବେସ୍‌ବଲ୍ ୫-ଏ ସାଇଡ୍ ବାଳକ ବର୍ଗରେ ମହାରାଷ୍ଟ୍ର ଚାମ୍ପିଅନ, କର୍ଣ୍ଣାଟକ ଦ୍ୱିତୀୟ ଓ ରାଜସ୍ଥାନ ତୃତୀୟ ସ୍ଥାନ ଲାଭ କରିଛନ୍ତି।

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସମ୍ମିଳନୀ କକ୍ଷରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନୀଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦୈନିକ ଖବର କାଗଜ 'ସମାଜ'ର କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ସଫ୍ଟବଲ ଆସୋସିଏସନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଏଲ.ଆର ମୌର୍ଯ୍ୟ, ଓଡ଼ିଶା ସଫ୍ଟବଲ ଆସୋସିଏସନର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ସଫ୍ଟବଲ ଆସୋସିଏସନ ଅଫ୍ ଇଣ୍ଡିଆର କୋଷାଧ୍ୟକ୍ଷ ଟି. ଶ୍ରୀକାନ୍ତ, ରାଜ୍ୟ ସଂଘର କୋଷାଧ୍ୟକ୍ଷ ଶକ୍ତିରଞ୍ଜନ ମହାନ୍ତି ଓ ଯୁଗ୍ମ ସମ୍ପାଦକ ରାଜକିଶୋର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅମୀୟ ଚାନ୍ଦ ଓ ସୁନିତା ବର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା କ୍ରିକେଟ୍; ଅଷ୍ଟ୍ରେଲିଆ-ଭାରତ ୨ୟ ମ୍ୟାଚ୍ ଆଜି

ମ୍ୟାକ୍‌କୟ (ଅଷ୍ଟ୍ରେଲିଆ), ୨୩।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜର ୨ୟ ଏକଦିବସୀୟ ମ୍ୟାଚ ଶୁକ୍ରବାର ଖେଳିବ। ପୂର୍ବରୁ ଏଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ଘରୋଇ ଅଷ୍ଟ୍ରେଲିଆ ମହିଳା ଦଳ ୯ ୱିକେଟ୍‌ରେ ବିଜୟୀ ହୋଇ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ଏହି ମ୍ୟାଚ୍ ଜିତିଲେ ଅଷ୍ଟ୍ରେଲିଆ ଆଗୁଆ ସିରିଜ କବ୍‌ଜା କରିବ। ଅପରପକ୍ଷରେ ଅଭିଜ୍ଞ ମିତାଲି ରାଜଙ୍କ ନେତୃତ୍ୱାଧୀନ ଭାରତ ଏହି ମ୍ୟାଚ୍ ଜିତି ସିରିଜକୁ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି। ଗତ ଦୁଇ ଦିନ ହେବ ଆମେ ନେଟ୍ ସେସନ୍‌ରେ ସଟ୍‌ବଲ୍ ଉପରେ ଯଥେଷ୍ଟ ଧ୍ୟାନ ଦେଇଛୁ ଏବଂ ଏହାର ମୁକାବିଲା ଲାଗି ପ୍ଲାନ ପ୍ରସ୍ତୁତ କରିଛୁ ବୋଲି ଭାରତୀୟ ଦଳର ବ୍ୟାଟିଂ କୋଚ୍ ରହିଥିବା ପ୍ରାକ୍ତନ ଭାରତୀୟ ତଥା ଓଡ଼ିଆ କ୍ରିକେଟର୍ ଶିବସୁନ୍ଦର ଦାସ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଥମ ମ୍ୟାଚରେ ଭାରତ ୫୦ ଓଭରରେ ୮ ୱିକେଟ୍ ହରାଇ ୨୨୫ ରନ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୪୧ ଓଭରରେ ଗୋଟିଏ ୱିକେଟ୍ ହରାଇ ହାସଲ କରିନେଇଥିଲା।

## ପଞ୍ଜାବ, ଆସାମ, ପଶ୍ଚିମବଙ୍ଗର ବୃହତ୍ ବିଜୟ

ଭୁବନେଶ୍ୱର, ୨୩।୯ (ସମିସ): ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର କମ୍ପ୍ଲେକ୍ସଠାରେ ଚାଲିଥିବା ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନ୍‌ସିପ୍‌ର ୪୦ତମ ସଂସ୍କରଣର ୨ୟ ଦିବସ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଳକ ବର୍ଗରେ ପଞ୍ଜାବ, ଆସାମ ଓ ପଶ୍ଚିମବଙ୍ଗ ବୃହତ୍ ବିଜୟ ଲାଭ କରିଛନ୍ତି। ପଞ୍ଜାବ ୨୩ ପଏଣ୍ଟରେ ଅରୁଣାଚଳପ୍ରଦେଶକୁ ପରାସ୍ତ କରିଛି। ମ୍ୟାଚରେ ପଞ୍ଜାବ ୨୮ ଓ ଅରୁଣାଚଳ ୫ ପଏଣ୍ଟ ସ୍କୋର କରିଥିଲା। ସେହିଭଳି ଆସାମ (୨୬) ୨୪ ପଏଣ୍ଟରେ ନାଗାଲାଣ୍ଡ (୨)କୁ ଏବଂ ପଶ୍ଚିମବଙ୍ଗ (୨୯) ୨୫ ପଏଣ୍ଟରେ ତ୍ରିପୁରା (୪)କୁ ପରାସ୍ତ କରିଛି। ବାଳକବର୍ଗର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଦିଲ୍ଲୀ ୧୧ ପଏଣ୍ଟରେ ହିମାଚଳ ପ୍ରଦେଶକୁ, ହରିୟାଣା ୪ ପଏଣ୍ଟରେ ଉତ୍ତରାଖଣ୍ଡକୁ, ମଣିପୁର ୧ ପଏଣ୍ଟରେ ଆସାମକୁ, କେରଳ ୪ ପଏଣ୍ଟରେ ଝାଡ଼ଖଣ୍ଡକୁ, ମଧ୍ୟପ୍ରଦେଶ ୨ ପଏଣ୍ଟରେ ବିହାରକୁ, ରାଜସ୍ଥାନ ୧୧ ପଏଣ୍ଟରେ ଗୁଜରାଟକୁ, ଆନ୍ଧ୍ରପ୍ରଦେଶ ୧୦ ପଏଣ୍ଟରେ ଦାଦ୍ରା ଓ ନଗର ହାବେଳୀକୁ, ମହାରାଷ୍ଟ୍ର ୧୫ ପଏଣ୍ଟରେ ଆସାମକୁ ହରାଇଥିଲା।



ଜାତୀୟ ଜୁନିଅର ଖୋ ଖୋ

ଅପରପକ୍ଷରେ ବାଳିକା ବର୍ଗରେ ଛତିଶଗଡ଼ ୨୬ ପଏଣ୍ଟରେ ଦାଦ୍ରା ଓ ନଗର ହାବେଳୀକୁ, ପଶ୍ଚିମବଙ୍ଗ ୧୫ ପଏଣ୍ଟରେ ମଧ୍ୟପ୍ରଦେଶକୁ ଏବଂ କେରଳ ୧୧ ପଏଣ୍ଟରେ ବିହାରକୁ ମାତ୍ ଦେଇଛି।

### ତୀରନ୍ଦାଜୀ ବିଶ୍ୱ ଚାମ୍ପିଅନ୍‌ସିପ୍

## ଫାଇନାଲରେ ଭାରତୀୟ ମହିଳା କମ୍ପାଉଣ୍ଡ ଦଳ

ନ୍ୟୁୟର୍କ, ୨୩।୯ (ଏଜେନ୍ସି): ଘରୋଇ ଆମେରିକାକୁ ୨୨୫-୨୨୬ ପଏଣ୍ଟରେ ପରାସ୍ତ କରି ଭାରତୀୟ ମହିଳା କମ୍ପାଉଣ୍ଡ ତୀରନ୍ଦାଜୀ ଦଳ ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିଅନ୍‌ସିପ୍‌ର ଫାଇନାଲରେ ପ୍ରବେଶ କରିଛି। ଭାରତୀୟ ମହିଳା ଦଳକୁ ପ୍ରତିଯୋଗିତାରେ ୭ମ ସିଡ୍ ମାନ୍ୟତା ମିଳିଛି। ପ୍ରିୟା ଗୁର୍ଜର, ମୁସ୍କାନ କିରାର ଓ ଜ୍ୟୋତି ସୁରେଖା ଭାରତୀୟ ମହିଳା ଦଳର ସଦସ୍ୟା ରହିଛନ୍ତି। ଫାଇନାଲରେ ଭାରତ କଲମ୍ବିଆକୁ ଭେଟିବ। ଅପରପକ୍ଷରେ ଭାରତୀୟ ପୁରୁଷ କମ୍ପାଉଣ୍ଡ ଦଳ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ଅଭିଷେକ ବର୍ମାଙ୍କ ନେତୃତ୍ୱାଧୀନ ଭାରତ ୨୩୫-୨୩୮ ସ୍କୋରରେ ଅଷ୍ଟ୍ରିଆଠାରୁ ହାରିଯାଇଥିଲା। ମିକ୍ସଡ୍ ବିଭାଗରେ ଅଭିଷେକ ଓ ସୁରେଖା ଯୋଡ଼ି ମଧ୍ୟ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ି ୧୫୯-୧୫୬ରେ କୋରିଆ ଦଳକୁ ମାତ୍ ଦେଇଥିଲେ। ଅଭିଷେକ ଓ ସୁରେଖା ଫାଇନାଲରେ କଲମ୍ବିଆର ପ୍ରତିପକ୍ଷଙ୍କୁ ଭେଟିବେ।

### ଭାରତୀୟ ମହିଳା ରଗ୍‌ବୀ ଦଳକୁ ସମ୍ବର୍ଦ୍ଧନା

# ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କା ପୁରସ୍କାର ଦେଲେ

ଭୁବନେଶ୍ୱର, ୨୩।୯ (ସମିସ)

ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଶେଷ ହୋଇଥିବା ୧୮ ବର୍ଷରୁ କମ୍ ମହିଳା ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜୟିନୀ ଭାରତୀୟ ମହିଳା ରଗ୍‌ବୀ ଦଳକୁ ସମ୍ବର୍ଦ୍ଧନା ଓ ପୁରସ୍କାରର ସୁଅ ଛୁଟିଛି। ଏହି ଅବସରରେ ଗୁରୁବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ଟିମ୍‌କୁ ୫ ସମ୍ବର୍ଦ୍ଧିତ କରିବା ସହ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ସେ ମଧ୍ୟ ମହିଳା ଦଳର ସଫଳତାକୁ ଭୂୟସୀ ପ୍ରଶଂସା କରିଛନ୍ତି। ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ପଟ୍ଟନାୟକ କହିଛନ୍ତି 'ଆପଣମାନେ ଏହି ଟୁର୍ଣ୍ଣାମେଣ୍ଟରେ ଚମତ୍କାର ଖେଳିଛ ଓ ଅଳ୍ପକେ ସ୍ୱର୍ଣ୍ଣ ପଦକ ହରାଇଛ। ଏହି ସଫଳତା ଲାଗି ଆମେ ବହୁତ ଗର୍ବିତ। ଏହି ଟୁର୍ଣ୍ଣାମେଣ୍ଟରେ ତୁମେ ତୁମର ଦକ୍ଷତା, ନିଷ୍ଠା, ଗତି ଓ ତୀବ୍ର ନିଷ୍ଠା ପ୍ରଦର୍ଶନ କରିଛ। ମୁଁ ନିଶ୍ଚିତ ଯେ, ଆଗାମୀ ବର୍ଷରେ ଏହା ଏକ ନୂଆ ଯାତ୍ରାର ଶୁଭାରମ୍ଭ କରିବ। ଏହି ସମୟରେ ତୁମେ ସମସ୍ତେ ଇତିହାସ ସୃଷ୍ଟି କରିବ'। ରଗ୍‌ବୀକୁ ନିରନ୍ତର ସହାୟତା କରିଥିବାରୁ ଦଳ ଓ ଏହାର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଉପସ୍ଥିତ ଥିଲେ। ଓଡ଼ିଶା ସରକାର ଭାରତୀୟ ରଗ୍‌ବୀର ପ୍ରାୟୋଜକ ରହିଛନ୍ତି।




ବୁଧବାର ରଗ୍‌ବୀ ଇଣ୍ଡିଆ ଓ ଅନ୍ୟ ଅଂଶୀଦାର ବ୍ଲେଡ୍ ଅର୍ବାନ ଏୟାର ମୋବିଲିଟୀ (ଭାରତ) ପକ୍ଷରୁ ମଧ୍ୟ ଏହି ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଗବୀ ଦଳ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ମୋଟ୍ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

ପ୍ରକାଶଯୋଗ୍ୟ, ଭାରତୀୟ ୧୮ ବର୍ଷରୁ କମ୍ ମହିଳା ଦଳ ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାର ଫାଇନାଲରେ ୧୭-୨୧ରେ ୟୁଏଇ ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ଜଣ ଖେଳାଳି ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ ସାମିଲ ରହିଥିଲେ। ଫାଇନାଲରେ ତରୁଲତା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

MAHAVIR COLLEGE OF NURSING
Recognised by : Health & family welfare Department, Govt of Odisha, Odisha Nursing Council, Directorate of Medical Education & Training, Odisha
Managed by :MECT
ADMISSION OPEN 2021-22
COURSES OFFERED :
1. ANM - 2Yrs: (+2 any Stream), 2. GNM - 3Years: (+2 any Stream)
3. DMLT - 2 Yrs (+2 Science) 4. B.Sc Nursing - 4 Yrs (+2 Science - PCB)
5. Diabetes Assistant - 1 Yr: (+2 Any Stream) 6. Dental Assistant - 1Yr: (+2 Any Stream)
7. GDA (General Duty Assistant) - 9 Monts :(10th Pass) 8. Dental Lab Tech. - 9 Monts :(10th Pass)
100% Placement | Spot Admission | Hostel Facility available
Address & Contact :
Campus1: Mahapatra Complex, Gobindpali, Chowk, Bargarh
Campus2: Near Fly Over Bridge, Bhatli Chowk, Bargarh
Contact No. 9937292549 | 8984918095
Mail ID : mahavircollegeofnursing@gmail.com | mahavirschoolofnursing@gmail.com
Website : www.mahavircollegeofnursing.org

ସକାଳ THE SAKALA | SAKALA MEDIA PVT. LTD.
Plot No.- N-3/441,IRC Village,
Nayapalli, Bhubaneswar-15

ପ୍ରିୟ ପାଠକ / ପାଠିକା,
'ସକାଳ' ଖବରକାଗଜ ପାଇବାରେ ଅସୁବିଧା ହେଉଥିଲେ ଆପଣ ନିମ୍ନ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରିପାରିବେ।

BHUABNESWAR
Ashoka Market
Prabodha - 9776355222
Chandrasekharpur
Rajesh - 9090490990
Old Town
Dinabandhu - 9937615111
C.R.P.
Bijaya - 9040246520
Khandagiri
Ashok - 8114773314
KHURDA, NAYAGARH, PURI
Sudhanshu - 6371694142
BERHAMPUR, GANJAM GAJAPATI, KANDHAMALA
Kanhei- 9777127070

JEYPORE
SUDHIR- 9777005500
CUTTACK
Prasanta - 8249018397
SAMBALPUR
Sudam - 7008081464
Sibu - 9337050279
UPAKULA
Gyana - 7438865336
BALASORE
Kalinga - 9348955071

ପ୍ରସାର ବିଭାଗ, ସକାଳ

PUBLISHED BY AMIT KUMAR MALLICK FOR SAKALA MEDIA PVT. LTD., PLOT NO. N-3/441, IRC VILLAGE, NAYAPALLI, BHUBANESWAR-15, PH: 0674-2954342/ 2955342
PRINTED AT ASHIRBAD PRAKASHAN PVT. LTD., PLOT- 45, SEC.-A, ZONE-D, M.I. ESTATE, P.O-RASULGARH, BHUBANESWAR-10
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର